
# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଏପ୍ରିଲ ୧୩/୨୦୧୯ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, April 13/2019 | ★★★★

୪୫ଶ ଭାଗ ୧୩୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-







"କଂଗ୍ରେସ-ଜେଡିଏସ୍ ମେଣ୍ଟ ହେଉଛି ଏକ ୨୦ ପ୍ରତିଶତ କମିଶନ ସରକାର। କେବଳ କମିଶନ ପାଇଁ ଏହି ଦୁଇ ଦଳ ହାତ ମିଳାଇଛନ୍ତି।

- ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ




## ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡ଼ିଲେ ୧୫୬ ପୂର୍ବତନ ଯବାନ, ଅଧିକାରୀ

# ସେନାର ରାଜନୀତୀକରଣ ବନ୍ଦ ହେଉ

**ନୂଆଦିଲ୍ଲୀ,୧୨।୪(ପି.ଟି.)**

ନିର୍ବାଚନ କମିଶନଙ୍କ ତାଗିଦ୍ ସତ୍ତ୍ୱେ ସାଧାରଣ ନିର୍ବାଚନ ଚାଲିଥିବାବେଳେ ଶାସକ ଭାଜପା ସେନାର ସଫଳତାକୁ ପୁଞ୍ଜିକରି ପ୍ରଚାର କରୁଛି। ଉତ୍ତରପ୍ରଦେଶ (ୟୁପି) ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଯାଏ ଭାଜପା ନେତାମାନେ ବିଭିନ୍ନ ସ୍ଥାନରେ ନିର୍ବାଚନୀ ପ୍ରଚାର ବେଳେ ବାଲାକୋଟ୍ ଏୟାର ଷ୍ଟ୍ରାଇକ୍ ଏବଂ ବାୟୁସେନା ୱିଙ୍ଗ୍ କମାଣ୍ଡର ଅଭିନନ୍ଦନ ବର୍ଥମାନଙ୍କ କଥା କହି ମତଦାତାଙ୍କୁ ଭୋଟ ମାଗୁଛନ୍ତି। ସଶସ୍ତ୍ର ବଳର ଏପରି ରାଜନୀତୀକରଣକୁ ପୂର୍ବତନ ସେନା ଯବାନ ଓ ଅଧିକାରୀମାନେ ବିରୋଧ କରିଛନ୍ତି। ୧୫୬ ପୂର୍ବତନ ଯବାନ ଏନେଇ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ପତ୍ର ଲେଖି ତାଙ୍କର ହସ୍ତକ୍ଷେପ ଲୋଡ଼ିଛନ୍ତି।

ସଶସ୍ତ୍ର ବଳର ୮ ପୂର୍ବତନ ମୁଖ୍ୟଙ୍କ ସମେତ ୧୫୬ ମିଲିଟାରି ଭେଟେରାନ୍ ଗୁରୁବାର ରାଷ୍ଟ୍ରପତିଙ୍କ ନିକଟକୁ ପତ୍ର ଲେଖିଛନ୍ତି। ଏଥିରେ ସେମାନେ ଉଲ୍ଲେଖ କରିଛନ୍ତ ଯେ, ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ନିକଟରେ ଏକ ସଭାରେ ସେନାକୁ 'ମୋଦିଜୀ କୀ ସେନା' କହିଥିଲେ। ସେହିପରି ଅନେକ ରାଜନୈତିକ ସଭାରେ ପାଇଲଟ୍ ଅଭିନନ୍ଦନ ବର୍ଥମାନଙ୍କ ଫଟୋ ବ୍ୟବହାର କରାଯାଉଥିବା ଦେଖିବାକୁ ମିଳୁଛି। ଭାରତୀୟ ସଶସ୍ତ୍ର ବଳ ଅଣରାଜନୈତିକ। ରାଜନୈତିକ କାର୍ଯ୍ୟକ୍ରମରେ ଏହାକୁ



FROM A GROUP OF VETERANS TO OUR SUPREME COMMANDER

April 11, 2019

Honourable Shri Ram Nath Kovind
President of India and Supreme Commander of the Indian Armed Forces
Rashtrapati Bhavan,
New Delhi

Dear Shri Ram Nath Kovind Ji,
We, the signatories, are Armed Forces Veterans who have served in the defence of our nation in various appointments, in peacetime and in operational and war zones over the past several decades.
The apolitical and secular nature of India's Armed Forces has been an article of faith for every soldier, sailor and airman. India's Armed Forces have loyally upheld the democratic principle of civil control over the military. Their military professionalism on and off the field, combined with the devotion to duty in protecting India's territorial sovereignty and national integrity, remains widely appreciated.
The soldiers, sailors and airmen of the Armed Forces owe allegiance to the Constitution of India, of which you, as President of the Indian Union, are the legal custodian. It is for this reason that the President is also the Supreme Commander of the Armed Forces and we serve and execute orders at the will of the President and as decided from time to time by the Executive – that is, the Government of the day.
You would be aware that those in active service (men and women of all ranks in the Army, Navy and Air Force) cannot speak out, even on matters which might affect their interests adversely, since they are subject to military law and are governed by the parliamentary Acts of their respective Service.
However, we Veterans being in continuous touch with our own military fraternity, as also with serving personnel at all levels, have a 'finger on the pulse', so to speak. And it is for this reason that we write to bring to your attention, as the Supreme Commander of India's Armed Forces, some concerns which have caused considerable alarm and disquiet among both the serving and the retired personnel of our Forces.

ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ନିକଟକୁ ଲେଖାଯାଇଥିବା ପତ୍ର।

ସାମିଲ କରା ନ ଯାଉ। କାରଣ ସାମରିକ ଅପରେଶନ ଓ ସୀମାପାର ଷ୍ଟ୍ରାଇକ୍‌ର ଶ୍ରେୟ ରାଜନୈତିକ ଦଳଗୁଡ଼ିକ ନେବା ପାଇଁ ଉଦ୍ୟମ କରିବା ଆଦୌ ସମୀଚିନ ଓ ଗ୍ରହଣୀୟ ନୁହେଁ। ଏପରି ଅପବ୍ୟବହାର ଦ୍ୱାରା ସଶସ୍ତ୍ର ବଳର ମନୋବଳ ଏବଂ ଯୁଦ୍ଧ କ୍ଷମତା ପ୍ରଭାବିତ ହେବ। ଏହାସହ ଆମ ଦେଶର ଜାତୀୟ ନିରାପତ୍ତା ଓ ଅଖଣ୍ଡତା ମଧ୍ୟ ପ୍ରତ୍ୟକ୍ଷ ଭାବେ ପ୍ରଭାବିତ ହେବ। ତେଣୁ ରାଷ୍ଟ୍ରପତି ସଶସ୍ତ୍ର ବଳର ଧର୍ମନିରପେକ୍ଷତା ଓ ଅଣରାଜନୈତିକ ଅଭିମୁଖ୍ୟକୁ ବଜାୟ ରଖିବା ଲାଗି ସୁନିଶ୍ଚିତ କରନ୍ତୁ। ଏଥିସହକାଶେ ସେ ତୁରନ୍ତ ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହ ରାଜନୈତିକ ଦଳଗୁଡ଼ିକୁ ସେମାନଙ୍କ କାର୍ଯ୍ୟସୂଚୀକୁ ଆଗକୁ ବଢ଼ାଇବା ପାଇଁ ସେନାର ଅପବ୍ୟବହାର ରୋକିବା ନିମନ୍ତେ ନିର୍ଦ୍ଦେଶ ଦିଅନ୍ତୁ ବୋଲି ପତ୍ରରେ ରାଷ୍ଟ୍ରପତିଙ୍କୁ ଅନୁରୋଧ କରାଯାଇଛି।

ଚିଠିରେ ପୂର୍ବତନ ନୌସେନା ମୁଖ୍ୟ ଆଡ୍‌ମିରାଲ ଏଲ୍. ରାମଦାସ, ଅରୁଣ ପ୍ରକାଶ ଏବଂ ବିଷ୍ଣୁ ଭାଗବତଙ୍କ ନାମ ମଧ୍ୟ ରହିଛି। ତେବେ ସ୍ୱାକ୍ଷରକାରୀଙ୍କ ମଧ୍ୟରୁ ପୂର୍ବତନ ସ୍ଥଳସେନା ମୁଖ୍ୟ ଜେନେରାଲ ଏସ୍.ଏଫ୍. ରୋଡ୍ରିଗୁଏସ୍ ଏବଂ ଅବସରପ୍ରାପ୍ତ ବାୟୁସେନା ମୁଖ୍ୟ ମାର୍ଶାଲ ଏନ୍.ସି. ସୂରୀ ଏହି ପତ୍ରରେ ସ୍ୱାକ୍ଷର କରି ନ ଥିବା କହିଛନ୍ତି। ସେହିପରି ପୂର୍ବତନ ସ୍ଥଳସେନା ଉପମୁଖ୍ୟ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଏମ୍. ଏଲ୍. ନାଇଡୁ ମଧ୍ୟ ଏହାକୁ ନେଇ ଅସହମତି ପ୍ରକାଶ କରି ତାଙ୍କ ବିନା ଅନୁମତିରେ ପତ୍ରରେ ତାଙ୍କର ନାମ ଉଲ୍ଲେଖ କରାଯାଇଥିବା କହିଛନ୍ତି। ଏହାକୁ ନେଇ ପ୍ରତିରକ୍ଷାମନ୍ତ୍ରୀ ନିର୍ମଳା ସୀଥାରାମନ୍ କହିଛନ୍ତି, ଅନେକଙ୍କ ବିନା ଅନୁମତିରେ ସେମାନଙ୍କ ନାମ ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଥିବାରୁ ଏହା ଏକ ଜାଲ୍ ଅଭିଯୋଗ। ଏଭଳି କାର୍ଯ୍ୟ ନିନ୍ଦନୀୟ। ତେବେ ପୂର୍ବତନ ସ୍ଥଳସେନା ଅଧ୍ୟକ୍ଷ ଜେନେରାଲ ଦୀପକ କପୁର ଓ ଜେନେରାଲ ଶଙ୍କର ରୟ ଚୌଧୁରୀ ଉକ୍ତ ପତ୍ରରେ ସ୍ୱାକ୍ଷର କରିଥିବା ସ୍ପଷ୍ଟ କରିଛନ୍ତି। ରାଷ୍ଟ୍ରପତି ହେଉଛନ୍ତି ସମ୍ବିଧାନର ରକ୍ଷକ ଓ ସଶସ୍ତ୍ର ବଳର ସୁପ୍ରିମ କମାଣ୍ଡର। ତେଣୁ ସେନା ସହ ଜଡ଼ିତ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ତାଙ୍କର ଦୃଷ୍ଟି ଆକର୍ଷଣ କରାଯାଇଛି ବୋଲି ଅନେକ ପୂର୍ବତନ ସେନା ମୁଖ୍ୟ କହିଛନ୍ତି।



ଆସାମର ନଳବାରି ଜିଲାରେ ନିର୍ବାଚନ ପ୍ରଚାର କରୁଛନ୍ତି ସିପିଆଇଏମ୍ ନେତା ବୃନ୍ଦା କରାଟ।

# ମୋଦିଙ୍କୁ ରୁଷିଆର ସର୍ବୋଚ୍ଚ ସମ୍ମାନ

**ନୂଆଦିଲ୍ଲୀ,୧୨।୪(ପି.ଟି.)**

ଭାରତ-ରୁଷିଆ ସମ୍ପର୍କକୁ ଆଗେଇନେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ରୁଷିଆ ସରକାର ଦେଶର ସର୍ବୋଚ୍ଚ ସମ୍ମାନ 'ଦି ଅର୍ଡର ଅଫ୍ ସେଣ୍ଟ ଆଣ୍ଡ୍ର୍ୟୁ ଦି ଆପୋଷ୍ଟଲ୍'ରେ ସମ୍ମାନିତ କରିଛନ୍ତି। ଦୁଇଦେଶ ମଧ୍ୟରେ ରଣନୀତିକ ସହଯୋଗିତା ବଢ଼ାଇବାରେ ମୋଦିଙ୍କର ଉଲ୍ଲେଖନୀୟ ଅବଦାନ ରହିଛି। ଉଭୟ ଦେଶର ଜନସାଧାରଣଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଅଧିକ ନିବିଡ଼ ହୋଇପାରିଛି ବୋଲି ରୁଷିଆ ସରକାର କହିଛନ୍ତି। ଖ୍ୟାତନାମା ରାଷ୍ଟ୍ରନେତା, ସାର୍ବଜନିକ ବ୍ୟକ୍ତିତ୍ୱ,ବିଜ୍ଞାନ, ସଂସ୍କୃତି ଓ କଳା କ୍ଷେତ୍ରରେ ଦେଶର ସମୃଦ୍ଧି ଓ ଗୌରବ ବଢ଼ାଇବାରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ପୁରସ୍କାର ମିଳିଥାଏ। ବିଦେଶୀ ରାଷ୍ଟ୍ରମୁଖ୍ୟଙ୍କୁ ସେମାନଙ୍କର ଉଲ୍ଲେଖନୀୟ ସେବା ପାଇଁ ମଧ୍ୟ ଉକ୍ତ ସମ୍ମାନରେ ସମ୍ମାନିତ କରାଯାଇଥାଏ। ପୂର୍ବରୁ ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ, କାଜାଖସ୍ତାନ ରାଷ୍ଟ୍ରପତି ନୁରସୁଲତାନ ନଜରବାୟେଭ୍ ଏବଂ ଆଜରବୈଜାନ ରାଷ୍ଟ୍ରପତି ଗେଦାର ଆଲିଏଭ୍‌ଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ କିଛି ଦିନ ପୂର୍ବରୁ ୟୁନାଇଟେଡ ଆରବ ଏମିରେଟ୍ସ ମୋଦିଙ୍କୁ ଦେଶର ସର୍ବୋଚ୍ଚ ସମ୍ମାନ 'ଦି ଅର୍ଡର ଅଫ ଜାୟେଦ' ପ୍ରଦାନ କରିଥିଲା।

## ସଂକ୍ଷେପରେ

### ରାଷ୍ଟ୍ରପତି ନିର୍ବାଚନ ଲଢ଼ିବେ ରାଜପାକ୍‌ସେଙ୍କ ଭାଇ

**କଲମ୍ବୋ,୧୨।୪(ପି.ଟି.)**-ଶ୍ରୀଲଙ୍କାର ପୂର୍ବତନ ରାଷ୍ଟ୍ରପତି ମହିନ୍ଦା ରାଜପାକ୍‌ସେଙ୍କ ଭାଇ ଗୋଟାଭାୟା ରାଜପାକ୍‌ସେ ଶୁକ୍ରବାର ନିଜ ଦେଶକୁ ଫେରିଆସିଛନ୍ତି। ଚଳିତ ବର୍ଷ ଶେଷ ଭାଗରେ ହେବାକୁ ଥିବା ଶ୍ରୀଲଙ୍କା ରାଷ୍ଟ୍ରପତି ନିର୍ବାଚନରେ ସେ ପ୍ରତିଦ୍ୱନ୍ଦ୍ୱିତା



କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ସେ ନିଜର ଆମେରିକା ନାଗରିକତ୍ୱ ରଦ୍ଦ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି। ପୂର୍ବତନ ପ୍ରତିରକ୍ଷା ସଚିବ ଗୋଟାଭାୟା ପରବର୍ତ୍ତୀ ରାଷ୍ଟ୍ରପତି ନିର୍ବାଚନ ଲାଗି ରାଜପାକ୍‌ସେ କ୍ୟାମ୍ପର ମୁଖ୍ୟ ବୋଲି କୁହାଯାଉଛି। କାରଣ ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ମହିନ୍ଦା ରାଜପାକ୍‌ସେ ତୃତୀୟ ଥର ପାଇଁ ରାଷ୍ଟ୍ରପତି ନିର୍ବାଚନ ଲଢ଼ିପାରିବେ ନାହିଁ।

### ରବି ପୂଜାରୀଙ୍କ ୨ ସହଯୋଗୀ ଗିରଫ

**କୋଚି,୧୨।୪(ପି.ଟି.)**-ଏକ ବିଉଟି ପାର୍ଲରରେ ଗୁଳି ଚଳାଇବା ଅଭିଯୋଗରେ ଅଣ୍ଡରଓ୍ୱାର୍ଲ୍ଡ ଡନ୍ ରବି ପୂଜାରୀ ଗ୍ୟାଙ୍ଗର ଦୁଇ ସଦସ୍ୟ ଗିରଫ ହୋଇଛନ୍ତି। ଏହି ବିଉଟି ପାର୍ଲର ବିବାଦୀୟ ଅଭିନେତ୍ରୀ ଲୀନା ମାରିଆ ପାଉଲଙ୍କ ଦ୍ୱାରା ଚାଲୁଥିଲା। କ୍ରାଇମ୍ ବ୍ରାଞ୍ଚ ପୋଲିସର ଏକ ଟିମ୍ ବିଲାଲ (୨୫)ଙ୍କୁ ଆଲୁଭାରୁ ଏବଂ ବିପିନ ଭର୍ଗିସ୍ (୩୦)ଙ୍କୁ କଡଭାନ୍ତରାରୁ ଗିରଫ କରିଛି। ଏମାନେ ଗତବର୍ଷ ଡିସେମ୍ବର ୧୫ରେ ପାନାମପିଲ୍ଲୀ ନଗରରେ ଥିବା ପାର୍ଲର ମଧ୍ୟକୁ ପ୍ରବେଶ କରି ଦୁଇ ରାଉଣ୍ଡ ଗୁଳି ଚଳାଇ ବାଇକ ଯୋଗେ ଫେରାର ହୋଇଯାଇଥିଲେ। ଏଥିପାଇଁ ବିଲାଲଙ୍କୁ ୫୦ ଲକ୍ଷ ଦିଆଯାଇଥିଲା ବୋଲି ପୂଜାରୀ ଗ୍ୟାଙ୍ଗର ଜଣେ ସଦସ୍ୟ ସୂଚନା ଦେଇଥିଲେ।

### 'ଭୀମା ମାଣ୍ଡଭି ହତ୍ୟା ରାଜନୈତିକ ଷଡ଼ଯନ୍ତ୍ର'



**ରାଜନନ୍ଦଗାଓଁ,୧୨।୪(ପି.ଟି.)**-ଛତିଶଗଡରେ ମାଓବାଦୀଙ୍କ ଆକ୍ରମଣରେ ଭାଜପା ବିଧାୟକ ଭୀମା ମାଣ୍ଡଭିଙ୍କ ମୃତ୍ୟୁ ଏକ ରାଜନୈତିକ ଷଡ଼ଯନ୍ତ୍ର ବୋଲି ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଅଭିଯୋଗ କରିଛନ୍ତି। ଏହି ଆକ୍ରମଣର ସିବିଆଇ ତଦନ୍ତ ପାଇଁ ସେ ଦାବି କରିଛନ୍ତି। ଗତ ମଙ୍ଗଳବାର ବସ୍ତର ନିର୍ବାଚନମଣ୍ଡଳୀରେ ମାଓବାଦୀଙ୍କ ଆକ୍ରମଣରେ ବିଧାୟକ ମାଣ୍ଡଭି ଓ ୪ ଜଣ ଯବାନଙ୍କ ମୃତ୍ୟୁ ହୋଇଥିଲା। ମାଓବାଦୀଙ୍କ ଆକ୍ରମଣ ସ୍ୱାଭାବିକ ଘଟଣା ନ ଥିଲା, ଏହା ପଛରେ ରାଜନୈତିକ ଷଡ଼ଯନ୍ତ୍ର ଥିବା ସ୍ପଷ୍ଟ ଦେଖାଯାଉଛି ବୋଲି ଶାହ ଶୁକ୍ରବାର ରାଜନନ୍ଦଗାଓଁ ନିର୍ବାଚନ ମଣ୍ଡଳୀରେ ଏକ ସଭାକୁ ସମ୍ବୋଧିତ କରିବା ଅବସରରେ କହିଛନ୍ତି। ଭାଜପାର ଶେଷ କର୍ମୀ ବଞ୍ଚିଥିବା ପର୍ଯ୍ୟନ୍ତ କଶ୍ମୀର ଭାରତଠାରୁ ଅଲଗା ହୋଇପାରିବ ନାହିଁ ବୋଲି ସେ କହିଛନ୍ତି।

## ଇତିହାସର ଆଇନାରେ

### ଏପ୍ରିଲ ୧୩ର ପ୍ରମୁଖ ଘଟଣା

୧୯୧୯ ଏପ୍ରିଲ ୧୩ରେ ଜାଲିଆନାୱାଲାବାଗ୍ ଗଣହତ୍ୟା ଘଟିଥିଲା। ପଞ୍ଜାବର ଅମୃତସରସ୍ଥିତ ଜାଲିଆନାୱାଲାବାଗ୍‌ରେ ହଜାର ହଜାର ଭାରତୀୟ ଏକାଠି ହୋଇ ସେମାନଙ୍କ ନେତା ସତ୍ୟ ପାଲ୍ ଏବଂ ସୈଫୁଦ୍ଦିନ କିଚ୍‌ଲିଙ୍କ ଗିରଫଦାରି ପ୍ରତିବାଦରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ଚଳାଇଥିବାବେଳେ କଲୋନେଲ ରେଜିନାଲ୍ଡ ଡାୟାରଙ୍କ ନିର୍ଦ୍ଦେଶରେ ବ୍ରିଟିଶ ଭାରତୀୟ ସେନା ସେମାନଙ୍କ ଉପରକୁ ଆଖିବୁଜା ଗୁଳି ଚଳାଇଥିଲା। ଏଥିରେ ପାଖାପାଖି ୩୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା। ବ୍ରିଟିଶ ଯବାନମାନେ ୧୬୫୦ ରାଉଣ୍ଡ ଗୁଳି ଚଳାଇଥିଲେ।

୧୯୮୭ ଏପ୍ରିଲ ୧୩ରେ ପର୍ତ୍ତୁଗାଲ ଏବଂ ଚାଇନା ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ ହୋଇଥିଲା। ଏହାଦ୍ୱାରା ୧୯୯୯ରେ ମାକାଉକୁ ଚାଇନାକୁ ଫେରାଇଦେବା ଲାଗି ବ୍ୟବସ୍ଥା ହୋଇଥିଲା। ମାକାଉ ହେଉଛି ପିପୁଲ୍ସ ରିପବ୍ଲିକ୍ ଅଫ୍ ଚାଇନାର ଏକ ସ୍ୱତନ୍ତ୍ର ପ୍ରଶାସନିକ ଅଞ୍ଚଳ। ଏହାର ଲୋକସଂଖ୍ୟା ୬,୫୩,୦୦୦ ଏବଂ କ୍ଷେତ୍ରଫଳ ୩୨.୯ବର୍ଗ କିଲୋମିଟର।

# ମୋଦିଙ୍କୁ ବିରୋଧୀଙ୍କ ଟାର୍ଗେଟ

**ନୂଆଦିଲ୍ଲୀ,୧୨।୪(ପି.ଟି./ଆଇଏଏନ୍‌ଏସ୍)**



ପ୍ରିୟଙ୍କା ଚତୁର୍ବେଦୀ



ମମତା ବାନାର୍ଜୀ



ସୀତାରାମ ୟେଚୁରୀ

ସେନାର ରାଜନୀତୀକରଣ ବନ୍ଦ ପାଇଁ ସଶସ୍ତ୍ର ବଳର ୧୫୦ରୁ ଊର୍ଦ୍ଧ୍ୱ ପୂର୍ବତନ ଯବାନ ଓ ଅଧିକାରୀ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡ଼ିବା ପରେ ଜାତୀୟ ରାଜନୀତି ସରଗରମ ହୋଇଛି। ଏହି ପ୍ରସଙ୍ଗକୁ ନେଇ କଂଗ୍ରେସ, ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଓ ବାମଦଳଗୁଡ଼ିକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ରର ଏନ୍‌ଡିଏ ସରକାରଙ୍କୁ ଟାର୍ଗେଟ କରିଛନ୍ତି।

ପ୍ରଧାନମନ୍ତ୍ରୀ ଓ ଭାଜପା ନେତାମାନେ ଭୋଟ ହାସଲ ପାଇଁ ସେନାକୁ ବ୍ୟବହାର କରିବା ଦୁର୍ଭାଗ୍ୟଜନକ ବୋଲି କଂଗ୍ରେସ ସମାଲୋଚନା କରିଛି। କଂଗ୍ରେସ ମୁଖପାତ୍ର ପ୍ରିୟଙ୍କା ଚତୁର୍ବେଦୀ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଉଭୟ ମୋଦି ଓ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ସେମାନଙ୍କ ସାଧାରଣ ସଭାରେ ସମ୍ବୋଧିତ କରିବାବେଳେ ପୁଲୱାମା ଆକ୍ରମଣ ଏବଂ ବାଲାକୋଟ ପ୍ରତିଆକ୍ରମଣ କଥା କହିଆସୁଛନ୍ତି। ସେହିପରି ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ କେନ୍ଦ୍ରମନ୍ତ୍ରୀ ମୁଖ୍ତାର ଅବ୍ବାସ ନକ୍‌ଭୀ ମଧ୍ୟ 'ମୋଦିଜୀ କୀ ସେନା' ବୋଲି କହୁଛନ୍ତି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ମୋଦି ଭୋଟ ପାଇଁ ସେନାକୁ ବ୍ୟବହାର କରିପାରନ୍ତି। କିନ୍ତୁ ସଶସ୍ତ୍ର ବଳ ଭାଜପା ସହ ନୁହେଁ, ବରଂ ଭାରତ ସହିତ ଛିଡ଼ା ହୋଇଛି। ସେହିପରି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ଟିଏମ୍‌ସି ମୁଖ୍ୟ ମମତା ବାନାର୍ଜୀ ଦାର୍ଜିଲିଂସ୍ଥିତ କୁର୍ସେଓଙ୍ଗ୍‌ର ଏକ ସଭାରେ କହିଛନ୍ତି, ଆମେ ଦେଶର ସେନାକୁ ନେଇ ଗର୍ବିତ। କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ଭଳି ଆମେ ସେନାକୁ ନେଇ ଲୋକଙ୍କୁ ଭୋଟ ମାଗୁନାହୁଁ। ସେନାର ଅନେକ ପୂର୍ବତନ ମୁଖ୍ୟ ମୋଦି ଓ ଶାହଙ୍କ ଏଭଳି କାର୍ଯ୍ୟକୁ ନିନ୍ଦା କରିଛନ୍ତି। ଅନ୍ୟପକ୍ଷରେ ଭାଜପା ବଦଳିବ ନାହିଁ। ତେଣୁ ଏହି ଦଳ ବିରୋଧରେ ନିର୍ବାଚନ କମିଶନ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ସିପିଆଇଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ଦାବି କରିଛନ୍ତି।

## ପ୍ରଧାନମନ୍ତ୍ରୀଙ୍କ ମନ୍ତବ୍ୟ ଯାଞ୍ଚ କରୁଛନ୍ତି ଇସି

**ନୂଆଦିଲ୍ଲୀ,୧୨।୪(ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମହାରାଷ୍ଟ୍ରର ଲାତୁରସ୍ଥିତ ଅଉସାରେ ଗତ ୯ ତାରିଖରେ ଭାଜପାର ଏକ ନିର୍ବାଚନୀ ସଭାକୁ ସମ୍ବୋଧିତ କରିଥିଲେ। ଏଥିରେ ସେ ପ୍ରଥମଥର ମତଦାତାଙ୍କୁ ସେମାନଙ୍କ ଭୋଟକୁ ବାଲାକୋଟ ଏୟାର ଷ୍ଟ୍ରାଇକ୍ କରିଥିବା ବାୟୁସେନା ଯବାନଙ୍କୁ ଉତ୍ସର୍ଗୀକୃତ କରିବା ପାଇଁ ନିବେଦନ କରିଥିବା ଅଭିଯୋଗ ହୋଇଥିଲା। ଇସି ପୂର୍ବରୁ ରାଜନୈତିକ ଦଳଗୁଡ଼ିକୁ ସଶସ୍ତ୍ର ବଳକୁ ନିର୍ବାଚନ ପ୍ରଚାର ବେଳେ ବ୍ୟବହାର ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ମୋଦି ଏହାର ଅବଜ୍ଞା କରି ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରିଥିବା ବିରୋଧୀ ଦଳଗୁଡ଼ିକ ଅଭିଯୋଗ ଆଣିଛନ୍ତି। ଏହାକୁ ନେଇ ନିର୍ବାଚନ ଉପାୟୁକ୍ତ ଚନ୍ଦ୍ରଭୂଷଣ କୁମାର କହିଛନ୍ତି, ଏ ସମ୍ପର୍କିତ ରିପୋର୍ଟ ଆମର ହସ୍ତଗତ ହୋଇଛି। ଇସି ଏହାର ଯାଞ୍ଚ କରୁଛନ୍ତି।

## ଇରାନୀଙ୍କ ଶିକ୍ଷାଗତ ଯୋଗ୍ୟତାକୁ ନେଇ ପୁଣି ବିବାଦ

# ଅଯୋଗ୍ୟ ଘୋଷଣା ଦାବି କଲା କଂଗ୍ରେସ

**ନୂଆଦିଲ୍ଲୀ,୧୨।୪(ପି.ଟି.)**



କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ଜଣେ ଧାରାବାହିକ ମିଛୁଆ। ଉତ୍ତରପ୍ରଦେଶର ଅମେଠି ଲୋକ ସଭା ଆସନରେ ଗୁରୁବାର ଇରାନୀ ଭାଜପାରୁ ନାମାଙ୍କନପତ୍ର ଦାଖଲ ବେଳେ ନିଜ ଶିକ୍ଷାଗତ ଯୋଗ୍ୟତାକୁ ନେଇ ମିଥ୍ୟା ତଥ୍ୟ ପ୍ରଦାନ କରିଛନ୍ତି। ତେଣୁ ନିର୍ବାଚନ କମିଶନ ତାଙ୍କ ପ୍ରାର୍ଥିତ୍ୱକୁ ଅଯୋଗ୍ୟ ଘୋଷଣା କରନ୍ତୁ ବୋଲି ଶୁକ୍ରବାର କଂଗ୍ରେସ ପକ୍ଷରୁ ଦାବି କରାଯାଇଛି।

କଂଗ୍ରେସ ମୁଖପାତ୍ର ପ୍ରିୟଙ୍କା ଚତୁର୍ବେଦୀ କହିଛନ୍ତି, ଭାଜପା ପ୍ରାର୍ଥୀ ଇରାନୀ କେନ୍ଦ୍ରମନ୍ତ୍ରୀ ଭାବେ ନିଜ ପ୍ରଭାବ ଓ କ୍ଷମତାର ଅପବ୍ୟବହାର କରିଛନ୍ତି। ନାମାଙ୍କନପତ୍ର ଦାଖଲ ବେଳେ ସେ ଦେଇଥିବା ସତ୍ୟପାଠରେ ନିଜ ଶିକ୍ଷାଗତ ଯୋଗ୍ୟତା ସମ୍ପର୍କରେ ମିଛ କହିଛନ୍ତି। ଇରାନୀ ସ୍ନାତକ ନୁହନ୍ତି ବୋଲି ବିରୋଧୀ ଦଳଗୁଡ଼ିକ ପୂର୍ବରୁ ଦାବି କରିଆସୁଛନ୍ତି। ସେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଏକ ଅଣ୍ଡରଗ୍ରାଜୁଏଟ୍ ପାଠ୍ୟକ୍ରମରେ ନାମ ଲେଖାଇଥିଲେ। କିନ୍ତୁ ଏହି ଶିକ୍ଷା ସେ ଶେଷ କରିନାହାନ୍ତି ବୋଲି ଗୁରୁବାର ନିଜ ସତ୍ୟପାଠରେ ମାନିଛନ୍ତି। ତେଣୁ ତାଙ୍କୁ ନିର୍ବାଚନ ଲଢ଼ିବାରୁ ବାରଣ କରାଯାଉ ବୋଲି ପ୍ରିୟଙ୍କା ଦାବି କରିଛନ୍ତି। ପ୍ରକାଶ ଯେ, କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ବିରୋଧରେ ପ୍ରାର୍ଥୀ ହୋଇଥିବା ଇରାନୀ ଦିଲ୍ଲୀ ୟୁନିଭର୍ସିଟିର ସ୍କୁଲ ଅଫ୍ ଓପନ୍ ଲର୍ନିଂରୁ ୩ ବର୍ଷିଆ ଡିଗ୍ରୀ ପାଠ୍ୟକ୍ରମର କେବଳ ପାର୍ଟ-୧ ସମ୍ପୂର୍ଣ୍ଣ କରିଥିବା ନିଜ ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। କିନ୍ତୁ ଏହା ପୂର୍ବରୁ ୨୦୦୪ରେ ପ୍ରାର୍ଥୀ ହେବା ବେଳେ ସେ ସତ୍ୟପାଠରେ ନିଜକୁ ଜଣେ ସ୍ନାତକ ବୋଲି ଦାବି କରିଥିଲେ। ୨୦୧୪ରେ ସେ ଅମେଠିରୁ ନାମାଙ୍କନପତ୍ର ଦାଖଲ ବେଳେ ମଧ୍ୟ ଏନେଇ ବିବାଦ ସୃଷ୍ଟି ହୋଇଥିଲା। ଅନ୍ୟପକ୍ଷରେ ଇରାନୀ କହିଛନ୍ତି, ଯିଏ ଯାହା କହୁଛନ୍ତି କୁହନ୍ତୁ। ଅମେଠି ପାଇଁ ସେ କଠିନ ପରିଶ୍ରମ ଜାରି ରଖିବେ।

## ସୁପ୍ରିମକୋର୍ଟଙ୍କ ରାୟ ପରେ ରାହୁଲଙ୍କ 'ଚୋର' ମନ୍ତବ୍ୟ

# ଇସିଙ୍କ ଦ୍ୱାରସ୍ଥ ହେଲା ଭାଜପା

**ନୂଆଦିଲ୍ଲୀ,୧୨।୪(ପି.ଟି.)**

କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ବିରୋଧରେ ଅଦାଲତ ଅବମାନନା ଅଭିଯୋଗ ଆଣି ଭାଜପା ନିର୍ବାଚନ କମିଶନ (ଇସି) ଏବଂ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ରାଫାଲ ଚୁକ୍ତି ମାମଲାର ଶୁଣାଣି କରୁଥିବା ସୁପ୍ରିମକୋର୍ଟଙ୍କ ବୁଧବାର ରାୟକୁ ନେଇ ରାହୁଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିବାରୁ ଭାଜପା ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି।

ରାଫାଲ ଚୁକ୍ତି ପ୍ରସଙ୍ଗରେ ୨୦୧୮ ଡିସେମ୍ବର ୧୪ରେ ସୁପ୍ରିମକୋର୍ଟ ଦେଇଥିବା ରାୟର ପୁନର୍ବିଚାର କରିବା ସମୟରେ 'ପ୍ରଘଟ' ଦସ୍ତାବିଜକୁ ଗ୍ରହଣ କରାଯିବ ବୋଲି ବୁଧବାର ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଥିଲେ। ଏହାକୁ ନେଇ ରାହୁଲ କହିଥିଲେ, ରାଫାଲ ଦୁର୍ନୀତି ଧୀରେ ଧୀରେ ପଦାକୁ ଆସିବାରେ ଲାଗିଛି ଏବଂ ଚୁକ୍ତିକୁ ନେଇ ଏବେ ତଦନ୍ତ ହେବ। 'ଚୌକିଦାର ଚୋର ହେ' ବୋଲି ସୁପ୍ରିମକୋର୍ଟ ମାନିଛନ୍ତି। ପ୍ରଧାନମନ୍ତ୍ରୀ ରାଫାଲ ଦୁର୍ନୀତି ପ୍ରସଙ୍ଗରେ ତାଙ୍କ ସହ ବିତର୍କ ପାଇଁ ସ୍ଥାନ ଓ ତାରିଖ ବାଛନ୍ତୁ ବୋଲି ରାହୁଲ ଚ୍ୟାଲେଞ୍ଜ ଦେଇଥିଲେ। ଏହାକୁ ନେଇ ଭାଜପାର ଏକ ପ୍ରତିନିଧି ଦଳ ଶୁକ୍ରବାର ଇସିଙ୍କୁ ଭେଟିଛନ୍ତି। ସୁପ୍ରିମକୋର୍ଟ ନିଜ ରାୟରେ ପ୍ରଧାନମନ୍ତ୍ରୀଙ୍କୁ 'ଚୋର' ବୋଲି କହିନାହାନ୍ତି। କିନ୍ତୁ ରାହୁଲ 'ଚୌକିଦାର ଚୋର୍ ହେ' କହି ଅପମାନଜନକ ଓ ମିଥ୍ୟା ପ୍ରଚାର ଚଳାଇଛନ୍ତି। ତେଣୁ କଂଗ୍ରେସ ମୁଖ୍ୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଦାବି କରି ଭାଜପା ପକ୍ଷରୁ ଇସିଙ୍କ ନିକଟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। କେନ୍ଦ୍ରମନ୍ତ୍ରୀ ନିର୍ମଳା ସୀଥାରାମନ୍‌ଙ୍କ ନେତୃତ୍ୱରେ ବରିଷ୍ଠ ନେତା ମୁଖ୍ତାର ଅବ୍ବାସ ନକ୍‌ଭି, ଦଳର ମିଡିଆ ସେଲ୍ ମୁଖ୍ୟ ଅନିଲ ବାଲୁନି ପ୍ରମୁଖ ପ୍ରତିନିଧି ଦଳରେ ସାମିଲ ଥିଲେ। ସେହିପରି ଏହି ପ୍ରସଙ୍ଗରେ ବରିଷ୍ଠ ଭାଜପା ନେତା ମୀନାକ୍ଷୀ ଲେଖି ସୁପ୍ରିମକୋର୍ଟରେ ରାହୁଲଙ୍କ ବିରୋଧରେ ଅଦାଲତ ଅବମାନନା ପିଟିଶନ ଦାଏର କରିଛନ୍ତି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଆସନ୍ତା ୧୫ ତାରିଖରେ ଉକ୍ତ ଆବେଦନର ଶୁଣାଣି କରିବାକୁ ରାଜି ହୋଇଛନ୍ତି।



ଇସିଙ୍କୁ ଭେଟିବା ପରେ ଉତ୍ତର ରଖୁଛନ୍ତି ପ୍ରତିରକ୍ଷାମନ୍ତ୍ରୀ ନିର୍ମଳା ସୀଥାରାମନ୍।

# ଭାଜପା ଖାତାକୁ ଯାଉଛି ଭୋଟ



**ଇଭିଏମ୍‌କୁ ନେଇ ପ୍ରଶ୍ନ ଉଠାଇଲେ ମାୟାବତୀ**

**ଲକ୍ଷ୍ନୌ,୧୨।୪**-ପ୍ରଥମ ପର୍ଯ୍ୟାୟ ନିର୍ବାଚନବେଳେ ଇଭିଏମ୍ ଖରାପ କାରଣରୁ ଭୋଟ ସବୁ ଭାଜପା ଖାତାକୁ ଯାଇଥିବା ବହୁଜନ ସମାଜ ପାର୍ଟି (ବିଏସ୍‌ପି) ଅଧ୍ୟକ୍ଷା ମାୟାବତୀ ଅଭିଯୋଗ କରିଛନ୍ତି। ନିର୍ବାଚନ କମିଶନ(ଇସି) ଏହାକୁ ଗୁରୁତ୍ୱର ସହ ନେଇ ପରବର୍ତ୍ତୀ ୬ ପର୍ଯ୍ୟାୟ ନିର୍ବାଚନରେ ଏଭଳି ତ୍ରୁଟି ରୋକିବା ଲାଗି ପଦକ୍ଷେପ ନେବାକୁ ସେ କହିଛନ୍ତି। ଗୁରୁବାର ପ୍ରଥମ ପର୍ଯ୍ୟାୟରେ ୯୧ଟି ଲୋକ ସଭା ଆସନ ଲାଗି ଭୋଟଗ୍ରହଣ କରାଯାଇଥିଲା, ଯେଉଁଥିରେ ପାଖାପାଖି ୯ କୋଟି ମତଦାତା ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଥିଲେ। ଏଥିରେ ପୋଲିସ ଏବଂ ପ୍ରଶାସନିକ ଅଧିକାରୀଙ୍କ ଦୁରୁପଯୋଗ କରାଯିବା ସହ ବିଭିନ୍ନ ବୁଥ୍‌ରେ ଇଭିଏମ୍ ଖରାପ ଥିବା ଅଭିଯୋଗ ଆସିଥିଲା। ଫଳରେ ହାତୀ ଚିହ୍ନରେ ଦିଆଯାଇଥିବା ଭୋଟ ଭାଜପା ଚିହ୍ନକୁ ଯାଇଥିବା ବିଏସ୍‌ପି ସୁପ୍ରିମୋ କହିଛନ୍ତି।

## ମୋଦିଙ୍କ ବାୟୋପିକ୍ ରିଲିଜ୍ ବିବାଦ

# ସୁପ୍ରିମକୋର୍ଟରେ ଶୁଣାଣି ୧୫ରେ

**ନୂଆଦିଲ୍ଲୀ,୧୨।୪**- 'ପିଏମ୍ ନରେନ୍ଦ୍ର ମୋଦି' ବାୟୋପିକ୍ ରିଲିଜ ଉପରେ ନିର୍ବାଚନ କମିଶନ୍ ରୋକ୍ ଲଗାଇଥିବା ବେଳେ ଏହାକୁ ଚ୍ୟାଲେଞ୍ଜ୍ କରି ପ୍ରଯୋଜକଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ଏକ ଆବେଦନ କରାଯାଇଥିଲା। ଆସନ୍ତା ୧୫ରେ ଏହା ଉପରେ ଶୁଣାଣି କରିବାକୁ ଶୀର୍ଷ ଅଦାଲତ ରାଜି ହୋଇଛନ୍ତି।

ବର୍ତ୍ତମାନ ନିର୍ବାଚନ ଋତୁ ଚାଲିଥିବା ବେଳେ ଏହା ରିଲିଜ ହେଲେ ଭାଜପାର ରାଜନୈତିକ ଉଦ୍ଦେଶ୍ୟ ଚରିତାର୍ଥ ହେବ ଦର୍ଶାଇ କଂଗ୍ରେସ ପକ୍ଷରୁ ଏଥିପ୍ରତି ନିର୍ବାଚନ କମିଶନ୍‌ଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। କମିଶନ୍ ବୁଧବାର 'ପିଏମ୍ ନରେନ୍ଦ୍ର ମୋଦି' ରିଲିଜକୁ ନିଷିଦ୍ଧ କରିଛନ୍ତି। ଉକ୍ତ ଫିଲ୍ମର ରିଲିଜ ସ୍ଥଗିତ ରଖିବାକୁ କଂଗ୍ରେସ କର୍ମକର୍ତ୍ତା ମଧ୍ୟ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଶୀର୍ଷ ଅଦାଲତ ମଙ୍ଗଳବାର ଉକ୍ତ ଆବେଦନର ଶୁଣାଣି କରି ଏହି ପ୍ରସଙ୍ଗରେ ନିର୍ବାଚନ କମିଶନ୍ ଯଥାର୍ଥ ନିଷ୍ପତ୍ତି ନେବେ ବୋଲି କହିଥିଲେ। ଅଦାଲତ ପୁଣି କହିଥିଲେ ସେନ୍‌ସର ବୋର୍ଡ ଉକ୍ତ ଫିଲ୍ମକୁ ସାର୍ଟିଫିକେଟ ପ୍ରଦାନ କରି ନ ଥିବାରୁ ଉକ୍ତ ଫିଲ୍ମର ନିଷେଧାଜ୍ଞା ପାଇଁ ଆବେଦନର କୌଣସି ଅର୍ଥ ନାହିଁ।

ତେବେ ମଙ୍ଗଳବାର ସଂଧ୍ୟାରେ ସେନ୍‌ସର ବୋର୍ଡ ମୋଦିଙ୍କ ବାୟୋପିକ୍‌କୁ ପ୍ରମାଣପତ୍ର ପ୍ରଦାନ କରିବା ପରେ ନିର୍ବାଚନ କମିଶନ୍ ଏହାର ରିଲିଜ ଉପରେ ନିଷେଧାଜ୍ଞା ଜାରି କରିଥିଲେ।



## ପାକିସ୍ତାନରେ ଆତ୍ମଘାତୀ ବିସ୍ଫୋରଣ

# ୨୧ ନିହତ, ୫୦ ଆହତ

**କରାଚୀ,୧୨।୪(ପି.ଟି.)**



ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶରେ ଶୁକ୍ରବାର ଆତ୍ମଘାତୀ ବିସ୍ଫୋରଣରେ ୨୧ଜଣଙ୍କ ମୃତ୍ୟୁହେବା ସହ ୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଶିଆ ହାଜରା ଧର୍ମୀୟ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କୁ ଟାର୍ଗେଟ କରି କ୍ୱେଟାର ଜନଗହଳିପୂର୍ଣ୍ଣ ହାଜରାଗଞ୍ଜୀ ବଜାରରେ ସକାଳ ୭ଟା ୩୫ରେ ଆତ୍ମଘାତୀ ବିସ୍ଫୋରଣ ହୋଇଥିଲା। ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଆକ୍ରମଣକୁ ନିନ୍ଦାକରିବା ସହ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ତେବେ କୌଣସି ସମ୍ପ୍ରଦାୟକୁ ଟାର୍ଗେଟ କରାଯାଇ ନ ଥିବା ପାକ୍ ଗୃହମନ୍ତ୍ରୀ ଜିଆଉଲ୍ଲା ଲାଙ୍ଗୋଭେ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏପର୍ଯ୍ୟନ୍ତ କୌଣସି ସଂଗଠନ ବିସ୍ଫୋରଣ ପାଇଁ ନିଜକୁ ଦାୟୀ କରିନାହାନ୍ତି। ବଜାରର ବ୍ୟବସାୟୀମାନଙ୍କୁ ସୁରକ୍ଷା ଯୋଗାଇ ଦିଆଯାଇଛି। ବେଲୁଚିସ୍ତାନ ମୁଖ୍ୟମନ୍ତ୍ରୀ ଜାମ କମାଲ ଆକ୍ରମଣକୁ ନିନ୍ଦାକରିବା ସହ ଯେଉଁମାନେ ଏଥିରେ ସମ୍ପୃକ୍ତ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।



**‘ବ୍ରେଥ୍’ ସିଜିନ୍ ୨ରେ ସୈୟାମୀ**

ବଲିଉଡ ଅଭିନେତ୍ରୀ ସୈୟାମୀ ଖେର ‘ବ୍ରେଥ୍’ ସିଜିନ୍ ୨ରେ ମୁଖ୍ୟ ଭୂମିକା ନେବାକୁ ଯାଉଛନ୍ତି।


୦୨

୧୩

**ଚିନାପ୍ପା ସେମିରେ**

ଭାରତର ଜ୍ୟୋତ୍ସ୍ନା ଚିନାପ୍ପା ମାକାଉ ଓପନ ସ୍କ୍ୱାଶ ଚାମ୍ପିୟନଶିପ୍‌ର ସେମିଫାଇନାଲରେ ପ୍ରବେଶ କରିଛନ୍ତି।





**ଆଜିର ସମ୍ପାଦକୀୟ**


## ଅଦ୍ଭୁତ ଧର୍ମସଂକଟ

**ଆଜିର ମନ୍ତବ୍ୟ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ୧୫ ବନ୍ଧୁଙ୍କ ପାଇଁ ସରକାର ଚଳାଉଛନ୍ତି।
**-ରାହୁଲ ଗାନ୍ଧୀ, କଂଗ୍ରେସ ଅଧକ୍ଷ**

**କିଛି ତଥ୍ୟ**

ଦେଶର ବୈଦେଶିକ ମୁଦ୍ରା ଭଣ୍ଡାରରେ ୧.୮୭ ବିଲିୟନ ବୃଦ୍ଧି ଘଟି ୪୧୩.୮ ବିଲିୟନ ଡଲାର ଛୁଇଁଛି। -ଆର୍‌ବିଆଇ


NECC NATIONAL EGG CO-ORDINATION COMMITTEE 12.04.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 88 | 142 | 152 |
| CTC | 89 | 144 | 154 |
| DKL | 88 | 142 | 152 |
| BDK | 91 | 146 | 156 |
| BLS | 93 | 149 | 159 |
| ANG | 89 | 144 | 154 |

*Conditions Apply

Eggs Retail Price- 41/-Dozen
Issued in the Interest of Consumers


# ଓଡ଼ିଶାରେ ଶିଶୁ, ମହିଳା ଅସୁରକ୍ଷିତ

**ଦୀପକ ଭଳ**
କଟକ ଅଫିସ୍, ୧୨।୪

ଓଡ଼ିଶାରେ ଶିଶୁ, ଯୁବତୀ ଓ ମହିଳା ଅସୁରକ୍ଷିତ ହୋଇପଡ଼ିଛନ୍ତି। ବିଭିନ୍ନ ପ୍ରଲୋଭନ କିମ୍ବା ଅପହରଣ କରାଯାଇ ସେମାନଙ୍କୁ ଅନ୍ୟ ରାଜ୍ୟକୁ ଚାଲାଣ କରାଯାଉଛି, ଯାହା ଦିନକୁ ଦିନ ବଢ଼ିଚାଲିଛି। ବିଶେଷ କରି ଚାକିରି ଦେବା, ଭଲ ପରିବାରରେ ବିବାହ କରାଇଦେବା ନାଁରେ ଯୁବତୀମାନଙ୍କୁ ଚାଲାଣ କରାଯାଉଛି। ପୋଲିସ ଉପରେ ଆସ୍ଥା ନ ଥିବା କିମ୍ବା ଲୋକଲଜ୍ଜା ପାଇଁ ଏ ସମ୍ପର୍କିତ ଅନେକ ଘଟଣାର ଅଭିଯୋଗ ଥାନାରେ ହୋଇପାରୁନାହିଁ। ସେହିପରି ପୋଲିସ ଏଭଳି ବହୁ ଘଟଣାକୁ ଚାପିଦେଉଛି। ଏହାସତ୍ତ୍ୱେ ଗତ ୪ ବର୍ଷ ମଧ୍ୟରେ ରାଜ୍ୟର ଥାନାଗୁଡ଼ିକରେ ହୋଇଥିବା ଅଭିଯୋଗକୁ ଦେଖିଲେ ସ୍ଥିତି ଚିନ୍ତାଜନକ ମନେହେଉଛି। ଏହାକୁ ଦୃଷ୍ଟିରେ ରଖି ପ୍ଲେସମେଣ୍ଟ ଏଜେନ୍ସି, ହୋଟେଲ, ବିମାନବନ୍ଦର, ବସଷ୍ଟାଣ୍ଡ, ରେଳଷ୍ଟେଶନ ଓ ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକରେ ନିୟମିତ ବ୍ୟବଧାନରେ ଯାଞ୍ଚ କରିବାକୁ ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା ସମସ୍ତ ଏସ୍‌ପି ଏବଂ କମିଶନରେଟ ପୋଲିସର ଡିସିପିଙ୍କୁ ପୂର୍ବରୁ ନିର୍ଦ୍ଦେଶ ଜାରି କରିଥିଲେ। ହେଲେ ତାହାକୁ ଠିକ୍ ଭାବେ ପାଳନ କରିବା ତ ଦୂରର କଥା ନିଖୋଜ କିମ୍ବା ଅପହରଣ ଅଭିଯୋଗ ଆସିଲେ ପୋଲିସ ତତ୍ପରତା ଦେଖାଉନାହିଁ। ଏପରି କି ପୋଲିସ ନିଜେ ଯୁବତୀ ଚାଲାଣ ଘଟଣାରେ ସାମିଲ ଥିବା ଅଭିଯୋଗ ଆସୁଛି। ଫଳରେ କେତେକ କ୍ଷେତ୍ରରେ ଲୋକେ ସେମାନଙ୍କ ନିଖୋଜ ପରିବାର ସଦସ୍ୟଙ୍କୁ ଫେରି ପାଇବାର ଆଶା ଛାଡ଼ିଦେଲେଣି।

ସୂଚନା ଅଧିକାର ଆଇନ (ଆରଟିଆଇ) ମାଧ୍ୟମରେ କ୍ରାଇମ୍‌ବ୍ରାଞ୍ଚରୁ ମିଳିଥିବା ସୂଚନା ଅନୁଯାୟୀ ୨୦୧୫ରୁ ୨୦୧୮ ପର୍ଯ୍ୟନ୍ତ ଅର୍ଥାତ୍ ୪ ବର୍ଷରେ ୭,୭୬୫ ଜଣ ନାବାଳିକା ଓ ନାବାଳକ ନିଖୋଜ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୪,୪୫୮ ଜଣଙ୍କୁ ପୋଲିସ ଉଦ୍ଧାର କରିଛି। ସେହିପରି ଏହି ସମୟ ମଧ୍ୟରେ ୩୩,୦୯୧ ମହିଳା(ଅଧିକାଂଶ ଯୁବତୀ) ଓ ପୁରୁଷ ନିଖୋଜ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ମାତ୍ର ୧୧, ୭୨୯ ଜଣଙ୍କୁ ପୋଲିସ ଉଦ୍ଧାର କରିଛି। ☞ପୃଷ୍ଠା-୧୦

**ପୋଲିସ ନିଷ୍କ୍ରିୟତା ଦାୟୀ**

- ୬୫% ନିଖୋଜଙ୍କୁ ଖୋଜିବାରେ ବିଫଳ
- ଅଭିଯୋଗ ଆସିଲେ ତତ୍ପରତା ଦେଖାଉନାହିଁ
- ଠିକ୍ ଭାବେ ପାଳନ କରାଯାଉନାହିଁ ଯାଞ୍ଚ ନିର୍ଦ୍ଦେଶ

| | ନାବାଳକ | ନାବାଳିକା | ମୋଟ | ପୁରୁଷ | ମହିଳା | ମୋଟ |
|---|---|---|---|---|---|---|
| **୨୦୧୫** | | | | | | |
| ନିଖୋଜ | ୪୯୭ | ୧୨୯୧ | ୧୭୮୮ | ୧୬୪୭ | ୪୯୭୦ | ୬୬୧୭ |
| ଉଦ୍ଧାର | ୩୭୨ | ୮୯୩ | ୧୨୬୫ | ୬୧୦ | ୧୮୩୨ | ୨୪୪୨ |
| **୨୦୧୬** | | | | | | |
| ନିଖୋଜ | ୫୦୧ | ୧୨୯୧ | ୧୭୯୨ | ୧୭୭୪ | ୫୪୧୮ | ୭୧୯୨ |
| ଉଦ୍ଧାର | ୩୦୮ | ୭୦୦ | ୧୦୦୮ | ୬୯୦ | ୨୧୮୩ | ୨୮୭୩ |
| **୨୦୧୭** | | | | | | |
| ନିଖୋଜ | ୪୯୧ | ୧୩୬୦ | ୧୮୫୧ | ୨୦୬୨ | ୬୪୯୨ | ୮୫୫୪ |
| ଉଦ୍ଧାର | ୩୦୯ | ୭୩୭ | ୧୦୪୬ | ୮୪୧ | ୨୨୩୧ | ୩୦୭୪ |
| **୨୦୧୮** | | | | | | |
| ନିଖୋଜ | ୪୫୯ | ୧୮୭୫ | ୨୩୩୪ | ୨୪୧୦ | ୮୩୧୮ | ୧୦୭୨୮ |
| ଉଦ୍ଧାର | ୨୮୫ | ୮୫୪ | ୧୧୩୯ | ୮୮୭ | ୨୪୫୫ | ୩୩୪୨ |

**■ ଆଖି ବୁଜିଲେ ବଳାତ୍କୃତା ଶିଶୁକନ୍ୟା**

# ଅଭିଯୋଗକାରୀ ବାପାଙ୍କୁ ଥାନାରେ ମାଡ଼



ଉତ୍ତ୍ୟକ୍ତ ଲୋକେ ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି।

**ଜଟଣୀ,୧୨।୪(ଡି.ଏନ.ଏ)**

ଗୁରୁବାର ରାତିରେ ଜଣେ ୫ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର କରିଥିଲେ ପଡ଼ୋଶୀ ଯୁବକ। ଘଟଣା ପ୍ରଘଟ ହୋଇଯିବା ଭୟରେ ଯୁବକ ଜଣକ ଶିଶୁକନ୍ୟାଙ୍କୁ ମାରିଦେବାକୁ ଉଦ୍ୟମ କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲ ନିଆଯିବା ପରେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଏଭଳି ସମ୍ବେଦନଶୀଳ ଘଟଣାରେ ସ୍ଥାନୀୟ ଅଞ୍ଚଳରେ ସୃଷ୍ଟି ହୋଇଥିବା ଅସନ୍ତୋଷକୁ ବଢ଼ାଇ ଦେଇଛି ଜଟଣୀ ଥାନା ପୋଲିସର ଅପରାଧୀ ପ୍ରୀତି। କାରଣ ଅଭିଯୋଗ କରିବାକୁ ଥାନାକୁ ଯାଇଥିବା ଶିଶୁକନ୍ୟାଙ୍କ ବାପାଙ୍କୁ ସେଠାରେ ମାଡ଼ମାରି ଏତଲା ନ ଦେବାକୁ ଭୟଭୀତ କରାଯାଇଛି। ଥାନା ଅଧିକାରୀ ବିଶ୍ୱରଞ୍ଜନ ସାହୁଙ୍କ ଉପସ୍ଥିତିରେ ମୃତା ଶିଶୁକନ୍ୟାଙ୍କ ବାପାଙ୍କୁ ଜାମୁକୋଳି ପଞ୍ଚାୟତର ପୂର୍ବତନ ସରପଞ୍ଚ କାର୍ତ୍ତିକ ପରିଡ଼ା ମାଡ଼ ମାରି ବିଦା କରିଦେଇଥିଲେ। ଏଭଳି ଅଭିଯୋଗ ଆଣି ଏତଲା ଦେଇଛନ୍ତି ମୃତା ଶିଶୁକନ୍ୟାଙ୍କ ବାପା। ଏହି ଘଟଣାକୁ ନେଇ ଜଟଣୀ ଥାନା ଆଗରେ ଶୁକ୍ରବାର ଜଳିଥିଲା ଅସନ୍ତୋଷ ନିଆଁ। ସକାଳୁ ଶତାଧିକ ଲୋକ ଜଟଣୀ ଥାନା ଘେରାଉ କରିବା ସହ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଅଭିଯୋଗକାରୀଙ୍କୁ ବାହାରର ଜଣେ ଲୋକ ଥାନା ଭିତରେ ମାଡ଼ ମାରିବା ଘଟଣାକୁ ସେମାନେ ତୀବ୍ର ପ୍ରତିବାଦ କରିଥିଲେ। ଏପରି କି ପୂର୍ବତନ ସରପଞ୍ଚ ପରିଡ଼ାଙ୍କୁ ଗିରଫ ଦାବିରେ ମୃତା ଶିଶୁକନ୍ୟାଙ୍କ ପରିବାର ସଦସ୍ୟ ଓ ଭାଜପାର ବହୁ କର୍ମୀ ଅଡ଼ି ବସିଥିଲେ। ଶେଷରେ ପରିଡ଼ାଙ୍କୁ ଗିରଫ କରିବାକୁ ବାଧ ହୋଇଛି ପୋଲିସ।

**ପୋଲିସ ବିରୋଧରେ ଜଟଣୀରେ ଜଳିଲା ଅସନ୍ତୋଷର ନିଆଁ**

ବଳାତ୍କାର ଘଟଣା ଘଟିଥିଲା ଜଟଣୀ ଥାନା ଅନ୍ତର୍ଗତ ଗୋପବନ୍ଧୁନଗର ଅଞ୍ଚଳରେ। ଗୁରୁବାର ରାତି ପ୍ରାୟ ୧୦ଟାରେ ଶିଶୁକନ୍ୟା ପିଆଜ ☞ପୃଷ୍ଠା-୧୦

**■ ରାଜନୈତିକ ଦଳଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ**

# ଇଲେକ୍ଟୋରାଲ ବଣ୍ଡରେ ସଂଗୃହୀତ ଚାନ୍ଦାର ବିବରଣୀ ଦିଅ

**ନୂଆଦିଲ୍ଲୀ,୧୨।୪(ପି.ଟି.)**

ଇଲେକ୍ଟୋରାଲ ବଣ୍ଡରେ ରାଜନୈତିକ ଦଳଗୁଡ଼ିକ ସଂଗ୍ରହ କରୁଥିବା ଚାନ୍ଦାର ସବିଶେଷ ବିବରଣୀ ନିର୍ବାଚନ କମିଶନଙ୍କୁ ଦେବା ଲାଗି ସୁପ୍ରିମକୋର୍ଟ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। ଇଲେକ୍ଟୋରାଲ ବଣ୍ଡ ଯୋଜନାର ବୈଧତାକୁ ଚ୍ୟାଲେଞ୍ଜ କରି ଦାଏର ଏକ ପିଟିଶନ୍‌ର ଶୁଣାଣି ବେଳେ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଉପରୋକ୍ତ ନିର୍ଦ୍ଦେଶ ଦେବା ସହ ନିର୍ବାଚନୀ ପ୍ରକ୍ରିୟାରେ ସ୍ୱଚ୍ଛତା ଲାଗି ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି। ରାଜନୈତିକ ଦଳଗୁଡ଼ିକ ବର୍ତ୍ତମାନ ସୁଦ୍ଧା ଇଲେକ୍ଟୋରାଲ ବଣ୍ଡରେ ସଂଗ୍ରହ କରିଥିବା ସମସ୍ତ ଚାନ୍ଦା ଏବଂ ମେ ୧୫ ପର୍ଯ୍ୟନ୍ତ ଗ୍ରହଣ କରିବାକୁ ଥିବା ଚାନ୍ଦା ସମ୍ପର୍କିତ ସବିଶେଷ ବିବରଣୀ ମେ ୩୧ ସୁଦ୍ଧା ଜଉମୁଦା ଲଫାପାରେ ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ କରିବାକୁ କୁହାଯାଇଛି। ବିବରଣୀରେ ଦାତାଙ୍କ ନାମ ଏବଂ ସେ ଦେଇଥିବା ଚାନ୍ଦାର ପରିମାଣ ଉଲ୍ଲେଖ ରହିବ।



ଆବେଦନକାରୀ ଏନ୍‌ଜିଓ ଆସୋସିଏଶନ୍ ଅଫ୍ ଡେମୋକ୍ରାଟିକ୍ ରିଫର୍ମ୍‌ସ (ଏଡିଆର୍) ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଇଲେକ୍ଟୋରାଲ ବଣ୍ଡରେ ଦିଆଯାଇଥିବା ଚାନ୍ଦାର ସ୍ୱଚ୍ଛତା ଏବଂ ପରିଚୟ ଗୋପନ ରଖାଯିବାକୁ ନେଇ ପ୍ରଶ୍ନ ଉଠାଇଥିଲେ। ରାଜନୈତିକ ଦଳଗୁଡ଼ିକର ପାଣ୍ଠି ସଂଗ୍ରହକୁ ସ୍ୱଚ୍ଛ କରିବା ପାଇଁ ଯଦି ଇଲେକ୍ଟୋରାଲ ବଣ୍ଡ ପ୍ରଚଳନ କରାଯାଇଛି, ତେବେ ଏହାର କ୍ରେତାଙ୍କ ନାଁ ପ୍ରକାଶ କରା ନ ଯିବା ଦ୍ୱାରା ନିର୍ବାଚନୀ ପ୍ରକ୍ରିୟାରେ କଳାଧନର ଅପବ୍ୟବହାର ରୋକିବା ଲାଗି ସରକାରଙ୍କ ପ୍ରୟାସ ବ୍ୟର୍ଥ ବୋଲି ଗୁରୁବାର ଖଣ୍ଡପୀଠ କହିଥିଲେ। ଏଡିଆର୍ ଉପରୋକ୍ତ ଯୋଜନାର ବୈଧତାକୁ ଚ୍ୟାଲେଞ୍ଜ କରିବା ସହ ଇଲେକ୍ଟୋରାଲ ବଣ୍ଡ ଇସ୍ୟୁ ବନ୍ଦ କରାଯାଉ ☞ପୃଷ୍ଠା-୧୦




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ବାଉରୀ ବନ୍ଧୁ
ପରିବାରବର୍ଗ


ଆଶାମଣୀ
ପରିବାରବର୍ଗ


ଆୟୁଷ୍ମାନ
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# 'ବ୍ରେଥ୍' ସିଜିନ୍ ୨ର ମୁଖ୍ୟ ଭୂମିକାରେ ସୈୟାମୀ ଖେର

**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ ସୈୟାମୀ ଖେର 'ବ୍ରେଥ୍' ସିଜିନ୍ ୨ରେ ମୁଖ୍ୟ ଭୂମିକା ନେବାକୁ ଯାଉଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅଭିନୟ କରିବେ ଅଭିଷେକ ବଚ୍ଚନ, ଅମିତ ସାଧ୍ ଏବଂ ନିଥ୍ୟା ମେନନ୍। ଶୁକ୍ରବାର ଆମାଜନ୍ ପ୍ରାଇମ୍ ଭିଡିଓ ଦ୍ୱାରା ପ୍ରକାଶିତ ସୂଚନା ଅନୁଯାୟୀ, ସୈୟାମୀ 'ବ୍ରେଥ୍'ର ଦ୍ୱିତୀୟ ସଂସ୍କରଣରେ ମୁଖ୍ୟ ଚରିତ୍ରରେ ଅଭିନୟ କରିବେ। ଅମିତ ପୁଣି ଉକ୍ତ ସିରିଜରେ ଇନ୍ସପେକ୍ଟର କବିର ସାୱନ୍ତ ଭୂମିକାକୁ ଫେରିବେ। ମୟଙ୍କ ଶର୍ମା ମଧ୍ୟ ପୁନର୍ବାର ଉକ୍ତ ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱ ସମ୍ଭାଳିବେ। ଦ୍ୱିତୀୟ ସିଜିନ୍‌ର କାହାଣୀ ଲେଖା ଦାୟିତ୍ୱରେ ଅଛନ୍ତି ଭବାନୀ ଲାଇର, ବିକ୍ରମ ତୁଲି ଏବଂ ଅର୍ଶାଦ ସୟିଦ। ଏ ସମ୍ପର୍କରେ ସୈୟାମୀ କହନ୍ତି, 'ବ୍ରେଥ୍'ର ପ୍ରଥମ ସିଜିନ୍ ରିଲିଜ ବେଳେ ଖୁବ୍ ଖୁସି ଥିଲି। ଏବେ ଏହାର ଦ୍ୱିତୀୟ ସିଜିନରେ ଅଭିନୟ କରିବାକୁ ଅଫର ଦିଆଯାଇଥିବାରୁ ଖୁବ୍ ଆନନ୍ଦ ପ୍ରକାଶ କରୁଛି। ଅଭିଷେକଙ୍କ ସହ କାର୍ଯ୍ୟକରିବାରେ ଏକ ନିଆରା ଆନନ୍ଦ ଅନୁଭବ କରେ। ସେ ଅତ୍ୟନ୍ତ ମଜାଦାର ବ୍ୟକ୍ତି ଏବଂ ସ୍ପଷ୍ଟବାଦୀ ବୋଲି ସୈୟାମୀ ପ୍ରକାଶ କରିଛନ୍ତି।



# କେନ୍ଦ୍ରାପଡ଼ାବାସୀଙ୍କୁ ଠକିଛନ୍ତି ବୈଜୟନ୍ତ : ବିଜେଡି

## ସତ୍ୟପାଠ ନେଇ ସସ୍ମିତ୍‌ଙ୍କ ସମାଲୋଚନା

ଭୁବନେଶ୍ୱର, ୧୨।୪(ବ୍ୟୁରୋ)

କେନ୍ଦ୍ରାପଡ଼ା ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା କେନ୍ଦ୍ରାପଡାବାସୀଙ୍କୁ ଠକିଥିବା ବିଜୁ ଜନତା ଦଳ(ବିଜେଡି) କହିଛି। ଗତଥର ବିଜେଡି ପ୍ରାର୍ଥୀ ହୋଇଥିବା ବୈଜୟନ୍ତ ନିଜ ପଦବୀ ଓ ରୋଜଗାର ସମ୍ପର୍କରେ ଲୁଚାଇ ନିର୍ବାଚନ କମିଶନଙ୍କ ପାଖରେ ମିଥ୍ୟା ସତ୍ୟପାଠ ଦେଇଥିବା ବିଜେଡି ଅଭିଯୋଗ କରିଛି।

ବିଜେଡି ମୁଖପାତ୍ର ସସ୍ମିତ୍ ପାତ୍ର କହିଛନ୍ତି ଯେ, ବୈଜୟନ୍ତ ଅତୀତରେ ମିଥ୍ୟା ସତ୍ୟପାଠ ଦେଇଥିଲେ। ବିଜେଡି ଏହାକୁ ଲୋକଲୋଚନକୁ ଆଣିଥିଲା, ହେଲେ ସେ ଏହାକୁ ଫାଙ୍କି ଦେଇଥିଲେ। ଚଳିତ ନିର୍ବାଚନର ଲାଗି ଦେଇଥିବା ସତ୍ୟପାଠରେ ବୈଜୟନ୍ତ ଏହିସବୁ ତଥ୍ୟକୁ ଲୁଚାଇ ପାରିନାହାନ୍ତି। ଇମ୍ପାର ଉପସଭାପତି ପଦରେ ଥାଇ ବାର୍ଷିକ ୨ କୋଟି ଟଙ୍କା ରୋଜଗାର କରୁଥିବା ସେ ଦର୍ଶାଇଛନ୍ତି। ଗତଥର କେନ୍ଦ୍ରାପଡ଼ାବାସୀଙ୍କୁ ଏହି ତଥ୍ୟ ଲୁଚାଇ ସେ ଲୋକଙ୍କୁ ଠକିଥିବା ସସ୍ମିତ୍ କହିଛନ୍ତି।

ସସ୍ମିତ୍ ଆହୁରି କହିଛନ୍ତି ଯେ, ୨୦୧୪ ନିର୍ବାଚନ ସତ୍ୟପାଠରେ ବୈଜୟନ୍ତ ନିଜକୁ କେବଳ ଜଣେ ସିଟିଂ ଏମ୍‌ପି ବୋଲି ଦର୍ଶାଇଥିଲେ। ତାଙ୍କର କୌଣସି ବ୍ୟବସାୟିକ କାରବାର କି ଇମ୍ପା ମାଇନିଂ କମ୍ପାନୀ ଉପାଧ୍ୟକ୍ଷ ପଦ ସମ୍ପର୍କରେ ଉଲ୍ଲେଖ କରି ନ ଥିଲେ। ଏ ନେଇ ୨୦୧୮ ମାର୍ଚ୍ଚରେ କେନ୍ଦ୍ରାପଡ଼ାବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା। ଏହାର ଆଧାରରେ ବୈଜୟନ୍ତଙ୍କ ବିରୋଧରେ ଜନପ୍ରତିନିଧି ଆଇନ, ୧୯୫୧ ଉଲ୍ଲଂଘନ ନେଇ ଥାନାରେ ଫୌଜଦାରି ମାମଲା ରୁଜୁ ହୋଇଥିଲା। ବୈଜୟନ୍ତଙ୍କ ସତ୍ୟପାଠ ତଥ୍ୟ ଆଇଟମ୍ ନଂ.୯୮ରେ ସେ ୨୮।୧୦।୨୦୧୮ରୁ ୩ ବର୍ଷ ପାଇଁ ମାସକୁ ୧୭ ଲକ୍ଷ ଟଙ୍କା ପାରିଶ୍ରମିକ (ବାର୍ଷିକ ୨ କୋଟିରୁ ଅଧିକ)ରେ ଇମ୍ପାର ଉପାଧ୍ୟକ୍ଷ ପଦରେ ନିଯୁକ୍ତ ହୋଇଥିବା ଦର୍ଶାଇଛନ୍ତି। ବୈଜୟନ୍ତ ସେହି ପଦରେ ନିଯୁକ୍ତ ତାରିଖକୁ ଅକ୍ଟୋବର ୨୦୧୮ ବୋଲି ଚତୁରତାର ସହ ଉଲ୍ଲେଖ କରିଛନ୍ତି। ମାତ୍ର ୨୦୧୩-୧୪ ଏବଂ ୨୦୧୪-୧୫ରେ ଇମ୍ପାର ବାର୍ଷିକ ରିପୋର୍ଟରେ ବୈଜୟନ୍ତ କମ୍ପାନୀର ଉପାଧ୍ୟକ୍ଷ ବୋଲି ଉଲ୍ଲେଖ ରହିଛି। ଅପରପକ୍ଷରେ ବିଜେଡିର ଅଭିଯୋଗକୁ ବୈଜୟନ୍ତଙ୍କ ପକ୍ଷରୁ ଖଣ୍ଡନ କରାଯାଇଛି। ସେ କହିଛନ୍ତି ଯେ, ଦୀର୍ଘ ବର୍ଷ ଧରି ବିଜେଡିରେ ରହିବା ପରେ ତାଙ୍କ ବିରୋଧରେ କୌଣସି ଅଭିଯୋଗ ନ ଥିଲା। ହେଲେ ବର୍ତ୍ତମାନ ମୋର ଅନେକ ଦୋଷ ବାହାର କରାଯାଉଛି। ବିଜେଡି ଦୁର୍ନୀତିଗ୍ରସ୍ତ ଏବଂ ଭ୍ରଷ୍ଟାଚାରୀଙ୍କ ଦଳ ହୋଇ ଗଲାଣି। ରାଜ୍ୟବାସୀ ଏ ସମ୍ପର୍କରେ ଜାଣିଛନ୍ତି। କିଛି ସପ୍ତାହ ମଧ୍ୟରେ ରାଜ୍ୟବାସୀ ସେମାନଙ୍କ କବଳରୁ ମୁକ୍ତ ହେବେ ବୋଲି ବୈଜୟନ୍ତ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ସ୍ୱଗୃହୀ ଚନ୍ଦ୍ର ଓ ଧନସ୍ଥ ମଙ୍ଗଳ ପ୍ରଭାବରେ ଆପଣ ମନ ଅନୁଯାୟୀ କାମ କରିବାରେ ସମର୍ଥ ହେବେ। ତଥାପି କର୍ମକ୍ଷେତ୍ରରେ ଚେଷ୍ଟା କରୁଥିବା କାମ ଉପରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଅଫିସ୍ କାମରେ ଆଲୋଚନାକ୍ରମେ ଲାଗିପଡ଼ନ୍ତୁ, ଅବଶ୍ୟ ଅଳ୍ପ ସମୟ ପରେ ସବୁ କିଛି ଠିକ୍ ହୋଇଯିବ।

**ବୃଷ** ରାଶିରେ ମଙ୍ଗଳ ହେତୁକ ବିଭିନ୍ନ ପ୍ରକାର ସମସ୍ୟା ଓ ପ୍ରତିବନ୍ଧକ ଯୋଗୁ ମନରେ ସାମୟିକ ଉତ୍ତେଜନା ଲାଗି ରହିବ। ବହୁଦିନରୁ ଯାହା ଖୋଜୁଥିଲେ ଆଜି ମଧ୍ୟାହ୍ନେ ପାଇଯିବେ। ଉପକୃତ ହୋଇଥିବା ନିଜ ଲୋକମାନଙ୍କ ଶତ୍ରୁତା ଯୋଗୁ ସାମାନ୍ୟ ବିଚଳିତବୋଧ କରିପାରନ୍ତି। ନିଜ କାମ ଛାଡ଼ି ପରକଥାରେ ମୁଣ୍ଡ ପୂରାଇ ସମସ୍ୟାକୁ ଡାକି ଆଣନ୍ତୁ ନାହିଁ।

**ମିଥୁନ** ଦଶମସ୍ଥ ଯୋଗ ପ୍ରଭାବରୁ ପରିସ୍ଥିତି ଯେତେ ଖରାପ ଥିଲେ ମଧ୍ୟ କର୍ମକ୍ଷେତ୍ରରେ ସମସ୍ୟାର ସରଳ ସମାଧାନ ଦିଗରେ ଚେଷ୍ଟା ନିଷ୍ଫଳ ହେବନାହିଁ। ବ୍ୟବସାୟରେ ଉନ୍ନତି ହେବା ସହ ଲାଭ ମଧ୍ୟ କିଛି କମ୍ ହେବନାହିଁ। ପରିବାରର କୌଣସି ବିବାଦୀୟ ପରିସ୍ଥିତି ସମାଧାନ ସକାଶେ ଆତ୍ମୀୟମାନେ ଆପଣଙ୍କ ପରାମର୍ଶ ଲୋଡ଼ିପାରନ୍ତି।

**କର୍କଟ** ଚନ୍ଦ୍ରଙ୍କ ସୁପ୍ରଭାବରୁ ସ୍ୱାସ୍ଥ୍ୟ ସମସ୍ୟା ବଦଳିଯିବ, କିନ୍ତୁ ଶନି ନକ୍ଷତ୍ରସ୍ଥ ଚନ୍ଦ୍ର ମାନସିକ ଶିଥିଳତା ସୃଷ୍ଟି କରିପାରେ। ଯେତେ ପ୍ରକାର ବନେଇ ଚୂନେଇ କହିଲେ ମଧ୍ୟ ଆପଣଙ୍କ କଥା ଓ ଉଦ୍ଦେଶ୍ୟକୁ ଠିକ୍ ଭାବେ ଅନ୍ୟମାନେ ବୁଝିପାରିବେ ନାହିଁ। ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ, କିନ୍ତୁ ସାୟାହ୍ନେ ଟେନ୍‌ସନ ବଢ଼ିଯାଇପାରେ।

**ସିଂହ** ଚତୁର୍ଥାଧିପଙ୍କ ସ୍ଥିତିଜନିତ ପାରିବାରିକ କ୍ଷେତ୍ରରେ ମନୋମାଳିନ୍ୟ ଘଟିବା କାରଣରୁ ମନ ଭାରାକ୍ରାନ୍ତ ରହିବ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ବେଖାତିର ମନୋଭାବ ଓ କଟୂକ୍ତି ମନରେ ଦୁଃଖ ଦେବ। ଅଫିସିଆଲି କାର୍ଯ୍ୟବ୍ୟସ୍ତତା କାରଣରୁ କୌଣସି କଥା ଠିକ୍ ରହିବ ନାହିଁ। ପରିସ୍ଥିତିର ତାଡ଼ନାରେ ନିଜର ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତାପ କରିପାରନ୍ତି।

**କନ୍ୟା** ଏକାଦଶସ୍ଥ ଚନ୍ଦ୍ର ହେତୁ ଆଜି ଆପଣ ଯେମିତି ଚାହିଁବେ ସେମିତି ପାଇବେ, କିଛି ଅସୁବିଧା ହେବନି। ମନ ବୁଝିଲା ଭଳି କଥା କହି କର୍ମଚାରୀଟିର ଭୁଲ୍ ବୁଝାମଣାକୁ ସୁଧାରିନେବାରେ ସମର୍ଥ ହେବେ। ପ୍ରକାଶନ,ପ୍ରଶାସନ,ଆନୁଷ୍ଠାନିକ କାମ, ସାମ୍ବାଦିକତା ତଥା ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହୋଇପାରେ।

**ତୁଳା** କର୍ମ ସ୍ଥାନରେ ଚନ୍ଦ୍ରଙ୍କ ସ୍ଥିତି କାରଣରୁ ଉଚ୍ଚବର୍ଗଙ୍କ ସହାୟତା ଲାଭକରି କାର୍ଯ୍ୟ ହାସଲ କରିବେ। ମାତ୍ର ପାରିବାରିକ କ୍ଷେତ୍ରରେ ଏମିତି କେତେକ ପରିସ୍ଥିତିର ସମ୍ମୁଖୀନ ହେବେ, ଯାହାକି ଆପଣଙ୍କୁ ଧର୍ମସଂକଟରେ ପକାଇପାରେ। ଅନ୍ୟର ପ୍ରରୋଚନାରେ ପ୍ରଭାବିତ ହୋଇ ଭୁଲ୍ କାମରୁ ଦୂରେଇରହିବା ଭଲ ହେବ।

**ବିଛା** ପୂର୍ବାବସ୍ଥାର ପରିବର୍ତ୍ତନ ଲକ୍ଷ୍ୟକରି କେତେକ କ୍ଷେତ୍ରରେ ଆଶାବାଦୀ ହେବେ। ତଥାପି ପ୍ରତ୍ୟେକ କ୍ଷେତ୍ରରେ ବୁଝି ବିଚାରି ପଦକ୍ଷେପ ନ ନେଲେ ପରିସ୍ଥିତି ବିଗିଡ଼ିଯାଇପାରେ। ଶିଳ୍ପ, ବାଣିଜ୍ୟ, ପରିବହନ, ସଭାସମିତି, ଆନୁଷ୍ଠାନିକ କାମ ପାଇଁ ଦିନଟି ଭଲ। ଆଜି ଆପଣ ଯେତେ ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି।

**ଧନୁ** ଅଷ୍ଟମସ୍ଥ ଚନ୍ଦ୍ର ହେଲେ ମଧ୍ୟ ଅର୍ଥ ସମ୍ପର୍କିତ କଥାବାର୍ତ୍ତାରେ କୌଣସି ବାଧା ଉପୁଜିବ ନାହିଁ। କର୍ମକ୍ଷେତ୍ରରେ ପରସ୍ପର ଦୋଷାରୋପକରି ଅଯଥା ବିବାଦୀୟ ପରିସ୍ଥିତି ସୃଷ୍ଟି କରିପାରନ୍ତି। ସ୍ୱାର୍ଥସାଧନ ଲକ୍ଷ୍ୟରେ ପଡ଼ୋଶୀମାନେ ଆପଣଙ୍କର ଭୂରି ଭୂରି ପ୍ରଶଂସା କରିବେ। ପରିବାରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିବ।

**ମକର** ଶୁଭଚନ୍ଦ୍ର ପ୍ରଭାବରେ ବୁଝାମଣା ମାଧ୍ୟମରେ ସମସ୍ୟାଗୁଡ଼ିକର ସରଳ ସମାଧାନ ପାଇଁ ଚେଷ୍ଟାକଲେ ଉପକୃତ ହେବେ। ଅଫିସରେ କଥା କଟାକଟି ହେତୁ ସୁସମ୍ପର୍କ ବ୍ୟାହତ ହୋଇପାରେ। କର୍ମକ୍ଷେତ୍ରର ଅଶାନ୍ତ ମନ ଆଜି ଘରୋଇ କ୍ଷେତ୍ରରେ ସମସ୍ୟା ସୃଷ୍ଟିକରିବ। ଦୀର୍ଘଦିନରୁ ସାଇତି ରଖିଥିବା ଅର୍ଥ ଭିନ୍ନ ବାଟରେ ଖର୍ଚ୍ଚ ହୋଇଯାଇପାରେ।

**କୁମ୍ଭ** ସ୍ୱଗୃହାଭିମୁଖୀ ଶନି ହେତୁ ସ୍ୱାସ୍ଥ୍ୟ ସମସ୍ୟା ଧୀରେ ଧୀରେ ସୁଧୁରିବାରେ ଲାଗିବ। ଯାହାଠାରୁ ଋଣ ଆଣିଥିବେ ସେ ଆଜି ହଠାତ୍ ଆସି ବିଭିନ୍ନ ପ୍ରକାର କଟୂକ୍ତି ପ୍ରକାଶ କରିପାରନ୍ତି। ସମସ୍ୟା ଆସିଲେ ମଧ୍ୟ ଆପଣ ପଡ଼ୋଶୀଙ୍କ ସହାୟତାରେ ସମାଧାନ କରିପାରିବେ। ନିଜ ପରିସରରେ ଆପଣାର ଲୋକମାନେ ମିଥ୍ୟା ଅଭିଯୋଗ ଆଣିପାରନ୍ତି।

**ମୀନ** ବନ୍ଧୁବର୍ଗଙ୍କ ପରାମର୍ଶ ଓ ସହଯୋଗମୂଳକ ଆଲୋଚନା ମାଧ୍ୟମରେ ପରିବାରରୁ ଭୁଲ୍ ବୁଝାମଣା ଦୂରେଇଯିବ। ତଥାପି ଅଫିସରେ ପ୍ରଶାସନିକ ସ୍ତରରେ ସାଧାରଣ କଥାକୁ କେନ୍ଦ୍ରକରି ଅଯଥା ବାକ୍‌ବିତଣ୍ଡା ସୃଷ୍ଟି ହୋଇପାରେ। ଜମିଜମା, ନିର୍ମାଣ ପ୍ରଭୃତି ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। କଳା, ସାହିତ୍ୟ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟାଗୁଡ଼ିକର ସମାଧାନ ହୋଇଯିବ।

ଆଜି ଚୈତ୍ର ଶୁକ୍ଳ ଦିବା ଘ୧୧।୨୨ମି. ପର୍ଯ୍ୟନ୍ତ ଅଷ୍ଟମୀଯୁକ୍ତ ଶ୍ରୀରାମ ନବମୀ ଶନିବାର, ବାସନ୍ତିକ ଶ୍ରୀଦୁର୍ଗାଦେବ୍ୟାଃ ନବମୀ ପୂଜା, ଏପ୍ରିଲ ୧୩ ତାରିଖ, ରାଶି ନକ୍ଷତ୍ର- ଦିବା ଘ୯।୧୭ମି. ପରେ ପୁଷ୍ୟା/କର୍କଟ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ସକାଳ ଘ୭।୦୫ମି. ଗତେ ଘ୮।୩୮ମି. ମଧ୍ୟେ, ଘ୧।୨୭ମି. ଗତେ ଘ୨।୫୯ମି. ମଧ୍ୟେ ଅମୃତବେଳା। ଦିବା ଘ୫।୦୫ମି. ଗତେ ଘ୮।୩୮ମି. ମଧ୍ୟେ, ଘ୧।୨୬ମି. ଗତେ ଘ୨।୫୯ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୩।୧୫ମି. ଗତେ ଘ୪।୩୮ମି. ମଧ୍ୟେ ରାହୁକାଳ।

# classifieds

## real estate

### SALE

Bhubaneswar GITA College ଠାରେ 1200 sqft. 4,50,000/-ରେ demarcated plot ମିଳୁଅଛି। 9937823228. D-66306

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 50' ଦୂରରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଅଛି। 8338932027. D- 66333

Bhubaneswar AIIMS front Govt. road କୁଲାଗି gharabari yellow zone plot ବିକ୍ରିହେବ: 8480745797. D-66308

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ କିଛି ଦୂରତାରେ plot 1200କୁ 1,32,000/-, BEC College ଠାରେ 1200କୁ 3,00,000/- (outright). 9776934361, 8144706560. D-66317

ସୁନ୍ଦରପଦା Xavier University ପଛପଟେ ବେଣାବିଲ ମୌଜାରେ sqft.- 275/-ରେ investment ଉପଯୋଗୀ ସ୍ଥିତିବାନ ପ୍ଲଟ ମିଳୁଅଛି। Immediate possession and registration. 8249292535. D-66305

Bhubaneswar Infocity-II boundary କୁ ଲାଗି sqft.-600/-ରେ ପାଚେରି ସହ plot ବିକ୍ରିହେବ। 8658962508, 8480864171. D-66336

30 ଫୁଟ ରାସ୍ତା ଥାଇ ଭୁବନେଶ୍ୱର ଯାଆଁଳାଠାରେ ହରିଜନ ଘରବାରି ପ୍ଲଟ ବିକ୍ରିହେବ। Contact: 9668243484, 9437504683. D-66075

ଫୁଲନଖରାରେ ନିର୍ମିତ ବୃହତ୍ତମ ମାର୍କେଟ୍ **(Grand Bazar) NH-5**ରୁ ଅଳ୍ପ ଦୂରତାରେ ଘରବାରି ବାସୋପଯୋଗି **plot** କିଣନ୍ତୁ। **7749090720.** D-66327

Residential plot at Ghatikiya, Sankarpur, Bhubaneswar 2000 sqft. (15nos) electric, Govt. Supply water, 30' road available: 7381564227, 8114744495. D- 66428

ଭୁବନେଶ୍ୱର KEC, ଗୁଡ଼ିଆ ପୋଖରୀଠାରେ 30'road Boundary wall, electry, gharabari, temple, sqft. 650/-ରେ ଦିଆଯାଉ ଅଛି। 7008045582, 9692003948. D-12088

1600 sqft. Gharabari plot with Boundary 30'road Electricity- 11,52,000/- near infovalley Batabhuasuni Temple. 9438400633. D-66338

ଘରବାରି plot sale ନଖରା ବ୍ରାହ୍ମଣଝରିଲୋ ପିଚୁରୋଡ଼ sideରେ 3000 sqft. 16,50,000/- 9437306208. D-66337

Tomando market ପାଖରେ Janla NH-5, ପାଖରେ ଘରବାରି plot ନେଇ ଘର କରନ୍ତୁ। 9438859527. D-66325

River Bank gharabari farmhouse plot 6050 sqft. at Balianta, 7.5k.m. from Rasulgarh square. Mob: 9437277532. D- 12047

ନଖରା ତ୍ରିନାଥ ବଜାର ଠାରେ SC ଘରବାରି ପ୍ଲଟ 1200କୁ 3,80,000/- ପ୍ରତାପ ନଗରୀ ଧାନ୍ଦୁଲେଇ ପି଼ଠ ଠାରେ 1200କୁ 3,00,000/- (outright). 9776934361, 8144706560. D-66318

2400 sft. GA plot at SUM Hospital, Bharatpur, Bhubaneswar. Contact Deepak- 9937329999 (brokers excuse). D-66214

Plot sale Patia sqft.- 1,090/-, Sundarpada- 300/-, Pitapalli- 620/-. 7377735755. D-12111

Book 2BHK, 3BHK flat at GGP colony, Rasulgarh near Palasuni Canal road. 9439716901. (Broker not allowed). D-66082

Gharabari demarcated plot for sale near Sum Hospital, Nuagaon. 100 feet road Bhubaneswar Malipada mouza @1600/- sqft. Contact: 9777063609. D-66342

Booking 2BHK simplex 1200 sqft. 12,80,000/, 5km. from BJEM-II, monthly installment 10,000/- for 3 years. 7735738102. D-12107

Yellowzone gharabari plots BDA area near Badagada canal road. 7735738102. D-12108

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-12128

4BHK duplex with gated community at Balianta (land-1400 construction-2200 @ 55 lakh, and 2600 @ 65 lakh). Contact: Mplanets: 9938219397, 9861022055. D-12048

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32 lakhs. Contact: 9937059891, 9348253463, 8908292617.** D-12127

30' road, electricity, boundary ଥାଇ BDA plot Bhubaneswar Patapalli chhakରେ ମିଳୁଅଛି। 9090963952. D-66343

Bhubaneswar Patia ଅଞ୍ଚଳରେ ସ୍ଥିତିବାନ ଘରବାରି ପ୍ଲଟ electric ସୁବିଧା ଥାଇ boundary ସହ କିଣନ୍ତୁ। Ph: 8249693292, 9439489460. D-12109

ଭୁବନେଶ୍ୱର Patrapada HDFC Bank ରୁ 500 mtr କଲୋନୀରେ plot କିଣନ୍ତୁ। 9348767829. D-66341

Double storied residential building (30'x66') Mukunda Mishra Nagar at Puri for sale. Rs.70 lakhs. Contact: 7978936187, 9437470042. D-63942

2000 sqft. gharabari plot near ITR College for sale. 8093815690. D-64956

Gharabari plot at Balianta, Bhingarpur infront Sudhananda Engineering College and Duplex/ Simplex at Atala near Hanspal square: 9438419823, 9861086655. D-66429

## construction

Construct your dream home with US. Construction planning with vastu approvals, design, execution. Contact: 9437013529, 7008638913, Email: usconstruction19@gmail.com D-66081

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech: 9040008777.** D-12129

## healthcare

Fully refreshed/ relaxed body massage by expert therapist, Shastri Nagar. 7377984773. D-66060

Rejuvenate and Ayurvedic full body massage by smart therapist. 9114402304. D-66059

Sampark ayurvedic massage club fully relaxed by smart lady, home service available. 8280102993. D-65873

Summer special mesmerizing offer expert therapeutic refreshing massage appointment. 9668374480. D-66080

Herbal full body massage with refreshment by well trained therapist. 7381239385, 0674-2540855. D-66076

Experience full body massage with us by experts. Enquiry- 0674-2597822, 7377048581. D-66077

Ayurvedic full body massage ladies/ gents smart experts therapist. 9114697517. D-65876

Herbal full body massage by smart/expert therapist. Contact: 8338067247. D-66078

Ayurvedic full body massage ladies/ gents experts therapist. 8338097451. D-65877

Newly opening ayurvedic body massage smart therapist Shree herbal. 7750020754. D-66079

Newly open body massage by ladies/ gents Samantrapur, BBSR. 7749975576. D-65875

Now Matrimonial ads. only on Wednesday & Sunday
Book 1 Get 1 FREE

## education

Film making, Acting courses at best Schools of Mumbai. Career at Bollywood. 7978231072. D-66427

## AFFIDAVIT

By virtue of an affidavit before Executive Magistrate, Bhubaneswar on Dt.11.04.2019, I, Mamata Manjari Jena state that Gouri Prava Jena, Gauri Jena, Gouri Nayak, Gouri Jena and Gouri Kumari Nayak is one and same person. Henceforth, she will be known as the above mentioned names for all purpose. And also she has expired on 27.02.2019 at AIIMS, Bhubaneswar. D-56169

## Birthday Wish



**Anita Rout**
**Dist- Jajpur**

Cos today is your day. It is an oppertunity for you to know that you are special and special things are for you. Today I wish you all the best. Happy birth day. D-12113

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ପ୍ରଥମ ଜନ୍ମବାର୍ଷିକୀ



**ଅର୍ଚ୍ଚିତା ଜେନା (ବୁବୁଲି)**
ବାଲିଚନ୍ଦ୍ରପୁର, ଡେରିକି, ନାଉଗାଁ, ଜଗତ୍‌ସିଂହପୁର
ଆଜି ତୋର ପ୍ରଥମ ଜନ୍ମବାର୍ଷିକରେ ମା' ମଙ୍ଗଳା ତୋର ଚଲାପଥକୁ କୁସୁମିତ କରନ୍ତୁ। ଶୁଭେଚ୍ଛା ସହ: ଜେଜେ, ଜେଜେମା, ବଡବାପା, ବଡମା, ବାପା, ମା, ପିଉସା, ପିଉସୀ, ଦାଦା, ଭାଇ ଓ ଭଉଣୀ ତଥା ବନ୍ଧୁ ପରିବାରବର୍ଗ। ଧ-୧୨୦୩୨

## ଷଷ୍ଠ ଜନ୍ମଦିନ ଶୁଭେଚ୍ଛା



**Hrithika Sarangi (Purvi)**
ପାତ୍ରପଡ଼ା, ଭୁବନେଶ୍ୱର
ଆଜି ଷଷ୍ଠ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥ ଓ ଶିରିଡ଼ି ସାଇଙ୍କ ନିକଟରେ ପ୍ରାର୍ଥନା କରୁଛି ସେ ତୋତେ ଦୀର୍ଘାୟୁ କରନ୍ତୁ ଓ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ। ଶୁଭେଚ୍ଛା ସହ: ବାପା, ମାଆ, ଅଜା, ଆଈ, ପାପା, ମାମା, ପିଉସା, ପିଉସୀ, ମଉସା, ମାଉସୀ, ଗୁଡୁକାକା, ଆଣ୍ଟି, ଦିଶାନାନୀ, ଲାଡ଼ୁଲି ଓ ପରିବାରବର୍ଗ। ଧ-୫୮୦୭୨

## ପଞ୍ଚମ ଜନ୍ମଦିନ ଶୁଭେଚ୍ଛା



**ସାଇରାମ୍**
ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ହେବା ସହିତ ତୋର ଚଲାପଥ କୁସୁମିତ ହେଉ। ପ୍ରଭୁ ଶ୍ରୀ ଶ୍ରୀ ଅନନ୍ତ ଗୋପାଳଙ୍କ ନିକଟରେ ଏତିକି ପ୍ରାର୍ଥନା। ଶୁଭେଚ୍ଛା ସହ: ଜେଜେବାପା, ଜେଜେମା,ବାବା, ମାମା, ଠାକୁମା, କାଳିଆ ଜେଜେ, ଡ଼ଲିଜେଜେମା, ବର୍ଣ୍ଣି ଦାଦା, ଅଜା, ଆଈ, ଦେବ ମାମୁଁ, ଜିତୁ ମାମୁଁ ଓ କୁଲବୁଲ ମାଇଁ। ଧ-୧୨୦୬୯

## ଜନ୍ମଦିନ ଶୁଭେଚ୍ଛା




**ଶ୍ରୀରାମ ମିଶ୍ର (ସାଇ)**
ସନ୍ତୋଷୀ ବିହାର, ଲକ୍ଷ୍ମୀସାଗର, ଫେଜ୍-୨
ଶୁଭ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଭଲରେ ରଖନ୍ତୁ।
ଶୁଭେଚ୍ଛା ସହ
ଅଜା, ଆଈ, ମାମୁଁ, ମାଉସୀ, କକୁ, ଖୁଡ଼ୀ, ଜେଜେବାପା, ଜେଜେମା ସହ ପରିବାରବା। ଧ-୫୨୮୯୪

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

## ୪୦ ଡିଗ୍ରୀ ଉପରେ ୯ ସହର

ରାଜ୍ୟରେ ଝଡ଼ବର୍ଷା ଓ ତାତି ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ରାଜ୍ୟର ୯ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ଉପରକୁ ଉଠିଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଅନୁଗୋଳରେ ସର୍ବୋଚ୍ଚ ତାପମାତ୍ରା ୪୨.୧ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡ଼ା ୪୦.୬, ତାଳଚେର ୪୨.୧, ଭବାନୀପାଟଣା ୪୧, ବଲାଙ୍ଗୀର ୪୨.୨, ଟିଟିଲାଗଡ଼ ୪୧.୫, ମାଲକାନଗିରି ୪୧.୨, ସୋନପୁର ୪୦, ସମ୍ବଲପୁର ୪୦.୨, କଟକ ୩୮.୫, ଭୁବନେଶ୍ୱର ୩୯.୭, ସୁନ୍ଦରଗଡ଼ ୩୯ ଏବଂ ହୀରାକୁଦରେ ସର୍ବୋଚ୍ଚ ତାପମାତ୍ରା ୩୯.୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।




### ମତଦାନରେ ଅଧିକ ମହିଳା ଭୋଟର




# ଇସ୍ପାତ କାରଖାନାର ସ୍ୱପ୍ନ ଦେଖାଇଲେ ଶାହ

**କେନ୍ଦୁଝର, ୧୨।୪(ସ୍ୱ.ପ୍ର./ଡି.ଏନ.ଏ.)**

**କେନ୍ଦୁଝରରେ ଅମିତ ଶାହ**
- ଜିଲାରେ ମେଡିକାଲ କଲେଜ ସ୍ଥାପନ କରାଯିବ
- ଛାଡ଼ ହେବ କେନ୍ଦୁପତ୍ରରେ ଜିଏସ୍‌ଟି
- ବନଜାତ ଦ୍ରବ୍ୟ ସର୍ବନିମ୍ନ ସହାୟକ ମୂଲ୍ୟରେ କିଣାଯିବ

ଭାଜପା କ୍ଷମତାକୁ ଆସିଲେ ଏଠାରେ ଇସ୍ପାତ କାରଖାନା ପ୍ରତିଷ୍ଠା ସହ ମେଡିକାଲ କଲେଜ ସ୍ଥାପନ ହେବ। କେନ୍ଦୁପତ୍ରରୁ ଜିଏସ୍‌ଟି ସମ୍ପୂର୍ଣ୍ଣ ଛାଡ଼ ଓ ବନଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ସ୍ଥିର କରାଯିବ। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଶୁକ୍ରବାର କେନ୍ଦୁଝର ଗସ୍ତରେ ଆସି ମେଡିକାଲ କଲେଜ ପଡ଼ିଆରେ ଅନୁଷ୍ଠିତ ବିଜୟ ସଂକଳ୍ପ ସଭାରେ ଜିଲାବାସୀଙ୍କୁ ଏଭଳି ସ୍ୱପ୍ନ ଦେଖାଇଛନ୍ତି। ଜିଲାର ଦେବୀଦେବତା ଓ ପୁଲଓ୍ୱାମାରେ ଶହୀଦ ହୋଇଥିବା ଦୁଇ ଜଣ ଓଡ଼ିଆଙ୍କୁ ସମ୍ମାନ ଜଣାଇଥିଲେ। ବିପ୍ଳବୀ ଧରଣୀଧର ନାଏକଙ୍କୁ ସ୍ମରଣ କରି ଜଳପୁରୁଷ ଦୈତାରୀ ନାଏକଙ୍କୁ ମନେପକାଇ ସେ ନିଜର ଅଭିଭାଷଣ ଆରମ୍ଭ କରିଥିଲେ। ଭାଷଣ ଆରମ୍ଭରୁ ବିଜେଡି ସରକାରକୁ ଟାର୍ଗେଟ କରିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ସବୁଥିରେ ନବୀନ ପଟ୍ଟନାୟକ ସରକାର ବିଫଳ ହୋଇଛନ୍ତି। ଖଣି ଓ ଚିଟ୍‌ଫଣ୍ଡ ଦୁର୍ନୀତିରେ ଏହି ସରକାର ଭାଗୀଦାର ବୋଲି କହିଛନ୍ତି। କଂଗ୍ରେସ ଓ ବିଜେଡି ଦେଶ ଓ ରାଜ୍ୟର ଦାରିଦ୍ର୍ୟ ଦୂର କରିବାରେ ଅସଫଳ ହୋଇଛନ୍ତି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ୧୯ ବର୍ଷ ଧରି ଶାସନ କରିବା ସତ୍ତ୍ୱେ ଏଯାବତ ସେ ଭଲ ଭାବେ ଓଡ଼ିଆ ଭାଷା ଜାଣି ନ ଥିବା ନେଇ ନବୀନ ପଟ୍ଟନାୟକଙ୍କୁ ସମାଲୋଚନା କରିଥିଲେ। ଜିଲା ଖଣିଜ ପାଣ୍ଠି (ଡିଏମ୍‌ଏଫ୍) ମୋଦିଙ୍କ ଅବଦାନ ବୋଲି କହିଥିଲେ। ମୋଦି ସରକାର ରେଳପଥ, ଜାତୀୟ ରାଜପଥ ଆଦିର ବିକାଶ ନେଇ କାର୍ଯ୍ୟ କରୁଥିବା କହିଥିଲେ। ବେରୋଜଗାରୀ, ପାନୀୟଜଳ ସମସ୍ୟା ବିଷୟରେ କହି ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ଥରେ ନବୀନଙ୍କୁ କ୍ଷମତାରୁ ହଟାଇବା ପରେ ବାହାରକୁ କାମ କରିବାକୁ ଯିବାକୁ ପଡ଼ିବ ନାହିଁ। ୫ ବର୍ଷରେ ଓଡ଼ିଶା ନଂ-୧ ହେବ ବୋଲି ଶାହ କହିଛନ୍ତି।

ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଲୋକ ସଭା ପ୍ରାର୍ଥୀ ଅନନ୍ତ ନାୟକ, ଚମ୍ପୁଆ ବିଧାୟକ ପ୍ରାର୍ଥୀ ମୁରଲୀ ମନୋହର ଶର୍ମା, କେନ୍ଦୁଝର ବିଧାୟକ ପ୍ରାର୍ଥୀ ମୋହନ ମାଝି, ତେଲକୋଇ ପ୍ରାର୍ଥୀ ଧନୁର୍ଜୟ ସିଦ୍ଧୁ, ପାଟଣା ପ୍ରାର୍ଥୀ ଭବାନୀ ନାୟକ, ଘଷିପୁରା ପ୍ରାର୍ଥୀ ପୃଥ୍ୱୀରାଜ କୁଅଁର, କରଞ୍ଜିଆ ବିଧାନସଭା ପ୍ରାର୍ଥୀ ପଦ୍ମଚରଣ ହାଇବୁରୁ, ଜିଲା ସଭାପତି ରାଧାକାନ୍ତ ମହାନ୍ତ, ଦିଲୀପ ମିଶ୍ର, ଅମରବର ଖଟୁଆ ପ୍ରମୁଖ ଯୋଗ ଦେଇଥିଲେ। ଫିର୍ ଏକ ବାର୍ ମୋଦି ସରକାର, ରାଜ୍ୟ ସରକାର ବଦଳିବା ଦରକାର ବୋଲି ସ୍ଲୋଗାନ ଦିଆଯାଇଥିଲା। ଅପାର ସମ୍ପଦ ଥାଇ କେନ୍ଦୁଝର ଜିଲା ଅବହେଳିତ ରହିଛି ବୋଲି ନେତାମାନେ ସଭାରେ ପ୍ରକାଶ କରିଥିଲେ।



ସଭାରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ ସହ ଦଳୀୟ ନେତୃବୃନ୍ଦ।

### ଗଞ୍ଜାମ ଜିଲାରେ ମୁଖ୍ୟମନ୍ତ୍ରୀଙ୍କ ମାରାଥନ ରୋଡ ଶୋ

# 'ଚକ୍ରାନ୍ତ କରି କାଳିଆ ଯୋଜନା ଟଙ୍କା ବନ୍ଦ କରାଯାଇଛି'

**ପାଟପୁର/ଶେରଗଡ/ହିଞ୍ଜିଳିକାଟୁ/ଆସିକା, ୧୨।୪(ଡି.ଏନ.ଏ.)**

କୌଣସି ଯୋଗ୍ୟ ହିତାଧିକାରୀ କାଳିଆ ଯୋଜନାରୁ ବଞ୍ଚିତ ହେବେନାହିଁ। ୨୧ଲକ୍ଷ ହିତାଧିକାରୀଙ୍କ ଟଙ୍କା ଚକ୍ରାନ୍ତ କରି ବନ୍ଦ କରାଯାଇଛି । ଜିତିବା ପରେ ଏହାର ସମାଧାନ କରିବି। ଫାଇଲିନ, ହୁଡ୍‌ହୁଡ୍ ଭଳି ବିପତ୍ତି ବେଳେ କୌଣସି କେନ୍ଦ୍ରୀୟ ନେତା ଆସି ନ ଥିଲେ। ବିପଦ ଆପଦରେ ସର୍ବଦା ତୁମମାନଙ୍କ ସହିତ ଅଛି ଏବଂ ରହିବି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ନିଜ ଜିଲା ଗଞ୍ଜାମରେ ନିର୍ବାଚନୀ ପ୍ରଚାର ବେଳେ ଏଭଳି ପ୍ରତିଶ୍ରୁତି ଦେଇଛନ୍ତି।

ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀ ସାନଖେମୁଣ୍ଡି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପାଟପୁର ହେଲିପ୍ୟାଡ଼ରେ ଓହ୍ଲାଇଥିଲେ। ଗାନ୍ଧୀ ଛକଠାରୁ ହାଇଟେକ୍ ବସରେ ଆସି ରାଧାଦେଈପୁର, ଏରେଣ୍ଡା, ଖଲିଙ୍ଗି, ଆଡ଼ପଡ଼ା, କଙ୍କୋରଡ଼ା, କଡ଼ଡିଆଁ, ଡେ଼ଙ୍ଗଡ଼ି, ରାମଚନ୍ଦ୍ରପୁର ପଞ୍ଚାୟତରେ ରୋଡ ଶୋ କରିଥିଲେ। ଏଠାରେ ଏମ୍‌ପି ପ୍ରାର୍ଥିନୀ ପ୍ରମିଳା ବିଷୋୟୀ, ବିଧାୟିକା ପ୍ରାର୍ଥିନୀ ନନ୍ଦିନୀ ଦେବୀଙ୍କ ନିମନ୍ତେ ଭୋଟ ନିବେଦନ କରିଥିଲେ। ପରେ ମୁଖ୍ୟମନ୍ତ୍ରୀ ଯାଇ ନିଜେ ଲଢୁଥିବା ହିଞ୍ଜିଳି ନିର୍ବାଚନ ମଣ୍ଡଳୀରେ ରୋଡ଼ ଶୋ କରିଥିଲେ।



ହିଞ୍ଜିଳିକାଟୁରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରୋଡ୍ ଶୋ'ରେ ଉଦ୍‌ବୋଧନ ଦେଉଛନ୍ତି।

ପୂର୍ବାହ୍ନ ସାଢ଼େ ୧୧ଟାରେ ଶେରଗଡ଼ରେ ପହଞ୍ଚିବା ପରେ ବାଇକ୍ ରାଲିରେ ଚାରିଛକ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ହନୁମାନ ମନ୍ଦିର ସମ୍ମୁଖରେ ଆୟୋଜିତ ମହିଳା ସମାବେଶରେ ଯୋଗ ଦେଇଥିଲେ। ପରେ ମୁଖ୍ୟମନ୍ତ୍ରୀ ବାରସିଙ୍ଗି, କୁମାରପାଣି, କରଡାକଣା, ବରମୁଣ୍ଡଳୀ, ବାଦଗଡ, ପଦ୍ମପୁର, ଡାକରଡା, ଧବଳପୁର, ଧନନ୍ତର, ଗୋବିନ୍ଦପୁର ପଥରପୁଞ୍ଜି, ଗୋଠଗାଁ, ଠୁରୁବୁରାଇ, କୁରୁଳା ଓ ଅଲାରିଗଡ ପଞ୍ଚାୟତରେ ପ୍ରଚାର କରିଥିଲେ। ସେଠାରୁ ହିଞ୍ଜିଳିକାଟୁ ଯାଇ ବ୍ଲକର ବିଭିନ୍ନ ପଞ୍ଚାୟତରେ ରୋଡ଼ ଶୋ କରିଥିଲେ। ବିଜୁ ପଟ୍ଟନାୟକ ଛକ ସମେତ ଅନ୍ୟାନ୍ୟ ସ୍ଥାନରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ବସ ଉପରୁ ଜନସାଧାରଣଙ୍କୁ ସମ୍ବୋଧିତ କରିଥିଲେ। ଏମପି ପ୍ରାର୍ଥିନୀ ପ୍ରମିଳା ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ବସ ଆଗେ ଆଗେ ଏକ ଖୋଲା ଗାଡ଼ିରେ ଯାଇ ଭୋଟଭିକ୍ଷା କରିଥିଲେ।

ଜିଲା ବିଜେଡି ସଭାପତି ପ୍ରଦୀପ କୁମାର ପାଣିଗ୍ରାହୀ, ଶରତ ଚନ୍ଦ୍ର ମହାପାତ୍ର, ଶରତ ଚନ୍ଦ୍ର ପାତ୍ର, ପ୍ରମୋଦ କୁମାର ପାତ୍ର, ପ୍ରମୋଦ କୁମାର ସାହୁ, ସାରସ ସ୍ୱାଇଁଙ୍କ ସମେତ ବହୁ ନେତା ଓ କର୍ମୀ ଏଥିରେ ଯୋଗ ଦେଇଥିଲେ । ହିଞ୍ଜିଳିରେ ପ୍ରଚାର ସାରି ମୁଖ୍ୟମନ୍ତ୍ରୀ ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀରେ ରୋଡ ଶୋ କରି ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ। ଚେରମାରିଆ, ଖଡଭାଗ, ନଳବଣ୍ଟା ଦେଇ କାଳଷଣ୍ଢପୁର ଛକରେ ରୋଡ ଶୋ ସରିଥିଲା। ଚେରମାରିଆ ଓ କାଳଷଣ୍ଢପୁର ଛକରେ ମୁଖ୍ୟମନ୍ତ୍ରୀ କହିଥିଲେ, ରାଜ୍ୟର ସାଢ଼େ ୪ କୋଟି ଓଡିଆ ମୋ ପରିବାର । ମୁଁ ସବୁବେଳେ ଆପଣଙ୍କ ପାଖରେ ଅଛି। ଆପଣମାନେ ମୋତେ ଆଶୀର୍ବାଦ କରନ୍ତୁ। ଶଙ୍ଖ ଚିହ୍ନରେ ଭୋଟ ଦେଇ ଏମପି ପ୍ରାର୍ଥିନୀ ପ୍ରମିଳା ଓ ବିଧାନସଭା ପ୍ରାର୍ଥିନୀ ମଞ୍ଜୁଳା ସ୍ୱାଇଁଙ୍କୁ ବିଜୟୀ କରିବାକୁ ନିବେଦନ କରିଥିଲେ। ସେଠାରୁ କାଳଷଣ୍ଢପୁର ଛକ ପର୍ଯ୍ୟନ୍ତ ରୋଡ ଶୋ'ରେ ଯାଇ ଉଦବୋଧନ ଦେଇଥିଲେ।

# 'ଖଣି ଦୁର୍ନୀତି ଟଙ୍କାରେ ଭୋଟ କିଣିବାକୁ ବିଜେଡିର ଯୋଜନା'

**ବଲାଙ୍ଗୀର ଅଫିସ/ଟିଟିଲାଗଡ଼/କଣ୍ଟାବାଞ୍ଜି/ଉଲୁଣ୍ଡା, ୧୨।୪(ଡି.ଏନ୍.ଏ.)**

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ବଲାଙ୍ଗୀର ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବଲାଙ୍ଗୀର, ଟିଟିଲାଗଡ଼, କଣ୍ଟାବାଞ୍ଜି ଓ ସୁବର୍ଣ୍ଣପୁର ଜିଲା ଉଲୁଣ୍ଡାରେ ନିର୍ବାଚନ ପ୍ରଚାର କରିଛନ୍ତି । ଏହି ପ୍ରଚାର ବେଳେ ସେ ନବୀନ ପଟ୍ଟନାୟକଙ୍କ ବିଜେଡି ସରକାର ଓ ରାହୁଲ ଗାନ୍ଧୀଙ୍କ ନେତୃତ୍ୱାଧୀନ କଂଗ୍ରେସ ଦଳକୁ କଡା ସମାଲୋଚନା କରିଛନ୍ତି । ଓଡିଶାର ଦ୍ରୁତ ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟରେ ଭାଜପାର ଡବଲ ଇଞ୍ଜିନ୍ ସରକାର ଗଢ଼ିବାକୁ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି ।




ବଲାଙ୍ଗୀର କୋଶଳ କଳାମଣ୍ଡଳ ପଡିଆରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ବୋଧନ ଦେଉଛନ୍ତି।

ବଲାଙ୍ଗୀର କୋଶଳ କଳାମଣ୍ଡଳ ପଡ଼ିଆରେ ଆୟୋଜିତ ସଭାରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଲେ, ଗୋଟିଏ ପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଗତିଶୀଳ ଓ ପାକିସ୍ତାନକୁ ଉଚିତ୍ ଜବାବ୍ ଦେବା ଭଳି ସରକାର ଚାଲିଛି । ଅନ୍ୟପଟେ ମହାମେଣ୍ଟ ରହିଛି। ଯେଉଁମାନେ ପାକିସ୍ତାନକୁ ଉଚିତ୍ ଜବାବ ଦେଲେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ପ୍ରଶ୍ନ କରୁଛନ୍ତି। ହେଲେ ସଚ୍ଚୋଟ, ସ୍ୱାଭିମାନୀ ଓ ନିଷ୍ଠାବାନ୍ ମୋଦି ସରକାରକୁ ପୁଣି ଥରେ ଦେଶର ଶାସନ ଭାର ଅର୍ପଣ କରିବା ପାଇଁ ଦେଶର ଜନସାଧାରଣ ସ୍ଥିର କରିସାରିଛନ୍ତି। ଖଣି, ଚିଟ୍‌ଫଣ୍ଡ ଦୁର୍ନୀତି ଓ ବ୍ଲକ୍ ଅଫିସର ପିସିରେ ନବୀନ ପଟ୍ଟନାୟକଙ୍କ ସରକାର ଚାଲିଛି । ରାଜ୍ୟରେ ବଳତ୍କାର ବଢି ଚାଲିଥିବାବେଳେ ନବୀନ ବାବୁ ରାଜ୍ୟର ମହିଳାମାନଙ୍କୁ ସଶକ୍ତିକରଣ କଥା କହିବା କେତେ ଯଥାର୍ଥ ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି । ଚିଟଫଣ୍ଡ ଓ ଖଣିଦୁର୍ନୀତି ଟଙ୍କାରେ ଭୋଟ କିଣିବା ପାଇଁ ଏବେ ବିଜେଡି ଲାଗିଛି ବୋଲି ସେ କହିଥିଲେ । ବଲାଙ୍ଗୀରରେ ୩୦୦ କୋଟି ଟଙ୍କାରେ ବଟଲିଂ ପ୍ଲାଣ୍ଟ, ବଲାଙ୍ଗୀର ବିଚ୍ଛୁପାଲି ରେଲୱେ ଭଳି ପ୍ରକଳ୍ପ କଥା ଉଲ୍ଲେଖ ଧର୍ମେନ୍ଦ୍ର ଲୋକ ସଭା ପ୍ରାର୍ଥୀ ସଙ୍ଗୀତା କୁମାରୀ ସିଂଦେଓ ଓ ବଲାଙ୍ଗୀର ବିଧାନସଭା ପ୍ରାର୍ଥୀ ଅନନ୍ତ ଦାଶଙ୍କୁ ଭୋଟ୍ ଦେବାକୁ ଅନୁରୋଧ କରିଥିଲେ । ସେହିପରି କଣ୍ଟାବାଞ୍ଜି ବଙ୍ଗୋମୁଣ୍ଡା ରାଜ୍ୟ ରାଜପଥ ପାର୍ଶ୍ୱସ୍ଥ କୁଦୋଭଟା ଗ୍ରାମ ନିକଟରେ ଆୟୋଜିତ ସଭାରେ ଧର୍ମେନ୍ଦ୍ର କାଳିଆ ଯୋଜନା ଉପରେ ବର୍ଷିଥିଲେ । ଏହି ଯୋଜନାରେ ଚାଷୀଙ୍କୁ ବିଜେଡି ସରକାର ଭୁଆଁ ବୁଲାଇଛନ୍ତି ବୋଲି କହିଥିଲେ । ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ନିର୍ବାଚନମଣ୍ଡଳୀର ଉଲୁଣ୍ଡା କଲେଜ ପଡିଆରେ ଜିଲା ସଭାପତି ବିଜୟ ମହାକୁରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ କେନ୍ଦ୍ରର ଆୟୁଷ୍ମାନ ଓ କିଷାନ ନିଧି ଯୋଜନା କଥା ଉଠାଇଥିଲେ । ନବୀନ ସରକାର ଓଡିଶା ବାସୀଙ୍କୁ ଏଥିରୁ ବଞ୍ଚିତ କରିଛନ୍ତି ବୋଲି ଅଭିଯୋଗ କରିଥିଲେ। ଉପରୋକ୍ତ ସଭାରେ ଦଳୀୟ ପ୍ରାର୍ଥୀ ଓ କର୍ମକର୍ତ୍ତାମାନେ ଉଦ୍‌ବୋଧନ ଦେଇ ଭୋଟ ଭିକ୍ଷା କରିଥିଲେ ।

**ବଲାଙ୍ଗୀରରେ ଭାଜପାର ବିଜୟ ସଂକଳ୍ପ ସମାବେଶ**
- ଟିଟିଲାଗଡ଼ରେ ରୋଡ୍ ଶୋ
- କଣ୍ଟାବାଞ୍ଜିରେ ନିର୍ବାଚନୀ ସଭା

# ପ୍ରାଥମିକ ବିଦ୍ୟାଳୟ ପରିସରରେ ହେବ ଅଙ୍ଗନୱାଡ଼ି କେନ୍ଦ୍ର

**ରାଜ୍ୟ ସରକାରଙ୍କୁ କେନ୍ଦ୍ରର ଚିଠି**

**ଭୁବନେଶ୍ୱର, ୧୨।୪(ବ୍ୟୁରୋ):** ପ୍ରାଥମିକ ବିଦ୍ୟାଳୟ ପରିସରରେ ଅଙ୍ଗନୱାଡ଼ି କେନ୍ଦ୍ର ପ୍ରତିଷ୍ଠା ହେବ। ଏପରି ହେଲେ ଛୋଟ ଛୋଟ ପିଲାମାନେ ସହଜରେ ବିଦ୍ୟାଳୟକୁ ଆସି ପ୍ରାଥମିକ ଶିକ୍ଷା ପାଇପାରିବେ। ତେଣୁ ଏହାକୁ ଆଖି ଆଗରେ ରଖି କେନ୍ଦ୍ର ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି। କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ସଚିବ ରାକେଶ ଶ୍ରୀବାସ୍ତବ ଏହି ମର୍ମରେ ରାଜ୍ୟ ସରକାରଙ୍କୁ ପତ୍ର ଲେଖିଛନ୍ତି। କେନ୍ଦ୍ରୀୟ ସଚିବ ଶ୍ରୀବାସ୍ତବ କହିଛନ୍ତି, କେନ୍ଦ୍ର ସରକାର ଓଡ଼ିଶା ସହ ଅନ୍ୟାନ୍ୟ ରାଜ୍ୟର ୧୪ଲକ୍ଷ ଅଙ୍ଗନୱାଡ଼ି କେନ୍ଦ୍ର ପାଇଁ ମଞ୍ଜୁର କରିଛନ୍ତି। ସେଥିମଧ୍ୟରେ ୧୩ଲକ୍ଷ ୫୩ହଜାର ଅଙ୍ଗନୱାଡ଼ି କେନ୍ଦ୍ର ଆଜି ସୁଦ୍ଧା କାର୍ଯ୍ୟକ୍ଷମ ଅଛି। ଏହି କେନ୍ଦ୍ରଗୁଡ଼ିକ ସମନ୍ୱିତ ଶିଶୁ ବିକାଶ ଯୋଜନା(ଆଇସିଡିଏସ୍) ଦ୍ୱାରା ପରିଚାଳିତ ହେଉଛି, ଯାହା ବିଶ୍ୱରେ ସବୁଠାରୁ ବଡ଼ ଶିଶୁ ଯତ୍ନକାରୀ ଯୋଜନା। ଏହି ଯୋଜନାରେ ଶିଶୁଙ୍କ ସେବା ସହିତ ପୁଷ୍ଟିକର ଖାଦ୍ୟ ଯୋଗାଣ, ସ୍ୱାସ୍ଥ୍ୟସେବା, ପ୍ରାଥମିକ ସ୍ତରରେ ଅଣଆନୁଷ୍ଠାନିକ ଶିକ୍ଷା ଯୋଗାଇ ଦିଆଯାଉଛି। ଏଭଳି ସ୍ଥିତିରେ ସାର୍ବଜନୀନ ନାମଲେଖା ପ୍ରକ୍ରିୟାକୁ ଅଧିକ କ୍ରିୟାଶୀଳ କରିବା ଲାଗି କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଏବଂ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ହାତ ମିଳାଇଛନ୍ତି। ତଦନୁଯାୟୀ କେନ୍ଦ୍ର ସରକାରଙ୍କ ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ମନ୍ତ୍ରଣାଳୟ ପକ୍ଷରୁ ଏଥିପାଇଁ ଯୋଜନା ପ୍ରସ୍ତୁତ ହେଉଛି। ବର୍ତ୍ତମାନ ବହୁ ସଂଖ୍ୟାରେ ଅଙ୍ଗନୱାଡ଼ି କେନ୍ଦ୍ର ଭଡ଼ା ଘରେ ଓ ପ୍ରାଥମିକ ବିଦ୍ୟାଳୟଠାରୁ ବହୁ ଦୂରରେ ଚାଲୁଛି। ତେଣୁ ଅଙ୍ଗନୱାଡ଼ି କେନ୍ଦ୍ର ଓ ପ୍ରାଥମିକ ବିଦ୍ୟାଳୟ ମଧ୍ୟରେ ସମନ୍ୱୟ ରହିପାରୁନାହିଁ। ସେଥିପାଇଁ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକ ଯେଭଳି ପ୍ରାଥମିକ ବିଦ୍ୟାଳୟ ପରିସରରେ ରହିବ, ସେ ନେଇ ଯୋଜନା ପ୍ରସ୍ତୁତ ଲାଗି ରାଜ୍ୟ ସରକାରଙ୍କୁ କୁହାଯାଇଛି। ବିଦ୍ୟାଳୟ ପରିସରରେ ଅଙ୍ଗନୱାଡ଼ି କେନ୍ଦ୍ର ରହିଲେ, ତାହା ପିଲାମାନଙ୍କୁ ବିଦ୍ୟାଳୟରେ ଭର୍ତ୍ତି ଲାଗି ପ୍ରସ୍ତୁତ କରିବା ସହିତ ଆଇସିଡିଏସ୍ ଓ ସର୍ବଶିକ୍ଷା ଅଭିଯାନ ଭଳି ଫ୍ଲାଗଶିପ୍ ଯୋଜନା କାର୍ଯ୍ୟକାରିତାରେ ସହାୟକ ହେବ।

ସୂଚନାଯୋଗ୍ୟ, ରାଜ୍ୟରେ ବର୍ତ୍ତମାନ ୭୨,୫୮୭ଟି ଅଙ୍ଗନୱାଡ଼ି କେନ୍ଦ୍ର କାର୍ଯ୍ୟ କରୁଛି। ସେଥିମଧ୍ୟରେ ୩୪,୬୫୧ଟିର ନିଜସ୍ୱ ଭିତ୍ତିଭୂମି ନାହିଁ। କେତେକ କେନ୍ଦ୍ର ଭଡ଼ା ଘରେ ଏବଂ ଅଙ୍ଗନୱାଡ଼ି କର୍ମୀଙ୍କ ଘରେ ଚାଲୁଛି। ଗଞ୍ଜାମ ଜିଲାରେ ଥିବା ସର୍ବାଧିକ ୨୯୬୪ ଅଙ୍ଗନୱାଡ଼ି କେନ୍ଦ୍ରର ନିଜସ୍ୱ ଭିତ୍ତିଭୂମି ନ ଥିବାବେଳେ ବାଲେଶ୍ୱରରେ ୨୮୫୪, କଟକରେ ୨୩୨୫, ଭଦ୍ରକରେ ୧୬୦୬ ଓ ବରଗଡ଼ରେ ଏହି ସଂଖ୍ୟା ୧୫୮୬ ରହିଛି। ୧୩,୫୬୬ ଅଙ୍ଗନୱାଡ଼ି କେନ୍ଦ୍ରର କୋଠା ନିର୍ମାଣାଧୀନ ଅବସ୍ଥାରେ ଥିବାବେଳେ ରାଜ୍ୟ ସରକାର ୧୨,୧୫୬ଟି କେନ୍ଦ୍ର ପାଇଁ ଅର୍ଥ ମଞ୍ଜୁର କରିଛନ୍ତି। କେନ୍ଦ୍ର ସରକାର ପ୍ରାଥମିକ ବିଦ୍ୟାଳୟ ପରିସରରେ ଅଙ୍ଗନୱାଡ଼ି କେନ୍ଦ୍ର ସ୍ଥାପନ ପାଇଁ କହିବା ପରେ ରାଜ୍ୟ ସରକାର ଏ ଦିଗରେ କାର୍ଯ୍ୟ ଆରମ୍ଭ କରିଛନ୍ତି। କାର୍ଯ୍ୟ ଶେଷ ହେବା ପରେ ରାଜ୍ୟ ସରକାର ଏ ସଂକ୍ରାନ୍ତୀୟ ରିପୋର୍ଟ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟକୁ ପଠାଇବେ ବୋଲି ଜଣାପଡ଼ିଛି।



ଧରିତ୍ରୀ DHARITRI
ଶନିବାର, ୧୩ ଏପ୍ରିଲ, ୨୦୧୯

ଭଗବାନ ସର୍ବଦା ଆମର ପ୍ରାର୍ଥନା ଶୁଣନ୍ତି ଏବଂ ସର୍ବଦା ସବୁ ପ୍ରାର୍ଥନାର ଉତ୍ତର ଦିଅନ୍ତି। କିନ୍ତୁ ତାଙ୍କର ଉତ୍ତର ଶୁଣିବା ପାଇଁ ଓ ବୁଝିବା ପାଇଁ ତୁମ ପକ୍ଷରେ କେତେକ ସର୍ତ୍ତ ପୂରଣ କରିବା ଉଚିତ।
-ଶ୍ରୀମା



# ଅଦ୍ଭୁତ ଧର୍ମସଂକଟ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ପୂର୍ବତନ ଆଇପିଏସ୍ ଅଫିସର ମୟଙ୍କ ଜୈନ ଉଭୟ ମଧ୍ୟପ୍ରଦେଶ ସରକାର ଓ କେନ୍ଦ୍ର ସରକାରଙ୍କୁ ଏକ ଅଦ୍ଭୁତ ପ୍ରକାର ଧର୍ମସଂକଟରେ ପକାଇଦେଇଛନ୍ତି। ପାଞ୍ଚବର୍ଷ ତଳେ ମଧ୍ୟପ୍ରଦେଶ ଲୋକାୟୁକ୍ତଙ୍କ ସ୍ୱତନ୍ତ୍ର ପୋଲିସ ପ୍ରତିଷ୍ଠାନର ଅଧିକାରୀମାନେ ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତାଙ୍କ ଘର ଉପରେ ଚଢ଼ାଉ କରିବା ପରେ ତାଙ୍କୁ ନିଲମ୍ବନ କରାଯାଇଥିଲା। କିନ୍ତୁ ଏବେ ଏହି ଘଟଣାର ପାଞ୍ଚବର୍ଷ ପରେ ଉକ୍ତ ଦୁର୍ନୀତି ନିରୋଧୀ ସଂସ୍ଥା ଯଥେଷ୍ଟ ପ୍ରମାଣ ଅଭାବରୁ ମାମଲାଟିକୁ ବନ୍ଦ କରିଦେଇଛନ୍ତି। ତେବେ ଉକ୍ତ ଲୋକାୟୁକ୍ତ ମାମଲାର ଶେଷ ନିଷ୍ପତ୍ତି ପର୍ଯ୍ୟନ୍ତ ଅପେକ୍ଷା ନ କରି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ୧୯୯୫ ବ୍ୟାଚ୍‌ର ଅଫିସର ଜଣଙ୍କୁ ଗତ ଅଗଷ୍ଟ ମାସରେ ବାଧ୍ୟତାମୂଳକ ଅବସର ଦେଇଦେଇଥିଲେ। ବର୍ତ୍ତମାନ ଲୋକାୟୁକ୍ତଙ୍କ ରିପୋର୍ଟ କର୍ତ୍ତୃପକ୍ଷଙ୍କୁ ଅଡୁଆରେ ପକାଇଦେଇଛି। କାରଣ ତାଙ୍କ ବିରୋଧରେ କରାଯାଇଥିବା ଅଭିଯୋଗ ପ୍ରମାଣିତ ହୋଇପାରି ନ ଥିବାରୁ ନିୟମାନୁଯାୟୀ ତାଙ୍କୁ ପୂର୍ବ ପଦରେ ପୁଣି ଅବସ୍ଥାପିତ କରିବାକୁ ପଡ଼ିବ। ଏଣେ ବାବୁ ଜଣଙ୍କୁ ବାଧ୍ୟତାମୂଳକ ଭାବେ ଅବସର ଦିଆଯାଇଥିବାରୁ ସେ ଆଉ ପୋଲିସ ସେବାକୁ ଫେରିବାକୁ ଚାହୁଁନାହାନ୍ତି। ଯାହା ଜଣାପଡ଼ିଛି, ଶିକ୍ଷାଗତ ଯୋଗ୍ୟତା ଅନୁସାରେ ବାବୁ ଜଣକ ଜଣେ ଅର୍ଥୋପେଡିକ୍ ସର୍ଜନ ଏବଂ ସେ ଆଇପିଏସ୍ ଚାକିରିକୁ ଏକ ବନ୍ଦ ଅଧ୍ୟାୟ ଭାବେ ଧରିନେଇଛନ୍ତି।

### ଗନ୍ତବ୍ୟସ୍ଥଳ ଚାଇନା

କଳା ଟଙ୍କା, ବାଣିଜ୍ୟ-ଭିତ୍ତିକ ମନି ଲଣ୍ଡରିଂ (କଳାଧନକୁ ଧଳା କରିବା) ଏବଂ ଅନ୍ୟାନ୍ୟ ଆର୍ଥିକ ଜାଲିଆତିର ଅନେକ ଘଟଣା ନଜରକୁ ଆସିଥିବାରୁ ଏହାକୁ ରୋକିବା ପାଇଁ ଭାରତ ସରକାର ଚାଇନାରେ ଦୁଇଜଣ କଷ୍ଟମ୍ସ ଇଣ୍ଟେଲିଜେନ୍ସ ଅଫିସରଙ୍କୁ ନିଯୁକ୍ତି ଦେବାକୁ ଯାଉଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ, ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ବେଜିଂସ୍ଥିତ ଭାରତୀୟ ଦୂତାବାସରେ ଏବଂ ଗୁଆଙ୍ଗ୍‌ଝୁସ୍ଥିତ ଭାରତୀୟ ବାଣିଜ୍ୟ ଦୂତାବାସରେ ଦୁଇଟି କଷ୍ଟମ୍ସ ଇଣ୍ଟେଲିଜେନ୍ସ ନେଟ୍‌ୱର୍କ (ସିଓଆଇଏନ୍ ବା କଏନ୍) ପଦବୀ ପାଇଁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଚାଇନାରୁ ଆରମ୍ଭ ହେଉଥିବା ବାଣିଜ୍ୟଭିତ୍ତିକ ମନି ଲଣ୍ଡରିଂ ଓ ଅନ୍ୟାନ୍ୟ ଆର୍ଥିକ ଜାଲିଆତି କାରବାରକୁ ରୋକିବା ପାଇଁ ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ (ଡିଆର୍‌ଆଇ) ଏହି ପଦକ୍ଷେପ ଗ୍ରହଣ କରିଛି। କଏନ୍ ଅଫିସରମାନେ ବାଣିଜ୍ୟ-ଭିତ୍ତିକ ଜାଲିଆତି କାରବାରକୁ ରୋକିବା ପାଇଁ ବିଦେଶରେ ନିଜର ନିଯୁକ୍ତି ସ୍ଥାନରୁ ଗୋଇନ୍ଦା ତଥ୍ୟ ପଠାଇଥାନ୍ତି, ଯାହା ଭାରତୀୟ ଗୋଇନ୍ଦା ସଂସ୍ଥା ବିଶେଷତଃ ଡିଆର୍‌ଆଇକୁ ତଦନ୍ତରେ ସାହାଯ୍ୟ କରିଥାଏ। ଅତୀତରେ କଷ୍ଟମ୍ସ ଅଧିକାରୀମାନେ ଭାରତ ଓ ଚାଇନା ଭିତରେ ହେଉଥିବା କେତେକ ଚୋରା କାରବାରର ସନ୍ଧାନ ପାଇଥିଲେ। ଏହିପରି କାରବାରକୁ ରୋକିବା ପାଇଁ କଏନ୍ ଅଧିକାରୀମାନେ ନେପାଳ, ସିଙ୍ଗାପୁର, ବ୍ରସେଲ୍ସ, ଆମେରିକା ଓ ଇଂଲଣ୍ଡ ସମେତ ଅନେକ ଦେଶରେ ନିଯୁକ୍ତି ପାଇଛନ୍ତି। ବହିର୍ବ୍ୟାପାର ମନ୍ତ୍ରଣାଳୟର ସହମତିରେ ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କ୍ୟାବିନେଟ୍ ଚୟନ କମିଟିର ଅନୁମୋଦନରେ ଏହି ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ଉକ୍ତ ଚୟନ କମିଟିରେ କମିଟିର ଅଧ୍ୟକ୍ଷଙ୍କ ସମେତ ସିବିଆଇସିର ଦୁଇଜଣ ସଦସ୍ୟ ଏବଂ ଡିଆର୍‌ଆଇର ମହାନିର୍ଦ୍ଦେଶକ ଅଛନ୍ତି। ସେମାନେ ପ୍ରାର୍ଥୀମାନଙ୍କର ସାକ୍ଷାତ୍‌କାର ନେଇସାରିବା ପରେ ସିବିଆଇସି ପ୍ରତ୍ୟେକ ପଦ ପାଇଁ ଅର୍ଥ ମନ୍ତ୍ରଣାଳୟକୁ ତିନିଜଣଙ୍କ ନାମ ସୁପାରିସ କରିବ। ତା'ପରେ ଏହାକୁ ବହିର୍ବ୍ୟାପାର ମନ୍ତ୍ରଣାଳୟକୁ ପଠାଯିବ। ଶେଷରେ ସମସ୍ତଙ୍କ ସହମତିରେ ଅନ୍ତିମ ଚିଠା କ୍ୟାବିନେଟ୍ ନିଯୁକ୍ତି କମିଟିକୁ ଅନୁମୋଦନ ପାଇଁ ପଠାଯିବ।

### କିଂକର୍ତ୍ତବ୍ୟବିମୂଢ଼ ସିବିଆଇ

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) କିଂକର୍ତ୍ତବ୍ୟବିମୂଢ଼ ହୋଇପଡ଼ିଛି। ଏହା ବିଶାଖାପାଟଣାସ୍ଥିତ ନାଭାଲ ଡକ୍‌ୟାର୍ଡର କେତେଜଣ ଅଧିକାରୀଙ୍କ ବିରୋଧରେ ଏକ ଲାଞ୍ଚ ମାମଲାର ତଦନ୍ତ ଦାୟିତ୍ୱ ଗ୍ରହଣ କରିଥିଲା। କିନ୍ତୁ ଏହା ଆଉ ଆଗକୁ ଯାଇପାରି ନ ଥିଲା କିମ୍ବା ଅଭିଯୁକ୍ତମାନଙ୍କୁ ଗିରଫ କରିପାରି ନ ଥିଲା କାରଣ ଆନ୍ଧ୍ରପ୍ରଦେଶ ସରକାର ତାଙ୍କ ରାଜ୍ୟ ଭିତରେ ପଶି ତଦନ୍ତ କରିବାକୁ ସିବିଆଇକୁ ଦେଇଥିବା ସମ୍ମତି ପ୍ରତ୍ୟାହାର କରିନେଇଥିଲା। ଗତବର୍ଷ ଏନ୍‌ଡିଏ ସରକାରରୁ ଓହରିଯିବା ପରେ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଅଭିଯୋଗ କରିଆସୁଛନ୍ତି ଯେ, କେନ୍ଦ୍ର ସରକାର ରାଜନୈତିକ ବିରୋଧୀମାନଙ୍କୁ ଟାର୍ଗେଟ୍ କରିବା ପାଇଁ ସିବିଆଇ ପରି ସଂସ୍ଥାଗୁଡ଼ିକୁ ହାତବାରିସି କରୁଛନ୍ତି।

Email: dilipcherian@gmail.com

# ଜାଲିଆନାୱାଲାବାଗ୍‌ର ଶହେ ବର୍ଷ



ଭାଲଚନ୍ଦ୍ର ଷଡ଼ଙ୍ଗୀ

ଆଜିକୁ ଶହେ ବର୍ଷ ତଳେ, ଏପ୍ରିଲ ୧୩ ତାରିଖରେ ବ୍ରିଟିଶ ଉପନିବେଶବାଦୀ ଶାସକଙ୍କ ହାତରେ ପଞ୍ଜାବରେ ଭୟଙ୍କର ରକ୍ତକ୍ଷୟ ହୋଇଥିଲା। ଅମୃତସରର ଜାଲିଆନାୱାଲାବାଗ୍ ପାର୍କଠାରେ ଶାନ୍ତିପୂର୍ଣ୍ଣ ଭାବେ ସମବେତ ହୋଇଥିବା ଲୋକଙ୍କ ଉପରେ ବ୍ରିଟିଶ ସେନା ତରଫରୁ ଜେନେରାଲ ରେଜିନାଲ୍ଡ ଡାୟାରଙ୍କ ନେତୃତ୍ୱରେ ଅତ୍ୟନ୍ତ ଅତର୍କିତ ଭାବେ ଗୁଳିଚାଳନା କରି ଶହ ଶହ ନିରସ୍ତ୍ର ଓ ନିରୀହ ଲୋକଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଯଦିଓ ବ୍ରିଟିଶ ସରକାରଙ୍କ ପକ୍ଷରୁ ଆନୁଷ୍ଠାନିକ ଭାବେ ସେଦିନ ୩୭୯ ଜଣଙ୍କ ମୃତ୍ୟୁ ଏବଂ ୧୨୦୦ ଜଣ ଆହତ ହେବା କଥା ସ୍ୱୀକାର କରାଯାଇଥିଲା କିନ୍ତୁ ଘରୋଇ ଭାବେ ଏହି ସଂଖ୍ୟା ଯଥେଷ୍ଟ ଅଧିକ ଥିଲା। ଭାରତ ଇତିହାସରେ ଏହା ଏକ ଅଭୂତପୂର୍ବ ନରସଂହାର ଥିଲା, ଯେଉଁଥିରେ ବ୍ରିଟିଶ ଶାସକମାନେ ପାଶବିକତାର ସମସ୍ତ ସୀମା ପାର୍ କରିଥିଲେ। ଖୋଦ ସେଦିନର ନରସଂହାରର ନେତୃତ୍ୱ ନେଉଥିବା ଡାୟାରଙ୍କ ବୟାନ ଅନୁସାରେ ହତ୍ୟାକାରୀ ସେନାଙ୍କ ବନ୍ଧୁକର ସମସ୍ତ ଗୁଳି ଖତମ୍ ହୋଇଯାଇଥିଲା।

ସେତେବେଳେ ବ୍ରିଟିଶ ସରକାର ରାଓଲଟ୍ ଅଧିନିୟମ ନାମରେ ଏକ କଳା ଆଇନ ତିଆରି କରିବାକୁ ଯାଉଥିଲେ। ଏହି ଅଧିନିୟମ ଜରିଆରେ ସରକାର ନିଜ ବିରୋଧରେ ଯେକୌଣସି ପ୍ରକାର ପ୍ରତିବାଦକୁ ଅପରାଧ ଘୋଷଣା କରିବା ସହିତ ସମସ୍ତ ନାଗରିକ ଅଧିକାରକୁ ସମାପ୍ତ କରି ଦେବାକୁ ଉଦ୍ୟମ କରିଥିଲେ। ନା ଦଲିଲ ନା ଓକିଲ ନା ଅପିଲ କୌଣସି ପ୍ରକାର ସୁରକ୍ଷା କିମ୍ବା ଅଧିକାର ଏଥିରେ ନ ଥିଲା। ଏଭଳି ଏକ ଜନବିରୋଧୀ କଳା ଅଧିନିୟମକୁ ବିରୋଧ କରି ପଞ୍ଜାବ ସମେତ ସାରା ଦେଶରେ ଜୋରଦାର ପ୍ରତିବାଦ ହୋଇଥିଲା। ପଞ୍ଜାବରେ ଏହାର ପ୍ରତିବାଦରେ ହେଉଥିବା ଆନ୍ଦୋଳନ ଅତ୍ୟନ୍ତ ଲଢୁଆ ମୋଡ଼ ନେଇଥିଲା। ଆନ୍ଦୋଳନକୁ ଦବାଇବା ଉଦ୍ଦେଶ୍ୟରେ ବ୍ରିଟିଶ ପୋଲିସ ଦୁଇଜଣ ସ୍ଥାନୀୟ ନେତା ଡ. ସଇଫୁଦ୍ଦିନ ପିଚଲୁ ଓ ଡ. ସତ୍ୟପାଲଙ୍କୁ ବେଆଇନ ଭାବେ ଗିରଫ କରିନେବା ସହ ଦେଢ଼ ଶହ ମାଇଲ ଦୂରରେ ଥିବା ହିମାଚଳ ପ୍ରଦେଶର ଧର୍ମଶାଳାରେ ଅଟକ ରଖିଥିଲେ। ଉପରୋକ୍ତ ଦୁଇଜଣ ଜନପ୍ରିୟ ନେତାଙ୍କ ଗିରଫ ପ୍ରତିବାଦରେ ସେଦିନ ଅନ୍ୟ ସଂଗ୍ରାମୀମାନେ ଜାଲିଆନାୱାଲାବାଗ୍‌ରେ ସମବେତ ହୋଇ ଏକ ସଭାର ଆୟୋଜନ କରିଥିଲେ। କିନ୍ତୁ ପାର୍କରେ ଉପସ୍ଥିତ ପ୍ରାୟ କୋଡ଼ିଏ ହଜାର ଲୋକଙ୍କ ମଧ୍ୟରେ ସମସ୍ତେ ସତ୍ୟାଗ୍ରହୀ ନ ଥିଲେ। ଅଳ୍ପ କିଛି ଜଣଙ୍କୁ ଛାଡ଼ିଦେଲେ ଅଧିକାଂଶ ସାଧାରଣ ଲୋକ ଥିଲେ। ସେଦିନ ଶିଖ୍‌ମାନଙ୍କ ଏକ ବଡ଼ ପର୍ବ ବୈଶାଖୀ ଅବସରରେ ସେମାନେ ନିଜ ପରିବାର ସହ ପାର୍କକୁ ବୁଲିବାକୁ ଆସିଥିଲେ। ତେବେ ପାର୍କଟି ଚାରିପଟୁ ସୁଉଚ୍ଚ ପ୍ରାସାଦଗୁଡ଼ିକ ଦ୍ୱାରା ଘେରି ହୋଇଥିବା ବେଳେ ତା' ଭିତରକୁ ଯିବା ଆସିବା ପାଇଁ କେବଳ ଗୋଟିଏ ଅଣଓସାରିଆ ରାସ୍ତା ଥିଲା। ତେଣୁ ଅତର୍କିତଭାବେ ଗୁଳିମାଡ଼ ଫଳରେ ଯେଉଁ ଦଳାଚକଟା ହୋଇଥିଲା ସେଥିରେ ବି ଅନେକ ଲୋକ ମୃତାହତ ହୋଇଥିବା ବେଳେ ପ୍ରାଣବିକଳରେ ଅନେକ ଲୋକ ତା'ଭିତରେ ଥିବା ଏକ କୂଅ ଭିତରକୁ ଡେଇଁପଡ଼ି ଜୀବନ ହରାଇଥିଲେ।

ସେଦିନ ବ୍ରିଟିଶ ସେନାର ଏହି ନରସଂହାରକୁ ନେଇ ଐତିହାସିକମାନଙ୍କ ମଧ୍ୟରେ ଭିନ୍ନ ଭିନ୍ନ ମତ ରହିଛି। କିନ୍ତୁ ଏହି ନରସଂହାରର ଅନୁସନ୍ଧାନ କରୁଥିବା ହଣ୍ଟର କମିଶନ ଆଗରେ ନିଜର ବୟାନ ଦେଇ ଜେନେରାଲ ଡାୟାର ଯାହା କହିଥିଲେ ତାହା ହିଁ ବ୍ରିଟିଶ ଶାସକମାନଙ୍କ ନୃଶଂସତା ତଥା ପ୍ରକୃତ ଉଦ୍ଦେଶ୍ୟକୁ ଉଜାଗର କରିବାକୁ ଯଥେଷ୍ଟ ଥିଲା। ଖୋଦ ଡାୟାର ନିଜର ବୟାନରେ କହିଥିଲେ ଯେ, ବ୍ରିଟିଶ ସରକାର ବିରୋଧରେ ବିଦ୍ରୋହ କରିବାକୁ ଚେଷ୍ଟା କରୁଥିବା ଦୁଷ୍ଟ ଭାରତୀୟମାନଙ୍କୁ ଶିକ୍ଷା ଦେବାକୁ, ସେମାନଙ୍କୁ ଶୃଙ୍ଖଳିତ କରିବାକୁ ତଥା ସେମାନଙ୍କ ମନୋବଳ ଭାଙ୍ଗିଦେବାକୁ ମୁଁ ଜାଣିଶୁଣି ସବୁ ଗୁଳି ସରିବା ପର୍ଯ୍ୟନ୍ତ ଗୁଳି ଚଳାଇବାକୁ ନିର୍ଦ୍ଦେଶ ଦେଇଥିଲି। ତାଙ୍କର ଏହି ବୟାନ ନିଜସ୍ୱ ସ୍ୱତନ୍ତ୍ର ନ ଥିଲା ବରଂ ବ୍ରିଟିଶ ସାମ୍ରାଜ୍ୟବାଦୀ ଶାସକମାନଙ୍କ ବିଚାରକୁ ପ୍ରତିଫଳିତ କରୁଥିଲା। ସେଥିପାଇଁ ଏହି ନରସଂହାର ପାଇଁ ଦୋଷ ସ୍ୱୀକାର କରି ଭାରତବାସୀଙ୍କ ଆଗରେ କ୍ଷମା ମାଗିବାକୁ ବାରମ୍ବାର ଦାବି ସତ୍ତ୍ୱେ ଆଜିଯାଏ ବ୍ରିଟିଶ ସରକାର ତାକୁ କର୍ଣ୍ଣପାତ କରି ନାହାନ୍ତି। ନରସଂହାରର ଶହେ ବର୍ଷ ପରିପ୍ରେକ୍ଷୀରେ ଚାରିଆଡୁ ଦାବି ଏପରିକି ଦଳମତ ନିର୍ବିଶେଷରେ ଅନେକ ବ୍ରିଟିଶ ସାଂସଦଙ୍କ ଦାବି ପରେ ନିକଟରେ ବ୍ରିଟିଶ ପ୍ରଧାନମନ୍ତ୍ରୀ ତେରେସା ମେ ନିଜର ବକ୍ତବ୍ୟ ଜାରି କରି କେବଳ ଦୁଃଖ ପ୍ରକାଶ କରିଛନ୍ତି।

ଜାଲିଆନାୱାଲାବାଗ୍‌ର ନରସଂହାର ପ୍ରଥମ ବିଶ୍ୱଯୁଦ୍ଧ ପରେ ପରେ ଘଟିଥିଲା। ଏହି ଯୁଦ୍ଧରେ ବିଶ୍ୱର ସବୁଠାରୁ ବଡ଼ ସାମ୍ରାଜ୍ୟବାଦୀ ଶକ୍ତିଭାବେ ଆମେରିକା ମୁଣ୍ଡ ଟେକିବା ସହିତ ବ୍ରିଟିଶ ସାମ୍ରାଜ୍ୟବାଦୀମାନେ ଅଭୂତପୂର୍ବ କ୍ଷତିର ଶିକାର ହୋଇଥିଲେ। ଯୁଦ୍ଧରେ ବ୍ୟାପକ ଭାବେ ମୃତାହତ ହୋଇଥିବା ବ୍ରିଟିଶ ସେନାର ଅଧିକାଂଶ ପଞ୍ଜାବୀ ଥିଲେ ଏବଂ ସେମାନଙ୍କର ପରିବାରବର୍ଗ ତଥା ସାଧାରଣ ପଞ୍ଜାବୀଙ୍କ ମଧ୍ୟରେ ସରକାରର ଯୁଦ୍ଧନୀତି ପ୍ରତି ଭୟଙ୍କର ଆକ୍ରୋଶ ଥିଲା। ଦେଶର ସ୍ୱାଧୀନତା ସଂଗ୍ରାମରେ ରହିଥିବା ଆପୋସକାମୀ ଓ ଆପୋସହୀନ ଧାରା ମଧ୍ୟରୁ ପଞ୍ଜାବରେ ଆପୋସହୀନ ଧାରାର ପ୍ରଭାବ ଅଧିକ ଥିଲା। ଦେଶ ବାହାରେ ରହୁଥିବା ପଞ୍ଜାବୀମାନେ ଅର୍ଥ ଓ ଅସ୍ତ୍ରଶସ୍ତ୍ର ଏକାଠି କରି ବ୍ରିଟିଶମାନଙ୍କ ବିରୋଧରେ ସଶସ୍ତ୍ର ବିଦ୍ରୋହ କରିବାକୁ ପ୍ରସିଦ୍ଧ ଗଦ୍ଦର ଆନ୍ଦୋଳନ କରିଥିଲେ। ଅତଏବ ରାଓଲଟ୍ ଅଧିନିୟମ ବିରୋଧୀ ପ୍ରତିବାଦ ପରିପ୍ରେକ୍ଷୀରେ ଏକ ସଶସ୍ତ୍ର ବିଦ୍ରୋହର ଭୟରେ ଭୟଭୀତ ବ୍ରିଟିଶ ଶାସକମାନେ ଏଭଳି ଏକ ନରସଂହାର କରି ସେମାନଙ୍କ ଶାସନକୁ ସୁରକ୍ଷିତ ରଖିବାକୁ ଚାହୁଁଥିଲେ। ତେବେ ଜାଲିଆନାୱାଲାବାଗ୍ ନରସଂହାରର ପ୍ରଭାବ ପରବର୍ତ୍ତୀ ଅବସ୍ଥାରେ ଭାରତର ସ୍ୱାଧୀନତା ସଂଗ୍ରାମରେ ପଡ଼ିଥିଲା। ଏହାର ପ୍ରଭାବରେ ଭଗତ୍ ସିଂଙ୍କ ପରି ସଶସ୍ତ୍ର ବିପ୍ଳବୀମାନେ ଭାରତର ସ୍ୱାଧୀନତା ସଂଗ୍ରାମରେ ସାମିଲ ହେବାକୁ ଅନୁପ୍ରାଣିତ ହୋଇଥିଲେ।

ଆଜି ଏହି ନରସଂହାରର ଶହେ ବର୍ଷ ଅବସରରେ ବ୍ରିଟିଶ ସାମ୍ରାଜ୍ୟବାଦୀଙ୍କ ଶୋଷଣ ତଥା ଦମନ ଏବଂ ତାକୁ ସମାପ୍ତ କରିବାକୁ ଉଦ୍ୟମ କରିଥିବା ବିପ୍ଳବୀମାନଙ୍କୁ ମନେ ପକାଇବାର ଆବଶ୍ୟକତା ରହିଛି। ଏକ ସାମ୍ରାଜ୍ୟବାଦୀ ଶାସକ ଭାବେ ଆମ ଦେଶକୁ ଲୁଟ୍ କରିବାକୁ, ଦେଶର ଜନସାଧାରଣଙ୍କୁ ଦମନ ଓ ଅତ୍ୟାଚାର କରିବାକୁ ସେମାନେ ଯେଉଁସବୁ କଳା ଆଇନ ଓ ବ୍ୟବସ୍ଥା କରିଥିଲେ ତାହା ଆଜି ବି ଆମ ଦେଶରେ ଅବ୍ୟାହତ ରହିଛି। ଦେଶର ପ୍ରାକୃତିକ ସମ୍ପଦ, ଶ୍ରମଶକ୍ତି ଏବଂ ବଜାରକୁ ଲୁଟିବାର ସାମ୍ରାଜ୍ୟବାଦୀ ନୀତି ଅନୁରୂପ ବହୁରାଷ୍ଟ୍ରୀୟ ପୁଞ୍ଜିକୁ ଦୁଆର ମେଲା କରାଯାଉଥିବା ବେଳେ ତାକୁ ବିରୋଧ କରୁଥିବା ଜନଗଣଙ୍କୁ ଅତ୍ୟାଚାର ଓ ଦମନର ଶିକାର ହେବାକୁ ପଡୁଛି। ନିଜକୁ ଗଣତାନ୍ତ୍ରିକ ବୋଲି ଦାବି କରୁଥିବା ଶାସକମାନେ ଆଜି ବି କଳିଙ୍ଗନଗର ବା ଟୁଟିକୋରିନ୍ ପରି ସାଧାରଣ ଜନତାଙ୍କୁ ସଂହାର କରିବାକୁ ପଛାଉ ନାହାନ୍ତି।

ମୋ-୯୪୩୭୧୬୬୩୯୧,
bhalachandra.odisha@gmail.com

# ବିଷୁବ ସଂକ୍ରାନ୍ତିର ବିଶେଷତ୍ୱ



ସବ୍ୟସାଚୀ ଅମିତାଭ

ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ଗତି ଅନୁସାରେ ମାସ ଓ ବର୍ଷ ଗଣନା କରାଯାଇଥାଏ। ଜ୍ୟୋତିଷଶାସ୍ତ୍ର ଅନୁସାରେ ବର୍ଷରେ ଦୁଇଟି ବିଷୁବ ସଂକ୍ରାନ୍ତି ଓ ଦୁଇଟି ଅୟନ ସଂକ୍ରାନ୍ତି ଆସିଥାଏ। ଜାନୁୟାରୀ ମଧ୍ୟଭାଗରେ ସୂର୍ଯ୍ୟ ମକର ରାଶିକୁ ଚଳିଲେ ତାକୁ ଉତ୍ତରାୟଣ ସଂକ୍ରାନ୍ତି ଏବଂ ତା'ର ଛଅମାସ ପରେ ଜୁଲାଇ ମଧ୍ୟଭାଗରେ କର୍କଟ ରାଶିକୁ ଚଳିଲେ ତାକୁ ଦକ୍ଷିଣାୟନ ସଂକ୍ରାନ୍ତି କହନ୍ତି। ସେହିପରି ରବି ଏପ୍ରିଲ ମଧ୍ୟଭାଗରେ ମେଷ ରାଶିକୁ ସଂକ୍ରମଣ କଲେ ତାକୁ ମହାବିଷୁବ ସଂକ୍ରାନ୍ତି ଏବଂ ତା'ର ଛଅମାସ ପରେ ତୁଳା ରାଶିକୁ ସଂକ୍ରମଣ କଲେ ତାକୁ ଜଳବିଷୁବ ସଂକ୍ରାନ୍ତି କହନ୍ତି। ସୌରଗଣନା ଅନୁସାରେ ମେଷ ସଂକ୍ରାନ୍ତି ବା ମହାବିଷୁବ ସଂକ୍ରାନ୍ତିଠାରୁ ନୂତନ ବର୍ଷ ଆରମ୍ଭ ହୋଇଥାଏ। ତେଣୁ ଏହି ଦିନକୁ ଓଡ଼ିଆଙ୍କ ନୂଆବର୍ଷ ଭାବେ ପାଳନ କରାଯିବା ସହ ଏହି ଦିନଠାରୁ ନୂଆ ପାଞ୍ଜି ପ୍ରଚଳନ କରାଯାଇଥାଏ। ଆଜିଠାରୁ ପାରମ୍ପରିକ ଭାବେ ୧୯୪୧ ଶକାବ୍ଦ ଓ ୫୧୨୦ କଳିଯୁଗାବ୍ଦ ଆରମ୍ଭ ହେଉଛି। ସୂର୍ଯ୍ୟଙ୍କର ଉପାସନା ପାଇଁ ମହାବିଷୁବ ସଂକ୍ରାନ୍ତି ପ୍ରକୃଷ୍ଟ ଦିନ। ପୌରାଣିକ ଆଖ୍ୟାନ ଅନୁସାରେ ମହାବୀର ହନୁମାନ ଚୈତ୍ର ପୂର୍ଣ୍ଣିମା ଦିନ ଜନ୍ମ ହୋଇଥିଲେ ଏବଂ ସେହିଦିନ ମେଷ ସଂକ୍ରାନ୍ତି ବି ଥିଲା। କିନ୍ତୁ ଅନ୍ୟ ରାଜ୍ୟରେ ଚୈତ୍ର ପୂର୍ଣ୍ଣିମାରେ ହନୁମାନ ଜୟନ୍ତୀ ପାଳନ କରାଯାଉଥିବା ବେଳେ ଆମ ରାଜ୍ୟରେ ମେଷ ସଂକ୍ରାନ୍ତିରେ ହିଁ ହନୁମାନ ଜୟନ୍ତୀ ପାଳନ କରାଯାଏ।

ବିଷୁବ ସଂକ୍ରାନ୍ତି ପରଠାରୁ ଉତ୍ତର ଗୋଲାର୍ଦ୍ଧରେ ସୂର୍ଯ୍ୟକିରଣ ଅଧିକ ପ୍ରଖର ହୋଇ ପ୍ରଚଣ୍ଡ ରୌଦ୍ରତାପ ସାଙ୍ଗକୁ ଉଷ୍ଣବାୟୁ ପ୍ରଭାବରେ ପ୍ରାଣୀ ତଥା ଉଦ୍ଭିଦ ଜଗତକୁ ଅତ୍ୟନ୍ତ କଷ୍ଟ ଦେଇଥାଏ। ଏହି କାରଣରୁ ମଣିଷ ଶରୀରରେ ଗୁରୁପାକ ଖାଦ୍ୟ ଠିକ୍ ଭାବେ ହଜମ ହୋଇ ନ ଥାଏ। ଶରୀରର ଏହି ତାପଶକ୍ତିକୁ ନିୟନ୍ତ୍ରଣ କରିବା ପାଇଁ ବେଲ, ନବାତ, ଗୁଡ଼, ଛେନା, ପାଚିଲା କଦଳୀ, ଆଖୁରସ, ଗୋଲମରିଚ, କଷି ଆମ୍ବ, ଅଦା, କିସ୍‌ମିସ୍, ନଡ଼ିଆ, ଦହି, କାଜୁ, କ୍ଷୀରକୁ ମିଶାଇ ପଣା ପ୍ରସ୍ତୁତ କରି ପାନ କରାଯାଇଥାଏ। ଘରେ ପୂଜା ପାଉଥିବା ଇଷ୍ଟ ଦେବଦେବୀଙ୍କ ପାଖରେ ଏହି ପଣା ଭୋଗ ଲଗାଯାଇଥାଏ। ତେଣୁ ଏହି ସଂକ୍ରାନ୍ତିକୁ ପଣାସଂକ୍ରାନ୍ତି ବୋଲି କୁହାଯାଏ। ଏହି ଦିନ ତୁଳସୀ ଚଉରାରେ ଜଳଘଟ ଝୁଲାଯାଇ ସେଥିରେ ସରୁ କଣା କରି ତୁଳସୀ ଗଛ ଉପରେ ବିନ୍ଦୁ ବିନ୍ଦୁ ଜଳଦାନର ବ୍ୟବସ୍ଥା କରାଯାଏ। ପ୍ରଚଣ୍ଡ ତାତିଜନିତ କାରଣରୁ ତୃଷାର୍ତ୍ତ ବାଟୋଇମାନଙ୍କୁ ଜଳଦାନ କରି ପୁଣ୍ୟ ଅର୍ଜନ ଲକ୍ଷ୍ୟରେ ବିଷୁବ ସଂକ୍ରାନ୍ତିଠାରୁ ଜଳଛତ୍ର ଆରମ୍ଭ କରାଯାଇଥାଏ।

ଆମ ରାଜ୍ୟର ପୁରପଲ୍ଲୀରେ ବିଷୁବ ସଂକ୍ରାନ୍ତି ଦିନ ଏକ ଧର୍ମୀୟ ବାତାବରଣ ସୃଷ୍ଟି ହୋଇଥାଏ। ବିଶ୍ୱଶାନ୍ତି ପାଇଁ ଅନେକ ସ୍ଥାନରେ ହୋମଯଜ୍ଞ ବ୍ୟବସ୍ଥା କରାଯାଇଥାଏ। ଏହାସହ ଏହି ଦିନ ପୁଣ୍ୟ ପ୍ରାପ୍ତି ଆଶାରେ ବ୍ରାହ୍ମଣ ଭୋଜନ ସାଙ୍ଗକୁ ଦାନ କର୍ମ କରିବାକୁ ଲୋକମାନଙ୍କ ଭିତରେ ଆଗ୍ରହ ଦେଖିବାକୁ ମିଳେ। ମୀନ ସଂକ୍ରାନ୍ତି ପରଠାରୁ ଝାମୁବ୍ରତ ଆରମ୍ଭ ହୋଇ ମହାବିଷୁବ ସଂକ୍ରାନ୍ତି ଦିନ ଶେଷ ହୁଏ। ଯେଉଁମାନେ ମା' ପାର୍ବତୀଙ୍କ ପାଇଁ ବ୍ରତ ଧାରଣ କରିଥାନ୍ତି, ସେମାନଙ୍କୁ ପାଟୁଆ ଓ ଯେଉଁମାନେ ମହାପ୍ରଭୁ ଶିବଙ୍କ ପାଇଁ ବ୍ରତ କରିଥାନ୍ତି ସେମାନଙ୍କୁ ଦଣ୍ଡପାଟୁଆ ବୋଲି କୁହାଯାଇଥାଏ। ଉଭୟ ବ୍ରତଧାରୀ ବିଭିନ୍ନ ଗାଁ ଗଣ୍ଡା ବୁଲି ଶିବପାର୍ବତୀଙ୍କ ମହିମା ପ୍ରଚାର କରି ବ୍ରତ ସାରିଥାନ୍ତି। ଏହାସହ ମା'ଶାରଳା, ମଙ୍ଗଳା, ଚର୍ଚ୍ଚିକା, ଭଗବତୀ, ହିଙ୍ଗୁଳା ଆଦି ଶକ୍ତିପୀଠରେ ମା'ଙ୍କ ମହିମା ପ୍ରଚାର ପାଇଁ ମୀନ ସଂକ୍ରାନ୍ତିଠାରୁ ଆରମ୍ଭ ହୋଇଥିବା ଘଣ୍ଟପାଟୁଆ ନାଚ ବିଷୁବ ସଂକ୍ରାନ୍ତି ଦିନ ଶେଷ ହୋଇଥାଏ। ଘଣ୍ଟପାଟୁଆ ନାଚରେ ତିନିଜଣ ସେବକ ଥାଆନ୍ତି। ଦୁଇଜଣ ଘଣ୍ଟ ବିଭିନ୍ନ ତାଳରେ ବଜାଇବା ସମୟରେ ଅନ୍ୟ ଜଣେ କଳା ରଙ୍ଗର ବସ୍ତ୍ର ପରିଧାନ କରି ମୁଣ୍ଡରେ ଉତ୍ତରୀୟ ପକାଇ ନୃତ୍ୟ କରନ୍ତି। ଆମ ରାଜ୍ୟରେ ଏକମାସ ଧରି ଚାଲିଥିବା ପାଟୁଆ ଲୋକନୃତ୍ୟର ବିଷୁବ ସଂକ୍ରାନ୍ତି ଦିନ ପରିସମାପ୍ତି ଘଟିଥାଏ। ମହାବିଷୁବ ସଂକ୍ରାନ୍ତି ଦିନ ସାରା ଓଡ଼ିଶାର ବିଭିନ୍ନ ଦେବୀପୀଠରେ ହେଉଥବା ଯାତ୍ରାକୁ ଝାମୁଯାତ୍ରା କୁହାଯାଏ। ଝାମୁଯାତ୍ରା ଦେଖିବାକୁ ନାହିଁ ନ ଥିବା ଲୋକଗହଳି ହୁଏ। କାକଟପୁରର ମା'ମଙ୍ଗଳା ଓ ଝଙ୍କଡ଼ର ଶାରଳା ପୀଠରେ ହେଉଥିବା ଝାମୁଯାତ୍ରା ବେଶ୍ ଚର୍ଚ୍ଚିତ। ବିଭିନ୍ନ ସ୍ଥାନରୁ ଲକ୍ଷାଧିକ ଶ୍ରଦ୍ଧାଳୁ ଏଥିରେ ସାମିଲ ହେବା ସହ ଝାମୁଯାତ୍ରାର ଆନନ୍ଦ ନେଇଥାନ୍ତି। ଏହି ଝାମୁଯାତ୍ରା ବେଳେ ଦେବୀପୀଠ ସମ୍ମୁଖରେ ସର୍ବସାଧାରଣଙ୍କ ଉପସ୍ଥିତିରେ ଦଣ୍ଡପାଟୁଆମାନେ ନିଆଁରେ ଖାଲି ପାଦରେ ଚାଲି ନିଜର ମାନସିକ ପୂରଣ କରିଥାନ୍ତି।

ସେହିପରି ମହାବିଷୁବ ସଂକ୍ରାନ୍ତି ଆମର ସାହିତ୍ୟ ତଥା ସଂସ୍କୃତିକୁ ଋଦ୍ଧିମନ୍ତ କରିବା ସହ ବୈଜ୍ଞାନିକ ଦୃଷ୍ଟିକୋଣରୁ ଶରୀର ପାଇଁ ଯଥେଷ୍ଟ ଉପାଦେୟତା ପ୍ରଦାନ କରିଥାଏ। ଆଧୁନିକତାର ପ୍ରଭାବରେ ଆମେ ଆମର ନିଜସ୍ୱ ନବବର୍ଷ ବିଷୁବ ସଂକ୍ରାନ୍ତିକୁ ଭୁଲି ଏବେ ଇଂଲିଶ କ୍ୟାଲେଣ୍ଡରର ଜାନୁୟାରୀ ଏକ ତାରିଖକୁ ନୂଆବର୍ଷ ଭାବେ ପାଳନ କରିବାକୁ ଆଗ୍ରହ ଦେଖାଉଛୁ, ଯାହା ଆମର ସଂସ୍କୃତି ଓ ପରମ୍ପରା ପ୍ରତି କୁଠାରାଘାତ। ଅନ୍ୟପକ୍ଷରେ ମହାବିଷୁବ ସଂକ୍ରାନ୍ତି ଧାର୍ମିକ ମନୋଭାବ ଅପେକ୍ଷା, ଭାଷା, ସାହିତ୍ୟ, ସଂସ୍କୃତି ସହ ସଦ୍‌ଭାବନା, ସତ୍‌କର୍ମ, ସମନ୍ୱୟ ଓ ସଦିଚ୍ଛାର ବାର୍ତ୍ତା ପ୍ରଚାର କରିବା ପାଇଁ ଉଦ୍ଦିଷ୍ଟ ଉତ୍ସବ କହିଲେ ଭୁଲ୍ ହେବନି।

ଭୁବନେଶ୍ୱର, ମୋ- ୯୪୩୮୨୯୬୫୧୯

## ଏଇ ଭାରତରେ

ଅଶ୍ୱତ୍ଥ ବୃକ୍ଷର ସୁରକ୍ଷା ଦାୟିତ୍ୱରେ ରହିଛନ୍ତି ୨ ପୋଲିସ କର୍ମଚାରୀ। ବୃକ୍ଷକୁ ଖରାରୁ ରକ୍ଷାକରିବା ପାଇଁ ଦମକଳ ବାହିନୀ ଗଛମୂଳେ ପାଣି ଦେଉଛନ୍ତି। ଗଛର ସୁରକ୍ଷା ଦାୟିତ୍ୱରେ ପୋଲିସ କର୍ମଚାରୀଙ୍କୁ ମଧ୍ୟ ମୁତୟନ କରାଯାଇଛି। ଶୁଣିଲେ ଆଶ୍ଚର୍ଯ୍ୟ ଲାଗିବା ସ୍ୱାଭାବିକ। ତେବେ ଏହା ସତ୍ୟ। ମଧ୍ୟପ୍ରଦେଶ ରାୟସେନାରେ ରହିଛି ଏକ ଅଶ୍ୱତ୍ଥ ଗଛ। ଏହାକୁ ଗତ ୭ ବର୍ଷ ଧରି ଜଗି ରହିଛନ୍ତି ୨ ପୋଲିସ କର୍ମଚାରୀ। ଏବେ ଖରାଦିନରେ ଗଛରେ ପାଣି ଦେବାକୁ ପ୍ରତି ୨ ଦିନରେ ଥରେ ଦମକଳ ବାହିନୀ ଆସୁଛନ୍ତି। ଏହା କୌଣସି ସାଧାରଣ ଅଶ୍ୱତ୍ଥ ଗଛ ନୁହେଁ। ଏହାକୁ ୨୦୧୨ ସେପ୍ଟେମ୍ବର ୨୧ରେ ଶ୍ରୀଲଙ୍କାର ତତ୍କାଳୀନ ରାଷ୍ଟ୍ରପତି ମହିନ୍ଦା ରାଜପାକ୍‌ସେ ଭାରତ ଗସ୍ତ ସମୟରେ ରୋପଣ କରିଥିଲେ। ସଲାମତ୍‌ପୁରସ୍ଥିତ ବୌଦ୍ଧ ବିହାରରେ ଏହି ଅଶ୍ୱତ୍ଥ ଗଛ ରହିଛି। ଗଛର ସୁରକ୍ଷା ପାଇଁ ବର୍ଷକୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି। ସାଞ୍ଚି ନଗର ପରିଷଦ ଉକ୍ତ ବୃକ୍ଷର ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇଛି। ଏହା ପଛରେ ରହିଥିବା ରହସ୍ୟ ହେଉଛି ବୌଦ୍ଧଧର୍ମର ପ୍ରବର୍ତ୍ତକ ଗୌତମ ବୁଦ୍ଧ ବିହାରର ବୋଧଗୟାସ୍ଥିତ ବୋଧିଦ୍ରୁମ ବା ଅଶ୍ୱତ୍ଥ ବୃକ୍ଷମୂଳେ ତପସ୍ୟା କରି ନିର୍ବାଣପ୍ରାପ୍ତି ହୋଇଥିଲେ। ସମ୍ରାଟ୍ ଅଶୋକଙ୍କ ସମୟରେ ଶ୍ରୀଲଙ୍କାରେ ବୌଦ୍ଧଧର୍ମର ବ୍ୟାପକ ପ୍ରଚାର ପ୍ରସାର ଘଟିଥିଲା। ତେଣୁ ଶ୍ରୀଲଙ୍କାର ତତ୍କାଳୀନ ରାଷ୍ଟ୍ରପତି ବୁଦ୍ଧଙ୍କ ନିର୍ବାଣପ୍ରାପ୍ତି ସ୍ଥଳରେ ଏକ ଅଶ୍ୱତ୍ଥ ବୃକ୍ଷ ରୋପଣ କରି ବୌଦ୍ଧଧର୍ମର ମହାନତା ବିଷୟ ସ୍ମରଣ କରାଇ ଦେଇଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

**୧୩ ଏପ୍ରିଲ ୧୯୯୪**

- କ୍ଷମତାରେ ଥିବା ବେଳେ ୩.୫ ମିଲିୟନ ଡଲାର ଅର୍ଥ ହେରଫେର କରିଥିବା ଅଭିଯୋଗରେ ଫିଲିପାଇନ୍ସର ପୂର୍ବତନ ଫାଷ୍ଟଲେଡି ଇମେଲଡା ମାର୍କୋସ୍‌ଙ୍କୁ ଗିରଫ କରିବା ପାଇଁ ଦେଶର ଏକ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।
- ଆଫଗାନିସ୍ତାନର ପରସ୍ପର ବିରୋଧୀ ରାଷ୍ଟ୍ରପତି ବୁରାହ୍ନୁଦ୍ଦିନ ରବାନି ଏବଂ ପ୍ରଧାନମନ୍ତ୍ରୀ ଗୁଲବୁଦ୍ଦିନ ହେକ୍‌ମତିୟାର ସମର୍ଥକଙ୍କ ମଧ୍ୟରେ ସଂଘର୍ଷ ଘଟି ୩୦ ନିହତ।
- ରାଜସ୍ଥାନ ହାଇକୋର୍ଟର ବିଚାରପତି କୃଷ୍ଣଚନ୍ଦ୍ର ଅଗ୍ରୱାଲ କଲିକତା ହାଇକୋର୍ଟର ମୁଖ୍ୟ ବିଚାରପତି ରୂପେ ଶପଥ ନେଲେ।

## ଚିରନ୍ତନୀ

''ଅଖିଳ ଜୀବର ବଂଶ
ହେଉ ଧନ୍ୟ ହେଉ ସମୁଜ୍ଜ୍ୱଳ
''ସତ୍ୟ ହେଉ ପୁଣ୍ୟ ହେଉ
ମହୀୟାନ ହେଉ ଚରାଚର। (ମହାଦୀପ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | | 8 | | 6 | | | 0 | 9 | | | 3 | | | |
| | | | | | | | | 6 | 5 | 1 | | | | |
| | | | 7 | C | 4 | 1 | | B | 8 | | 6 | | | |
| | | 0 | 1 | | 5 | | E | | B | | | | 4 | 3 |
| | 4 | | | 8 | D | | C | | 2 | | | | | |
| 9 | 5 | | | 4 | | A | 1 | E | | | | | | |
| | | | | 9 | 6 | | | | | | 2 | | 5 | |
| D | C | A | | | 0 | | | | | 3 | 7 | | | |
| 0 | | 6 | | | | | | | | | E | | | |
| | | | | | | 5 | | 2 | D | | A | | | 4 |
| 3 | 1 | | 4 | | A | 9 | | | | 0 | | | | |
| | 2 | D | | B | 9 | | 5 | | | | | | | |
| | | | | | C | | | | | 6 | | 3 | | 8 |
| | | | | | | | | D | E | | 5 | | 1 | B |
| 6 | | | | 2 | | 4 | | 7 | | | 1 | | A | C |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | 9 | 5 | E | D | 8 | 7 | C | A | 4 | 0 | 2 | 6 | 3 | 1 |
| A | 1 | E | B | 3 | 9 | 2 | 6 | 5 | 8 | C | D | 4 | 0 | 7 |
| 0 | 6 | 7 | 4 | A | C | 1 | 8 | 3 | B | 5 | E | 2 | D | 9 |
| 2 | 4 | 8 | 1 | 7 | 0 | E | 9 | D | 6 | A | 3 | B | 5 | C |
| D | C | 3 | 5 | 6 | 2 | 4 | B | 0 | 1 | 9 | 7 | E | A | 8 |
| 3 | A | D | 9 | E | 6 | C | 4 | 7 | 2 | 8 | 5 | 1 | B | 0 |
| 8 | 2 | 6 | D | B | 1 | 9 | 3 | E | 7 | 4 | 0 | A | C | 5 |
| 7 | 0 | 4 | C | 5 | A | D | 1 | 8 | 3 | E | B | 9 | 6 | 2 |
| 5 | B | C | 3 | 2 | 4 | A | 0 | 6 | D | 1 | 9 | 7 | 8 | E |
| 9 | E | 1 | 8 | 0 | 7 | B | 5 | 2 | A | 6 | C | 3 | 4 | D |
| 1 | 8 | 0 | 6 | 9 | D | 3 | E | B | C | 7 | 4 | 5 | 2 | A |
| 6 | 5 | A | 7 | 4 | 3 | 8 | 2 | 9 | 0 | D | 1 | C | E | B |
| C | D | B | A | 1 | 5 | 6 | 7 | 4 | E | 2 | 8 | 0 | 9 | 3 |
| E | 7 | 2 | 0 | 8 | B | 5 | A | C | 9 | 3 | 6 | D | 1 | 4 |
| 4 | 3 | 9 | 2 | C | E | 0 | D | 1 | 5 | B | A | 8 | 7 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମିଠା କଥାରେ କ'ଣ ପେଟ ପୂରେ

ମହାଶୟ,

ବାସ୍ତବବାଦୀମାନେ ଅନ୍ୟର ପେଟକୁ ଖାଦ୍ୟରେ ପୂରଣ କରନ୍ତି। ମାତ୍ର କଳ୍ପନାବିଳାସୀ ବା ଧୂର୍ତ୍ତମାନେ ମିଠା କଥାରେ ପୂରାଇବାକୁ ଚେଷ୍ଟା କରନ୍ତି, ଯେଉଁ କଥାର ବାସ୍ତବତା କମ୍ ଥାଏ। ପ୍ରତ୍ୟେକ ଯୋଜନାର ସଫଳ ରୂପାୟନ ପାଇଁ ଆନ୍ତରିକତା ଓ ସ୍ୱାର୍ଥହୀନ ଉଦ୍ୟମ ଏକାନ୍ତ ପ୍ରୟୋଜନ। ରାଜନୈତିକ ଦଳଗୁଡ଼ିକ ନିର୍ବାଚନର ଠିକ୍ ପୂର୍ବରୁ ଶ୍ରୁତିମଧୁର ପ୍ରତିଶ୍ରୁତି, ଯୋଜନା ଓ ପରିକଳ୍ପନାମାନ ଜନସାଧାରଣଙ୍କୁ ପରଷୁଛନ୍ତି। ସେମାନଙ୍କ ହିତ ପାଇଁ ଯୋଜନାର ପ୍ରଣୟନ ଓ ରୂପାୟନ ଶାସନକୁ ଆସିବାର ଠିକ୍ ପରେ ପରେ ଆରମ୍ଭ କରା ନ ଯାଇ ଚାରିବର୍ଷ ବା ସାଢ଼େ ଚାରିବର୍ଷ ପୂରିବା ପରେ ପୁଣି ପର ନିର୍ବାଚନ ଆସିବାର ଠିକ୍ ଅବ୍ୟବହିତ ପୂର୍ବରୁ କରାଯାଉଛି କାହିଁକି?

ଗନ୍ଧର୍ବ ଜେନା, ଡେଲାଙ୍ଗ, ପୁରୀ

### ଦଳଡିଆଁ ରାଜନୀତି

ଡ. ପ୍ରଫୁଲ୍ଲ କୁମାର ସାହୁଙ୍କ ନିର୍ବାଚନ ଓ ଦଳଡିଆଁ ରାଜନୀତି ଖୁବ୍ ସୁନ୍ଦର ଉପସ୍ଥାପନା। କିନ୍ତୁ ଏଭିଳ ହେଉଛି କାହିଁକି? ଅନୁଶ୍ରୁତିର ବାଣୀ ଅନୁସାରେ- ଇଷ୍ଟ ନାହିଁ ନେତା ଯିଏ, ଯମର ଦଲାଲ କିନ୍ତୁ ସିଏ। ଶିକ୍ଷକର ନାହିଁ ଇଷ୍ଟେ ଟାଣ, କିଏ ଜଗାଇବ ଛାତ୍ର ପ୍ରାଣ। ଇଷ୍ଟ ହେଲେ ଜୀବନ୍ତ ଆଦର୍ଶ, ଯାହାଙ୍କୁ ଅନୁସରଣ କରି ମଣିଷ ଚାଲିବା ଉଚିତ। ଆମେ ଜାଣୁ ରାବଣ ଶେଷ ସମୟରେ ରାମଚନ୍ଦ୍ରଙ୍କୁ ପ୍ରଶ୍ନ ପଚାରିଥିଲେ- ତୁମେ କୌଣସିଥିରେ ମୋଠାରୁ ବଡ଼ ନୁହଁ, ଅଥଚ ମୋତେ ପରାସ୍ତ କଲ କିପରି? ରାମଚନ୍ଦ୍ର କହିଥିଲେ- ତାଙ୍କର ଗୁରୁଭକ୍ତି ଓ ସାଧୁସଙ୍ଗ ଥିଲା ଏବଂ ସାଙ୍ଗରେ ଭାଇ ଥିଲେ। ଏହାକୁ ରାବଣ ସ୍ୱୀକାର କରିଥିଲେ, ଅର୍ଥାତ୍ ସେ କାହାର ପରାମର୍ଶ ନେଉ ନ ଥିଲେ ବା ଗ୍ରହଣ କରୁ ନ ଥିଲେ। ନେତା ହୁଅନ୍ତୁ ବା ଯେ କେହି ହୁଅନ୍ତୁ ସେମାନଙ୍କ ଜୀବନରେ ବାସ୍ତବିକ ଜୀବନ୍ତ ଆଦର୍ଶ ରହିଲେ ଏ ସବୁ ଘଟିବ ନାହିଁ।


ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

### ଓଡ଼ିଆରେ ରେଳ ଟିକଟ

ଏନ୍‌ଡିଏ ସରକାର ସମୟରେ ଓଡ଼ିଆ ଭାଷା ସାଂସ୍କୃତିକ ଭାଷାର ମାନ୍ୟତା ପାଇବା ପରେ ଏବେ ଓଡ଼ିଆରେ ରେଳ ଟିକଟ ଲେଖା ହେବା ପାଇଁ ଘୋଷଣା ହେବା ଅତ୍ୟନ୍ତ ଖୁସିର ଖବର। କିନ୍ତୁ ଓଡ଼ିଶାରେ ସରକାରୀ କାର୍ଯ୍ୟ ଓଡ଼ିଆରେ ଲେଖିବାଠାରୁ ଆରମ୍ଭ କରି ଦୋକାନରେ ଲାଗୁଥିବା ନାମଫଳକ ଓଡ଼ିଆରେ ଲେଖିବା ପାଇଁ ନିର୍ଦ୍ଦେଶ ଥିଲେ ମଧ୍ୟ ଏହାକୁ ସରକାରୀ କର୍ମଚାରୀଙ୍କଠାରୁ ଦୋକାନ ମାଲିକମାନେ ମାନିବାକୁ ନାରାଜ। ପ୍ରତିଦିନ ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଜନା ଉପରେ ଯୋଜନାର ଘୋଷଣା ଚାଲିଛି। କିନ୍ତୁ ଯୋଜନା ସଫଳଭାବେ କାର୍ଯ୍ୟକାରୀ ହେଉଛି କି ନାହିଁ, ତାହା ଦେଖିବା ତ ଦୂରର କଥା ପର ମୁହୂର୍ତ୍ତରେ ସେହି ଯୋଜନାଗୁଡ଼ିକ ସରକାର ଭୁଲିଯା'ନ୍ତି। ଆଶା କରୁ ଓଡ଼ିଆ ଭାଷା ପ୍ରତି କେନ୍ଦ୍ର ସରକାର ନେଉଥିବା ପଦକ୍ଷେପକୁ ରାଜ୍ୟ ସରକାର ଗ୍ରହଣ କରି ଓଡ଼ିଆ ଭାଷା ପ୍ରୀତି ଦେଖାନ୍ତୁ।

ଶ୍ରୀନିବାସ ମଙ୍ଗରାଜ, କୁଦିଆରୀ, ଜଟଣୀ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




## ସଂକ୍ଷେପରେ

### ସିଦ୍ଧିଦାତ୍ରୀଙ୍କ ପୀଠରେ ବାସନ୍ତୀ ଦୁର୍ଗାପୂଜା

**ନାଉଗାଁ,୧୨।୪(ସ୍ୱ.ପ୍ର.):** ଜଗତ୍‌ସିଂହପୁର ବ୍ଲକ ସରାପ୍ରୋସ୍ଥିତ ମା' ସିଦ୍ଧିଦାତ୍ରି ଦିବ୍ୟ ଜୀବନ ସେବାଶ୍ରମରେ ବାସନ୍ତି ଦୁର୍ଗାପୂଜା ଉପଲକ୍ଷେ ମହାସପ୍ତମୀ ପୂଜା ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ମା ସିଦ୍ଧିଦାତ୍ରୀଙ୍କୁ ଯଥାରୀତି ପୂର୍ବକ ପୂଜା କରାଯିବା ସହିତ ସନ୍ଧ୍ୟାରେ କଳସ ବୁଡ଼ା କାର୍ଯ୍ୟକ୍ରମ ହୋଇଥିଲା। ମହାସପ୍ତମୀ ଉପଲକ୍ଷେ ମା'ଙ୍କୁ ମହାସରସ୍ୱତୀ ବେଶରେ ସଜ୍ଜିତ କରାଯାଇଥିଲା। ମହାଷ୍ଟମୀ ଦିନ ବୈଷ୍ଣବୀ ବେଶରେ ମା' ସିଦ୍ଧିଦାତ୍ରୀଙ୍କୁ ସଜ୍ଜିତ କରାଯାଇଥିଲା। ବାସନ୍ତୀ ଦୁର୍ଗାପୂଜା ଉପଲକ୍ଷେ ମା'ଙ୍କ ନିକଟରେ ପ୍ରତ୍ୟେହ ସ୍ୱତନ୍ତ୍ର ପୂଜା କରାଯିବା ସହିତ ହୋମଯଜ୍ଞ କରାଯାଉଛି। ଏହି ପୂଜା ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁ ଆଶ୍ରମ ପରିସରରେ ସମାଗମ ହେଉଛନ୍ତି। ଦଶମୀ ଦିନ ଏହି ପୂଜା ପୂର୍ଣ୍ଣାହୂତି ଦିଆଯିବ। ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ଗୋକୁଳାନନ୍ଦ ସରସ୍ୱତୀଙ୍କ ତତ୍ତ୍ୱାବଧାନରେ ଆଶ୍ରମର ସମ୍ପାଦକ ଅକ୍ଷୟ ମିଶ୍ର ଓ ଅନ୍ୟ ଶ୍ରଦ୍ଧାଳୁମାନେ ପୂଜା ପରିଚାଳନା କରୁଛନ୍ତି।

# ବିନା ସୂଚନା ଫଳକରେ ସରିଲା ଷ୍ଟ୍ରକ୍‌ଚର ନିର୍ମାଣ

**ନାଉଗାଁ,୧୨।୪(ସ୍ୱ.ପ୍ର.)**



ନିର୍ମାଣାଧୀନ ବିଦ୍ୟୁତ୍ ଷ୍ଟ୍ରକଚର।

- **ନିର୍ମାଣରେ ସ୍ୱଚ୍ଛତାକୁ ନେଇ ସନ୍ଦେହ**
- **କାର୍ଯ୍ୟ ଅବଧି, ବ୍ୟୟ ଅଟକଳ ସମ୍ପର୍କରେ ଦିଆଯାଉନି ସୂଚନା**

ନାଉଗାଁ ବ୍ଲକର ଡେରିକିଠାରେ ନିର୍ମାଣ କରାଯାଉଛି ଏକ ବିଦ୍ୟୁତ ଷ୍ଟ୍ରକ୍‌ଚର। ଏହି ଷ୍ଟ୍ରକ୍‌ଚର କାର୍ଯ୍ୟ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ କେବେ ତାହା କାର୍ଯ୍ୟକ୍ଷମ ହେବ ତାହା ଜଣାପଡିନାହିଁ। ଏକ ସଙ୍ଗରେ ଏହି ବ୍ଲକରେ ୨ଟି ଷ୍ଟ୍ରକ୍‌ଚର ଅଲଣା ପଞ୍ଚାୟତର ଭାତପଡ଼ା ଓ ଡେରିକିପଞ୍ଚାୟତର ଡେରିକିଠାରେ ନିର୍ମାଣ ଆରମ୍ଭ ହୋଇଥିଲା। ତେବେ ଭାତପଡ଼ା ଷ୍ଟ୍ରକ୍‌ଚର କାର୍ଯ୍ୟ ଶେଷ ହୋଇ ୧ ବର୍ଷରୁ ଊର୍ଦ୍ଧ୍ୱ ହେବ ଉଦ୍‌ଘାଟନ ସରିଥିବାବେଳେ ଡେରିକି ଷ୍ଟ୍ରକ୍‌ଚର କାର୍ଯ୍ୟ ଏ ପର୍ଯ୍ୟନ୍ତ ଶେଷ ହୋଇନାହିଁ। ଏହି ଷ୍ଟ୍ରକ୍‌ଚର କାର୍ଯ୍ୟକ୍ଷମ ହେଲେ ନାଉଗାଁ ବ୍ଲକର ୫ ପଞ୍ଚାୟତ ସମେତ ପୁରୀ ଜିଲା କାକଟପୁର ବ୍ଲକର ପାଟସୁନ୍ଦରପୁର ପଞ୍ଚାୟତର ବିଦ୍ୟୁତ ଉପଭୋକ୍ତାମାନେ ଉପକୃତ ହୋଇପାରିବେ। ବର୍ତ୍ତମାନ ଖରାଦିନ ହୋଇଥିବାରୁ ଏହି ୫ ପଞ୍ଚାୟତ ତିରୁଣା, ଡେରିକି, କୋରୁଅ, ଓଷକଣାର ୧୩ ହଜାର ବିଦ୍ୟୁତ ଉପଭୋକ୍ତା ଲୋ ଭୋଲଟେଜର ଶିକାର ହେଉଛନ୍ତି। ଏହି ଷ୍ଟ୍ରକ୍‌ଚର କାର୍ଯ୍ୟକ୍ଷମ ହେଲେ ବିଦ୍ୟୁତ ସମସ୍ୟାରେ ସୁଧାର ଆସିପାରନ୍ତା ବୋଲି ଅଞ୍ଚଳବାସୀ ମତପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଡେରିକିଠାରେ ଷ୍ଟ୍ରକ୍‌ଚର ନିର୍ମାଣ କରିବା ପାଇଁ ଜଗତସିଂହପୁରର ତତ୍କାଳୀନ ବିଧାୟକ ବିଷ୍ଣୁ ଦାସ ଓ ଏମ୍‌ପି ବିଭୁ ପ୍ରସାଦ ତରାଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହାର ବର୍ଷକ ପରେ ଅର୍ଥାତ୍ ୨୦୧୪ରେ ଏହି ଷ୍ଟ୍ରକ୍‌ଚର କାର୍ଯ୍ୟ ଆରମ୍ଭ ହୋଇଥିଲା। ଷ୍ଟ୍ରକ୍‌ଚର ନିର୍ମାଣ କାର୍ଯ୍ୟ ଓଡ଼ିଶା ବିଦ୍ୟୁତ ଶକ୍ତି ପରିବହନ ନେଇଥିବାବେଳେ ନିର୍ମାଣ ଦାୟିତ୍ୱ ଗୁପ୍ତା ପାଓ୍ୱାରକୁ ପ୍ରଦାନ କରାଯାଇଛି। କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ଏହି ଷ୍ଟ୍ରକ୍‌ଚର କାର୍ଯ୍ୟ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହା ମଧ୍ୟକୁ ଆପ୍ରୋଚ ରାସ୍ତା, ଚାରିପାଖରେ ପାଚେରି ଓ ଷ୍ଟ୍ରକ୍‌ଚରରେ ଯନ୍ତ୍ରାଂଶ କାର୍ଯ୍ୟ ସରିଲାଣି। ହେଲେ ଅଦ୍ୟାବଧି ପ୍ରକଳ୍ପର ଅବଧି ଓ ଶେଷ ତାରିଖ, ପ୍ରକଳ୍ପର ବ୍ୟୟ ଅଟକଳ, ନିର୍ମାଣକାରୀ ସଂସ୍ଥା ଆଦି ସମ୍ପର୍କରେ କୌଣସି ସୂଚନା ଫଳକ ଲଗାଯାଇନାହିଁ। ତେଣୁ ପ୍ରକଳ୍ପ କାର୍ଯ୍ୟ ଠିକ୍ ଭାବେ ହେଉଛି କି ନାହିଁ ତାହା ଲୋକେ ଜାଣିପାରୁନାହାନ୍ତି। ନିର୍ମାଣକାରୀ ସଂସ୍ଥା ଖୋଲାଖୋଲି ସରକାରୀ ନିୟମ ଉଲ୍ଲଂଘନ କରୁଥିବା ଅଭିଯୋଗ ହୋଇଛି। ନାଉଗାଁଠାରେ ଥିବା ଷ୍ଟ୍ରକ୍‌ଚରକୁ ସଂଯୋଗ କରାଯାଇଥିବା ବିଦ୍ୟୁତ୍ ଖୁଣ୍ଟ ପୋତା କାମ ଠିକ୍‌ଭାବେ ହୋଇ ନ ଥିବା ସ୍ଥାନୀୟ ଲୋକେ କହିଛନ୍ତି। ଖୁଣ୍ଟଗୁଡିକ ଯେତିକି ଗଭୀର ପୋତାଯିବା କଥା ତାହା କରାଯାଇନାହିଁ। ସେହିପରି ଖୁଣ୍ଟ ମୂଳରେ କଙ୍କ୍ରିଟ୍ ସିମେଣ୍ଟ ପ୍ଲାଷ୍ଟର ଠିକ୍ ଭାବେ ହୋଇନାହିଁ। ଏ ସମ୍ପର୍କରେ ନାଉଗାଁ-ଜଗତ୍‌ସିଂହପୁର ସେସୁ ମ୍ୟାନେଜର ଜଗଦିଶ ସାହୁ କହିଛନ୍ତି ଯେ, ଷ୍ଟ୍ରକ୍‌ଚର ନିର୍ମାଣ କାର୍ଯ୍ୟ ଗୁପ୍ତା ପାଓ୍ୱାରକୁ ଦିଆଯାଇଛି। କାର୍ଯ୍ୟ ଶେଷ ହେବା ପରେ ତାହା ସେସୁକୁ ହସ୍ତାନ୍ତର କରାଯିବ। ତେବେ ବ୍ୟୟ ଅଟକଳ ଓ ସୂଚନା ଫଳକ ସମ୍ପର୍କରେ ପଚାରିବାରେ ଭୁବନେଶ୍ୱର କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ ସେ କହିଛନ୍ତି।

## ରାଉତନୂଆଗାଁ ଅଗସ୍ତି ଆଶ୍ରମରେ ଗୀତାଯଜ୍ଞ



ରାଉତନୂଆଗାଁ ସ୍ଥିତ ଅଗସ୍ତି ମୁନି ଆଶ୍ରମ ପୀଠରେ ଗୀତାଯଜ୍ଞ ପାଇଁ କଳସ ଶୋଭାଯାତ୍ରା।

**ରଘୁନାଥପୁର, ୧୨।୪ ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ସାଦେଇପୁର ପଞ୍ଚାୟତ ରାଉତନୂଆଗାଁ ସ୍ଥିତ ଅଗସ୍ତି ମୁନି ଆଶ୍ରମ (ବାଟଗୋସାଇଁ) ପୀଠରେ ୬ ଦିନ ବ୍ୟାପୀ ଗୀତାଯଜ୍ଞ ଆରମ୍ଭ ହୋଇଛି। ଏଥିନିମନ୍ତେ ଗାଁରେ ମହିଳାମାନେ ସ୍ଥାନୀୟ ଏକ ପୁଷ୍କରିଣୀରୁ ୧୦୮ କଳସରେ ପାଣି ଆଣି ଶୋଭାଯାତ୍ରାରେ ଯଜ୍ଞସ୍ଥଳ ପର୍ଯ୍ୟନ୍ତ ଆସିଥିଲେ। ଅଷ୍ଟମ ବାର୍ଷିକ ଯଜ୍ଞୋତ୍ସବରେ କର୍ତ୍ତା ଭାବେ ଆଇନଜୀବୀ ପ୍ରତାପ ଚନ୍ଦ୍ର ମହାପାତ୍ର ଓ କର୍ତ୍ତ୍ରୀ ଭାବେ ନମିତା କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଆଇନ ଜୀବୀ ବିଷ୍ଣୁ ଚରଣ ତ୍ରିପାଠୀଙ୍କ ନେତୃତ୍ୱ ତଥା ଗ୍ରାମବାସୀଙ୍କ ସହଯୋଗରେ ସମସ୍ତ କାର୍ଯ୍ୟ ପରିଚାଳିତ ହେଉଛି। ଯଜ୍ଞସ୍ଥଳରେ କଳସ ସ୍ଥାପନ ପରେ ପୀଠରେ ଥିବା ରାଧାକୃଷ୍ଣ ମୂର୍ତ୍ତିକୁ ଏକ ସୁସଜ୍ଜିତ ବିମାନରେ ନିଆଯାଇ ଗ୍ରାମ୍ୟ ପରିକ୍ରମା କରାଯାଇଥିଲା। ପରେ ଅଗ୍ନିକୁଣ୍ଡରେ ଅଗ୍ନି ସଂଯୋଗ କରାଯାଇ ଆହୁତି ପ୍ରଦାନ କରାଯାଇଥିଲା। ଆସନ୍ତା ମଙ୍ଗଳବାର ପୂର୍ଣ୍ଣାହୁତି ହେବ। ଦେବେନ୍ଦ୍ରନାଥ ବେହେରା, ଟହଲି ବେହେରା, ଶଙ୍କର ସ୍ୱାଇଁ, ନିମାଇଁ ନାୟକ, ଗିରିଧାରୀ ଭୋଇ ଓ ମାର୍ଫତଦାର ବଟକୃଷ୍ଣ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟ କରିଚାଳନା କରୁଥିବାବେଳେ ଗ୍ରାମବାସୀ ଏଥିରେ ପୂର୍ଣ୍ଣ ସହଯୋଗ କରୁଛନ୍ତି।

## ବାସନ୍ତିକ ଦୁର୍ଗାପୂଜା



ପୂଜା ପାଉଥିବା ମା' ବାସନ୍ତୀ ଦୁର୍ଗାଙ୍କ ମୂର୍ତ୍ତି।

**ତିର୍ତ୍ତୋଲ,୧୨।୪(ଡି.ଏନ.ଏ.)**

ତିର୍ତ୍ତୋଲ ଅଞ୍ଚଳର ସର୍ବପୁରାତନ ପଣ୍ଡୁଆ ପଞ୍ଚାୟତ ଗୌଡ଼ସାହିର ବାସନ୍ତିକ ଦୁର୍ଗାପୂଜା ମହାସମାରୋହରେ ଅନୁଷ୍ଠିତ ହେଉଛି। ଏହି ଉପଲକ୍ଷେ ବିଲ୍ୱ ବରଣ, କଳସ ସ୍ଥାପନ, ସପ୍ତମୀ ଓ ଅଷ୍ଟମୀ ପୂଜା, ବିଶ୍ୱଶାନ୍ତି ଯଜ୍ଞ, ଚଣ୍ଡୀପୂଜା, ସନ୍ଧିପୂଜା, ଭଜନ କାର୍ଯ୍ୟକ୍ରମ ହୋଇଛି। ଆଞ୍ଚଳିକ ବାସନ୍ତିକ ଦୁର୍ଗାପୂଜା କମିଟିର ସଭ୍ୟମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପୂଜା ହେଉଛି। ସୁଦୃଶ୍ୟ ତୋରଣ ସାଙ୍ଗକୁ ରଙ୍ଗବେରଙ୍ଗର ଆଲୋକ ସଜ୍ଜା ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରୁଛି। ଏଠାରେ ସନ୍ଧ୍ୟାରେ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଜମୁଛି।

## କୋଷ୍ଟଗାର୍ଡର ସାମୁଦ୍ରିକ ପ୍ରଦୂଷଣ ପ୍ରତିକାର କାର୍ଯ୍ୟକ୍ରମ

**ପାରାଦୀପ,୧୨।୪(ସ୍ୱ.ପ୍ର.):** ଭାରତୀୟ ତଟରକ୍ଷୀ ବାହିନୀ (କୋଷ୍ଟଗାର୍ଡ) ଓଡ଼ିଶା ମୁଖ୍ୟାଳୟ ପକ୍ଷରୁ ଦୁଇଦିନ ଧରି ସାମୁଦ୍ରିକ ପ୍ରଦୂଷଣ ପ୍ରତିକାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ରାଜ୍ୟ ପ୍ରଶାସନ, ଡିଜାଷ୍ଟର ମ୍ୟାନେଜମେଣ୍ଟ, ପାରାଦୀପ ବନ୍ଦର, ତୈଳ କମ୍ପାନୀମାନେ ସାମିଲ ହୋଇଥିଲେ। ସମୁଦ୍ରରେ ବିଭିନ୍ନ କାରଣରୁ ତୈଳାକ୍ତ ପ୍ରଦୂଷଣ ହୋଇଥାଏ। ସେହି ପ୍ରଦୂଷଣ ସାମୁଦ୍ରିକ ଜଳଜୀବ ସଂସ୍ପର୍ଶରେ ଆସିବା ଯୋଗୁ ଅନେକ ପ୍ରଜାତିର ଜଳଜୀବ ବିଲୁପ୍ତପ୍ରାୟ ଅବସ୍ଥାରେ ପହଞ୍ଚିଗଲେଣି। ସେହି ତୈଳ ଆସ୍ତରଣ ସଫା କରିବା ପାଇଁ ସରକାର ନ୍ୟାଶନାଲ ଅଏଲ ସ୍ପିଲ କଣ୍ଟିଜେନ୍ସି ପ୍ଲାନ୍ କରୁଛନ୍ତି। ଆଧୁନିକ ପ୍ରଣାଳୀରେ କିପରି ଜଳ ସଫା କରାଯାଉଛି କୋଷ୍ଟଗାର୍ଡ ୨ ଦିନ ଧରି ତାହା ଦେଖାଇଥିଲା। ଏଥିପାଇଁ ସ୍ୱତନ୍ତ୍ର ଭାବେ ଏକ ପାଟ୍ରୋଲିଂ ଜାହାଜ ଚେନ୍ନାଇରୁ ଆସିଛି। ପାରାଦୀପ ନିକଟ ସମୁଦ୍ର ତଟରେ କୋଷ୍ଟଗାର୍ଡର ପାଟ୍ରୋଲିଂ ଜାହାଜ ଅମୋଘ, ବିଜୟ, ସରୋଜିନୀ ନାଇଡୁ, ଚାର୍ଲି ୪୨୫, ଡୋନିୟର ଏୟାରକ୍ରାଫ୍ଟ, ବନ୍ଦରର ଟଗ୍‌ବୋଟ୍ ଓ ତେଲ କମ୍ପାନୀର ବୋଟଗୁଡିକ ସାମିଲ ହୋଇଥିଲା। ପ୍ରଥମେ କୂଳରୁ ସଫେଇ କରାଯାଇଥିଲା। ଏଥିରେ ଛାତ୍ରୀଛାତ୍ର, ସମୁଦ୍ର ବ୍ୟବହାରକାରୀ ସଂସ୍ଥା, ଏନ୍‌ସିସି ଓ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧିମାନେ ସାମିଲ ଥିଲେ।

# ମଣ୍ଡି ଖୋଲିବାକୁ ଜିଲାପାଳଙ୍କ ନିକଟରେ ଦାବି

**ବାଲିଆ,୧୨।୪**



ଜିଲାପାଳଙ୍କ ନିକଟରେ ଅଭିଯୋଗ ଜଣାଇଥିବା ଚାଷୀ।

- **ନିର୍ଦ୍ଧାରିତ ସମୟ ପୂର୍ବରୁ ବନ୍ଦ ହେଲା ମଣ୍ଡି**
- **ଧରାଛୁଆଁ ଦେଲେନି ମିଲର**
- **ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି ଚାଷୀ**

ବିରିଡ଼ି ବ୍ଲକ ଉତ୍ତର ଶାସନ ସେବା ସମବାୟ ସମିତି ଅଧୀନରେ ଚାଷୀମାନେ ଧାନର ଅଭାବି ବିକ୍ରିର ସମ୍ମୁଖୀନ ହେଉଛନ୍ତି। ଏହାର ସମାଧାନ ପାଇଁ ସେମାନେ ତୁରନ୍ତ ମଣ୍ଡି ଖୋଲିବାକୁ ଶୁକ୍ରବାର ଜିଲାପାଳ ଗୁହା ପୁନମ ତାପସ କୁମାରଙ୍କ ନିକଟରେ ଦାବି ଜଣାଇଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ଆବଶ୍ୟକ ପରିମାଣର ଧାନ ସଂଗ୍ରହ ପୂର୍ବରୁ ଏହି ସମବାୟ ସମିତିରେ ଖୋଲାଯାଇଥିବା ମଣ୍ଡି ବନ୍ଦ କରିଦିଆଯାଇଥିଲା। ଫଳରେ ଚାଷୀମାନେ ଅଭାବି ବିକ୍ରିର ସମ୍ମୁଖୀନ ହେଉଛନ୍ତି। ଉକ୍ତ ସେବା ସମବାୟ ସମିତିର ସଭାପତି ପୀତାମ୍ବର ମହାପାତ୍ର ଓ ନବନିର୍ମାଣ କୃଷକ ସଙ୍ଗଠନର ରାଜ୍ୟ ପ୍ରଭାରୀଙ୍କ ନେତୃତ୍ୱରେ ଚାଷୀ ଭାଗ୍ୟଧର ରାଉଳ, ନିରାକାର ଜେନା, ଗୁରୁ ଚରଣ ଜେନା, କାର୍ତ୍ତିକେଶ୍ୱର ଜେନା, ଗୋଲେଖ ଚନ୍ଦ୍ର ଜେନା, ସୁଦର୍ଶନ ମହାପାତ୍ର, ପ୍ରଦ୍ୟୁମ୍ନ କୁମାର ମିଶ୍ର, ରମେଶ ଚନ୍ଦ୍ର ପଣ୍ଡା, ମନୋଜ ଶାସମଲ, ଜ୍ଞାନରଞ୍ଜନ ମିଶ୍ର, ଜିତେନ୍ଦ୍ର ମହାନ୍ତି, ଅଭିମନ୍ୟୁ ସାହୁ, ମୁରଲୀ ବାରିକ, ସୁବୋଧ ଚନ୍ଦ୍ର ଜେନା, ଆଶୀର୍ବାଦ ଜେନା ପ୍ରମୁଖ ୨୫ରୁ ଊର୍ଦ୍ଧ୍ୱ ଚାଷୀ ଜିଲାପାଳଙ୍କୁ ଭେଟି ଅଭିଯୋଗ ଜଣାଇଛନ୍ତି। ଦାବିପତ୍ରର ଏକ ନକଲ ଜିଲା ଯୋଗାଣ ଅଧିକାରୀଙ୍କୁ ମଧ୍ୟ ପ୍ରଦାନ କରାଯାଇଛି। ଯଦି ତୁରନ୍ତ ମଣ୍ଡି ଖୋଲା ନ ଯାଏ, ତେବେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତବନୀ ଦେଇଛନ୍ତି। ଏ ସମ୍ପର୍କରେ ଉକ୍ତ ସମବାୟ ସମିତିର ସଭାପତି ମହାପାତ୍ର କହିଛନ୍ତି ଯେ, ଉକ୍ତ ସମବାୟ ଅଧୀନରେ ପଞ୍ଜୀକୃତ ହୋଇଥିବା ଚାଷୀ ଧାର୍ଯ୍ୟ ଅନୁଯାୟୀ ମଣ୍ଡିରେ ଧାନ ଦେଇପାରିନାହାନ୍ତି। ଡିସେମ୍ବର ୨୦୧୮ରୁ ମଣ୍ଡି ଖୋଲାଯାଇଥିଲେ ମଧ୍ୟ ଅଳ୍ପ କେତେଜଣ ଚାଷୀ ଧାନ ବିକ୍ରି କରିବା ପରେ ଆଉ ମାର୍ଚ୍ଚ ମାସରେ ମିଲର ଧରାଛୁଆଁ ଦେଇ ନ ଥିଲେ। ଫଳରେ ସେବେଠାରୁ ଧାନମଣ୍ଡି ବନ୍ଦ ହେବାକୁ ଲେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମଣ୍ଡି ଖୋଲାଯିବ ବୋଲି ଏ.ଆର୍.ସି.ସି ଓ ସମବାୟ ସମ୍ପାଦକ ଚାଷୀଙ୍କୁ ପ୍ରତିଶ୍ରୁତି ଦେଇଆସୁଥିଲେ ମଧ୍ୟ ତାହା ହୋଇପାରିନାହିଁ। ଫଳରେ ଚାଷୀ ଶସ୍ତାରେ ବେପାରୀଙ୍କୁ ଧାନ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି।



## ସଂକ୍ଷେପରେ

### ଟ୍ରାକ୍ଟର ଧକ୍କାରେ ଶିଶୁ ମୃତ

ନିଶ୍ଚିନ୍ତକୋଇଲି,୧୨।୪(ସ୍ୱ.ପ୍ର.): ଏକ ମାଟି ବୋଝେଇ ଟ୍ରାକ୍ଟର ଗାଁ ଦାଣ୍ଡରେ ଖେଳୁଥିବା ଏକ ଶିଶୁ ପୁତ୍ରକୁ ଧକ୍କା ଦେବାରୁ ଘଟଣାସ୍ଥଳରେ ଶିଶୁଟିର ମୃତ୍ୟୁ ଘଟିଛି। ମୃତ୍ୟୁ ଖବର ପ୍ରଚାରିତ ହେବା ଫଳରେ ସ୍ଥାନୀୟ ଅଂଚଳରେ ତୀବ୍ର ଉତେଜନା ଦେଖାଦେଇଛି। ଏପରି ଏକ ଘଟଣା ସାଲେପୁର ଥାନା ତଥା ନିଶ୍ଚିନ୍ତକୋଇଲି ବ୍ଲକ ଫୋଗଳ ପଂଚାୟତ ଜଗନ୍ନାଥପୁର ଗ୍ରାମରେ ଦେଖିବାକୁ ମିଳିଛି। ଶୁକ୍ରବାର ଅପରାହ୍ନରେ ଏକ ନମ୍ବର ବିହିନ ମାଟି ବୋଝେଇ ଟ୍ରାକ୍ଟର ଜଗନ୍ନାଥପୁର ସ୍କୁଲ ଆଡୁ ଆସି ଗାଁ ଭିତରକୁ ଯାଉଥିଲା। ଏହି ସମୟରେ ଫୋଗଳ ପଂଚାୟତ ୩ ନଂ ୱାର୍ଡ ଜଗନ୍ନାଥପୁର ଗ୍ରାମର ଦିଲୁ ସାମଲଙ୍କ ୯ ମାସର ପୁଅ ସୁଜିତ ସାମଲ ଘର ଆଗରେ ଖେଳୁଥିବା ସମୟରେ ଟ୍ରାକ୍ଟର ସୁଜିତକୁ ଧକ୍କା ଦେଇଥିଲା। ଟ୍ରାକ୍ଟର ଶିଶୁ ପୁତ୍ରର ମୁଣ୍ଡରେ ଚଢି ଯାଇଥିବାରୁ ଶିଶୁ ପୁତ୍ରର ମୃତ୍ୟୁ ଘଟିଥିଲା। ଏହି ଖବର ପ୍ରକାଶିତ ହେବା ପରେ ସ୍ଥାନୀୟ ଅଂଚଳରେ ତୀବ୍ର ଉତେଜନା ପ୍ରକାଶ ପାଇଥିଲା। ଏପରିକି ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟରକୁ ଉତ୍ତ୍ୟେକ୍ତ ଲୋକେ ନିଆଁ ଲଗାଇବା ପାଇଁ ଉଦ୍ୟମ କରୁଥିବା ବେଳେ ପୋଲିସ ଘଟଣାସ୍ଥଳରେ ପହଂଚି ଟ୍ରାକ୍ଟର ଚାଳକକୁ ଗିରଫ କରିବା ସହ ଟ୍ରାକ୍ଟରକୁ ଜବତ କରିଥିବା ଜଣାଯାଇଛି।

### କଂଗ୍ରେସ ନିର୍ବାଚନ ପରିଚାଳନା କମିଟି ଗଠିତ

**କେନ୍ଦ୍ରାପଡା ଅଫିସ, ୧୨।୪:** କେନ୍ଦ୍ରାପଡାରେ କଂଗ୍ରେସ ସଂଗଠନକୁ ସୁଦୃଢ଼ କରିବା ପାଇଁ ଶୁକ୍ରବାର ଏକ ପରିଚାଳନା କମିଟି ଗଠନ କରାଯାଇଛି। କେନ୍ଦ୍ରାପଡା ବିଧାନସଭା ଆସନର କଂଗ୍ରେସ ପ୍ରାର୍ଥୀ ଗଣେଶ୍ୱର ବେହେରାଙ୍କ ଅନୁମୋଦନ କ୍ରମେ ଏହି କମିଟିରେ ସଭାପତି ଭାବେ ମହମ୍ମଦ ଆକବର ଅଲ୍ଲୀ, ଆବାହକ ଭାବେ ସୌମେନ୍ଦ୍ର ପୃଷ୍ଟିଙ୍କୁ ଦାୟିତ୍ୱ ଦିଆଯାଇଛି। ସଦସ୍ୟ ଭାବେ ମୁକ୍ତାର ଖାଁ, ଧରଣୀଧର ସୁଆର, ପ୍ରଫୁଲ୍ଲ କୁମାର ସାହୁ, ଶରତ କୁମାର ବେହୁରା, ହିବଜୁର ରହେମାନ, ସଞ୍ଜୟ ରାଉତ, ସିଦ୍ଧାର୍ଥ ଜେନା ଓ ଆଶିଷ ମେକାପ ରହିଛନ୍ତି । ସେହିପରି ନିର୍ବାଚନ ପ୍ରଚାର ନିମନ୍ତେ ଗଠନ ହୋଇଥିବା କମିଟିରେ ଶରତ କୁମାର ବେହୁରାଙ୍କୁ ସଭାପତି ଓ ଗୋପାଳ କୃଷ୍ଣ ଜେନାଙ୍କୁ ଆବାହକ ଦାୟିତ୍ୱ ଦିଆଯାଇଛି। ସଦସ୍ୟ ଭାବେ ଗୋପୀନାଥ ବାରିକ, ଅନ୍ନପୂର୍ଣ୍ଣା ଦାସ, ରାଜେଶ ମହାନ୍ତି, ପ୍ରଫୁଲ୍ଲ କୁମାର ସାହୁ, ସୌମେନ୍ଦ୍ର ପୃଷ୍ଟି, କୃଷ୍ଣ ପ୍ରସାଦ ଦାସ, ସୟଦ ଅବଦୁଲ ସତ୍ତାର, ସମ୍ବିତ ଶ୍ରୀଚନ୍ଦନ ଓ କମଳାକାନ୍ତ ବେହେରା ପ୍ରମୁଖ ରହିଛନ୍ତି ବୋଲି ନଗର କଂଗ୍ରେସ ସଭାପତି ସୌମେନ୍ଦ୍ର ସୂଚନା ଦେଇଛନ୍ତି ।

## ପାଟକୁରାରେ କଂଗ୍ରେସର ପ୍ରଥମ ନିର୍ବାଚନୀ ସଭା

# କର ବା ମର ରଣନୀତିକୁ ଆପଣାଇବାକୁ ଆହ୍ୱାନ

**ଡେରାବିଶ, ୧୨।୪(ସ୍ୱ.ପ୍ର.)**

ସାଧାରଣ ନିର୍ବାଚନ ପାଇଁ ସମୟ ଯେତେ ପାଖେଇ ଆସୁଛି ପାଟକୁରା ନିର୍ବାଚନମଣ୍ଡଳୀରେ ରାଜନୈତିକ ଉଷ୍ମତା ସେତେ ବଢିବାରେ ଲାଗିଛି । ଚଳିତ ନିର୍ବାଚନରେ ଏହି ଆସନରେ ତିନି ପ୍ରମୁଖ ଦଳ କଂଗ୍ରେସ, ବିଜେଡି ଓ ଭାଜପା ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବାକୁ ଯାଉଛି । ତେବେ କଂଗ୍ରେସ ଏହି ନିର୍ବାଚନରେ ନିଜର ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଜୋରଦାର ଉଦ୍ୟମ ଆରମ୍ଭ କରିଛି। ନାମାଙ୍କନ ପତ୍ର ଦାଖଲ, ଯାଞ୍ଚ ଓ ଶୁକ୍ରବାର ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ କଂଗ୍ରେସ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଡେରାବିଶ ବ୍ଲକ ଅଞ୍ଚଳରେ ପ୍ରଥମ ନିର୍ବାଚନୀ ସଭା ଆରମ୍ଭ କରିଛି । ଏହି ନିର୍ବାଚନ ମଣ୍ଡଳୀର ୧୪ ନଂ ଜୋନ୍‌ରୁ କଂଗ୍ରେସ ତାର ପ୍ରଚାର ଅଭିଯାନର ଶୁଭାରମ୍ଭ କରିଛି । ଏଥି ସହ ଜୋନ୍ ଅନ୍ତର୍ଗତ ଦାନପୁର ପଞ୍ଚାୟତ ଗହଗା ମେଳଣ ପଡିଆରେ ଏକ ସଭା ଆୟୋଜନ କରିଥିଲା । ଜୋନ୍ ଦଳୀୟ ସଭାପତି ଉମେଶ ଚନ୍ଦ୍ର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ନିର୍ବାଚନୀ ସଭାରେ ଦଳୀୟ ପ୍ରାର୍ଥୀ ଜୟନ୍ତ ମହାନ୍ତି ବିଜେଡି ଓ ଭାଜପା ବିରୋଧରେ ବିଷୋଦ୍‌ଗାର କରିବା ସହ ଉପସ୍ଥିତ କର୍ମୀଙ୍କୁ ଏହି ନିର୍ବାଚନ ପାଇଁ କର ବା ମର ରଣନୀତିକୁ ଆପଣେଇବାକୁ ଆହ୍ୱାନ ଦେଇଛନ୍ତି । ଅଣକଂଗ୍ରେସ ଗଡ ଭାବେ ପରିଚିତ ପାଟକୁରାରେ ଏଥର କଂଗ୍ରେସ ଜିତିବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି। ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଥିବା ବିଜେଡି ଓ ଭାଜପାକୁ ସାଧାରଣ ଲୋକ ପ୍ରତ୍ୟାଖ୍ୟାନ କରିବା ସହ ଏଥର ରାଜ୍ୟରେ ପରିବର୍ତ୍ତନର ସମ୍ଭାବନା ଦେଖା ଦେଇଥିବା ଜୟନ୍ତ ନିଜ ବକ୍ତବ୍ୟରେ କହିଥିଲେ । ଏହି ସଭାରେ କେନ୍ଦ୍ରାପଡା ଲୋକସଭା ନିର୍ବାଚନମଣ୍ଡଳୀର ଏମପି ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା କଂଗ୍ରେସର ବରିଷ୍ଠ ନେତା ତଥା ଆଇନଜୀବୀ ଧରଣୀଧର ନାୟକ ଯୋଗଦେଇ ଗତ ୧୯ ବର୍ଷର ବିଜେଡି ସରକାର ସମଗ୍ର ରାଜ୍ୟକୁ ଆର୍ଥିକ ଅନଗ୍ରସର ରାଜ୍ୟ ଭାବେ ପରିଣତ କରିଥିବା କହିଥିଲେ । ଏପରି କି ସାଧାରଣ ଲୋକଙ୍କ ମୌଳିକ ସମସ୍ୟାକୁ ଦୃଷ୍ଟି ନ ଦେଇ ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଦଳୀୟ କର୍ମୀ କଲ୍ୟାଣ ପାଣ୍ଠିରେ ପରିଣତ କରିଥିବା ସେ କହିଥିଲେ । ଚଳିତ ନିର୍ବାଚନରେ କଂଗ୍ରେସ ସମଗ୍ର ରାଜ୍ୟ ତଥା ଦେଶରେ ବହୁମତ ପାଇବା ସହ ସରକାର ଗଠନ କରିବ ବୋଲି ଧରଣୀଧର ଦୃଢୋକ୍ତି ପ୍ରକାଶ କରିଥିଲେ । ଏହି ସଭାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ପୁଅ ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ ଯୋଗଦେଇ ବିଜେଡି ସରକାର ସମୟରେ ସାଧାରଣ ଲୋକେ ଅତିଷ୍ଠ ହୋଇ ପଡିଥିବା କହିଥିଲେ । କେନ୍ଦ୍ରରେ ଭାଜପା ସରକାର ଓ ରାଜ୍ୟରେ ବିଜେଡି ସରକାର ପରିବର୍ତ୍ତନ ହେବା ସହ ଆଗାମୀ ଦିନରେ କଂଗ୍ରେସ ସରକାର ଗଠନ କରିବା ଏକପ୍ରକାର ନିଶ୍ଚିତ ବୋଲି କହିଥିଲେ। ଜିଲା କଂଗ୍ରେସ ସଭାପତି ଚିନ୍ମୟ ପ୍ରସାଦ ବେହୁରା କହିଲେ ଜିଲାରେ ଭାଜପା ଓ ବିଜେଡି ନିଜ ମଧ୍ୟରେ ଭିତରି ସମନ୍ୱୟ ରକ୍ଷା କରି ଲୋକ ଦେଖାଣିଆ ନିର୍ବାଚନ ଲଢୁଛନ୍ତି। କଂଗ୍ରେସ ସରକାର ଗଠନ ହେବା ପରେ କୃଷିପ୍ରଧାନ କେନ୍ଦ୍ରାପଡା ଜିଲାକୁ ଅଧିକ ଗୁରୁତ୍ୱ ଦିଆଯିବ । ବରିଷ୍ଠ କଂଗ୍ରେସ ନେତା ଜ୍ଞାନଦେବ ବେଉରା କହିଲେ ଯେ, ବିମୁଦ୍ରୀକରଣ ନାମରେ ଦେଶରେ ଅଧିକ କଳାଧନ ବୃଦ୍ଧି ପାଇଛି । ଚାଷୀଙ୍କ ସମସ୍ୟା ପ୍ରତି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସବୁବେଳେ ଅଣଦେଖା କରି ଆସିଛନ୍ତି। କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ଦାସ, ଯୁବ କଂଗ୍ରେସ ନେତା ଦିଲ୍ଲୀପ ମହାନ୍ତି, ଜିଲା ସାଧାରଣ ସମ୍ପାଦକ ସୁଖଦାନନ୍ଦ ପ୍ରଧାନ, କୈଳାସ ଚନ୍ଦ୍ର କର ଯୋଗଦେଇ ବିଜେଡି ଓ କେନ୍ଦ୍ରରେ ନେତୃତ୍ୱାଧୀନ ଭାଜପା ସରକାର ବିରୋଧରେ ନିଜ ନିଜର ବକ୍ତବ୍ୟ ରଖିବା ସହ ଦଳୀୟ ପ୍ରାର୍ଥୀ ଜୟନ୍ତ ମହାନ୍ତି ଓ ଧରଣୀଧର ନାୟକଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରିବାକୁ ଉପସ୍ଥିତ କର୍ମୀ ଓ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଅନନ୍ତ ଚରଣ ପାତ୍ର, ବରିଷ୍ଠ କଂଗ୍ରେସ ନେତା ପ୍ରଶାନ୍ତ ଦାସ, କୁମାର ଚନ୍ଦ୍ର ବଳ, ଯୁବନେତା ପୂର୍ଣ୍ଣାନନ୍ଦ ବେହେରା, ରାଜକିଶୋର ମିଶ୍ର, ରଶ୍ମିତା ମହାନ୍ତି, ରଜନୀକାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଦିଲ୍ଲୀପ କୁମାର ବଳ, ଗୁରୁଚରଣ ନାଥ ସଭା ପରିଚାଳନା କରିଥିଲେ ।



ସଭାରେ ଉପସ୍ଥିତ କଂଗ୍ରେସ ନେତାମାନେ।

# ନାକ୍ ଟିମ୍‌ର ବାଙ୍କୀ କଲେଜ ପରିଦର୍ଶନ

**ବାଙ୍କୀ,୧୨।୪(ସ୍ୱ.ପ୍ର.)**

ନାକ୍ ପିୟର ଟିମ୍ ଶୁକ୍ରବାର ବାଙ୍କୀ କଲେଜକୁ ୨ ଦିନିଆ ପରିଦର୍ଶନରେ ଆସିଛନ୍ତି। କମିଟି ଚେୟାରମ୍ୟାନ ଡ. ଏମ୍.ଏସ୍. ମୁଦ୍‌ଥାୟାଙ୍କ ନେତୃତ୍ୱରେ ସଭ୍ୟ ଓ ସଂଯୋଜକ ପ୍ରଫେସର ନରପାଟ୍ ସିଂ ଶେଖାୱାତ୍, ସଭ୍ୟ ଡ. ଅମୁଥା ପାଣ୍ଡିଆନ୍ କଲେଜରେ ପହଞ୍ଚିବା ପରେ କଲେଜ ଅଧ୍ୟକ୍ଷ ଡ. ବାବାଜୀ ଚରଣ ଶତପଥୀଙ୍କ ନେତୃତ୍ୱରେ ଉପାଧ୍ୟକ୍ଷ ସଦାନନ୍ଦ ବାରିକ, ଯୁକ୍ତ ୨ କଲେଜ ଅଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ ମହାପାତ୍ର, ପ୍ରଶାସନିକ ଅଧିକାରୀ ଅଧ୍ୟାପକ ବିଭାସ ଦାଶ, ଅଧ୍ୟାପକ ଶୈଳେନ୍ଦ୍ର ଚନ୍ଦ୍ର ଦେଓ, ନାକ୍ ସଂଯୋଜକ ପ୍ରାଧ୍ୟାପିକା ଡ. ନିବାସିନୀ ପଣ୍ଡା ଓ ପ୍ରାଧ୍ୟାପିକା ଡ. ସନ୍ଧ୍ୟାରାଣୀ ମହାନ୍ତି ସେମାନଙ୍କୁ ସ୍ୱାଗତ କରିଥିଲେ। ପରେ କଲେଜ ଦୃଶ୍ୟଶ୍ରାବ୍ୟ ଗୃହଠାରେ ଅଧ୍ୟକ୍ଷ ଡ. ଶତପଥୀ ଓ ନାକ୍ ଟିମ୍ ମୁଖ୍ୟ ସଂଯୋଜକ ଡ. ନିବାସିନୀ ପଣ୍ଡା କଲେଜର ସମସ୍ତ ତଥ୍ୟ ଟିମ୍‌ର ସଭ୍ୟଙ୍କ ନିକଟରେ ଉପସ୍ଥାପନ କରିଥିଲେ। ଟିମ୍ କଲେଜର ବିଭିନ୍ନ ବିଭାଗ ପରିଦର୍ଶନ କରି ଅଧ୍ୟାପିକା, ଅଧ୍ୟାପକ, ଅଭିଭାବକ, ପୁରାତନ ଛାତ୍ର, ପରିଚାଳନା କମିଟି ସଭ୍ୟ ଓ ଛାତ୍ରୀଛାତ୍ରଙ୍କ ସହିତ ଆଲୋଚନା କରିଥିଲେ। କଲେଜ ପୂର୍ବତନ ଅଧ୍ୟକ୍ଷ ଡ. ଅମରେନ୍ଦ୍ର ମିଶ୍ର, ପୂର୍ବତନ ପ୍ରାଣୀବିଜ୍ଞାନ ଅଧ୍ୟାପକ ଡ. ସତ୍ୟନାରାୟଣ ମିଶ୍ର, ଡ. କୃଷ୍ଣଚନ୍ଦ୍ର ରଥ, ଡ. ଚିତ୍ରସେନ ରାଉତ, ଡ. ସତ୍ୟଜିତ୍ ଦାଶ ଓ ନିରଞ୍ଜନ ମହାନ୍ତିଙ୍କ ସମେତ ସମସ୍ତ ଅଧ୍ୟାପକ, କର୍ମଚାରୀ ଉପସ୍ଥିତ ରହି କଲେଜ ସମ୍ପର୍କିତ ସମସ୍ତ ତଥ୍ୟ ପ୍ରଦାନ କରିଥିଲେ। ଟିମ୍ ପରିଦର୍ଶନ ପରେ କଲେଜର ଗ୍ରେଡେସନ୍ ନିରୂପଣ କରାଯିବ। ୨୦୦୬ରେ ପ୍ରଥମ ଥର ନାକ୍ ଟିମ୍ ବାଙ୍କୀ କଲେଜ ପରିଦର୍ଶନ କରି ବି++ଗ୍ରେଡ୍ ପ୍ରଦାନ କରିଥିଲେ। ୧୨ବର୍ଷ ପରେ ଦ୍ୱିତୀୟ ଥର ଏହି ଟିମ୍ କଲେଜ ପରିଦର୍ଶନରେ ଆସିଥିବାରୁ ବାଙ୍କୀ ଜନସାଧାରଣ, କଲେଜ ଅଧ୍ୟାପିକା, ଅଧ୍ୟାପକ ଏବଂ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି। ଏଥିସହ ନାକ୍‌ଟିମକୁ କଲେଜ ପକ୍ଷରୁ ଧନ୍ୟବାଦ ଜଣାଯାଇଛି।

### ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବୈଠକ

**କେନ୍ଦ୍ରାପଡା ଅଫିସ, ୧୨।୪**

ସହରର କେଶପୁର ବଜାରସ୍ଥିତ ଶ୍ରୀ ଲକ୍ଷ୍ମୀ ନାରାୟଣ ଧର୍ମଶାଳା ପରିସରରେ କେନ୍ଦ୍ରାପଡା ଜିଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ସଭାପତି ଡ. ଉପେନ୍ଦ୍ର ନାଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସଂଗଠନକୁ ସୁଦୃଢ଼ କରିବା, ସଦସ୍ୟଙ୍କ ସମସ୍ୟାର ସମାଧାନ କରିବା ଓ ସାମାଜିକ କାର୍ଯ୍ୟ ତାଲିକା ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହି ଆଲୋଚନାରେ ଶିକ୍ଷାବିତ୍ ଅଜୟ ସାମଲ, କରୁଣାକର ଦାସ, ମନ୍ମଥ କୁମାର ରାଉତ, ବୈଷ୍ଣବ ଚରଣ ସ୍ୱାଇଁ, କୃତିବାସ ସ୍ୱାଇଁ, ଗୋଖେଇ ପାତ୍ର, କୃଷ୍ଣଚନ୍ଦ୍ର ମହାରଣା ପ୍ରମୁଖ ଭାଗ ନେଇଥିଲେ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧକ୍ ସକ୍ କାନ୍ଦନା, ମୁଁ ଅଇଲିଣି;**
**ଦୀପ ଲଗେଇ ଦେଖି ପିଠି,**
**ଲାଉ ଚୋରା ଭାବ ପାଇଲିଣି ।**

ଚୋର ଘର ସବୁବେଳେ ଅନ୍ଧାର ନ ଥାଏ। ସବୁଦିନେ ଚୋର ଖସି ଯାଇ ନ ଥାଏ, ଦିନେ ନା ଦିନେ ତା' ଚୋରି ଧରା ପଡ଼ି ସେ ଦଣ୍ଡ ପାଇଥାଏ। ସବୁ ଦିନ ତା'ର ଏକାଭଳି ଯାଇ ନ ଥାଏ। ଏପରିସ୍ଥଳେ ଚୋରି କରିବାକୁ ଯାଇଥିବା ବ୍ୟକ୍ତି ମାଡ଼ଖାଇ ତା' ଘରକୁ ଆସି କାନ୍ଦୁଥିବା ଆତ୍ମୀୟ ସ୍ୱଜନକୁ ପ୍ରବୋଧନା ଦେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଧାନ ସେରକର ଚକୁଳି;**
**ଦି'କୁଳେ ଘିଅ ବୋହିଯାଉଛି**
**ଧାଇଁ ଆସଲୋ ଟକଲୀ !**

ବଡ଼େଇ କରି କହିବାର ଇଏ ହେଉଛି ଏକ ଶୈଳୀ। ନିଜେ ଯେତେ ନୁହଁ କି ଯାହା ନୁହଁ ତାହାଠୁ ଅତିରଞ୍ଜିତ କରି କହିବା କିଛି ବ୍ୟକ୍ତିଙ୍କ ଏକ ପ୍ରକୃତି ହୋଇଥାଏ। ଭଲକରି ଖାଇବାକୁ ମୁଠେ ପାଉ ନ ଥିବା ଦୀନହୀନ ଦରିଦ୍ର ବ୍ୟକ୍ତି ଅନ୍ୟ ଆଗରେ ନିଜର ବୃଥା ବଡ଼ପଣ ଦେଖେଇହେବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ୯ ହଜାର ଲିଟର ପୋଚ ନଷ୍ଟ, ୮୩୦ ଲିଟର ରନ୍ଧାମଦ ଜବତ

**ଆଠଗଡ଼,୧୨।୪(ସ୍ୱ.ପ୍ର.)**

କଟକ ଜିଲା ଅବକାରୀ ବିଭାଗ ପକ୍ଷରୁ ଆଠଗଡ ଥାନା କୋରଙ୍ଗା ଓ ଟିଗିରିଆ ଥାନା ଭିରୁଡା ଆଖପାଖରେ ଥିବା ଜଙ୍ଗଲିଆ ସ୍ଥାନରେ ଶୁକ୍ରବାର ଚଢ଼ାଉ କରାଯାଇଛି। ଏହି ସମୟରେ ୯ ହଜାର ଲିଟର ପୋଚ ନଷ୍ଟ କରାଯିବା ସହିତ ୮୩୦ ଲିଟର ରନ୍ଧାମଦ ଜବତ କରାଯାଇଛି। ଦୀର୍ଘ ଦିନ ହେବ ଏହିସବୁ ସ୍ଥାନରେ ବେଆଇନ ଚୋରା ଦେଶୀ ମଦ ରନ୍ଧା ଯାଇ ବିଭିନ୍ନ ଅଞ୍ଚଳକୁ ଚାଲାଣ ହେଉଥିବା ଅଭିଯୋଗ ହୋଇ ଆସୁଥିଲା। ପୂର୍ବରୁ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ବିପୁଳ ମଦ ଜବତ କରାଯିବା ସହ ପୋଚ ନଷ୍ଟ କରାଯାଇ ଏକାଧିକ ଅଭିଯୁକ୍ତଙ୍କ ଗିରଫ କରାଯାଇଥିଲା। ନିର୍ବାଚନ ସମୟରେ ଆଦର୍ଶ ଆଚରଣ ବିଧି ଉଲ୍ଲଙ୍ଘନ ପୂର୍ବାନୁମାନ କରି ଅବକାରୀ ବିଭାଗ ପ୍ରାୟ ଏକମାସ ହେବ ଏହି ଅଞ୍ଚଳରେ ଚଢାଉ ଜାରି ରଖିଛି। ଏହା ସତ୍ତ୍ୱେ ଏ ଅଞ୍ଚଳରେ ଚୋରାରେ ମଦ ରନ୍ଧାଯାଉଥିବା ଅବକାରୀ ଗୁଇନ୍ଦା ସଂସ୍ଥା ପକ୍ଷରୁ ତଦନ୍ତ କରାଯାଇଥିଲା। ଅବକାରୀ ଜିଲା ଅଧୀକ୍ଷକ ଅଶୋକ ଶତପଥୀଙ୍କ ନିର୍ଦ୍ଦେଶ ମତେ ଆଠଗଡ, କଟକ ଭ୍ରାମ୍ୟମାଣ ଦଳ, ଗୁଇନ୍ଦା ବିଭାଗ କର୍ମଚାରୀ ମଦ ପ୍ରସ୍ତୁତ ହେଉଥିବା ଉପରୋକ୍ତ ଆଡ୍ଡା ଉପରେ ଚଢାଉ କରିଥିଲେ। ଏହା ଜାଣିପାରି ସେଠାରେ ଥିବା ଲୋକେ ଦୌଡି ପଳାଇଥିଲେ। ଚଢାଉରେ ନିରୀକ୍ଷକ ସଞ୍ଜିତ ବାର୍ଲା, ଶରତ ଭଞ୍ଜ, ପ୍ରମୋଦ ପଣ୍ଡା, ପ୍ରବୀର ସାମଲ, ବିଜୟ ଭଞ୍ଜ, ଜଗଦୀଶ ସାମଲ ଓ ଟିଗିରିଆ ଥାନା କର୍ମଚାରୀ ସାମିଲ ହୋଇଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY

TARIFF
MORE SPACE • SAME PRICE

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ALL EDITION - B/W
(Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE
ସ୍ୱୀକୃତୀପ୍ରାପ୍ତ ମୁଦ୍ରା ଯୋଜନା ଦ୍ୱାରା ମାର୍କସିଟ, କୃଷି, ଆଧାରକାର୍ଡ, ସମ୍ପତି, ଗୃହ ଓ ବ୍ୟକ୍ତିଗତ, BPL ଋଣ ମାତ୍ର ୪୫୦/- ଟଙ୍କାରେ ଘରେ ବସି ପାଆନ୍ତୁ। ବାର୍ଷିକ 1% ସୁଧ 50% ଛାଡ
4th floor, 540, 100 Feet Rd, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
8698663544
8956667461

See Color Display Classified on every Tuesday & Friday

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

LOAN
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫0,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍‌ଚର୍ ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668
8395864708
SCO- 106, Second Floor, Vishal Tower, Cannaught Place, Delhi.

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଇ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ
୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍‌ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add. : T-51, Gali No. 8, Gautampuri, Delhi

ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର
CITY FINANCE GROUP LTD.
ଭାରତର ସର୍ବଶ୍ରେଷ୍ଠ ସୁପ୍ରସିଦ୍ଧ କମ୍ପାନୀ ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ ଋଣ, ବିପିଏଲ୍ କାର୍ଡ ଋଣ, ବ୍ୟବସାୟ ଋଣ, ଆଧାରକାର୍ଡ ମାତ୍ର 24 ଘଣ୍ଟାରେ ଘରେ ବସି କିମ୍ବା ଅନ୍‌ଲାଇନ୍‌ରେ ପାଆନ୍ତୁ କମ୍ ସମୟ ସହଜ କିସ୍ତିରେ ଉପଲବ୍ଧ। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number
9855585642
8053882482
B-283, JJ Camp Tigri, South Delhi, Delhi - 110062

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

ଲକ୍ଷ୍ମୀ ଫାଇନାନ୍ସ (ରେଜି.)
କମ୍ପାନୀ ସବୁ ସରକାରୀ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗାଡ଼ି ଏବଂ ସମସ୍ତ ଋଣ ମାତ୍ର ୧୮ ଘଣ୍ଟାରେ, ୨% ସୁଧ, ୫୦% ରିହାତି।
(ମହିଳାଙ୍କୁ ବିଶେଷ ରିହାତି)
9511074590
9511074774
H.No. 249, Vill- SISWALA, Teh.- DADRI, Dist.- BHIWANI

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Dhanlaxmi Finance
(Registration- BG8855CH8814)
ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ପର୍ସନାଲ, ସବୁ ଋଣ ମାତ୍ର 24 ଘଣ୍ଟାରେ ପାଆନ୍ତୁ। 2% ସୁଧ, 40% ରିହାତି ସହିତ। ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି।
Helpline:
9499135756
Sadheisasan, Anakhia, Jagatsinghpur, Odisha. PIN-754102

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114, 2nd Lane, PI Colony Bangalore, Karnataka 570001
9407808604
7310568553

See Color Display Classified on every Tuesday & Friday
Size: 6 X 8
For 15 days: 40,000
For 8 days: 20,000
For 4 days: 11,000
For Single day: 2,800
GST: 5% will be added extra

**ପାଠକଙ୍କ ପାଇଁ ସୂଚନା।**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





## ସଂକ୍ଷେପରେ

### ବାସନ୍ତୀ ଦୁର୍ଗାପୂଜା ପାଇଁ ପଟ୍ଟାମୁଣ୍ଡାଇ ଉତ୍ସବମୁଖର



ପଟ୍ଟାମୁଣ୍ଡାଇ,୧୨।୪ (ସ୍ୱ.ପ୍ର): ବାସନ୍ତିକ ଦୁର୍ଗାପୂଜା ପାଇଁ ପଟ୍ଟାମୁଣ୍ଡାଇ ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି । ପଟ୍ଟାମୁଣ୍ଡାଇ ବ୍ଲକର ଡାମରପୁରଠାରେ ଚଳିତବର୍ଷ ୮୪ ତମ ବାସନ୍ତିକ ଦୁର୍ଗାପୂଜା ଧୁମ୍‌ଧାମ୍‌ରେ ପାଳିତ ହେଉଛି । ଗୁରୁବାର ମା'ଙ୍କ ବିଲ୍ୱବରଣ ହୋଇଥିବା ବେଳେ ଶୁକ୍ରବାର ସପ୍ତମୀ ଓ ଅଷ୍ଟମୀ ପୂଜା ମହାଆଡମ୍ବର ସହକାରେ ଅନୁଷ୍ଠିତ ହୋଇଛି । ଶ୍ରଦ୍ଧାଳୁମାନେ ଅଷ୍ଟମୀ ପୂଜା ପାଇଁ ମା'ଙ୍କ ନିକଟରେ ଭୋଗ ଲାଗି କରିବା ସହିତ ଦର୍ଶନ କରିଥିଲେ । ସେହିପରି କଷଣଅଣ୍ଡା ଠାରେ ବାସନ୍ତିକ ଦୁର୍ଗା ପୂଜା ୮୦ ବର୍ଷ ଧରି ଅନୁଷ୍ଠିତ ହେଉଛି । ଜିଗରଣ ଓ ତଳପଡାଠାରେ ମଧ ବାସନ୍ତିକ ଦୁର୍ଗାପୂଜା ସମାରୋହରେ ହେଉଛି । ସେହିପରି ଶେକ୍‌ପୁର ଠାରେ ୪୯ତମ ଦୁର୍ଗାପୂଜା ଅନୁଷ୍ଠିତ ହେଉଥିବା ବେଳେ ଅଷ୍ଟମୀ ପୂଜାରେ ପ୍ରବଳ ଜନ ସମାଗମ ପରିଲକ୍ଷିତ ହୋଇଥିଲା । ପେଣ୍ଠପାଳ ପଞ୍ଚାୟତର କୋଳଥିଆ, ଦାଣ୍ଡିସାହି ଏବଂ ତରଡିପାଳ ପଞ୍ଚାୟତର ଘାଗରାଡିଆରେ ମଧ ବାସନ୍ତିକ ଦୁର୍ଗାପୂଜା ହେଉଛି । ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି ।

## ■ ଚାଷୀଙ୍କ ପାଇଁ ବିପଦ ଗୁଡିଆଯୋର ନାଳି

# ଭୋଟ ବର୍ଜନ ଲାଗି ୩ ପଞ୍ଚାୟତ ଚାଷୀଙ୍କ ଚେତାବନୀ

ପଟ୍ଟାମୁଣ୍ଡାଇ,୧୨।୪ (ସ୍ୱ.ପ୍ର)

ଜମିକୁ ଯିବା ଲାଗି ପଟ୍ଟାମୁଣ୍ଡାଇ ବ୍ଲକ ଅଣ୍ଠରା ଗ୍ରାମର ଗୁଡିଆଯୋର ନାଳି ଚାଷୀଙ୍କ ପାଇଁ ବାଧକ ସାଜିଛି । ଫଳରେ କ୍ଷତିଗ୍ରସ୍ତ ଚାଷୀମାନେ ଚଳିତ ନିର୍ବାଚନରେ ଭୋଟ ବର୍ଜନ କରିବା ଲାଗି ମନସ୍ଥ କରି ଚେତାବନୀ ଦେଇଛନ୍ତି । ପ୍ରକାଶ ଯେ, ଗୁଡିଆଯୋର ପାର ହୋଇ ପଟ୍ଟାମୁଣ୍ଡାଇ ବନ୍ୟାଞ୍ଚଳର ଅଣ୍ଠରା, ଅମୃତମଣୋହି ଓ ବଲୁରିଆ ପ୍ରଭୃତି ତିନୋଟି ପଞ୍ଚାୟତର ଚାଷୀମାନେ ଜମିକୁ ଯାତାୟାତ କରିଥାନ୍ତି । ତେବେ ଅଣ୍ଠରା ଭେଡାରେ ଥିବା ପ୍ରାୟ ୬୦୦ ହେକ୍ଟର ଉର୍ବର ଚାଷଜମିକୁ ଯିବା ପାଇଁ ଗୁଡିଆଯୋର ଅନ୍ତରାୟ ସୃଷ୍ଟି କରିଛି । ବର୍ଷାଋତୁରେ ଏହି ଭେଡାକୁ ଯିବା ପାଇଁ କୌଣସି ବିକଳ୍ପ ବ୍ୟବସ୍ଥା ନ ଥିବାରୁ ଚାଷୀମାନେ କେବଳ ନିରାଶରେ ଚାହିଁ ବସିବା ଛଡା ଅନ୍ୟ ଉପାୟ ନ ଥାଏ । ନିକଟରେ ପ୍ରବାହିତ ଖରସ୍ରୋତାର ଶାଖା କାଣୀ ନଦୀ ବନ୍ୟାରେ ସମଗ୍ର ଭେଡା ଜଳମଗ୍ନ ହୋଇ ପଡୁଥିବା ବେଳେ ଗୁଡିଆଯୋର ନାଳିରେ ପ୍ରଖର ସ୍ରୋତ ଚାଷୀମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିଥାଏ । ୭୦ ଦଶକରୁ ଗୁଡିଆଯୋର ଉପରେ ଏକ ପୋଲ ନିର୍ମାଣ ପାଇଁ ଚାଷୀମାନଙ୍କ ପକ୍ଷରୁ ଦାବି ହୋଇଆସୁଛି । ମାତ୍ର ରାଜନୈତିକ ଇଚ୍ଛାଶକ୍ତି ଅଭାବ ଏ କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି କରିଛି ।

ସୂଚନାଯୋଗ୍ୟ ଯେ, ଅଧିକାଂଶ ସମୟରେ କେତେକ ଚାଷୀ ଗୁଡିଆଯୋର ପାର ହେବା ପାଇଁ ପହଁରି ଯାଉଥିବା ବେଳେ ସ୍ରୋତରେ ଭାସିଯିବାର ବହୁ ନଜିର ରହିଛି । ଗୁଡିଆଯୋର ଉପରେ ପୋଲ ନିର୍ମାଣ ହେଲେ ୬ ଶହ ହେକ୍ଟର ଉର୍ବର ଚାଷଜମିରେ ଭଲ ଫସଲ ହୋଇପାରିବ ବୋଲି ଚାଷୀମାନେ ମତ ପ୍ରକାଶ କରି ଏ ଦିଗରେ ପଦକ୍ଷେପ ନେବାକୁ ବାରମ୍ବାର ଦାବି କରି ଆସୁଛନ୍ତି । କିନ୍ତୁ ଏଥିପ୍ରତି ରାଜ୍ୟ ସରକାର ଦୃଷ୍ଟି ନ ଦେବା ଚାଷୀମାନଙ୍କ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଇଛି । ଆବଶ୍ୟକ ପଡୁଥିବା ସମୟରେ ଚାଷ ପାଇଁ ଚାଷୀ ଜମିକୁ ଯାଇ ପାରୁ ନ ଥିବାରୁ ବିସ୍ତୃତ ଚାଷଜମିର ଫସଲ ଉଜୁଡି ଯାଉଛି । ଫଳରେ ଚାଷୀ ଫସଲ ହରାଇ ହତାଶ ହେଉଥିଲେ ମଧ ସେମାନଙ୍କ ଦୁଃଖ ବୁଝିବାକୁ କେହି ନାହିଁ । ସରକାର ପରେ ସରକାର ବଦଳୁଛି । ପାଞ୍ଚବର୍ଷରେ ଥରେ ନିର୍ବାଚନ ହେଉଛି । ଭୋଟ ନେବା ପାଇଁ ନେତାମାନେ ଚାଷୀଙ୍କ ନାଁ ନେଇ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି । ଭୋଟ ପାଇଗଲା ପରେ ଆଉ ଚାଷୀମାନଙ୍କୁ ଭେଟିବା କିମ୍ବା ସେମାନଙ୍କ ସମସ୍ୟା ବୁଝିବାର ନଜିର ନାହିଁ । ୨୦୦୯ ମସିହାରେ ତତ୍କାଳୀନ କେନ୍ଦ୍ରାପଡା ବିଧାୟିକା ଗୁଡିଆଯୋର ଉପରେ ଏକ ପୋଲ ନିର୍ମାଣ ନିମନ୍ତେ ବିଧାୟକ ପାଣ୍ଠିରୁ କିଛି ଅର୍ଥ ପ୍ରଦାନ କରିଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ଉକ୍ତ ଟଙ୍କାକୁ ଅନ୍ୟତ୍ର ଖର୍ଚ୍ଚ କରି ଦିଆଯାଇ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି ।



ଅଣ୍ଠରା ଗ୍ରାମ ନିକଟ ଦେଇ ପ୍ରବାହିତ ଗୁଡିଆଯୋର ନାଳି ।

ଏଥିସହିତ ଅଣ୍ଠରାଭେଡା ସହିତ ଅଳପୁଆ, ତରଡିପାଳ, ପେଣ୍ଠପାଳ,

**ପଟ୍ଟାମୁଣ୍ଡାଇ ବ୍ଲକ**

ସିଂହଗାଁ ପ୍ରଭୃତି ଚାଷଜମିରେ ଜଳସେଚନ ପାଇଁ ଉଠାଜଳସେଚନ ପ୍ରକଳ୍ପ ଥିଲେ ମଧ ତାହା ଏବେ ସମ୍ପୂର୍ଣ୍ଣ ଅଚଳ ହୋଇପଡିଛି । ଅନ୍ୟପକ୍ଷରେ ଏହି ଚାଷଜମିରୁ ଜଳ ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ପ୍ରତିବର୍ଷ ଶହ ଶହ ହେକ୍ଟର ଜମିରେ ବିରି ଓ ବାଦାମ ଫସଲ ନଷ୍ଟ ହେଉଛି । ଫଳରେ ଚାଷୀମାନେ ଚାଷପ୍ରତି ବିମୁଖ ହୋଇ ପଡୁଥିବା ପରିଲକ୍ଷିତ ହେଉଛି । ଏହାଛଡା ଫସଲ କ୍ଷତି ବାବଦରେ ସରକାରଙ୍କ ପକ୍ଷରୁ ଚାଷୀଙ୍କୁ କୌଣସି ସହାୟତା ମିଳୁନାହିଁ । ଚାଷୀମାନେ ଚାଷ ଛାଡି ଦାଦନ ଖଟିବାକୁ ବାହାରକୁ ପଳାଇ ଯାଉଥିବା ବେଳେ ଚାଷ ଏକପ୍ରକାର ଉଜୁଡି ପଡିଛି । ଧୋୟାଞ୍ଚଳରେ ଥିବା ୬ଟି ପଞ୍ଚାୟତର ଉନ୍ନତି ପାଇଁ ରାଜ୍ୟ ସରକାର ଓ ତାଙ୍କ ପ୍ରତିନିଧିମାନେ ସଚେତନ ନ ହେଲେ ଚାଷୀମାନେ ଭୋଟ ବର୍ଜନ କରିବାକୁ ବାଧ ହେବେ ବୋଲି ରଞ୍ଜିତ ମଳିକ, ଗଣେଶ ଚନ୍ଦ୍ର ମଳିକ, ଉଲ୍ଲାସ ଚନ୍ଦ୍ର ମଳିକ, ଅଲେଖ ମଳିକ, ଶତ୍ରୁଘ୍ନ ମଳିକ, ବଟକୃଷ୍ଣ ସେଠୀ, ଆଦିକନ୍ଦ ସେଠୀ, ଗୋଲେଖ ସେଠୀ, କହ୍ନେଇ ଚରଣ ସେଠୀ, ଅଶୋକ ପରିଡା, ବିଷ୍ଣୁଚରଣ ନାୟକ, ବୃନ୍ଦାବନ ମଳିକଙ୍କ ସମେତ ଶତାଧିକ ଚାଷୀ ଚେତାବନୀ ଦେଇଛନ୍ତି ।

### ଭରତପୁରରେ ଗଣେଶ୍ୱରଙ୍କ ରୋଡଶୋ

କେନ୍ଦ୍ରାପଡା ଅଫିସ, ୧୨।୪

କେନ୍ଦ୍ରାପଡା ବିଧାନସଭା ଆସନର କଂଗ୍ରେସ ପ୍ରାର୍ଥୀ ଗଣେଶ୍ୱର ବେହେରା କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର ପଞ୍ଚାୟତରେ ଗୁରୁବାର ରୋଡ ଶୋ' କରିଛନ୍ତି । ଏଥିସହ ସେ ସ୍ଥାନୀୟ ଅଞ୍ଚଳରେ କଂଗ୍ରେସକୁ ଭୋଟ ଦେବା ପାଇଁ ପ୍ରଚାର କରିଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକ କଂଗ୍ରେସ ସଭାପତି ଶିବ ପ୍ରସାଦ ବିଶ୍ୱାଳ, ଭରତପୁର ସରପଞ୍ଚ ଜୀନତ ପ୍ରିୟଦର୍ଶିନୀ ରାଉତ, ପ୍ରଦୀପ ବିଶ୍ୱାଳ, ସୁନାକର ରାଉତ, ବିରଜା ପ୍ରସାଦ ମହାନ୍ତି ଓ ଗୋପାଳ ଚରଣ ଦାସ ପ୍ରମୁଖ ଯୋଗଦେଇଥିଲେ ।

### ବିଦାୟକାଳୀନ ସମ୍ବର୍ଦ୍ଧନା

ଆଳି,୧୨।୪(ଡି.ଏନ.ଏ)

ଆଳି ବ୍ଲକ ଅନ୍ତର୍ଗତ ରାମେଶ୍ୱର ନିଆଳ ପଞ୍ଚାୟତସ୍ଥିତ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ବୈଦ୍ୟନାଥ ଷଡ଼ଙ୍ଗୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଉତ୍ସବରେ ପ୍ରଧାନ ଶିକ୍ଷକ ଅରୁଣ କୁମାର ଦାସ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ଓଷ୍ଟାର ବରିଷ୍ଠ କର୍ମକର୍ତ୍ତା ବାସୁଦେବ ମଲ୍ଲିକ ଯୋଗଦେଇ ବିଦ୍ୟାଳୟରେ ଷଡ଼ଙ୍ଗୀଙ୍କ ଅବଦାନକୁ ପ୍ରଶଂସା କରିଥିଲେ । ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ଷଡ଼ଙ୍ଗୀ ଓ ସମ୍ମାନିତ ବକ୍ତା ଭାବେ ଶିକ୍ଷାବିତ୍ ବିଏମ ସେନାପତି ଓ ପ୍ରମୋଦ କୁମାର ମଲ୍ଲିକ ଯୋଗ ଦେଇଥିଲେ । ବରିଷ୍ଠ ଶିକ୍ଷକ ତ୍ରିଲୋଚନ କର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଶୋକ କୁମାର ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିଲେ ।

## ଡାଙ୍ଗମାଳ ଗ୍ରାମ ପଞ୍ଚାୟତରେ ଧ୍ରୁବଙ୍କ ନିର୍ବାଚନ ପ୍ରଚାର

ରାଜନଗର,୧୨।୪(ଡିଏନଏ)

ରାଜନଗର ବ୍ଲକ ଡାଙ୍ଗମାଳ ଗ୍ରାମ ପଞ୍ଚାୟତରେ ଶୁକ୍ରବାର ବିଜୁ ଜନତା ଦଳ ପ୍ରାର୍ଥୀ ଧ୍ରୁବ ସାହୁ ନିର୍ବାଚନ ପ୍ରଚାର କରିଛନ୍ତି । ଏହି ପରିପ୍ରେକ୍ଷୀରେ ପଞ୍ଚାୟତର ନୁଆଗାଁ ଠାରୁ ଦଳୀୟ କର୍ମୀମାନେ ତାଙ୍କୁ ପାଛୋଟି ନେଇଥିଲେ । ଏହାପରେ ରାଜନଗର ବ୍ଲକ ବିଜୁ ଜନତା ଦଳ ସଭାପତି ଅଶୋକ କୁମାର ପ୍ରତିହାରୀଙ୍କ ନେତୃତ୍ୱରେ ସମସ୍ତ କର୍ମୀ ଉକ୍ତ ଗ୍ରାମ ପଞ୍ଚାୟତର ପ୍ରତ୍ୟେକ ପରିବାର ନିକଟରେ ସାହୁଙ୍କ ସହିତ ପହଞ୍ଚି ଭୋଟ ଭିକ୍ଷା କରିଥିଲେ । ଏହି ଅବସରରେ କେତେକ ସ୍ଥାନରେ ସ୍ଥାନୀୟ ଲୋକେ ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଚଳିତ ନିର୍ବାଚନରେ ରାଜନଗର ବିଧାନସଭା ଆସନରୁ ସାହୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ତେବେ ଘରକୁ ଘର ବୁଲି ଭୋଟ ଭିକ୍ଷା କରିବା ସମୟରେ ସେ କେନ୍ଦ୍ରାପଡା ଲୋକସଭା ନିର୍ବାଚନମଣ୍ଡଳୀର ବିଜୁ ଜନତା ଦଳ ପ୍ରାର୍ଥୀ ଅନୁଭବ ମହାନ୍ତି ଓ ତାଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ବିଜୟୀ କରିବାକୁ ନିବେଦନ କରିଥିଲେ ।



ପ୍ରଚାର ପାଇଁ ବାହାରିଥିବା ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁ ଓ ତାଙ୍କ ସମର୍ଥକମାନେ ।

ଅନ୍ୟମାନଙ୍କ ମଧ୍ୟରେ ଦଳର ଉପଦେଷ୍ଟା ଲକ୍ଷ୍ମୀଧର ଲେଙ୍କା, ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟରାମ ସେଠୀ, ଜିଲା ପରିଷଦ ସଭ୍ୟ ରବିନ୍ଦ୍ର କୁମାର ସେଠୀ, ଜିଲା ପରିଷଦ ସଭ୍ୟା ସବିତା ସେଠୀ, ସରପଞ୍ଚ ରତିକାନ୍ତ ସେଠୀ, ପର୍ଶୁରାମ ବାରିକ, ପ୍ରାକ୍ତନ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସୁଦର୍ଶନ ଦାସ, ପ୍ରାକ୍ତନ ସରପଞ୍ଚ କାନ୍ତିଲତା ବେହେରା, ବରିଷ୍ଠ ନେତା ଲକ୍ଷ୍ମୀଧର ବାରିକ, ନୃସିଂହ ବେହେରା, ବ୍ଲକ ବିଜୁ ଜନତା ଦଳ ସାଧାରଣ ସମ୍ପାଦକ ନରହରି ଜେନା, କୋଷାଧ୍ୟକ୍ଷ ବାଇଧର ସେଠୀ, ଯୁବନେତା ବିକ୍ରମ କୁମାର ବାରିକ, ସୁମନ୍ତ ସ୍ୱାଇଁ, ରବିନ୍ଦ୍ର ସିଂ, ଦୀପକ କୁମାର ରାଉତ, ରୋହିତ ରାଉତ, ଦେବ ପ୍ରସାଦ ସାହୁଙ୍କ ସମେତ ଶତାଧିକ କର୍ମୀ ନିର୍ବାଚନ ପ୍ରଚାରରେ ସାମିଲ ହୋଇଥିଲେ ।

### ୫ କଂଗ୍ରେସ ପରିବାର ବିଜେଡିରେ ସାମିଲ

ରାଜନଗର, ୧୨।୪ (ଡିଏନଏ)

ରାଜନଗର ବ୍ଲକ କଣ୍ଡିରା ଗ୍ରାମ ପଞ୍ଚାୟତର ବିଜେଡି କାର୍ଯ୍ୟାଳୟରେ ଶୁକ୍ରବାର ଇଶ୍ୱରପୁର ଓ ନଳଯୋଡି ଗ୍ରାମର ଅନାଦି ଦାସ, ନକୁଳ ଦାସ , ରବି ଦାସ, ଗୋକୁଳ ଦାସ, ହୃଷିକେଶ ଦାସଙ୍କ ପରିବାର କଂଗ୍ରେସ ଛାଡି ବିଜେଡିରେ ସାମିଲ ହୋଇଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଏବଂ ରାଜନଗର ନିର୍ବାଚନମଣ୍ଡଳୀର ବିଜୁ ଜନତା ଦଳ ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଏହି ପରିବାରଗୁଡିକ ଦଳରେ ସାମିଲ ହୋଇଛନ୍ତି । ଏହି ଅବସରରେ କଣ୍ଡିରା ପଞ୍ଚାୟତର ଜଳି ଛକଠାରୁ ଏକ ମୋଟର ସାଇକେଲ ଶୋଭାଯାତ୍ରାରେ ବିଧାୟକ ପ୍ରାର୍ଥୀ ସାହୁଙ୍କୁ କର୍ମୀମାନେ ପାଛୋଟି ନେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜନଗର ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀ , ସାଧାରଣ ସମ୍ପାଦକ ନରହରି ଜେନା, ବାଇଧର ସେଠୀ, ସବିତା ସେଠୀ, ବାବାଜୀ ସ୍ୱାଇଁ, ରମେଶ ସାଇଁ, ଆର୍ତ୍ତବନ୍ଧୁ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## ଚାନ୍ଦୋଳ ବଜାରରେ ବାସନ୍ତିକ ଦୁର୍ଗାପୂଜା

ଡେରାବିଶ,୧୨।୪(ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅନ୍ତର୍ଗତ ଚାନ୍ଦୋଳ ବଜାରର ବାସନ୍ତୀ ମଣ୍ଡପରେ ଶୁକ୍ରବାର ବାସନ୍ତିକ ଦୁର୍ଗାପୂଜା ଆରମ୍ଭ ହୋଇଛି । ଚାନ୍ଦୋଳ ବଜାର ବ୍ୟବସାୟୀ ସଂଘ ଓ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ଏହି ପୂଜା ବଜାର ଆରମ୍ଭରୁ ହୋଇ ଆସୁଅଛି । ଏହି ପୂଜାର ବିଲ୍ୱ ଅଧିବାସ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଶୁକ୍ରବାର ପ୍ରତ୍ୟୁଷରୁ କଳସଯାତ୍ରା ହୋଇ ପୂଜା ଆରମ୍ଭ ହୋଇଥିବା ବେଳେ ଶନିବାର ସନ୍ଧି ଓ ନବମୀ ପୂଜା ହେବ । ରବିବାର ଦଶହରା ଓ ସୋମବାର ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି ପୂଜା କମିଟି ତରଫରୁ ସୂଚନା ଦିଆଯାଇଛି । ଏହି ଉତ୍ସବ ପରିଚାଳନାରେ ପୂଜା କମିଟି ସଭାପତି ନିଶାମଣି ବେହେରା, ସମ୍ପାଦକ ରତ୍ନାକର ନାୟକ, ସହ-ସମ୍ପାଦକ ମିହିର ସାମଲ, ସାଂସ୍କୃତିକ ସମ୍ପାଦକ ସୁଧୀର କୁମାର ନାୟକ, ସାଂସ୍କୃତିକ ସହ-ସମ୍ପାଦକ ପ୍ରଦୀପ୍ତ କୁମାର ମହାନ୍ତି, ବିଜୟ କୁମାର ବରାଳ ପ୍ରମୁଖ ସହଯୋଗ କରୁଛନ୍ତି ।



ମଣ୍ଡପରେ ପୂଜା ପାଉଥିବା ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ।

## ମୃତ ଶିଶୁ କନ୍ୟା ଭ୍ରୂଣକୁ ଝୁଣି ଖାଇଲା କୁକୁର

■ ଜିଲା ମୁଖ୍ୟ ଚିକିତ୍ସାଳୟ ଛକରେ ଅଭାବନୀୟ ଘଟଣା

■ ଶିଶୁ ଭ୍ରୂଣକୁ ଏଣେତେଣେ ଫୋପଡା ଯିବା ଅଭିଯୋଗ

କେନ୍ଦ୍ରାପଡା ଅଫିସ, ୧୨।୪

କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟ ଛକ ରାସ୍ତାରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି । ସକାଳ ପ୍ରାୟ ୬ଟାରେ ୩ ବୁଲା କୁକୁର ଏକ ଅପରିପକ୍ୱ ଶିଶୁ କନ୍ୟା ଭ୍ରୂଣକୁ ଖାଉଥିଲେ । ସ୍ଥାନୀୟ ବ୍ୟବସାୟୀ ଏହା ଦେଖି ବୁଲାକୁକୁରଗୁଡିକୁ ଗୋଡାଇଥିଲେ । ମାତ୍ର କୁକୁରଗୁଡିକ କନ୍ୟାର ଭ୍ରୂଣ ନେଇ ଦୌଡି ପଳାଇଯାଇଛନ୍ତି । କନ୍ୟା ଭ୍ରୂଣଟି କାହାର ଜଣାପଡି ନ ଥିବା ବେଳେ ଅବୈଧ ଭାବେ ଗର୍ଭପାତ କରାଯାଇଥିବା ଆଶଙ୍କା କରାଯାଉଛି ।


ସୂଚନାଯୋଗ୍ୟ, ଗତ ୧୫ ଦିନ ପୂର୍ବେ ସହର ନିକଟ ଗୋବରୀ ନଦୀ କୂଳରେ ଏପରି ଏକ ଘଟଣା ଦେଖିବାକୁ ମିଳିଥିଲା । ନଦୀ କୂଳର ବୁଦାମୂଳେ ଏକ ନବଜାତ ଶିଶୁ କନ୍ୟାକୁ କୁକୁର ଝୁଣି ଖାଉଥିଲେ । ଜିଲାରେ ଏପରି ଘଟଣା ବାରମ୍ବାର ଘଟୁଥିବା ବେଳେ ପୋଲିସ ପକ୍ଷରୁ କୌଣସି କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ଅଭିଯୋଗ ହୋଇଛି । ଅପରପକ୍ଷେ ଜିଲା ମୁଖ୍ୟ ଚିକିତ୍ସାଳୟ ଅବା ସ୍ଥାନୀୟ ନର୍ସିଂହୋମଗୁଡିକରେ ଅବୈଧ ଭାବେ କନ୍ୟା ଭ୍ରୂଣ ଚିହ୍ନଟ ସହ ଗର୍ଭପାତ କରାଯାଉଛି । ଗର୍ଭପାତ ପରେ ଶିଶୁ ଭ୍ରୂଣକୁ ଏଣେତେଣେ ଫୋପାଡି ଦିଆଯାଉଥିବା ଅଭିଯୋଗ ହେଉଛି । ଯାହାଫଳରେ ଅନେକ ସମୟରେ ଏପରି ପରିସ୍ଥିତ ସୃଷ୍ଟି ହେଉଛି । ଏ ସମ୍ପର୍କରେ ସିଡିଏମଓ ଉର୍ମିଳା ମିଶ୍ର କହିଛନ୍ତି ଯେ, ଏହି ଘଟଣା ସମ୍ପର୍କରେ ତାଙ୍କୁ ଖବର ମିଳିଛି । ଶିଶୁ କନ୍ୟା ଭ୍ରୂଣ କେଉଁଠୁ ଆସିଲା ସେନେଇ ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ନିକଟସ୍ଥ ନର୍ସିଂହୋମ ଗୁଡିକରେ ତନାଘନା କରାଯାଉଛି ।

## ■ ଗ୍ରୀଷ୍ମ ପ୍ରବାହରେ ଜୀବଜନ୍ତୁ ଛଟପଟ

# ଜଳରେ ବୁଡି ରହୁଛନ୍ତି ଗୋରୁ ମଇଁଷି

ମହାକାଳପଡା, ୧୨।୪ (ଡି.ଏନ.ଏ.)

କେନ୍ଦ୍ରାପଡା ଜିଲାର ଉପକୂଳ ଅଞ୍ଚଳରେ ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବାରେ ଲାଗିଛି । ଏଥିରେ ସାଧାରଣ ଲୋକଙ୍କ ସହ ଜୀବଜନ୍ତୁମାନେ ମଧ ଛଟପଟ ହେଉଛନ୍ତି । ମୁନ୍ଦେ ଜଳ ପାଇଁ ଗୋରୁମଇଁଷି, ବନ୍ୟ ପ୍ରାଣୀ ଓ ପକ୍ଷୀ ଆଦି ଡହଳବିକଳ ହେଉଛନ୍ତି । ଖରାରେ ଜଳସ୍ତର ହ୍ରାସ ପାଇ ଚାଲିଥିବା ବେଳେ ଗାଡିଆ, ପୋଖରୀ, ନଦୀନାଳ, ଖାଲ ପାଟ, ଜୋର ଆଦି ଶୁଖିବାକୁ ଆରମ୍ଭ କଲାଣି । ଏପରି ସ୍ଥିତିରେ ଯେଉଁଠାରେ ଜଳମୁନ୍ଦେ ଦେଖିବାକୁ ମିଳୁଛି ସେଠାରେ ଜୀବନ ବଞ୍ଚାଇବା ପାଇଁ ଜୀବଜନ୍ତୁ ଓ ପକ୍ଷୀଙ୍କ ଭିଡ଼ ଜମୁଛି । ଜମ୍ବୁ-ମାର୍ଶାଘାଇ ମୁଖ୍ୟ କେନାଲରେ ଜଳସ୍ତର କମି ଚାଲିଥିବା ବେଳେ ଏବେ ଖରାଦାଉରୁ ରକ୍ଷା ପାଇବା ପାଇଁ ସେଠାରେ ଗୋରୁ ମଇଁଷି ଆଦି ବୁଡି ରହୁଛନ୍ତି । ଆଗାମୀ ଦିନରେ ଏଭଳି ଗ୍ରୀଷ୍ମ ପ୍ରବାହ ଜାରି ରହିଲେ ଜୀବଜନ୍ତୁ ଓ ପକ୍ଷୀଗୁଡିକ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେବେ ବୋଲି ଆଶଙ୍କା କରାଯାଉଛି । ଏହାର ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ ବୋଲି ସାଧାରଣରେ ଦାବି ହୋଇଛି । ଏସମ୍ପର୍କରେ ମହାକାଳପଡା ବଡୀଘର ଅଞ୍ଚଳର ବନପାଳ ପଦ୍ମନାଭ ରାଉତ କହିଛନ୍ତି ଯେ, ଗ୍ରୀଷ୍ମ ପ୍ରବାହରୁ ବନ୍ୟଜନ୍ତୁଙ୍କୁ ରକ୍ଷାକରିବା ପାଇଁ ବିଭିନ୍ନ ସଂରକ୍ଷିତ ଜଙ୍ଗଲ ତଥା ଭିତର ଖରିନାସୀ ୧, ବାହାର ଖରିନାସୀ ୧, କଂସାରଡିଆ ୩, ହେଟାମୁଣ୍ଡିଆ ୩, ଜମ୍ବୁ ୨ ଓ ହୁକିଟୋଲା ସଂରକ୍ଷିତ ଜଙ୍ଗଲରେ ଗାଡ଼ିଆ ଓ ପୋଖରୀ ଆଦି ଖନନ କରାଯାଇଛି ।



ଖରା ଯୋଗୁ ମଇଁଷି ପାଣିରେ ବୁଡି ରହିଛନ୍ତି ।

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଶ୍ରମିକ ମୃତ

ପାରାଦୀପ,୧୨।୪ (ସ୍ୱ.ପ୍ର.): ପାରାଦୀପ ମଡେଲ ଥାନା ଅନ୍ତର୍ଗତ ଅଠରବାଙ୍କୀ ଶୁଖୁଆ ଖଳାରେ ଶୁକ୍ରବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କେନ୍ଦ୍ରାପଡ଼ା ପଟ୍ଟାମୁଣ୍ଡାଇ ଅଞ୍ଚଳର ଦିବାକର ଦାସ। ସେ ଜଣେ ଠିକାଦାରଙ୍କ ପାଖରେ କାମ କରୁଥିଲେ। ଶୁଖୁଆ ଖଳାରେ ନିର୍ମାଣ ହେଉଥିବା କଲ୍ୟାଣମଣ୍ଡପ ଘର ପାଇଁ ରଡ ବାଇଡିଂ କରୁଥିଲେ। କୌଣସି କାରଣବଶତଃ ସେହି ବାଇଡିଂ ତାର ସଂସ୍ପର୍ଶରେ ଆସିବାରୁ ସେଠାରେ ଟଳିପଡିଥିଲେ। ସାଥି ଶ୍ରମିକ ଓ ସେଠାକାର ବାସିନ୍ଦା ତାଙ୍କୁ ଗୁରୁତର ଅବସ୍ଥାରେ ବିଜୁ ମେମୋରିଆଲ ହସ୍ପିଟାଲକୁ ଆଣିଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

### ଛତ୍ରମଠରେ ବାଦୀପାଲା ମହୋତ୍ସବ ପ୍ରସ୍ତୁତି

ତିର୍ତ୍ତୋଲ,୧୨।୪(ଡି.ଏନ.ଏ.):ତିର୍ତ୍ତୋଲ ବ୍ଲକ କନକପୁର ପଞ୍ଚାୟତର ଛତ୍ରମଠ ପାଲା ମଣ୍ଡପ ପରିସରରେ ପ୍ରତିବର୍ଷ ଭଳି ଆସନ୍ତା ମେ ୭ ତାରିଖ ପବିତ୍ର ଅକ୍ଷୟ ତୃତୀୟା ଠାରୁ ମେ ୧୦ ତାରିଖ ୪ରାତ୍ର ବ୍ୟାପୀ ବାଦୀପାଲା ଅନୁଷ୍ଠିତ ହେବ। ଏଥିରେ ବିଶିଷ୍ଟ ପାଲା ଗାୟକ ଯୁଧିଷ୍ଠିର ପରିଜା ଓ ବନବିହାରୀ ଗ୍ରହାଚାର୍ଯ୍ୟ ବାଦୀ ପାଲା ପରିବେଷଣ କରିବେ। ଏଥିରେ ବହୁ ସଂଖ୍ୟାରେ ସଂସ୍କୃତି ପ୍ରେମୀ ଜନସାଧାରଣ ଯୋଗଦେବାକୁ ଛତ୍ରମଠ ବାଦୀପାଲା କମିଟି ତରଫରୁ ସମ୍ପାଦକ ରାଜକିଶୋର ସେଠୀ ଅନୁରୋଧ କରିଛନ୍ତି।

### ଚକ୍ରଧରପୁରରେ ମହାଯଜ୍ଞ



ପାରାଦୀପ,୧୨।୪(ସ୍ୱ.ପ୍ର.): ପାରାଦୀପ ଉପକଣ୍ଠ ଭୂତମୁଣ୍ଡାଇ ନିକଟସ୍ଥ ଚକ୍ରଧରପୁରରେ ଶୁକ୍ରବାରରୁ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଏହା ଆସନ୍ତା ୧୫ ତାରିଖ ସୋମବାର ପର୍ଯ୍ୟନ୍ତ ଚାଲିବ। ଗ୍ରାମରେ ଥିବା ସିଦ୍ଧ ମହାବୀର ପରିଚାଳନା କମିଟି ପକ୍ଷରୁ ଆୟୋଜିତ ଏହି ଯଜ୍ଞ ମହାବୀର ମଣ୍ଡପରେ ଚାଲିଛି। ପ୍ରଥମ ଦିନରେ ଗ୍ରାମବାସୀ କଳସ ଶୋଭାଯାତ୍ରାରେ ଚଉମୁହାଣିର ମହାନଦୀ ପଠାରୁ ଆସି ଘଟସ୍ଥାପନା କରିଥିଲେ। ଏହି ଯଜ୍ଞରେ ନୂଆଗାଁ ମହାବୀର ପୀଠର ମୁଖ୍ୟ ରାଜୀବଲୋଚନ ଦାଶ ଯୋଗଦେବାର କାର୍ଯ୍ୟକ୍ରମ ଅଛି। ଏଥିସହ ପଣାସଂକ୍ରାନ୍ତି ପର୍ବ ଏବଂ ପ୍ରତିଦିନ ସନ୍ଧ୍ୟାରେ ପ୍ରବଚନ, ଭଜନ ଆଦି ଧାର୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ।

### କଂଗ୍ରେସ କର୍ମୀ ସମାବେଶ

କୁଜଙ୍ଗ,୧୨।୪(ସ୍ୱ.ପ୍ର.): କୁଜଙ୍ଗ ପଞ୍ଚାୟତର କଂଗ୍ରେସ କର୍ମୀ ଓ ସଙ୍ଗଠକଙ୍କ ଏକ ସମାବେଶ ପଞ୍ଚାୟତ କାର୍ଯ୍ୟାଳୟଠାରେ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି। ପଞ୍ଚାୟତ ସଭାପତି ଧନେଶ୍ୱର ଗୁରୁଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ଆଗାମି ନିର୍ବାଚନ ପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇଥିଲା। ଏଥିରେ ବ୍ଲକ୍ କଂଗ୍ରେସ ଆବାହକ ଏ.ଏନ୍.ଡି. ଯାଦବ, ୩ନଂ ଜୋନ୍ ସଭାପତି ରମେଶ ଚନ୍ଦ୍ର ଦାସ, ସମ୍ପାଦକ ପ୍ରଶାନ୍ତ ପଟ୍ଟନାୟକ, ନାରାୟଣ ମଲିକ୍, ସୁବୋଧ ନାରାୟଣ ରାଜଗୁରୁ, ଶିଶିର ନାୟକ, ବାବାଜୀ ଚରଣ ଦାସ, ରଶ୍ମୀ ରଞ୍ଜନ ଦାସ, ପ୍ରଦ୍ୟୁମ୍ନ ପଟ୍ଟନାୟକ, ସେକ୍ ରସିଦ୍, ଅଜୟ ବେହେରା, ଶକ୍ତି ପଟ୍ଟନାୟକ, ପ୍ରହ୍ଲାଦ ବେହେରା, ଲୋକନାଥ ନାୟକ, ତ୍ରିଲୋଚନ ଦାସ, ସେକ୍ ମେହେବୁବ୍, ବାଇଧର ମଲିକ୍ ପ୍ରମୁଖ ସଦସ୍ୟ ରହିଛନ୍ତି। ଆସନ୍ତା ନିର୍ବାଚନରେ ଦଳୀୟ ପ୍ରାର୍ଥୀ ବାପି ସର୍ଖେଲଙ୍କୁ କିପରି କୁଜଙ୍ଗ ପଞ୍ଚାୟତରୁ ସର୍ବାଧିକ ଭୋଟ ଦେଇ ବିଜୟୀ କରାଯିବ ସେ ସମ୍ପର୍କରେ ଏଥିରେ ବିଷଦ ଆଲୋଚନା କରାଯାଇଥିଲା। ଅନ୍ୟପକ୍ଷରେ କଂଗ୍ରେସ ନେତ୍ରୀ ତଥା ବାପିଙ୍କ ସ୍ତ୍ରୀ ଦୀପା ସର୍ଖେଲ ମଣିଜଙ୍ଗା ଓ ନିମକଣାରେ ମହିଳା ସମାବେଶ କର ଭୋଟ୍ ଭିକ୍ଷା କରିଛନ୍ତି।

---

■ ବାଲିକୁଦା-ଏରସମା ବିଧାନସଭା ନିର୍ବାଚନମଣ୍ଡଳୀ

# କଂଗ୍ରେସ, ଭାଜପା ଟାର୍ଗେଟ୍‌ରେ ବିଜେଡି

**ଜଗତ୍‌ସିଂହପୁର ଅଫିସ,୧୨।୪**

ବାଲିକୁଦା-ଏରସମା ବିଧାନସଭା ନିର୍ବାଚନମଣ୍ଡଳୀ ରାଜନୀତିରେ ଘଡ଼ିକେ ଘୋଡ଼ା ଛୁଟୁଛି। ଏହି ନିର୍ବାଚନମଣ୍ଡଳୀ ବିଧାୟକ ପ୍ରଶାନ୍ତ ମୁଦୁଲି ଅନ୍ୟ ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ହେବା, ଭାଜପା ନେତା ରଘୁନନ୍ଦନ ଦାସ ଦଳ ବଦଳ କରି ବିଜେଡିରୁ ଟିକେଟ ପାଇବା ଆଦି ଘଟଣା ପୂର୍ବରୁ କୌଣସି ଆଭାସ ନ ଥାଇ ଘଟିଥିଲା। ସେହିପରି ଦାମୋଦର ରାଉତ ଏହି ନିର୍ବାଚନମଣ୍ଡଳୀରୁ ଭାଜପା ପ୍ରାର୍ଥୀ ହେବେ ବୋଲି କେହି କେବେ ଚିନ୍ତା କରି ନ ଥିଲେ। କିନ୍ତୁ ପରିବର୍ତ୍ତିତ ରାଜନୈତିକ ପରିସ୍ଥିତିରେ ଏସବୁ ଘଟିଛି। ଏବେ ରହିଲା କଂଗ୍ରେସ କଥା। ଲଲାଟେନ୍ଦୁ ମହାପାତ୍ରଙ୍କୁ ଦଳ ପ୍ରାର୍ଥୀ କରିବା ପରେ ଅସନ୍ତୁଷ୍ଟ ହୋଇ ଅନ୍ୟତମ ଆଶାୟୀ ସାରଦା ପ୍ରସାଦ ଜେନା କଂଗ୍ରେସ ଛାଡି ବିଜେଡିରେ ମିଶିଛନ୍ତି। ଏହାବାଦ୍ ମୋଟାମୋଟି ଭାବରେ ଦେଖିବାକୁ ଗଲେ କଂଗ୍ରେସ ଓ ଭାଜପା ଟାର୍ଗେଟ୍‌ରେ ବିଜେଡି ରହିଥିବା ଲକ୍ଷ୍ୟ କରାଯାଉଛି।

ସୂଚନା ଅନୁଯାୟୀ, ପ୍ରଶାନ୍ତଙ୍କ ଗୋଷ୍ଠୀ ପ୍ରଥମେ ରଘୁନନ୍ଦନଙ୍କୁ ବିଜେଡି ପ୍ରାର୍ଥୀ ଭାବେ ଗ୍ରହଣ କରିପାରୁ ନ ଥିଲେ। ତେବେ ବର୍ତ୍ତମାନ ସବୁ ଠିକ୍‌ଠାକ୍ ଚାଲିଥିବା ମନେ ହେଉଛି। ରଘୁନନ୍ଦନଙ୍କ ପାଇଁ ଆଉ ଏକ ବଡ଼ ସହଯୋଗ ହେଉଛି କଂଗ୍ରେସ ନେତା ସାରଦାଙ୍କ ବିଜେଡିରେ ଯୋଗଦାନ। ଏରସମା ବ୍ଲକ ଅଞ୍ଚଳରେ ସାରଦାଙ୍କର ଭଲ ସଙ୍ଗଠନ ରହିଛି। ଅତୀତରେ ସେ ପୃଥକ ଜିଲା ପରିଷଦ ଜୋନରୁ ପ୍ରାର୍ଥୀ ହୋଇ ଜିତିଥିଲେ। ସେ କଂଗ୍ରେସ ଟିକେଟ୍ ପାଇବା ପାଇଁ ଲବିରେ ମଧ୍ୟ ଥିଲେ। କିନ୍ତୁ ଦଳ ଲଲାଟେନ୍ଦୁଙ୍କୁ ପ୍ରାର୍ଥୀ କରିବାରୁ ସାରଦା ଖପ୍ପା ହୋଇ ଏଭଳି ନିଷ୍ପତ୍ତି ନେଇଛନ୍ତି। ତେବେ ଏହାକୁ ନେଇ ନାନା କଥା ଆଲୋଚନା ହେଉଛି। କୁହାଯାଉଛି, ଦାମଙ୍କୁ କୌଣସି ପରିସ୍ଥିତିରେ ହରାଇବା ପାଇଁ ବିଜେଡି ରଣନୀତି ଚଳାଇଛି। ଦାମ ଓ ସାରଦାଙ୍କ ସମ୍ପର୍କ ଭଲ। ଯେହେତୁ ସାରଦା ଅସନ୍ତୁଷ୍ଟ ଥିଲେ,ତେଣୁ ସେ ଦାମଙ୍କୁ ଜିତାଇବାକୁ ସହଯୋଗ କରିଥାନ୍ତେ। ଉଭୟ ଦାମ ଓ ସାରଦାଙ୍କ ଘର ଏରସମା ବ୍ଲକ ଅଞ୍ଚଳରେ ହୋଇଥିବାରୁ ସେମାନେ ଆଞ୍ଚଳିକତାବାଦ ଇସ୍ୟୁ କରି ଭାଜପା ସପକ୍ଷରେ ମତ ଜୁଟାଇଥାନ୍ତେ। ତେଣୁ ଯୋଜନାବଦ୍ଧ ଭାବେ ସାରଦାଙ୍କୁ ବିଜେଡି ନିଜ ଶିବିରରେ ମିଶାଇବାରେ ସଫଳ ହୋଇଛି। ଏହାଦ୍ୱାରା କେତେକାଂଶରେ କ୍ଷତି ସହିଥିଲେ ସୁଦ୍ଧା ଅନ୍ୟ ବାଟରେ ଭରଣ କରିଦେବେ ବୋଲି ତାଙ୍କ ସମର୍ଥକମାନେ କହି ବୁଲୁଛନ୍ତି। କଂଗ୍ରେସ ପ୍ରାର୍ଥୀ ଲଲାଟେନ୍ଦୁ ଗତ ଥର ହାରିଥିଲେ। ସାରଦା ଦଳ ଛାଡିଦେବା ପରେ କଂଗ୍ରେସ କେତେକାଂଶରେ ପ୍ରଭାବିତ ହେବା ସମ୍ଭାବନାକୁ ସେ ପୁରାପୁରି ଏଡାଇ ଯାଇ ନାହାନ୍ତି। କେବଳ ସାରଦା ନୁହେଁ, କଂଗ୍ରେସର ଜଣେ ଜିଲା ପରିଷଦ ପ୍ରାର୍ଥୀ ଏବେ ଭାଜପାରେ ଯୋଗ ଦେବାର କାର୍ଯ୍ୟକ୍ରମ ଥିବା କୁହାଯାଉଛି। ଏହାସତ୍ତ୍ୱେ ତାଙ୍କ ପାଇଁ ସେଭଳି କିଛି ଅଡୁଆ ହେବନାହିଁ । କାରଣ ଦଳୀୟ ଭୋଟ ବିଭାଜନ ହେବା ଆଶଙ୍କା ପୂର୍ଣ୍ଣ ଭାବେ ଭୁଲ ବୋଲି ଲଲାଟେନ୍ଦୁ କହୁଛନ୍ତି। ଏଠାରେ ଗୋଟିଏ କଥା କୁହାଯାଇପାରେ ଉଭୟ କଂଗ୍ରେସ ଓ ଭାଜପାର ଟାର୍ଗେଟ୍‌ରେ ବିଜେଡି ରହିଛି। ବିଜେଡିର କେତେକ ତଳିଆ ନେତା ଓ କର୍ମୀଙ୍କୁ ହାତେଇବା ପାଇଁ ଉଭୟ ଦଳ ପୁରା ଦମ୍‌ରେ ଲାଗି ପଡିଛନ୍ତି। ଆଗକୁ ଦେଖିବାର ଅଛି ସେମାନେ ସଫଳ ହେଉଛନ୍ତି କି ନାହିଁ।



ବାଲିକୁଦାରେ ବିଜେଡି କର୍ମୀ ସମ୍ମିଳନୀରେ ଉପସ୍ଥିତ ନେତା ଓ କର୍ମୀ।

## ଅନନ୍ତପୁରରେ ବିଜେଡି କର୍ମୀ ସମ୍ମିଳନୀ


**ବାଲିକୁଦା,୧୨।୪(ସ୍ୱ.ପ୍ର.)**

ବାଲିକୁଦା ବ୍ଲକ ଅନନ୍ତପୁର ପଞ୍ଚାୟତର ବିଲ ଅନନ୍ତପୁରରେ ବିଜେଡିର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ପଞ୍ଚାୟତ ସଭାପତି ନିରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବ୍ଲକ ସଭାପତି ରତ୍ନାକର ନାୟକ, ବାଲିକୁଦା-ଏରସମା ବିଧାୟକ ପ୍ରାର୍ଥୀ ରଘୁନନ୍ଦନ ଦାସ, ଜିଲା ପରିଷଦ ସଭ୍ୟ ରାମଚନ୍ଦ୍ର ମହାନ୍ତି, ଜିଲାପରିଷଦ ସଭ୍ୟା ବବିତା ସ୍ୱାଇଁ, ବ୍ଲକ ଉପାଧ୍ୟକ୍ଷ ରାଖାଲ ଚନ୍ଦ୍ର ଦାସ, ପୂର୍ବତନ ଉପାଧ୍ୟକ୍ଷ ଶମ୍ଭୁ ପ୍ରସନ୍ନ ମହାନ୍ତି, ବ୍ଲକ ବିଜେଡି କୃଷକ ସେଲ ସଭାପତି ସନ୍ତୋଷ ରାୟ, ସରପଞ୍ଚ ରମେଶ ପାଇଟାଳ, ସମିତିସଭ୍ୟ ରମେଶ ପୋଲେଇ, ପୂର୍ବତନ ସରପଞ୍ଚ ତ୍ରିଲୋଚନ ସାହୁ ପ୍ରମୁଖ ଯୋଗଦେଇ ମତାନ୍ତର ଓ ମନାନ୍ତର ଭୁଲି ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ସମସ୍ତେ ଉଦ୍ୟମ କରିବାକୁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବାସୁଦେବ ନାୟକ, ହରେକୃଷ୍ଣ ସେନାପତି, ମାନସ ମୁଦୁଲି, ଚରଣ ସ୍ୱାଇଁ, ବାପିନା ସ୍ୱାଇଁ, ମଙ୍ଗୁଳି ବେହେରା, ଦୂର୍ଯ୍ୟୋଧନ ପଣ୍ଡା, ଭୋବନି ବେହେରା, ସିନ୍ଧୁ ଦାସ, ରୁକ୍ଷେନ୍ଦ୍ରନାଥ ସାହୁ, ଜଟାଧାରୀ ମହାନ୍ତି, ଉତ୍ତମ ସାହୁଙ୍କ ସମେତ ବହୁ କଂଗ୍ରେସ ଓ ଭାଜପା କର୍ମୀ ନିଜ ଦଳ ଛାଡି ବିଜେଡିରେ ସାମିଲ ହୋଇଥିବା କୁହାଯାଇଛି। ଉପସ୍ଥିତ ଅତିଥି ଓ ନେତା ନୂତନ କର୍ମୀଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

## କାଉନ୍‌ସିଲରଙ୍କ ଦଳ ବଦଳ

**ପାରାଦୀପ,୧୨।୪(ସ୍ୱ.ପ୍ର.)**

ପାରାଦୀପ ନିର୍ବାଚନମଣ୍ଡଳୀରେ ଏବେ ଦଳ ବଦଳ ପ୍ରକ୍ରିୟା ଜୋର ଧରିଛି। ବିଜେଡି ଦାମୋଦର ରାଉତଙ୍କୁ ବହିଷ୍କାର କରିବା ପରେ ସେ ଭାଜପାରେ ସାମିଲ ହୋଇ ବାଲିକୁଦା-ଏରସମାରୁ ପ୍ରାର୍ଥୀ ହୋଇଛନ୍ତି। ସେହିପରି ୩ ପ୍ରମୁଖ ଦଳ କଂଗ୍ରେସ, ଭାଜପା ଓ ବିଜେଡି ପ୍ରାର୍ଥୀ ଘୋଷଣା କରିବା ପରେ ପ୍ରାୟ ସବୁଦିନ ଦଳବଦଳି ଚାଲିଛି। କଂଗ୍ରେସ ନେତା ପ୍ରମୋଦ କିଶୋର ଜେନା ଟିକେଟ ପାଇବାରୁ ବଞ୍ଚିତ ହେବା ପରେ ଗତ ବୁଧବାର ପ୍ରାୟ ୨ହଜାରରୁ ଊର୍ଦ୍ଧ୍ୱ କର୍ମୀଙ୍କୁ ନେଇ ଭୁବନେଶ୍ୱର ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ବିଜେଡିରେ ମିଶିଥିଲେ। ସେମାନଙ୍କ ମଧ୍ୟରେ ପୌର ପରିଷଦର ୧୪ନଂ. ୱାର୍ଡ କାଉନ୍‌ସିଲର ମନୋଜ ବେହେରା ସାମିଲ ଥିଲେ। କଂଗ୍ରେସ କାଉନ୍‌ସିଲର ବିଜେଡିକୁ ଯିବାର ଗୋଟିଏ ଦିନ ନ ପୁରୁଣୁ ଗୁରୁବାର ୭ନଂ. ୱାର୍ଡର ଭାଜପା କାଉନ୍‌ସିଲର ଅନିଲ କୁମାର ବେହେରା କଂଗ୍ରେସରେ ମିଶିଛନ୍ତି। କଂଗ୍ରେସ ପ୍ରାର୍ଥୀ ଅରିନ୍ଦମ ସର୍ଖେଲଙ୍କ ଉପସ୍ଥିତିରେ ଅନିଲ ଓ ୧୬ଜଣ କର୍ମୀ ଦଳରେ ସାମିଲ ହୋଇଛନ୍ତି।



ବିରିଡ଼ିରେ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀଙ୍କ ପ୍ରଚାର।

## ବିରିଡ଼ିରେ ଭାଜପା ପ୍ରାର୍ଥୀଙ୍କ ପ୍ରଚାର

**ବିରଡ଼ି/ବାଲିଆ,୧୨।୪(ଡି.ଏନ.ଏ.)**

ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିରିଡ଼ି ବ୍ଲକର ବିଭିନ୍ନ ଗ୍ରାମରେ ଭାଜପା ପ୍ରାର୍ଥୀ ପ୍ରଫେସର ରମାକାନ୍ତ ଭୋଇ ନିଜ କର୍ମୀମାନଙ୍କ ସହ ମିଶି ପ୍ରଚାର କରିଛନ୍ତି। ବିରିଡ଼ି ହାଟରୁ ସେ ଏକ ଶୋଭାଯାତ୍ରାରେ ବାହାରି କୂଳକଇଜଙ୍ଗା, ମହାତଳ, ବୁଢାପଡା, ଅଢଙ୍ଗ ମଜୁରାଇ, ଅଢଙ୍ଗଗଡ ଆଦି ପଞ୍ଚାୟତରେ ଘର ଘର ବୁଲି ଭୋଟ ଭୀକ୍ଷା କରିଥିଲେ। ତାଙ୍କ ସହିତ ପୁରଣ ମଣ୍ଡଳ ସଭାପତି ଆଲୋକ କୁମାର ପଣ୍ଡା, ଅଜୟ ଭୋଇ, ସୁନିଲ ପଶାୟତ, ସୁଜିତ ନାୟକ, ପୁରଣ ଯୁବମୋର୍ଚ୍ଚା ସଭାପତି ସତ୍ୟ ପଟ୍ଟନାୟକ, କୃଷକ ମୋର୍ଚ୍ଚା ସଭାପତି ଚିତ୍ତରଞ୍ଜନ ପାତ୍ର, ରଜନୀକାନ୍ତ ମଲ୍ଲିକ, ରଘୁନାଥପୁର ଜୋନ-୧ର ଜିଲାପରିଷଦ ସଭ୍ୟ ଅଶୋକ ମହାରଣା, ବାପି ସିଂ, ପ୍ରତାପ କିଶୋର ପାତ୍ର, ଓବିସି ମୋର୍ଚ୍ଚା ସଭାପତି ନରେଶ ଓଝା, ପୁରଣ ମଣ୍ଡଳ ପ୍ରଭାରୀ ଗୋପବନ୍ଧୁ ପରିଜା, ତିର୍ତ୍ତୋଲ ମଣ୍ଡଳ ପ୍ରଭାରୀ ରାମକୃଷ୍ଣ ପରିଜା, ବିସ୍ତାରକ ରଜନୀକାନ୍ତ ବେହେରା, ଜ୍ଞାନରଞ୍ଜନ ଦାସ, ବ୍ରଜ କିଶୋର ବେହେରା ପ୍ରମୁଖ ସାମିଲ ହୋଇଥିଲେ। ପରେ ଅଢଙ୍ଗ ନାଇଲୋ ଯଶୋବନ୍ତ ଗୋସ୍ୱାମୀଙ୍କ ପୀଠ ପରିସରରେ ଏକ ସଭା କରିଥିଲେ।

## ସୋସିଆଲ ମିଡିଆ : ଯେତିକି ଲାଭ, ସେତିକି ଅଡୁଆ

**ପାରାଦୀପ,୧୨।୪(ସ୍ୱ.ପ୍ର.)**

ପାରାଦୀପ ନିର୍ବାଚନମଣ୍ଡଳୀରେ ଏବେ ୯ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କଂଗ୍ରେସ, ଭାଜପା, ବିଜେଡି ପ୍ରାର୍ଥୀଙ୍କ ସହ ଜଣେ ସ୍ୱାଧୀନ ପ୍ରାର୍ଥୀ ସୋସିଆଲ ମିଡିଆରେ ବିଭିନ୍ନ ଗ୍ରୁପ୍ ଓ ଆକାଉଣ୍ଟ ଖୋଲି ପ୍ରଚାର ଚଳାଇଛନ୍ତି। କେତେବେଳେ କେଉଁଠି ବୈଠକ ହେଉଛି, କିଏ ଦଳରେ ମିଶିଲା, ଏପରିକି କିଏ ଜିତିବ ଓ ହାରିବ ତାହା ଏଥିରେ ଫଲୋଅରମାନେ ଖୋଲାମତ ଦେଉଛନ୍ତି। ସେହିପରି ପ୍ରତ୍ୟେକ ଗ୍ରୁପ୍‌ରେ ଲୋକଙ୍କ ମଧ୍ୟରେ କଥା କଟାକଟି ଓ ବ୍ୟକ୍ତିଗତସ୍ତର ପର୍ଯ୍ୟନ୍ତ ଆକ୍ଷେପ ପ୍ରତିଆକ୍ଷେପ ହେଉଛି। ଏହାଦ୍ୱାରା କେତେକ କ୍ଷେତ୍ରରେ ପ୍ରାର୍ଥୀମାନେ ଯେଉଁଠି ସମର୍ଥକ ଯୋଗାଡ଼ ଆଶା କରୁଥିଲେ, ସେଇଠି ବିରୋଧ ଓ ସମାଲୋଚନାର ଶିକାର ହେଉଛନ୍ତି। ତେଣୁ ସୋସିଆଲ ମିଡିଆ ପ୍ରାର୍ଥୀଙ୍କ ପାଇଁ ଯେତିକି ଲାଭଦାୟକ ହେଉଛି, ସେତିକି କ୍ଷତି ପହଞ୍ଚାଉଛି ବୋଲି ଆଲୋଚନା ହେଉଛି।

## ଭାଜପାରେ ମିଶିଲେ ବିଜେଡି ସମର୍ଥିତ ସରପଞ୍ଚ

**ବାଲିକୁଦା,୧୨।୪(ସ୍ୱ.ପ୍ର.)**

ତଣ୍ଡିକୂଳ ପଞ୍ଚାୟତର ବିଜେଡି ସମର୍ଥୀତ ସରପଞ୍ଚ ଲୋକନାଥ ମନ୍ତ୍ରୀ ମଙ୍ଗଳବାର ବିଧିବଦ୍ଧ ଭାବେ ନିଜ ସମର୍ଥକଙ୍କ ସହ ଭାଜପାରେ ସାମିଲ ହୋଇଛନ୍ତି। ପୂର୍ବରୁ ସେ ବିଜେଡିରେ ଜଣେ ସକ୍ରିୟ କର୍ମୀ ଭାବେ କାର୍ଯ୍ୟ କରୁଥିଲେ। ଗତ ପଞ୍ଚାୟତ ନିର୍ବାଚନରେ ନେତାଙ୍କ ସହିତ ମନୋମାଳିନ୍ୟ ଯୋଗୁ ସେ ଦଳୀୟ କାର୍ଯ୍ୟକ୍ରମରୁ ଦୂରେଇ ରହୁଥିଲେ। ଡା. ଦାମୋଦର ରାଉତ ଭାଜପାରେ ଯୋଗଦେବା ପରେ ସେ ଭାଜପାରେ ମିଶିବାକୁ ମନ ବଳାଇଥିଲେ। ପ୍ରଥମେ ତଣ୍ଡିକୁଳ ପଞ୍ଚାୟତ ଭାଜପା କାର୍ଯ୍ୟାଳୟରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ଏହି ମିଶ୍ରଣ କାର୍ଯ୍ୟକ୍ରମରେ ପଞ୍ଚାୟତ ଭାଜପା ସଭାପତି ମହନ୍ତ ମନୋଜ କୁମାର ଦାସ, ସମ୍ପାଦକ ପ୍ରଶାନ୍ତ ଦାସ, ପଞ୍ଚାୟତ ପ୍ରମୁଖ ପ୍ରକାଶ ସେଠୀ, ସହ ପ୍ରମୁଖ ବସନ୍ତ କାନୁନ୍‌ଗୋ, ବୁଥ୍ ସଭାପତି ଧନୁର୍ଦ୍ଧର ଦାସ, ଭାଜପା କର୍ମୀ ଅକ୍ଷୟ କୁମାର ଦାସ, ପଦ୍ମଚରଣ ଦାସ, ବୀରକିଶୋର ପରିଡା, ନିତ୍ୟାନନ୍ଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପରେ ସ୍ଥାନୀୟ କାର୍ଯ୍ୟକର୍ତ୍ତାଙ୍କ ସହ ସେ ଭୁବନେଶ୍ୱରସ୍ଥିତ ରାଜ୍ୟ କାର୍ଯ୍ୟାଳୟକୁ ଯାଇ ଦଳରେ ସାମିଲ ହୋଇଥିଲେ। ସେଠାରେ ବାଲିକୁଦା-ଏରସମା ଭାଜପା ପ୍ରାର୍ଥୀ ଡା. ରାଉତ, ଭାଜପାନେତା ବିଶ୍ୱଭୂଷଣ ହରିଚନ୍ଦନ, ସମୀର ଦାସ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ଦଳୀୟ କାର୍ଯ୍ୟଧାରା ସମ୍ପର୍କରେ ଅବଗତ ହୋଇଥିଲେ।

## ଶୁଆକଣରେ ଭାଜପାର ଭୋଟ ଭୀକ୍ଷା



ନାଉଗାଁରେ ଭାଜପା ନେତା ଓ କର୍ମୀଙ୍କ ପ୍ରଚାର।

**ନାଉଗାଁ,୧୨।୪**

ନାଉଗାଁ ବ୍ଲକ କୋରୁଅ ପଞ୍ଚାୟତ ଶୁଆକଣ ଗ୍ରାମରେ ବ୍ଲକ ଭାଜପା ସଭାପତି ଶ୍ରୀକାନ୍ତ ସ୍ୱାଇଁଙ୍କ ନେତୃତ୍ୱରେ ଶୁକ୍ରବାର ଘର ଘର ବୁଲି ଭୋଟ ଭୀକ୍ଷା କରାଯାଇଛି। ଜିଲା ପରିଷଦ ପ୍ରାର୍ଥୀ ସୁନାକର ସେଠୀ, ମଣ୍ଡଳ ସଭାପତି ଜ୍ଞାନରଞ୍ଜନ ଦାସ, ଦୁର୍ଗା ପ୍ରସାଦ ଆଚାର୍ଯ୍ୟ, ଜଗତ୍‌ସିଂହପୁର ମିଡିଆ ସେଲର ଗଣେଶ ପ୍ରସାଦ ମହାନ୍ତି, ନଗର ସଭାପତି ଅକ୍ଷୟ ପାତ୍ର ପ୍ରମୁଖ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନହିତକର କାର୍ଯ୍ୟକ୍ରମ ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ଏଥିସହ ଜଗତ୍‌ସିଂହପୁର ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ସତ୍ୟବ୍ରତ ମହାପାତ୍ରଙ୍କୁ ବିଜୟୀ କରିବାକୁ ନିବେଦନ କରିଥିଲେ। ନିଗମାନନ୍ଦ ପରିଡା, ଯୁଧିଷ୍ଠିର ପାଳ, ନିତ୍ୟାନନ୍ଦ ସ୍ୱାଇଁ, ଧରଣୀଧର ସ୍ୱାଇଁ, ତପନ ପଣ୍ଡା, ବାବାଜୀ ମହାନ୍ତି, ବାବୁଲା ମଲିକ, ଚୁନୁ ଭୋଇ, ଅମୂଲ୍ୟ ସେନାପତି, ମିହିର ସ୍ୱାଇଁ, ଜଟାଧାରୀ ଦାସ, ସନ୍ତୋଷ ସ୍ୱାଇଁ, ମାନସ ରଞ୍ଜନ ବିଶ୍ୱାଳ, ପ୍ରଦୀପ ବେହେରା, ନିଳମଣୀ ସାହୁ, ରଞ୍ଜିତ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।

## ରମେଶଙ୍କୁ ନେବାକୁ ପ୍ରତିଯୋଗିତା

**ସୋସିଆଲ ମିଡିଆରେ ଫଟୋ ଛାଡୁଛନ୍ତି ୩ ଦଳର ନେତା**

**ପାରାଦୀପ,୧୨।୪(ସ୍ୱ.ପ୍ର.)**

ପାରାଦୀପ ଓ କୁଜଙ୍ଗର ଜଣାଶୁଣା ବ୍ୟକ୍ତିତ୍ୱ ରମେଶ ଚନ୍ଦ୍ର ସାମନ୍ତରାୟ ଏବେ ଦୀର୍ଘବର୍ଷର ବ୍ୟବଧାନ ପରେ ପୁଣି ଚର୍ଚ୍ଚାକୁ ଆସିଛନ୍ତି। ସେ ୩ ଥର ପାରାଦୀପ ପୌରାଧ୍ୟକ୍ଷ ହୋଇଥିଲେ। ୨୦୦୯ରେ କଂଗ୍ରେସରୁ ବିଧାୟକ ପ୍ରାର୍ଥୀ ଭାବେ ଦାବିଦାର ଥିଲେ। କିନ୍ତୁ ଶେଷ ମୁହୂର୍ତ୍ତରେ ଟିକେଟରୁ ବଞ୍ଚିତ ହୋଇ ସ୍ୱାଧୀନ ପ୍ରାର୍ଥୀ ଭାବେ ମଇଦାନକୁ ଓହ୍ଲାଇଥିଲେ। ସେତେବେଳେ ସେ ତତ୍କାଳୀନ ବିଜେଡି ପ୍ରାର୍ଥୀ ଦାମୋଦର ରାଉତଙ୍କୁ କଡ଼ା ଟକ୍କର ଦେଇ ୩୬୫୧୨ ଭୋଟ ପାଇଥିଲେ। କଂଗ୍ରେସରୁ ବାରମ୍ବାର ନିରାଶ ହେବା ପରେ ସେ ୨୦୧୪ରେ ବିଜେଡିରେ ମିଶିଥିଲେ। ପରବର୍ତ୍ତୀ ସମୟରେ ପାରିବାରିକ ଓ ବ୍ୟବସାୟିକ ସମସ୍ୟା ମଧ୍ୟରେ ସେ ରାଜନୀତିରୁ ଏକ ପ୍ରକାର ଦୂରେଇ ରହିଥିଲେ। ଏବେ ସପ୍ତାହେ ହେଲା ତାଙ୍କୁ ନେଇ ଚର୍ଚ୍ଚା ଜୋରଧରିଛି। ତାଙ୍କୁ ନିଜ ଶିବିରକୁ ନେବାକୁ ଉଭୟ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀ ଉଦ୍ୟମ ଚଳାଇଛନ୍ତି। ରମେଶଙ୍କୁ ଫେରାଇ ଆଣିବାକୁ ପ୍ରଥମେ କଂଗ୍ରେସ ପ୍ରାର୍ଥୀ ଅରିନ୍ଦମ ସର୍ଖେଲ ତାଙ୍କ ହାଉସିଂ ବୋର୍ଡ ଘରକୁ ଯାଇଥିଲେ। ସେଠାରେ ଉଭୟଙ୍କ ଆଲୋଚନା ବେଳର ଏକ ଫଟୋ କଂଗ୍ରେସ କର୍ମୀମାନେ ସୋସିଆଲ ମିଡିଆରେ ଛାଡ଼ିଥିଲେ। ସେଥିରେ ଦର୍ଶାଯାଇଥିଲା ରମେଶଙ୍କ ଘର ବାହୁଡ଼ା। ଏହାର କିଛି ସମୟ ପରେ ଆଉ ଏକ ଫଟୋ ସୋସିଆଲ ମିଡିଆରେ ଘୁରି ବୁଲିଲା। ଭାଜପା ପ୍ରାର୍ଥୀ ସମ୍ପଦ ସ୍ୱାଇଁଙ୍କ ବଡ଼ବାପା ଦୁର୍ଗା ଚରଣ ସ୍ୱାଇଁ, ମଣ୍ଡଳ ଭାଜପା ସଭାପତି କୈଳାସ ସାହୁ ପ୍ରମୁଖ ରମେଶଙ୍କ ଘରକୁ ଯାଇ ଫଟୋ ଉଠାଇ ଛାଡିଲେ ରମେଶ ତାଙ୍କ ଦଳରେ ମଶିଲେ। ଶୁକ୍ରବାର ବିଜେଡି ପ୍ରାର୍ଥୀ ସମ୍ବିତ ରାଉତରାୟ, ନଗର ସଭାପତି ସୁମନ୍ତ ବିଶ୍ୱାଳଙ୍କ ସମେତ ଦଳର ବରିଷ୍ଠ କର୍ମକର୍ତ୍ତା ରମେଶଙ୍କ ଘରକୁ ଯାଇ ଖାଇବା ସହ ତାଙ୍କ ସହ ଫଟୋ ଉଠାଇ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ତେବେ ରମେଶ ଏ ସମ୍ପର୍କରେ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି।



ରମେଶ ସାମନ୍ତରାୟ।

## କର୍ମୀଙ୍କ ଦଳ ବଦଳକୁ କଂଗ୍ରେସର ଅସ୍ୱୀକାର

**ବାଲିଆ,୧୨।୪**

ବିରିଡି ବ୍ଲକ ଗୋପୀନାଥପୁର ପଞ୍ଚାୟତର କେତେକ ଯୁବଗୋଷ୍ଠୀ ବୁଧବାର ବିଜେଡି ପ୍ରାର୍ଥୀ ବିଷ୍ଣୁ ଚରଣ ଦାସଙ୍କ ଭୁବନେଶ୍ୱରସ୍ଥିତ ବାସଭବନକୁ ଯାଇ ଦଳରେ ମିଶିଥିଲେ। ସେମାନେ କଂଗ୍ରେସ କର୍ମୀ ଥିଲେ ବୋଲି ବିଜେଡି ପକ୍ଷରୁ କୁହାଯାଇଥିଲା। ମାତ୍ର ଏହାକୁ କଂଗ୍ରେସ ପକ୍ଷରୁ ଅସ୍ୱୀକାର କରାଯାଇଛି। ଉକ୍ତ କର୍ମୀମାନେ ବିଜେଡି କର୍ମୀ ଥିଲେ ଓ ବିଜେଡିରେ ମିଶିଛନ୍ତି ବୋଲି ବାଲିଆ ଗୋପୀନାଥପୁର କଂଗ୍ରେସ କମିଟି ସଭାପତି ସୁବାସ ଚନ୍ଦ୍ର ଦାସ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

■ କୁଜଙ୍ଗରେ ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ

## ମନର କ୍ଷୋଭ ପ୍ରକାଶ କଲେ ପ୍ରମୋଦ

**କୁଜଙ୍ଗ,୧୨।୪(ସ୍ୱ.ପ୍ର.)**

କୁଜଙ୍ଗ ବଳରାମପୁର ଗଡ଼ା ପେଟ୍ରୋଲ ପମ୍ପ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ବିଜେଡିର ଦଳୀୟ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ବ୍ଲକ ବିଜେଡି ସଭାପତି ତଥା ପୂର୍ବତନ ଅଧ୍ୟକ୍ଷ ନରେନ୍ଦ୍ର ପରିଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ପ୍ରାର୍ଥୀ ସମ୍ବିତ ରାଉତରାୟ, ଏମ୍‌ପି ପ୍ରାର୍ଥିନୀ ଡ. ରାଜଶ୍ରୀ ମଲ୍ଲିକଙ୍କ ସମେତ ଏମ୍‌ପି ଡା.କୁଳମଣି ସାମଲ, ନିକଟରେ କଂଗ୍ରେସ ଛାଡି ବିଜେଡିରେ ଯୋଗଦେଇଥିବା ପ୍ରମୋଦ କିଶୋର ଜେନା ଓ ରଞ୍ଜନ କୁମାର ଦାସ, ଭାଜପା ଛାଡି ବିଜେଡିରେ ମିଶିଥିବା ଆଇନଜୀବୀ ଗତିକୃଷ୍ଣ ଶତପଥୀ ପ୍ରମୁଖ ଯୋଗଦେଇ ଦଳୀୟ କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ଓ ରାଜ୍ୟ ସରକାରଙ୍କ ସଫଳତା ସମ୍ପର୍କରେ କହିଥିଲେ। ଏହି ଅବସରରେ ପ୍ରମୋଦ ନିଜ ମନର କ୍ଷୋଭ ପ୍ରକାଶ କରିଥିଲେ। ରାଜ୍ୟ କଂଗ୍ରେସରେ କିପରି ବିଶୃଙ୍ଖଳା ଚାଲିଛି, ନେତୃତ୍ୱ ଅପେକ୍ଷା ଅର୍ଥ, ଆପରାଧିକ ତତ୍ତ୍ୱ ଓ ଅସାଧୁ ମେଣ୍ଟକୁ ପ୍ରୋତ୍ସାହନ ଦିଆଯାଉଛି ସେ ସମ୍ପର୍କରେ କହିଥିଲେ। ବିଜୁବାବୁଙ୍କ ଆଦର୍ଶ ଓ ନବୀନଙ୍କ ନେତୃତ୍ୱକୁ ନେଇ ସେ ପାରାଦୀପର ବିକାଶରେ ନିଜକୁ ସାମିଲ କରିବେ ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ବରୋଇର ଶ୍ରମିକ ନେତା ବାବୁଲି ରାୟ, ମଙ୍ଗରାଜପପୁର ରଞ୍ଜନ କୁମାର ସାହୁ, ଭୂତମୁଣ୍ଡାଇ ପଞ୍ଚାୟତର ଦୀପକ କୁମାର ଦାସ, ସଚ୍ଚିକାନ୍ତ ଦାସ, ସରୋଜ ସାହୁ ପ୍ରମୁଖ ବିଜେଡିରେ ସାମିଲ ହୋଇଥିଲେ। ବରିଷ୍ଠ ବିଜେଡି ନେତା ପୀତାମ୍ବର ତରାଇ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ସବିତା ମହାପାତ୍ର, କୁଜଙ୍ଗ ସରପଞ୍ଚ ଭାରତ ଭୂଷଣ ନାୟକ, ପାରାଦୀପ ନଗର ସଭାପତି ସୁମନ୍ତ ବିଶ୍ୱାଳ, ପୂର୍ବତନ ପୌରାଧ୍ୟକ୍ଷ କିଶୋର ପରିଡା, କୁଜଙ୍ଗ ବ୍ଲକ୍ ଅଧ୍ୟକ୍ଷ ସ୍ମୃତିରଞ୍ଜନ ବେହେରା, ଉପାଧ୍ୟକ୍ଷା ପୁଷ୍ପଲତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।





# ଭୋଟରେ ପ୍ରତିଫଳନ ହେବ ଚାଷୀ ସମସ୍ୟା

ପ୍ରେମାନନ୍ଦ ଖମାରି
ବରଗଡ଼ ଅଫିସ,୧୨।୪

**ଭଟଲି ବିଧାନସଭା ନିର୍ବାଚନମଣ୍ଡଳୀ**

ବରଗଡ଼ ଜିଲାର ୫ ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ଭଟଲି ଅନ୍ୟତମ। ପଦ୍ମପୁର ପରେ ଏହା ଜିଲାର ଦ୍ୱିତୀୟ ବୃହତ୍ ନିର୍ବାଚନମଣ୍ଡଳୀ। ଏକଦା କଂଗ୍ରେସ ଓ ଭାଜପାର ଦୁର୍ଗ କୁହାଯାଉଥିବା ଏହି ନିର୍ବାଚନମଣ୍ଡଳୀରେ କ୍ରମାଗତ ୨ ସାଧାରଣ ନିର୍ବାଚନରେ ବିଜେଡି ବିଜୟୀ ହୋଇଆସୁଛି। ଦଳର ପୁରୁଖା ନେତାମାନେ ଫେଲ୍ ମାରିବା ପରେ ଏଥର ଭାଜପା ଓ କଂଗ୍ରେସ ୨ ନୂଆ ମୁହଁ ଇରାସିସ୍ ଆଚାର୍ଯ୍ୟ ଓ ସରୋଜ କୁମାର ମହାପାତ୍ରଙ୍କୁ ନିର୍ବାଚନ ମଇଦାନକୁ ଛାଡ଼ିଛି। ଅନ୍ୟପଟେ ସୁଶାନ୍ତ ସିଂଙ୍କ ଉପରେ ବିଜେଡି ପୁଣି ଭରସା କରିଛି। ସେ କ୍ରମାଗତ ତୃତୀୟଥର ପାଇଁ ଏଠାରେ ଦଳୀୟ ପ୍ରାର୍ଥୀ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଏଥର ନିର୍ବାଚନ କଂଗ୍ରେସ, ବିଜେଡି ଓ ଭାଜପା ପାଇଁ ସମ୍ମାନର ବିଷୟ ହୋଇଛି।

ଏହି ନିର୍ବାଚନମଣ୍ଡଳୀ ଛତିଶଗଡ଼ ସୀମାବର୍ତ୍ତୀ ହୋଇଥିବାରୁ ନିକଟ ଅତୀତରେ ସେହି ପଡ଼ୋଶୀ ରାଜ୍ୟରେ ଭାଜପାକୁ ଗାଦିଚ୍ୟୁତ କରି କଂଗ୍ରେସ ସଫଳତା ପାଇଥିଲା। ତାକୁ ନେଇ ବହୁଥିବା ଅନ୍ତଃସ୍ରୋତର ପ୍ରଭାବ ଏଠାରେ ପଡ଼ିବ ବୋଲି ଆଶା ରଖି କଂଗ୍ରେସ ନିଜ ରଣନୀତି ଆରମ୍ଭ କରିଛି। ଏହା ସହିତ ଦଳୀୟ ଇସ୍ତାହାରରେ ଚାଷୀ, ଶ୍ରମିକ, ବେକାରି ଆଦି ପ୍ରସଙ୍ଗରେ ଘୋଷଣା କରାଯାଇଥିବା ଜନକଲ୍ୟାଣକାରୀ ଯୋଜନା ଦଳ ପାଇଁ ବିଜୟର ବାଟ ଫିଟାଇବ ବୋଲି କଂଗ୍ରେସ ନେତା ଓ କର୍ମୀମାନେ ଆଶା ବାନ୍ଧିଛନ୍ତି। ସେହିପରି ୨୦୧୪ ସାଧାରଣ ନିର୍ବାଚନ ଭଳି ଏଥର ମଧ୍ୟ ମୋଦି ହାୱା ଦଳ ସପକ୍ଷରେ ଭୋଟରଙ୍କୁ ଆକୃଷ୍ଟ କରିବ ଏବଂ ରାଜ୍ୟରେ ଦୀର୍ଘବର୍ଷର ଶାସନରେ ପରିବର୍ତ୍ତନ ଆଣିବ ବୋଲି ଭାଜପା ନେତା ଓ କର୍ମୀ ଆଶା ରଖି ଭୋଟରଙ୍କ ପାଖରେ ପହଞ୍ଚୁଥିବା ଦେଖାଯାଉଛି। ୨୦୦୯ରୁ କ୍ରମାଗତ ବିଜୟଧାରା ଅବ୍ୟାହତ ରଖିଥିବା ବିଜେଡି ବିଗତ ୧୦ବର୍ଷ ମଧ୍ୟରେ ଅଞ୍ଚଳରେ ହୋଇଥିବା ବିକାଶକୁ ନେଇ ଲୋକଙ୍କ ପାଖକୁ ପହଞ୍ଚୁ ଥିବାବେଳେ ଏହା ହିଁ ଦଳର ବିଜୟର ମୂଳାଧାର ହେବ ବୋଲି ଦଳୀୟ ନେତା କହୁଛନ୍ତି। ଏଥର ଭାଜପା, କଂଗ୍ରେସ ଓ ବିଜେଡି ପ୍ରାର୍ଥୀଙ୍କ ସମେତ ବହୁଜନ ସମାଜ ପାର୍ଟି(ବିଏସପି)ରୁ ନାରାୟଣ ଭେସ୍ରା ଏବଂ ସମତା କ୍ରାନ୍ତି ଦଳରୁ ଧନପତି ସାହୁ ଅର୍ଥାତ୍ ସମୁଦାୟ ୫ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଛନ୍ତି।

ଏହି ନିର୍ବାଚନମଣ୍ଡଳୀ ଅଧୀନ ଝାଙ୍କରପାଲି ଗ୍ରାମର ଜଣେ ଭୋଟର ତେଜରାଜ ହୋତା କୁହନ୍ତି, ଯେଉଁ ପ୍ରାର୍ଥୀ ଅବହେଳିତ ତଥା ନିମ୍ନବର୍ଗର ଉନ୍ନତି ପାଇଁ କାମ କରିବେ ଏବଂ ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ପାଇଁ ଅଙ୍ଗୀକାରବଦ୍ଧ ହେବେ, ସେଭଳି ପ୍ରାର୍ଥୀ ମୋର ପସନ୍ଦ ଓ ତାଙ୍କ ସପକ୍ଷରେ ହିଁ ମୋର ଭୋଟ୍ ଯିବ। ଗତ ୨୦ବର୍ଷରେ ଚାଷୀଙ୍କ କୌଣସି ପ୍ରକାର ଉନ୍ନତିମୂଳକ କାର୍ଯ୍ୟ ହୋଇ ନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ସେହିପରି ସରକଣ୍ଡା ଗ୍ରାମର ଚାଷୀନେତା ହର ବଣିଆ କୁହନ୍ତି, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉଦାସୀନତା ତଥା ଚାଷୀ ମାରଣନୀତି ଯୋଗୁ ଚାଷୀଙ୍କୁ ଦୁର୍ବିଷହ ଜୀବନ ଅତିବାହିତ କରିବାକୁ ପଡୁଛି। ଜଳସେଚନ, ଧାନବିକ୍ରି, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ, ବୋନସ ଇତ୍ୟାଦି ସମସ୍ୟା ରହିଛି। ଫଳରେ ଏଥର ନିର୍ବାଚନରେ ଚାଷୀଙ୍କୁ ଠକୁଥିବା ପ୍ରାର୍ଥୀ ତଥା ସରକାରଙ୍କୁ ଉଚିତ ଜବାବ ଦେବା ହିଁ ଆମର ଲକ୍ଷ୍ୟ ରହିବ।

ବିଜେଡି ପ୍ରାର୍ଥୀ ସୁଶାନ୍ତ ସିଂ କହିଛନ୍ତି, ଗତ ୧୦ବର୍ଷ ଧରି ସେ ଏହି ନିର୍ବାଚନମଣ୍ଡଳୀରେ ପ୍ରତିନିଧିତ୍ୱ କରି ଆସିଛନ୍ତି। ନିର୍ବାଚନମଣ୍ଡଳୀର ୩୧୬ ଗ୍ରାମରୁ ୩୦୮ ଗ୍ରାମକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ କରାଯାଇଛି। ବିଭିନ୍ନ ଗ୍ରାମକୁ ବିଜୁ ସେତୁ ଯୋଜନା ଦ୍ୱାରା ଯୋଡ଼ା ଯାଇଛି। ୭୦ହଜାରରୁ ଊର୍ଦ୍ଧ୍ୱ ଏକର ଚାଷଜମିକୁ ଜଳସେଚନ ବ୍ୟବସ୍ଥା ହୋଇଛି। ୧୯ବର୍ଷର ବିଜେଡି ଶାସନରେ ହୋଇଥିବା ରାଜ୍ୟର ବିକାଶକୁ ନେଇ ସେ ପ୍ରାର୍ଥୀଙ୍କ ପାଖକୁ ଯାଉଛନ୍ତି।

ଭାଜପା ପ୍ରାର୍ଥୀ ଇରାସିସ୍ ଆଚାର୍ଯ୍ୟ କୁହନ୍ତି, ସେ ପ୍ରଥମଥର ପାଇଁ ନିର୍ବାଚନ ମଇଦାନକୁ ଆସିଛନ୍ତି। ନରେନ୍ଦ୍ର ମୋଦିଙ୍କ ବିକାଶୋନ୍ମୁଖୀ ଯୋଜନା ଏବଂ ରାଜ୍ୟର ବିଜେଡି ସରକାରଙ୍କ ବିଫଳତାକୁ ନେଇ ସେ ଭୋଟରଙ୍କ ପାଖକୁ ଯାଉଛନ୍ତି ଏବଂ ଭୋଟରମାନେ ତାଙ୍କ ସପକ୍ଷରେ ସର୍ବାଧିକ ମତଦାନ କରିବେ ବୋଲି ସେ ଆଶା ରଖିଛନ୍ତି।

କଂଗ୍ରେସ ପ୍ରାର୍ଥୀ ସରୋଜ ମହାପାତ୍ର କୁହନ୍ତି, ଭଟଲି ନିର୍ବାଚନମଣ୍ଡଳୀରେ ଜଳସେଚନ ପ୍ରକଳ୍ପ ନାହିଁ। ଫଳରେ ଚାଷୀଙ୍କୁ କ୍ରମାଗତ ଭାବେ ଫସଲ କ୍ଷତିର ସମ୍ମୁଖୀନ ହେବା ସହିତ ଋଣବୋଝରେ ରହିବାକୁ ପଡୁଛି। କଂଗ୍ରେସ କୃଷିଋଣ ଛାଡ଼, ଧାନର ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୨୬୦୦ ଟଙ୍କାକୁ ବୃଦ୍ଧି ଭଳି ଚାଷୀଙ୍କ ପାଇଁ ହିତକର ଅନେକ ଯୋଜନା କରିବ ବୋଲି ଘୋଷଣା କରିଛି। ପ୍ରତ୍ୟେକ ପରିବାରରୁ ଜଣକୁ ଚାକିରି ଦେବାକୁ ଦଳୀୟ ଇସ୍ତାହାରରେ ପ୍ରକାଶ କରିଛି। ସେସବୁ ନେଇ ସେ ଭୋଟରଙ୍କ ପାଖକୁ ଯାଉଛନ୍ତି। ବେକାରି ସମସ୍ୟାର ସମାଧାନ ହିଁ ତାଙ୍କ ଲକ୍ଷ୍ୟ। ଏହି ବାର୍ତ୍ତା ନେଇ ସେ ଭୋଟରଙ୍କୁ ଭେଟୁଛନ୍ତି ବୋଲି ବିଏସପି ପ୍ରାର୍ଥୀ ନାରାୟଣ ଭେସ୍ରା କହିଛନ୍ତି।


ସୁଶାନ୍ତ ସିଂ


ଇରାସିସ୍ ଆଚାର୍ଯ୍ୟ


ସରୋଜ କୁମାର ମହାପାତ୍ର


ନାରାୟଣ ଭେସ୍ରା

# ସବୁ ଦଳ ଫୋକସରେ ଦ୍ୱିତୀୟ ପର୍ଯ୍ୟାୟ

- ୫ ଲୋକ ସଭାରେ ହେବ ମତଦାନ
- ଜୁଏଲ, ପ୍ରସନ୍ନ, ସୁରେଶ, ଅଚ୍ୟୁତଙ୍କ ଭାଗ୍ୟ ପରୀକ୍ଷା
- ଦୁଇ ବିଧାନସଭା ଆସନରୁ ଲଢୁଛନ୍ତି ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୨।୪(ବ୍ୟୁରୋ)

ସାରା ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ସମାପ୍ତ ହୋଇଛି। ମତଦାନ ହାର ଉତ୍ସାହଜନକ ଥିବାରୁ ଫଳାଫଳ ନେଇ ଦୁଇ ପ୍ରମୁଖ ଦଳ(ବିଜେଡି–ଭାଜପା) ଆଶାବାଦୀ ଅଛନ୍ତି। ଏକଦା ଦକ୍ଷିଣ ଓଡ଼ିଶା କଂଗ୍ରେସର ଗଡ଼ ହୋଇଥିବାରୁ ନବରଙ୍ଗପୁର ଲୋକ ସଭା ଆସନକୁ ନେଇ ଦଳ ଉତ୍ସାହୀ ଅଛି। ତେଣୁ କାହା ଉତ୍ସାହ ଫଳାଫଳରେ ପରିଣତ ହେବ, ତାହା ଆସନ୍ତା ମେ’ ୨୩ରେ ଜଣାପଡିବ। ବର୍ତ୍ତମାନ ସମସ୍ତ ରାଜନୈତିକ ଦଳ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଉପରେ ଫୋକସ କରୁଛନ୍ତି। ଏହି ପର୍ଯ୍ୟାୟରେ ସୁନ୍ଦରଗଡ଼, ବରଗଡ଼, ବଲାଙ୍ଗୀର, ଆସ୍କା ଏବଂ ଏହା ଅନ୍ତର୍ଗତ ବିଧାନସଭା ଆସନଗୁଡ଼ିକରେ ଭୋଟ ଗ୍ରହଣ ହେବ। ଏହିସବୁ ସ୍ଥାନରେ ଚଳିତ ମାସ ୧୮ରେ ଭୋଟ ହେବାକୁ ଥିବା ବେଳେ ୧୬ରେ ପ୍ରଚାର ସରିବ। ପୂର୍ବ ନିର୍ବାଚନରେ ବିଜେଡି କେବଳ ସୁନ୍ଦରଗଡ଼ ଆସନରେ ପରାସ୍ତ ହୋଇଥିଲା। ସେହିପରି ବରଗଡ଼ରେ ଭାଜପାଠାରୁ ଅଳ୍ପ ବ୍ୟବଧାନରେ ଜିତିଥିଲା। ଚଳିତଥର ଭାଜପା ସପକ୍ଷରେ ପୂର୍ବାପେକ୍ଷା ଅନୁକୂଳ ବାତାବରଣ ରହିଥିବା ଆଲୋଚନା ହେଉଛି। ସେହିପରି ବିଜେଡିର ଶୀର୍ଷ ନେତୃତ୍ୱ ପ୍ରତି ଅସନ୍ତୋଷ ନ ଥିଲେ ବି ସ୍ଥାନୀୟ ଏମ୍‌ପି ଏବଂ ବିଧାୟକଙ୍କ ବିରୋଧରେ ଜନମତ ରହିଛି। ବର୍ତ୍ତମାନର ମୁଖ୍ୟ ବିରୋଧୀ କଂଗ୍ରେସ ଉପରୋକ୍ତ ଆସନଗୁଡିକ ମଧ୍ୟରୁ ସୁନ୍ଦରଗଡ଼, ବଲାଙ୍ଗୀରକୁ ଅଧିକ ଫୋକସ କରୁଛି। ବରଗଡ଼, କନ୍ଧମାଳରେ ବିଜେଡି–ଭାଜପା ମଧ୍ୟରେ ସିଧାସଳଖ ମୁକାବିଲା ହେବ ବୋଲି ଆଲୋଚନା ହେଉଛି। ସେହିପରି ଆସ୍କା, ସୁନ୍ଦରଗଡ଼ ଏବଂ ବଲାଙ୍ଗୀରରେ ତ୍ରିମୁଖୀ ଲଢ଼େଇ ହେଉଥିବା ଜଣାପଡିଛି। ଲୋକ ସଭା ପ୍ରାର୍ଥୀମାନଙ୍କ ମଧ୍ୟରେ ଏହି ପର୍ଯ୍ୟାୟରେ କଂଗ୍ରେସରୁ ଜର୍ଜ ତିର୍କୀ, ସିପିଆଇରୁ ରାମଚନ୍ଦ୍ର ପଣ୍ଡା, ବିଜେଡିରୁ ଅଚ୍ୟୁତ ସାମନ୍ତ, ଏସ୍ଏଚ୍‌ଜି କର୍ମୀରୁ ବିଜେଡି ପ୍ରାର୍ଥିନୀ ହୋଇଥିବା ପ୍ରମିଳା ବିଶୋଇ, ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ, ଏମ୍‌ପି କଳିକେଶ ସିଂଦେଓ, ଭାଜପାରୁ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ଖାରବେଳ ସ୍ୱାଇଁ ଏବଂ ସୁରେଶ ପୂଜାରୀଙ୍କ ଭଳି ହେଭିୱେଟ୍ ନିଜ ରାଜନୈତିକ ଭାଗ୍ୟ ପରୀକ୍ଷା କରିବାକୁ ଯାଉଛନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ ୩୫ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ନିର୍ବାଚନ ହେବାକୁ ଯାଉଛି। ତନ୍ମଧ୍ୟରୁ ଦୁଇଟି ଆସନ(ହିଞ୍ଜିଳି ଓ ବିଜେପୁର)ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାର୍ଥୀ ହୋଇଛନ୍ତି। ପ୍ରଥମଥର ପାଇଁ ମୁଖ୍ୟମନ୍ତ୍ରୀ ଦୁଇଟି ସ୍ଥାନରୁ ପ୍ରାର୍ଥୀ ହୋଇଥିବାରୁ ରାଜ୍ୟ ରାଜନୀତି ଆହୁରି ସରଗରମ ହୋଇଛି। ପଶ୍ଚିମ ଓଡ଼ିଶାରେ ବିଜେଡି ବିରୋଧୀ ହାୱାର ମୁକାବିଲା ପାଇଁ ଦଳୀୟ ସଭାପତି ଏପରି ନିଷ୍ପତ୍ତି ନେଇଥିବା ରାଜନୈତିକ ସମୀକ୍ଷକମାନେ କହିଛନ୍ତି।

ସୁନ୍ଦରଗଡ଼ରେ କେନ୍ଦ୍ରମନ୍ତ୍ରୀ ଜୁଏଲଙ୍କ ବିପକ୍ଷରେ କଂଗ୍ରେସରୁ ଜର୍ଜ ଏବଂ ବିଜେଡିରୁ ସୁନୀତା ବିଶ୍ୱାଳ ପ୍ରାର୍ଥିନୀ ହୋଇଛନ୍ତି। ରାଉରକେଲା ବିଧାନସଭା ନିର୍ବାଚନମଣ୍ଡଳୀଟି ଏହି ଲୋକ ସଭା ମଧ୍ୟରେ ଆସୁଛି। ଗତଥର ଏଠାରୁ ଭାଜପା ପ୍ରାର୍ଥୀ ଭାବେ ଦିଲୀପ ରାୟ ବିଜୟୀ ହୋଇଥିଲେ। କିଛିମାସ ତଳେ ଦିଲୀପ ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ ସହ ଭାଜପା ଛାଡିଥିଲେ। ତେଣୁ ଜୁଏଲଙ୍କ ପାଇଁ ସୁନ୍ଦରଗଡ଼ ଲଢ଼େଇ କଷ୍ଟକର ହେବ ବୋଲି ଆଲୋଚନା ହେଉଛି। ଇତିମଧ୍ୟରେ ବିଜୟ ମହାପାତ୍ର ଭାଜପାକୁ ବାହୁଡ଼ି ସାରିଲେଣି। ଦ୍ୱିତୀୟ ବ୍ରାହ୍ମଣୀ ସେତୁ ଏବଂ ସୁପର ସ୍ପେଶିଆଲିଟି ହସ୍ପିଟାଲ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ପିଏମ୍‌ଓ ପକ୍ଷରୁ ଦିଲୀପଙ୍କୁ ନିକଟରେ ପ୍ରତିଶ୍ରୁତି ମିଳିଛି। ତେଣୁ ଦିଲୀପଙ୍କ ଭୂମିକା ଉପରେ ସମସ୍ତଙ୍କ ନଜର ରହିଛି। କନ୍ଧମାଳରେ କଂଗ୍ରେସ ଭୋଟ ବିଭାଜନ ହେବାର ସମ୍ଭାବନା ରହିଛି। କଂଗ୍ରେସର କିଛି ଭୋଟ ବହୁଜନ ସମାଜବାଦୀ ପାର୍ଟି(ବିଏସ୍‌ପି) ନେବ। ତେଣୁ ଏଥିରୁ କିଛିଟା ଫାଇଦା ଭାଜପାକୁ ମିଳିପାରେ। ହେଲେ ବିଜେଡି ପକ୍ଷରୁ ଅଚ୍ୟୁତଙ୍କୁ ପ୍ରାର୍ଥୀ କରାଯାଇଥିବାରୁ ଦଳ ବିଜୟ ନେଇ ଅଧିକ ଆଶାବାଦୀ ରହିଛି। ବରଗଡ଼ରେ ପ୍ରସନ୍ନ ଆଚାର୍ଯ୍ୟଙ୍କ ମୁକାବିଲା ଭାଜପା ପ୍ରାର୍ଥୀ ସୁରେଶ ପୂଜାରୀଙ୍କ ସହ ହେଉଛି। ଭାଜପା ନେତା ତଥା ପୂର୍ବଥର ପ୍ରାର୍ଥୀ ସୁବାସ ଚୌହାନ ଭାଜପା ଛାଡ଼ି ବିଜେଡିରେ ଯୋଗଦେଇଥିବାରୁ ବରଗଡ଼ ଫଳାଫଳ ନେଇ ସମସ୍ତଙ୍କ ଉତ୍କଣ୍ଠା ରହିଛି।

ଅପରପକ୍ଷରେ ଏସ୍ଏଚ୍‌ଜି କର୍ମୀ ପ୍ରମିଳା ବିଶୋଇ ଆସ୍କା ଲୋକ ସଭାରେ ସିପିଆଇ ନେତା ରାମକୃଷ୍ଣ ପଣ୍ଡା ଏବଂ ଭାଜପାରୁ ଅନିତା ପ୍ରିୟଦର୍ଶିନୀଙ୍କ ମୁକାବିଲା କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପାରମ୍ପରିକ ବିଧାନସଭା ଆସନ ଏହି ଲୋକ ସଭାରେ ଆସୁଥିବାରୁ ଆସିକା ଉପରେ ରାଜନୈତିକ ମହଲର ନଜର ରହିଛି। ବଲାଙ୍ଗୀର ଲୋକ ସଭାରେ ରାଜ ପରିବାର ଏବଂ ମିଶ୍ର ପରିବାର ମଧ୍ୟରେ ଲଢ଼େଇ ହେବାକୁ ଯାଉଛି। ବିଜେଡିରୁ ଏମ୍‌ପି କଳିକେଶ ପୁନର୍ବାର ପ୍ରାର୍ଥୀ ହୋଇଥିବା ବେଳେ ତାଙ୍କ ବିରୋଧରେ ଭାଜପାରୁ ପ୍ରାର୍ଥୀ ହୋଇଛନ୍ତି ସଂଗୀତା ସିଂଦେଓ। ସେହିପରି କଂଗ୍ରେସ ପକ୍ଷରୁ ବିରୋଧୀ ଦଳ ନେତା ନରସିଂହ ମିଶ୍ରଙ୍କ ପୁତ୍ର ସମରେନ୍ଦ୍ର ମିଶ୍ରଙ୍କୁ ପ୍ରାର୍ଥୀ କରାଯାଇଛି। ତେଣୁ ବିଜେଡି ବିରୋଧରେ ଥିବା ଭୋଟ ଭାଜପା ଏବଂ କଂଗ୍ରେସ ମଧ୍ୟରୁ କିଏ ହାତେଇ ପାରୁଛି ନା ଶାସକ ବିରୋଧୀ ଭୋଟ ବିଭାଜନରୁ କଳିକେଶ ଫାଇଦାରେ ରହୁଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିବ।


ଜୁଏଲ ଓରାମ


ପ୍ରସନ୍ନ ଆଚାର୍ଯ୍ୟ


ଜର୍ଜ ତିର୍କୀ

# ପ୍ରାର୍ଥୀପତ୍ର ପ୍ରତ୍ୟାହାର କଲେ ସିପ୍ରା

କେନ୍ଦ୍ରାପଡା ଅଫିସ, ୧୨।୪

କେନ୍ଦ୍ରାପଡ଼ା ଆସନରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ିବା ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିବା ବିଜେଡିର ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ ଶୁକ୍ରବାର ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିନେଇଛନ୍ତି। ଫଳରେ କେନ୍ଦ୍ରାପଡ଼ାରେ ଗଛ କିଛି ଦିନ ଧରି ଦେଖାଯାଇଥିବା ଦଳୀୟ କନ୍ଦଳର ପୂର୍ଣ୍ଣଚ୍ଛେଦ ପଡ଼ିଛି। ସୂଚନାଯୋଗ୍ୟ, ଏହି ଆସନରୁ ବିଧାୟକ କିଶୋର ଚନ୍ଦ୍ର ତରାଇଙ୍କୁ ପ୍ରାର୍ଥୀ ନ କରିବା ଏବଂ ଜଣେ ମହିଳାଙ୍କୁ ପ୍ରାର୍ଥୀ କରିବା ପାଇଁ ସିପ୍ରା ସମର୍ଥକଙ୍କ ସହ ଭୁବନେଶ୍ୱରସ୍ଥିତ ନବୀନ ନିବାସକୁ ଯାଇ ଦାବି କରିଥିଲେ। ଫଳରେ କେନ୍ଦ୍ରାପଡା ବିଧାନସଭା ପାଇଁ ବିଜେଡିର ପ୍ରାର୍ଥୀ ଚୟନ ଶେଷ ପର୍ଯ୍ୟନ୍ତ ଝୁଲିରହିଥିଲା। ନାମାଙ୍କନ ପତ୍ର ଦାଖଲ ନିମନ୍ତେ ଧାର୍ଯ୍ୟ ହୋଇଥିବା ଶେଷ ଦିନର ପୂର୍ବ ସନ୍ଧ୍ୟାରେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରାଙ୍କ ନାମ ଘୋଷଣା କରାଯାଇଥିଲା। ଏହାପରେ ସିପ୍ରା ତାଙ୍କ ପ୍ରତି ଜନସମର୍ଥନ ରହିଥିବା ବେଳେ ସମର୍ଥକମାନଙ୍କ ପ୍ରେରଣା ଥିବା ଦର୍ଶାଇ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଥିଲେ। କିନ୍ତୁ ତାଙ୍କୁ ମନାଇବା ପାଇଁ ଦଳ ପକ୍ଷରୁ ପ୍ରୟାସ ହୋଇଥିଲା। ଏନେଇ ତାଙ୍କ ସମେତ ସ୍ଥାନୀୟ ନେତାଙ୍କୁ ନବୀନ ନିବାସ ଡକାଯାଇ ଆଲୋଚନା ହୋଇଥିଲା। ଏଥିରେ ଶଶିଭୂଷଣ, କିଶୋରଚନ୍ଦ୍ର, ଅତନୁ ସବ୍ୟସାଚୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଟିକେଟ୍ ନ ମିଳିବାରୁ ଅସନ୍ତୁଷ୍ଟ ଥିବା ସିପ୍ରାଙ୍କ ମାନସ ଭଞ୍ଜନ କରିବାରେ ବିଜେଡି ସଫଳ ହୋଇଛି। ଆଲୋଚନା ପରେ ସିପ୍ରା ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ସେତେବେଳେ ସୂଚନା ଦେଇଥିଲେ। ଶୁକ୍ରବାର ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତରଦେଇ ସେ କହିଛନ୍ତିଯେ, କୋଣାର୍କ ମନ୍ଦିରର ମୁଣ୍ଡିମାରିବା ପାଇଁ ଧର୍ମପଦର ଆବଶ୍ୟକତା ପଡିଲା। ତାଙ୍କର ଏହି ପଦକ କଥା ଦଳୀୟ ଅନ୍ତର୍ଦ୍ୱନ୍ଦ୍ୱକୁ ପଦାରେ ପକାଇଥିବା ଆଲୋଚନା ହେଉଛି। ସେହିପରି ଏହି ବିଧାନସଭା ଆସନ ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିବା ପ୍ରତାପ କୁମାର ମଲ୍ଲିକ ଅପରାହ୍ନରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିନେଇଛନ୍ତି।



ଭାଜପା ବିଜୟ ସଂକଳ୍ପ ସମାବେଶ

# ଆଜି ଯୋଗଦେବେ ବାବୁସାନ

ଭୁବନେଶ୍ୱର, ୧୨।୪(ବ୍ୟୁରୋ)

ଭାଜପା ବିଜୟ ସଂକଳ୍ପ ସମାବେଶରେ ଶନିବାର ଭାଜପା ଷ୍ଟାର ପ୍ରଚାରକ ତଥା ସିନେ ଅଭିନେତା ତନ୍ମୟ ମହାନ୍ତି(ବାବୁସାନ୍) ଯୋଗଦେବେ। ଶୁକ୍ରବାର ୧୦ଟାରେ ଗଞ୍ଜାମ ଜିଲା ଖଲ୍ଲିକୋଟର ନାଗଳେଶ୍ୱର ଗ୍ରାମପଞ୍ଚାୟତର ପଥରକଟା ପଡିଆରେ ପହଞ୍ଚି ବିଜୟ ସଂକଳ୍ପ ସଭାରେ ଯୋଗଦେବେ। ସଭା ପରେ ମଧ୍ୟାହ୍ନ ୧୨ଟା ମହାନ୍ତି ହିଞ୍ଜିଳି ଏନଏସିର ପଞ୍ଚଳିମା ପୋଡି ପଡିଆରେ ପହଞ୍ଚି ବିଜୟ ସଂକଳ୍ପ ସଭାରେ ଯୋଗଦେବେ। ଏହାପରେ ତନ୍ମୟ ମହାନ୍ତି ଅପରାହ୍ନ ୧ଟା ୩୦ରେ ଆସ୍କା ଏନ୍ଏସି ମାମୁଁଦିହ ଗୋଚର ପଡିଆରେ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବେ ବୋଲି ଦଳର ମୁଖପାତ୍ର ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି।

# ସୂର୍ଯ୍ୟ ପାତ୍ର, ପ୍ରିୟଦର୍ଶୀଙ୍କୁ ନୂଆ ଦାୟିତ୍ୱ





ଭୁବନେଶ୍ୱର, ୧୨।୪(ବ୍ୟୁରୋ)

ବରିଷ୍ଠ ବିଜେଡି ନେତା ତଥା ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ରଙ୍କୁ କେନ୍ଦୁଝର ଜିଲା ବରିଷ୍ଠ ପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଛି। ସେହିପରି ଭୁବନେଶ୍ୱର(ଉତ୍ତର) ପୂର୍ବ ବିଧାୟକ ତଥା ବିଜେଡି ସାଧାରଣ ସମ୍ପାଦକ ପ୍ରିୟଦର୍ଶୀ ମିଶ୍ରଙ୍କୁ ଦଳୀୟ ମୁଖପାତ୍ର ଭାବେ ନିଯୁକ୍ତ କରାଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଶୁକ୍ରବାର ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି।

**ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଶେଷ**

# ଭୋଟ୍ ହାର ୭୩.୭୬ %

- ୨ ବୁଥ୍‌ରେ ସାନି ମତଦାନ
- ପୁରୁଷଙ୍କୁ ଟପିଲେ ମହିଳା
- କୋଟପାଡ଼ ବିଧାନସଭା କ୍ଷେତ୍ରରେ ସର୍ବାଧିକ ୮୬.୮୩%

ଭୁବନେଶ୍ୱର,୧୨।୪(ବ୍ୟୁରୋ)

ଗୁରୁବାର ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ମତଦାନ ପ୍ରକ୍ରିୟା ଶେଷ ହୋଇଛି। ଏହି ପର୍ଯ୍ୟାୟରେ ୭୩.୭୬ ପ୍ରତିଶତ ମତଦାନ ହୋଇଛି। ମତଦାନ କ୍ଷେତ୍ରରେ ମହିଳାମାନେ ପୁରୁଷ ଭୋଟରଙ୍କୁ ପଛରେ ପକାଇ ଦେଇଛନ୍ତି। ୪ଟି ଲୋକ ସଭା ନିର୍ବାଚନମଣ୍ଡଳୀ ଏବଂ ୨୮ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ମହିଳାମାନେ ଭୋଟଦେବା କ୍ଷେତ୍ରରେ ଆଗରେ ରହିଛନ୍ତି। ୭୪.୭୭ ପ୍ରତିଶତ ମହିଳା ନିଜର ମତଦାନ ସାବ୍ୟସ୍ତ କରିଥିବା ବେଳେ ୭୩.୦୯ ପ୍ରତିଶତ ପୁରୁଷ ଭୋଟ ଦେଇଛନ୍ତି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ସୁରେନ୍ଦ୍ର କୁମାର ଶୁକ୍ରବାର ଏ ନେଇ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ୪ଟି ଲୋକ ସଭା ନିର୍ବାଚନମଣ୍ଡଳୀରୁ ନବରଙ୍ଗପୁରରେ ସର୍ବାଧିକ ୭୮.୮୯ ପ୍ରତିଶତ ମତଦାନ ହୋଇଥିବା ବେଳେ କଳାହାଣ୍ଡି ୭୫.୮୨, କୋରାପୁଟ ୭୪.୭୭ ଏବଂ ବ୍ରହ୍ମପୁର ଲୋକ ସଭା ମଣ୍ଡଳୀରେ ୬୫.୫୭ ପ୍ରତିଶତ ଭୋଟ ଗ୍ରହଣ ହୋଇଛି। ତେବେ ୨୮ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ମଧ୍ୟରୁ କୋରାପୁଟ ଜିଲାର କୋଟପାଡ ବିଧାନସଭା ନିର୍ବାଚନମଣ୍ଡଳୀରେ ସର୍ବାଧିକ ୮୬.୮୩ ପ୍ରତିଶତ ମତଦାନ ହୋଇଥିବା ବେଳେ ବ୍ରହ୍ମପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ସବୁଠାରୁ କମ୍ ୫୬.୩୪ ପ୍ରତିଶତ ମତଦାନ ହୋଇଛି। ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ୬୦ ଲକ୍ଷ ୩ ହଜାର ୭୦୭ ଭୋଟର ନିଜର ମତଦାନ ସାବ୍ୟସ୍ତ କରିଛନ୍ତି। ସେମାନଙ୍କ ମଧ୍ୟରେ ୩୦ ଲକ୍ଷ ୩୦ ହଜାର ୨୨୨ ମହିଳା ଭୋଟର ଥିବା ବେଳେ ୨୯ ଲକ୍ଷ ୭୨ ହଜାର ୯୨୫ ପୁରୁଷ ଏବଂ ୫୬୦ ତୃତୀୟ ଲିଙ୍ଗ ଭୋଟର ରହିଛନ୍ତି।

ଦୁଇଟି ବୁଥ୍‌ରେ ଆଉ ଥରେ ମତଦାନ କରାଯିବ। ସେଥିମଧ୍ୟରୁ ଗୋଟିଏ ବୁଥ ମାଲକାନଗିରି ଓ ଅନ୍ୟଟି ବ୍ରହ୍ମପୁରରେ ବୋଲି ସିଇଓ କହିଛନ୍ତି। ଗୋଟିଏ ବୁଥ୍‌ରେ ଜଣେ ଅସାମାଜିକ ବ୍ୟକ୍ତି ଇଭିଏମକୁ କଚାଡି ଦେଇଥିଲେ। ମେଶିନ ଭାଙ୍ଗିଯାଇଛି। ସେଥିରୁ ଫଳାଫଳ ବାହାରିବ କି ନାହିଁ ତାହା କହି ହେବ ନାହିଁ। ଅନ୍ୟ ବୁଥ୍‌ରେ ପ୍ରିଜାଇଡିଂ ଅଫିସର ଅବହେଳା କରିଥିଲେ। ଅଧିକାଂଶ ପୋଲିଂ ଅଫିସର ଶୁକ୍ରବାର ଫେରି ଆସିଛନ୍ତି। କେତେକ ବୁଥ୍‌ରେ ଧାଡ଼ିରେ ମତଦାତା ରହିଥିବାରୁ ରାତି ୯ଟା ପର୍ଯ୍ୟନ୍ତ ମତଦାନ କାର୍ଯ୍ୟ ଜାରି ରହିଥିଲା। ନିର୍ବାଚନ କମିଶନଙ୍କ ଗାଇଡଲାଇନ ଅନୁସାରେ ଭୋଟ ଦେବାକୁ ଆସିଥିବା ଲୋକମାନେ ଯଦି ଧାଡିରେ ଥିବେ ତେବେ ସେମାନଙ୍କୁ ମତଦାନର ସୁଯୋଗ ଦିଆଯିବ। ଗଣମାଧ୍ୟମରୁ ମିଳିଥିବା ସୂଚନା ଅନୁଯାୟୀ ମାଲକାନଗିରିର ୧୫ଟି ବୁଥ୍‌ରେ କେହି ଭୋଟ ଦେଇ ନ ଥିବା ଜଣାପଡିଛି। ତେବେ ମତଦାନ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ରିପୋର୍ଟକୁ ଅପେକ୍ଷା କରାଯାଉଛି ବୋଲି ସିଇଓ କହିଛନ୍ତି।

# ଭାଜପାରେ ଯୋଗଦେଲେ ସୋନାଲି ସାହୁ



**ଭୁବନେଶ୍ୱର, ୧୨।୪(ବ୍ୟୁରୋ):** କଂଗ୍ରେସ ମୁଖପାତ୍ର ଦାୟିତ୍ୱରେ ଥିବା ସୋନାଲି ସାହୁ ଗୁରୁବାର ଦଳୀୟ ନେତୃବୃନ୍ଦଙ୍କ କାର୍ଯ୍ୟକଳାପକୁ ବିରୋଧ କରି ଇସ୍ତଫା ଦେଇଥିଲେ। ଏହାର ଦିନକପରେ ସେ ଭାଜପାରେ ସାମିଲ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସୋନାଲି ସାମିଲ ହୋଇଥିବା କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗଙ୍କ ଉପସ୍ଥିତିରେ ସୋନାଲି ଶୁକ୍ରବାର ଆନୁଷ୍ଠାନିକ ଭାବେ ଭାଜପାରେ ଯୋଗ ଦେଇଛନ୍ତି। ଦଳର ରାଜ୍ୟ ଉପସଭାପତି ସମୀର ମହାନ୍ତି ତାଙ୍କୁ ସ୍ୱାଗତ ଜଣାଇଛନ୍ତି। ଏହି ଅବସରରେ ସୋନାଲି କହିଛନ୍ତି ଯେ, କଂଗ୍ରେସରେ ଗଣତନ୍ତ୍ର ବୋଲି କିଛିନାହିଁ। ରାଜ୍ୟରେ କଂଗ୍ରେସ ଓ ବିଜେଡି ମଧ୍ୟରେ ସଲାସୁତୁରା ହୋଇଛି। ଭାଜପା ହିଁ ଏକମାତ୍ର ବିକଳ୍ପ ଭାବେ ରାଜ୍ୟରେ ଶାସକ ବିଜେଡିକୁ ପ୍ରତିରୋଧ କରିପାରିବ ବୋଲି ସୋନାଲି କହିଛନ୍ତି।

# ରାଜନୈତିକ ଦଳଙ୍କ ବାହୁସ୍ଫୋଟ: ସମସ୍ତଙ୍କ ଦାବି ୪ରୁ ୪

ଭୁବନେଶ୍ୱର,୧୨।୪(ବ୍ୟୁରୋ)

ପ୍ରଥମ ପର୍ଯ୍ୟାୟ ନିର୍ବାଚନ ସରିଯାଇଛି। ଏହି ପର୍ଯ୍ୟାୟରେ ୪ଟି ଲୋକ ସଭା ଏବଂ ୨୮ଟି ବିଧାନସଭା ଆସନରେ ମତଦାନ ଶେଷ ହୋଇଛି। ଲୋକ ସଭା ପାଇଁ ୨୬ ଏବଂ ବିଧାନସଭା ପାଇଁ ୧୯୧ ଜଣଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଯାଇଛି। ମତଦାନ ହାର ମଧ ଆଖିଦୃଶିଆ ହୋଇଛି। ୭୪ ପ୍ରତିଶତ ଭୋଟର ରାଜନୈତିକ ନେତାଙ୍କର ଭାଗ୍ୟ ନିର୍ଦ୍ଧାରଣ କରିଛନ୍ତି। ଆସନ୍ତା ମେ’ ୨୩ ତାରିଖରେ ହେବ ଭୋଟ ଗଣନା। ସେତେବେଳେ ଜଣାପଡ଼ିବ ଜନତା କାହା ମୁଣ୍ଡରେ ସୁନାକଳସ ଢାଳିଛନ୍ତି। ହେଲେ ଭୋଟ ସରିବାର କେଇଘଣ୍ଟା ବିତିଛି କି ନାହିଁ ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, କଂଗ୍ରେସ ଏବଂ ଭାଜପା ପ୍ରତ୍ୟେକ ୪ଟି ଯାକ ଲୋକ ସଭା ସିଟ୍ ନିଜ ସପକ୍ଷରେ ଯିବ ବୋଲି ଦୃଢ଼ୋକ୍ତି କରିଛନ୍ତି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୪ ନିର୍ବାଚନଠାରୁ ଚଳିତ ନିର୍ବାଚନରେ ଦଳ ଆହୁରି ଭଲ ପ୍ରଦର୍ଶନ କରିବ ବୋଲି କହିଥିବା ବେଳେ ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି କହିଛନ୍ତି ଯେ, ସରକାର ବିରୋଧରେ ଜନମତ ସୃଷ୍ଟି ହୋଇଛି। ୪ଟି ଯାକ ସିଟ୍‌ରେ ଭାଜପା ବିଜୟୀ ହେବ। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, କଂଗ୍ରେସ ପ୍ରଥମ ପର୍ଯ୍ୟାୟରେ ଭଲ ପ୍ରଦର୍ଶନ କରିବ। ୪ଟି ଯାକ ସିଟ୍‌ରେ ଆମ ଦଳ ବିଜୟୀ ହେବ ବୋଲି ଦୃଢ଼ୋକ୍ତି କରିଛନ୍ତି। କେବଳ ବିଜେଡି ନୁହେଁ, କଂଗ୍ରେସ ଓ ଭାଜପା ମଧ ପ୍ରଥମ ପର୍ଯ୍ୟାୟର ସମସ୍ତ ଆସନ ହାତେଇନେବେ ବୋଲି ଦାବି କରୁଛନ୍ତି। ଗତ ନିର୍ବାଚନରେ କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଏବଂ ବ୍ରହ୍ମପୁର ଲୋକ ସଭା ଆସନ ବିଜେଡି କବ୍‌ଜାରେ ରହିଥିଲା।

## ଜୁଲାଇ ୪ରେ ରଥଯାତ୍ରା

ଜୁନ୍ ୧୭ ତାରିଖରେ ସ୍ନାନଯାତ୍ରା। ମହାପ୍ରଭୁ ୧୦୮ ଗରା ସୁବାସିତ ଜଳରେ ସ୍ନାନକରି ଜ୍ୱରରେ ପଡିବେ। ଏହି ଦିନଠାରୁ ଅନବସର ଘରେ ରହିବେ ଚତୁର୍ଦ୍ଧା ବିଗ୍ରହ। ଜୁଲାଇ ୪ରେ ରଥଯାତ୍ରା ଏବଂ ୧୨ରେ ବାହୁଡ଼ା ଯାତ୍ରା। ଏହା ପରଦିନ ଅର୍ଥାତ୍ ଜୁଲାଇ ୧୩ରେ ରଥ ଉପରେ ଭକ୍ତଙ୍କୁ ସୁନାବେଶରେ ଦର୍ଶନ ଦେବେ ଦାରୁବିଗ୍ରହ। ଏହି ତିଥି, ବାର ଓ ତାରିଖ ଉପରେ ମୋହର ଲଗାଇଛି ଶ୍ରୀମନ୍ଦିର ପ୍ରଶାସନ। ୨୦୧୯-୨୦ ବର୍ଷରେ ଶ୍ରୀମନ୍ଦିରରେ ପାଳିତ ହେବାକୁ ଥିବା ଯାନିଯାତ୍ରା ଓ ପର୍ବପର୍ବାଣିଗୁଡ଼ିକର ତିଥି, ବାର ଓ ତାରିଖ ନିର୍ଦ୍ଧାରଣ କରାଯାଇଛି।

**ପ୍ରଥମ ପୃଷ୍ଠାରୁ...**

## ଓଡ଼ିଶାରେ ଶିଶୁ, ...

କେବଳ ୨୦୧୮ ବର୍ଷକୁ ଦେଖିଲେ ୧୮୭୫ ନାବାଳିକା, ୪୫୯ ନାବାଳକ, ୮୩୧୮ ମହିଳା, ୨୪୧୦ ପୁରୁଷ ନିଖୋଜ ହୋଇଛନ୍ତି। ଏହି ବର୍ଷ ୮୫୪ ନାବାଳିକା, ୨୮୫ ନାବାଳକ, ୨୪୫୫ ମହିଳା ଓ ୮୮୭ ପୁରୁଷଙ୍କୁ ଉଦ୍ଧାର କରାଯାଇଛି। ନିଖୋଜ ନାବାଳିକାଙ୍କ ମଧ୍ୟରୁ ସର୍ବାଧିକ ୧୫୦ଜଣ ମୟୂରଭଞ୍ଜ ପୋଲିସ ଜିଲାର ହୋଇଥିବାବେଳେ ଭୁବନେଶ୍ୱର ଡିସିପି ଅଞ୍ଚଳରୁ ୧୩୯ଜଣ, କଟକ ଡିସିପି ଅଞ୍ଚଳରୁ ୧୨୯, କେନ୍ଦ୍ରପଡ଼ା ଜିଲାରୁ ୧୨୩, ଖୋର୍ଦ୍ଧା ପୋଲିସ ଜିଲାରୁ ୧୦୮ ଓ ରାଉରକେଲା ପୋଲିସ ଜିଲାରୁ ୧୦୭ ଜଣ ରହିଛନ୍ତି। ଏହିବର୍ଷ ମହିଳା ନିଖୋଜ କ୍ଷେତ୍ରରେ ଉପକୂଳ ଓଡ଼ିଶାର ସ୍ଥିତି ଚିନ୍ତାଜନକ ରହିଛି। କାରଣ ସର୍ବାଧିକ ୬୧୭ ଜଣ ମହିଳା ଯାଜପୁର ଜିଲାରୁ ନିଖୋଜ ହୋଇଥିବାବେଳେ କେନ୍ଦ୍ରାପଡ଼ା ଜିଲାରୁ ୫୬୪, ପୁରୀ ଜିଲାରୁ ୩୮୫, କଟକ ଜିଲାରୁ ୩୬୪, ଜଗତ୍‌ସିଂହପୁର ଜିଲାରୁ ୩୫୩, କଟକ ଡିସିପି ଅଞ୍ଚଳରୁ ୩୧୬ ଓ ଭୁବନେଶ୍ୱର ଡିସିପି ଅଞ୍ଚଳରୁ ୨୯୬ଜଣ ମହିଳା ନିଖୋଜ ହୋଇଛନ୍ତି। ଏ କ୍ଷେତ୍ରରେ ପଶ୍ଚିମଓଡ଼ିଶାର ବଲାଙ୍ଗୀରରୁ ୪୪୯, ବରଗଡ଼ରୁ ୩୧୫ ଓ କଳାହାଣ୍ଡିରୁ ୩୮୩ ମହିଳା ନିଖୋଜ ହୋଇଛନ୍ତି।

ଆରଟିଆଇ ସୂଚନାକୁ ଦେଖିଲେ, ନାବାଳିକା ଓ ନାବାଳକ ନିଖୋଜ କ୍ଷେତ୍ରରେ ପୋଲିସ ୫୭% ପିଲାଙ୍କୁ ଉଦ୍ଧାର କରିଥିବାବେଳେ ବାକି ୪୩% ନିଖୋଜ ପିଲାଙ୍କ ପତ୍ତା ମିଳୁନାହିଁ। ସେହିପରି ମହିଳା ଓ ପୁରୁଷଙ୍କ କ୍ଷେତ୍ରରେ ୩୫% ନିଖୋଜ ବ୍ୟକ୍ତିଙ୍କୁ ପୋଲିସ ଉଦ୍ଧାର କରିଥିବାବେଳେ ବାକି ୬୫%ଙ୍କ ପତ୍ତା ମିଳୁନାହିଁ। ସବୁଠୁ ଚିନ୍ତାର ବିଷୟ, ଏହି ନିଖୋଜ ନାବାଳକ, ନାବାଳିକା ତଥା ଯୁବତୀଙ୍କ ମଧ୍ୟରୁ ଅଧିକାଂଶଙ୍କୁ ଅପହରଣ କରିନେଇ ବିଭିନ୍ନ ଅନୈତିକ କାର୍ଯ୍ୟରେ ଲଗାଯାଉଛି, ଯାହା ନିକଟ ଅତୀତରେ ଉଦ୍ଧାର ହୋଇଥିବା ଘଟଣାରୁ ଜଣାପଡିଛି।

ଗତ ଫେବୃୟାରୀ ୮ରେ ଦିଲ୍ଲୀ ମହିଳା କମିଶନ ରାଜସ୍ଥାନର ଝୁନ୍‌ଝୁନ୍ ଜିଲାରୁ ଓଡ଼ିଶାର ସୁନ୍ଦରଗଡ ଜିଲା ଲାଠିକଟା ବ୍ଲକର ଜଣେ ଗର୍ଭବତୀ ନାବାଳିକାକୁ ଉଦ୍ଧାର କରିଥିଲା। ନାବଳିକାଙ୍କୁ ତାଙ୍କର ସମ୍ପର୍କୀୟ ୪ ଲକ୍ଷ ଟଙ୍କାରେ ରାଜସ୍ଥାନର ମୁକେଶ ଅଗ୍ରୱାଲ ଏବଂ କିଷାନ ଅଗ୍ରୱାଲଙ୍କୁ ବିକ୍ରି କରି ଦେଇଥିଲେ। ଏହା ଉପରେ ସୂଚନା ଦେଇ ଦିଲ୍ଲୀ ମହିଳା କମିଶନ ଅଧ୍ୟକ୍ଷା ସ୍ୱାତୀ ମାଲିୱାଲ ଓଡ଼ିଶା ପୋଲିସର କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ ଉଠାଇଥିଲେ। ସେ କହିଥିଲେ,୨୦୧୭ ଡିସେମ୍ବରରୁ ନାବାଳିକା ଜଣକ ରାଉରକେଲାରୁ ନିଖୋଜ ହୋଇଯାଇଥିବାବେଳେ ଓଡ଼ିଶା ପୋଲିସ ଚୁପ୍ ବସିଥିଲା। ନାବାଳିକାଙ୍କ ବାପା ବହୁବାର ଲାଠିକଟା ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ତାଙ୍କ କଥାକୁ ଗୁରୁତ୍ୱ ଦେଇ ନ ଥିଲା। ଏପରି କି ପୋଲିସ ଏହି ମାମଲାରେ ସାମିଲ ଥିବା ସ୍ୱାତୀ କହିଥିଲେ।

ସେହିପରି ୨୦୧୭ରେ ପୁରୀ ଜିଲାର ଜଣେ ଯୁବତୀଙ୍କୁ ହାଇଦ୍ରାବାଦରେ ଚାକିରି ଦେବାକୁ କହି ସ୍ଥାନୀୟ ଅଞ୍ଚଳର ଜଣେ ମହିଳା ତାଙ୍କୁ ବିହାର ନେଇ ଯାଇଥିଲେ। ସେଠାରେ ୬୦ ହଜାର ଟଙ୍କାରେ ତାଙ୍କୁ ଜଣେ ବ୍ୟକ୍ତିଙ୍କୁ ବିକ୍ରି କରି ଦେଇଥିଲେ। ଏନେଇ ଯୁବତୀ ଜଣକ ଜାଣିବା ପରେ ଫୋନ୍‌ରେ ତାଙ୍କ ବାପାଙ୍କୁ ଘଟଣା ବିଷୟରେ ଜଣାଇଥିଲେ। ପରେ ତାଙ୍କ ବାପା ନିକଟସ୍ଥ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ଯୁବତୀଙ୍କୁ ସେଠାରୁ ଉଦ୍ଧାର କରି ନ ଥିଲା। ଏନେଇ ଗତ ନଭେମ୍ବରରେ ଯୁବତୀଙ୍କ ବାପା କ୍ରାଇମବ୍ରାଞ୍ଚରେ ଅଭିଯୋଗ କରିଥିଲେ। ଏହାପରେ କ୍ରାଇମ୍‌ବ୍ରାଞ୍ଚ ବିହାରରୁ ଯୁବତୀଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର ବେଳେ ଯୁବତୀ ଜଣକ ଗର୍ଭବତୀ ଥିଲେ।

ଉପରୋକ୍ତ ଦୁଇଟି ଘଟଣା କେବଳ ଉଦାହରଣ କୁହାଯାଇ ପାରିବ। ଏଭଳି ଓଡ଼ିଶାର ବିଭିନ୍ନ ସ୍ଥାନରୁ ଯୁବତୀ ଚାଲାଣ କରାଯାଉଥିଲେ ମଧ୍ୟ ତାହା ଲୋକଲୋଚନକୁ ଆସିପାରୁ ନାହିଁ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଦିଲ୍ଲୀ ମହିଳା କମିଶନ ରାଜସ୍ଥାନରୁ ଗୋଟିଏ ଦିନରେ ନାବାଳିକାଙ୍କୁ ଉଦ୍ଧାର କରିବାରେ ସକ୍ଷମ ହେଇଥିଲା। କିନ୍ତୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଓଡ଼ିଶା ପୋଲିସ ଉଦ୍ଧାର କରିବା ଦୂରର କଥା ଅଭିଯୋଗର ତଦନ୍ତ କରିବାକୁ କୌଣସି ତତ୍ପରତା ପ୍ରକାଶ କରୁନାହିଁ।

ଗୋଟିଏ ପଟେ ଓଡ଼ିଶାରେ ରୋଜଗାରର ସମ୍ଭାବନା କମ୍ ରହିଛି। ଅନ୍ୟ ପଟରେ ସମ୍ବେଦନଶୀଳ ଅପରାଧ ପ୍ରତି ପ୍ରଶାସନ କିମ୍ବା ପୋଲିସର ଚିନ୍ତା ଥିବାଭଳି ମନେ ହେଉନାହିଁ। ସର୍ବୋପରି ବିଗତ ଦିନଗୁଡ଼ିକରେ ରାଜ୍ୟ ସରକାର ମାନବ ଚାଲାଣ ଓ ଅପହରଣ ଭଳି ଅପରାଧକୁ ଗୁରୁତ୍ୱ ଦେଇନାହାନ୍ତି। ଏଣୁ ଶିଶୁ ଓ ମହିଳା ଅପହରଣ କାର୍ଯ୍ୟରେ ଲିପ୍ତ ଅପରାଧୀମାନେ ଓଡ଼ିଶାକୁ ନିରାପଦ କାର୍ଯ୍ୟସ୍ଥଳ ଭାବେ ବାଛିନେଇଛନ୍ତି ବୋଲି ସାମାଜିକ କର୍ମୀ ଦିଲୀପ ଆଚାର୍ଯ୍ୟ କହିଛନ୍ତି।

ଭୁବନେଶ୍ୱର ଚାଇଲ୍ଡ ଲାଇନର ନିର୍ଦ୍ଦେଶକ ବେଣୁଧର ସେନାପତି କୁହନ୍ତି, ୨୦୧୩ରେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଅନୁଯାୟୀ ନାବାଳକ ଓ ନାବାଳିକାଙ୍କ ନିଖୋଜ ସମ୍ପର୍କରେ ଅଭିଯୋଗ ଆସିଲେ ଅପହରଣ ମାମଲା ରୁଜୁ ହେବ। ହେଲେ ଓଡ଼ିଶା ପୋଲିସ ନିଜ ଉପରୁ ଚାପ ହଟାଇବା ପାଇଁ ଅପହରଣ ମାମଲା ରୁଜୁ ନ କରି ଷ୍ଟେଶନ ଡାଏରି କରି ଦେଉଛି। ପାଖାପାଖି ୭୦ରୁ ୮୦ ଭାଗ ନିଖୋଜ ଅଭିଯୋଗ ଉପରେ ପୋଲିସ ମାମଲା ରୁଜୁ କରୁନାହିଁ। ଏଥିସହିତ ନିଖୋଜଙ୍କୁ ଖୋଜିବା ପାଇଁ ପୋଲିସର ଆନ୍ତରିକତା ନାହିଁ।

କଟକର ରବି ବେହେରାଙ୍କ କହିବାନୁଯାୟୀ, ତାଙ୍କ ପୁଅ ରଞ୍ଜନ ବେହେରା ୨୦୧୩ ବାଲିଯାତ୍ରାରେ ନିଖୋଜ ହୋଇ ଯାଇଥିଲେ। ଏନେଇ ସେ କ୍ୟାଣ୍ଟନମେଣ୍ଟ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ତାଙ୍କ ପୁଅର ପତ୍ତା ପାଇ ନ ଥିଲା। ନିଖୋଜ ହେବାର ୭ ମାସ ପରେ ରବିଙ୍କ ଫୋନକୁ ଅଜଣା ନମ୍ବରରୁ ଫୋନ୍ ଆସିଥିଲା। ଫୋନ କରିଥିବା ବ୍ୟକ୍ତି ଜଣକ ରଞ୍ଜନ ତାଙ୍କ ପାଖରେ ଥିବା କହି ଫୋନ କାଟି ଦେଇଥିଲେ। ପରେ ଉକ୍ତ ନମ୍ବର ସହ ଆଉ ଯୋଗାଯୋଗ ହୋଇପାରି ନ ଥିଲା। ଏସମ୍ପର୍କରେ ରବି ପୋଲିସକୁ ଅବଗତ କରିଥିଲେ ମଧ୍ୟ କିଛି ଲାଭ ମିଳି ନ ଥିଲା। ଏପର୍ଯ୍ୟନ୍ତ ରବି ତାଙ୍କ ପୁଅର ଫେରିବା ବାଟକୁ ଚାହିଁ ରହିଛନ୍ତି।

ଅତିରିକ୍ତ ଡିଜି ବିନୟତୋଷ ମିଶ୍ରଙ୍କୁ ପଚାରିବାକୁ ସେ କହିଲେ, ସମସ୍ତ ଜିଲାରେ ଯାଞ୍ଚ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯୁବତୀ ଓ ଶିଶୁ ଚାଲାଣ ନେଇ ଆସୁଥିବା ଅଭିଯୋଗ ଉପରେ ଗୁରୁତ୍ୱ ଦେଇ କିପରି ସେମାନଙ୍କୁ ଉଦ୍ଧାର କରାଯାଇ ପାରିବ ତାହା ଉପରେ ଗୁରୁତ୍ୱାରୋପ କରାଯାଉଛି ବୋଲି ସେ କହିଛନ୍ତି।

## ଅଭିଯୋଗକାରୀ ବାପାଙ୍କୁ ...

ଆଣିବା ପାଇଁ ଘର ନିକଟରେ ରହୁଥିବା ତାଙ୍କ ମାଉସୀଙ୍କ ଘରକୁ ଯାଇଥିଲେ। ସେ ଆଉ ନ ଫେରିବାରୁ ଶିଶୁକନ୍ୟାଙ୍କ ମା'ବାପା ଓ ସାହିଲୋକ ମାଉସୀଙ୍କ ଘର ସହିତ ଆଖପାଖରେ ଖୋଜି ପାଇ ନ ଥିଲେ। ହେଲେ ଶିଶୁକନ୍ୟାଙ୍କ ଘର ନିକଟରେ ଏକାକୀ ଭଡ଼ାରେ ରହୁଥିବା ଆନନ୍ଦ ପ୍ରଧାନ(ଗଞ୍ଜାମ ଜିଲା ବୁଗୁଡ଼ା ଅଞ୍ଚଳର)ଙ୍କ ଘର ଭିତରପଟୁ ବନ୍ଦ ଥିବାରୁ ସାହିଲୋକଙ୍କ ସନ୍ଦେହ ହୋଇଥିଲା। ସାହିଲୋକ କବାଟ ବାଡ଼େଇ ଡାକିଥିଲେ ମଧ୍ୟ ଆନନ୍ଦ କବାଟ ଖୋଲି ନ ଥିଲେ। ଲୋକେ ଘର ସ୍କାଏଲାଇଟ୍ ପଟୁ ଦେଖିବା ପରେ ପ୍ରକୃତ ଘଟଣା ଜାଣିବାକୁ ପାଇଥିଲେ। ଏହାପରେ କବାଟ ଭାଙ୍ଗି ଭିତରେ ପଶିଥିଲେ। ହେଲେ ଘର ଭିତର ଦୃଶ୍ୟ ଥିଲା ହୃଦୟ ବିଦାରକ। କୋଠରି ସାରା ରକ୍ତ ପଡ଼ିଥିବା ବେଳେ ଏକ କନ୍ଥାରେ ଶିଶୁକନ୍ୟାଟି ଗୁଡ଼ାହୋଇ ଅଚେତ ଅବସ୍ଥାରେ ପଡ଼ିଥିଲେ। ଏହି ସମୟରେ ଆନନ୍ଦ ଖସିଯିବାକୁ ଉଦ୍ୟମ କରିବାବେଳେ ସାହି ଲୋକଙ୍କ ହାତରେ ଧରାପଡ଼ିଥିଲେ। ତାଙ୍କୁ ଲୋକେ ପୋଲିସ ଜିମା ଦେଇଥିଲେ। ତେବେ ଲୋକଙ୍କ ମାଡ଼ରେ ଅଭିଯୁକ୍ତ ଆନନ୍ଦ ଆହତ ହୋଇଥିବାରୁ ପୋଲିସ ତାଙ୍କୁ କଟକ ବଡ଼ମେଡ଼ିକାଲରେ ଭର୍ତ୍ତି କରିଛି। ଅନ୍ୟପକ୍ଷରେ ସାହିଲୋକେ ସଙ୍କଟାପନ୍ନ ଅବସ୍ଥାରେ ଶିଶୁକନ୍ୟାଙ୍କୁ ପ୍ରଥମେ ସ୍ଥାନୀୟ ରେଲୱେ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପରେ ଏମ୍‌ସକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏଥିରେ ସାହିଲୋକ ଉତ୍ତ୍ୟକ୍ତ ହୋଇ ବିଳମ୍ବିତ ରାତିରେ ଜଟଣୀ-ପୁରୀ ମୁଖ୍ୟରାସ୍ତାର ମହୁଲଗୁଡ଼ିଆ ଛକରେ ରାସ୍ତାରୋକୋ କରିଥିଲେ। ସେମାନେ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଓ ମୃତାଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଦାବି କରିଥିଲେ। ଏହାପରେ ଶିଶୁକନ୍ୟା ବାପା ଅଭିଯୁକ୍ତଙ୍କ ବିରୋଧରେ ଏତଲା ଦେବାକୁ ଜଟଣୀ ଥାନାକୁ ଯାଇଥିଲେ। କିନ୍ତୁ ସେଠାରେ ପୂର୍ବତନ ସରପଞ୍ଚ ପରିଡ଼ାଙ୍କ ମାଡ଼ ତାଙ୍କ ଶିଶୁମୃତ୍ୟୁଜନିତ ଯନ୍ତ୍ରଣାଠାରୁ ବଳି ପଡ଼ିଥିଲା। ଏହି ଘଟଣା ସାହିଲୋକ ଜାଣିବା ପରେ ଅସନ୍ତୋଷ ଉଗ୍ରରୂପ ନେଇଥିଲା। ଲୋକେ ଥାନା ଘେରାଉ କରି ପୂର୍ବତନ ସରପଞ୍ଚ ଓ ଥାନା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ପରିସ୍ଥିତି ଜଟିଳ ହେବାରୁ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି, ଡିସିପି ଅନୁପ ସାହୁ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଜଟଣୀ ଥାନାରେ ପହଞ୍ଚିଥିଲେ। ଡିସିପି ଅନୁପ ସାହୁ କହିଛନ୍ତି, ଅଭିଯୁକ୍ତଙ୍କ ବିରୋଧରେ ଆଇନ୍ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସ୍ୱତନ୍ତ୍ର ଟିମ୍ ଦ୍ୱାରା ତଦନ୍ତ କରାଯିବା ସହ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ତଦନ୍ତ ପ୍ରକ୍ରିୟାକୁ ଶେଷ କରାଯିବ। ବଳାତ୍କାର ଘଟଣାରେ ଆଇପିସି ଦଫା ୩୭୬(ଏ),୩୭୬(ଏବି), ୩୦୨ ଏବଂ ପୋକ୍‌ସୋ ଆକ୍ଟ ଅନୁଯାୟୀ ୧୨୬/୧୯ ନମ୍ବରରେ ମାମଲା ରୁଜୁ ହୋଇଛି।

ପୋଲିସ କମିଶନର ସତ୍ୟଜିତ୍ ମହାନ୍ତିଙ୍କ କହିବା ଅନୁଯାୟୀ, ବଳାତ୍କାର ମାମଲାର ଅଭିଯୁକ୍ତ ପୋଲିସ ହେପାଜତରେ ରହିଛି। ସେ ସୁସ୍ଥ ହେବା ପରେ ତାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯିବ। ଏହାସହ ପୂର୍ବତନ ସରପଞ୍ଚ କାର୍ତ୍ତିକ ପରିଡାଙ୍କୁ ଗିରଫ କରାଯାଇଛି। ଥାନା ଅଧିକାରୀଙ୍କ ବିରୋଧରେ ଯେଉଁ ଅଭିଯୋଗ ଆସିଛି ତାହାର ତଦନ୍ତ କରାଯାଉଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୫ ଲକ୍ଷ ଟଙ୍କାର ସହାୟତା ରାଶି ଜଟଣୀ ତହସିଲଦାର ପ୍ରିୟାଂଶୁ ଚାନ୍ଦ ମୃତ ଶିଶୁକନ୍ୟାଙ୍କ ପରିବାରକୁ ଦେଇଛନ୍ତି । ଅପରପକ୍ଷରେ ପୂର୍ବତନ ସରପଞ୍ଚ ପରିଡ଼ା ଏବେ ଜଟଣୀ ବିଧାନସଭା ଆସନରୁ ବିଜେଡି ପ୍ରାର୍ଥୀ ହୋଇଥିବା ବିଭୂତି ବଳବନ୍ତରାୟଙ୍କ ସମର୍ଥକ ଥିବା ଚର୍ଚ୍ଚା ହେଉଛି। ଫଳରେ ବଳବନ୍ତରାୟଙ୍କୁ ବିରୋଧୀ ଦଳଗୁଡ଼ିକ କଡ଼ା ସମାଲୋଚନା କରିଛନ୍ତି। ଏନେଇ ବିଭୂତି ବଳବନ୍ତରାୟ କୁହନ୍ତି, କାର୍ତ୍ତିକ ପରିଡ଼ା ଆମ ଦଳର ନୁହନ୍ତି। ୮ ଦିନ ପୂର୍ବରୁ ସେ ଭାଜପାରେ ମିଶିଥିବା ତାଙ୍କ ପାଖରେ ଖବର ଥିବା ସେ କହିଛନ୍ତି।

ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତରାୟ ଜଟଣୀ ଥାନା ଅଧିକାରୀଙ୍କୁ ନିଲମ୍ବନ ପାଇଁ ଦାବି କରିଛନ୍ତି। ସେହିପରି କଂଗ୍ରେସ ନେତା ସୁରେଶ ରାଉତରାୟ କାର୍ତ୍ତିକ ପରିଡ଼ାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସେହିପରି ଅଭିଯୁକ୍ତ ରହୁଥିବା ଭଡ଼ାଘର ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ମୃତା ଶିଶୁକନ୍ୟାଙ୍କ ବାପା। କାରଣ ଘର ଖୋଲିବାରେ ସେ ବାଧା ଦେଇଥିଲେ ବୋଲି ମୃତା ଶିଶୁକନ୍ୟାଙ୍କ ବାପା କହିଛନ୍ତି।

## ଇଲେକ୍ଟୋରାଲ ବଣ୍ଡରେ ...

କିମ୍ବା ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଲାଗି ଦାତାଙ୍କ ନାମ ସର୍ବସାଧାରଣରେ ପ୍ରକାଶ କରାଯାଉ ବୋଲି ଦାବି କରାଯାଇଥିଲା। କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଥିଲା, ନିର୍ବାଚନରେ କଳାଧନର ବ୍ୟବହାର ରୋକିବା ଏହି ବଣ୍ଡ ପ୍ରଚଳନର ମୁଖ୍ୟ ଉଦ୍ଦେଶ୍ୟ। ଏହା ପ୍ରକୃତ ଉଦ୍ଦେଶ୍ୟ ପୂରଣ କରୁଛି କି ନାହିଁ ତାହା ନିର୍ବାଚନ ପରେ ଅନୁଧ୍ୟାନ କରିବା ଲାଗି ସରକାର କହିବା ସହ ବର୍ତ୍ତମାନ ସ୍ଥିତିରେ ଏଥିରେ ହସ୍ତକ୍ଷେପ ନ କରିବାକୁ ଅନୁରୋଧ କରିଥିଲେ। ଇଲେକ୍ଟୋରାଲ ବଣ୍ଡ ପ୍ରଚଳନ ସରକାରଙ୍କ ଏକ ନୀତିଗତ ନିଷ୍ପତ୍ତି। ଏଭଳି ନିଷ୍ପତ୍ତି ନେବା ପାଇଁ ସରକାରଙ୍କୁ ଦୋଷାରୋପ କରାଯାଇପାରିବ ନାହିଁ ବୋଲି କେନ୍ଦ୍ର ପକ୍ଷରୁ କୁହାଯାଇଥିଲା। ନିର୍ବାଚନୀ ବର୍ଷରେ ଇଲେକ୍ଟୋରାଲ ବଣ୍ଡ ବିକ୍ରି ୬୨ ପ୍ରତିଶତ ବୃଦ୍ଧି ପାଇଥିବା ଆରଟିଆଇ ତଥ୍ୟରୁ ଜଣାପଡିଛି। ସୁପ୍ରିମକୋର୍ଟଙ୍କ ରାୟକୁ କଂଗ୍ରେସ ପକ୍ଷରୁ ସ୍ୱାଗତ କରାଯାଇଛି। ରାଜନୈତିକ ପାଣ୍ଠି ସଂଗ୍ରହରେ ସ୍ୱଚ୍ଛତା ବଜାୟ ରଖିବା ଉପରେ କଂଗ୍ରେସ ସବୁବେଳେ ଜୋରଦେଇ ଆସିଛି ବୋଲି ଦଳୀୟ ମୁଖପାତ୍ର ପ୍ରିୟଙ୍କା ଚତୁର୍ବେଦୀ କହିଛନ୍ତି। ଅଦାଲତଙ୍କ ନ୍ୟାୟ ଭାଜପା ଏବଂ ଏହାର ସୁଟ୍-ବୁଟ୍ ବନ୍ଧୁମାନଙ୍କ ମଧ୍ୟରେ ରହିଥିବା ଭିତିରି ସମ୍ପର୍କ ପଦାକୁ ଆଣିବ ବୋଲି ସେ କହିଛନ୍ତି। ସିପିଆଇ(ଏମ୍) ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ସୁପ୍ରିମକୋର୍ଟଙ୍କ ରାୟକୁ ସ୍ୱାଗତ କରିଛନ୍ତି। ଇଲେକ୍ଟୋରାଲ ବଣ୍ଡ୍ ପ୍ରସଙ୍ଗରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କ ଆଭିମୁଖ୍ୟକୁ ଅଦାଲତ ପ୍ରତ୍ୟାଖ୍ୟାନ କରିଦେଇଥିବା ସେ କହିଛନ୍ତି।

# ଗାଁ ଗିଳିଦେଲା ଗ୍ୟାସ୍ ନିଆଁ

**ବଇଣ୍ଡା, ୧୨।୪ (ଡି.ଏନ.ଏ.)**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଆମ୍ବଶରମୁଣ୍ଡା ପଞ୍ଚାୟତ ଭୋଗରା କିଷାନସାହିରେ ଶୁକ୍ରବାର ମଧ୍ୟାହ୍ନରେ ଘଟିଛି ଭୟାବହ ଅଗ୍ନିକାଣ୍ଡ। ଗ୍ୟାସ୍ ଟାଙ୍କି ଫାଟି ଲାଗିଥିବା ନିଆଁରେ ଗାଁର ୧୧୯ ବଖରା ଜଳି ଛାରଖାର୍ ହୋଇଯାଇଛି। ଘରେ ଥିବା ସମସ୍ତ ସାମଗ୍ରୀ ପୋଡି ପାଉଁଶ ହୋଇଯାଇଥିବାରୁ ସର୍ବସ୍ୱାନ୍ତ ହୋଇପଡିଛନ୍ତି ୪୦ ପରିବାର।

ଘଟଣାରୁ ଜଣାପଡିଛି, ଗ୍ରାମର ଛବି ପ୍ରଧାନଙ୍କ ଘରେ ରୋଷେଇ ଚାଲିଥିବାବେଳେ ହଠାତ୍ ଗ୍ୟାସ ଟାଙ୍କି ଫାଟି ନିଆଁ ଲାଗିଯାଇଥିଲା। ଏଥିରେ ତାଙ୍କର ୩ ବଖରା ଜଳିଯିବା ସହ ପାଖରେ ଥିବା ଅନ୍ୟ ଘରକୁ ନିଆଁ ବ୍ୟାପିଥିଲା। ପ୍ରବଳ ଖରା ଓ ପବନ ହେଉଥିବାରୁ ଏହାକୁ ଆୟତ୍ତ କରାଯାଇପାରି ନ ଥିଲା। ଫଳରେ ଗୋଟିଏ ପରେ ଗୋଟିଏ ଏପରି ୪୦ ପରିବାରର ୧୧୯ ବଖରାକୁ ନିଆଁ ଗିଳିଦେଇଥିଲା। ଅଧିକାଂଶ ପରିବାର ଦିନ ମଜୁରିଆ ହୋଇଥିବାରୁ ସେମାନେ ଇଟା ଭାଟିକୁ କାମ କରିବାକୁ ପଳାଇଯାଇଥିଲେ। ନିଆଁ ଲାଗିଥିବା ଖବରପାଇ ସେଠାରେ ପହଞ୍ଚିଲାବେଳକୁ କୌଣସି ଜିନିଷ ଘରୁ ବାହାର କରିପାରି ନ ଥିଲେ। ଏଥିରେ ସେମାନଙ୍କ ଘରକରଣା ସାମଗ୍ରୀ ସହ ଜମିପଟ୍ଟା, ଭୋଟର ପରିଚୟ ପତ୍ର, ଆଧାର କାର୍ଡ଼, ଧାନ, ଚାଉଳ, ପୋଷାକ ଓ ନଗଦ ଟଙ୍କା ପୋଡ଼ି ପାଉଁଶ ହୋଇଯାଇଥିଲା। ଖବରପାଇ ଆଠମଲ୍ଲିକ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଥିଲେ ମଧ୍ୟ କ୍ଷୀପ୍ର ଗତିରେ ନିଆଁ ବ୍ୟାପୁ ଥିବାରୁ ଏହାକୁ ଆୟତ୍ତ କରିବା କଷ୍ଟକର ହୋଇପଡିଥିଲା। ଗ୍ରାମବାସୀଙ୍କ ସହାୟତାରେ ବହୁ ବିଳମ୍ବରେ ନିଆଁ ଲିଭାଯାଇଥିଲା। ଆଠମଲ୍ଲିକ ରାଜସ୍ୱ ପରିଦର୍ଶକ ରଶ୍ମି ରଞ୍ଜନ ହୋତା, ଠାକୁରଗଡ଼ ଆରଆଇ ବିଶ୍ୱଜିତ ମୁଦୁଲି, ଆମ୍ବଶରମୁଣ୍ଡା ସରପଞ୍ଚ ମହେଶ୍ୱର ଦେହୁରି ଘଟଣାସ୍ଥଳରେ ପହଞ୍ଚି ଅଗ୍ନିକାଣ୍ଡ ସମ୍ପର୍କରେ ଅନୁଧ୍ୟାନ କରୁଛନ୍ତି। ସେହିପରି ପଞ୍ଚାୟତବାସୀଙ୍କ ପକ୍ଷରୁ ବିପନ୍ନଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଛି। ତୁରନ୍ତ କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଭାଜପାରେ ନେତାଙ୍କୁ ଦାୟିତ୍ୱ ବଣ୍ଟନ

# ପ୍ରବୀଣ ମୟୂରଭଞ୍ଜ ଜିଲା ପ୍ରଚାର କମିଟି ଅଧ୍ୟକ୍ଷ

**ଭୁବନେଶ୍ୱର, ୧୨।୪ (ବ୍ୟୁରୋ):** ସାଧାରଣ ନିର୍ବାଚନରେ ଭାଜପାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଦଳରେ ବହୁ ନେତାଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦବୀ ଦିଆଯାଇଛି। ମୟୂରଭଞ୍ଜ ଜିଲାର ସାଙ୍ଗଠନିକ କାର୍ଯ୍ୟ ଏବଂ ନିର୍ବାଚନୀ ପ୍ରଚାରକୁ ଆହୁରି ଅଧିକ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ଅନୁମୋଦନ କ୍ରମେ ଜିଲା ପ୍ରଚାର କମିଟି ସଦସ୍ୟଙ୍କ ନାମ ଘୋଷଣା କରାଯାଇଛି । ପୂର୍ବତନ ମନ୍ତ୍ରୀ ପ୍ରବୀଣ ଭଞ୍ଜଦେଓ କମିଟି ଅଧ୍ୟକ୍ଷ ଦାୟିତ୍ୱ ତୁଲାଇବେ। ଲକ୍ଷ୍ମଣ ଟୁଡୁଙ୍କୁ କମିଟି ଉପାଧ୍ୟକ୍ଷ ଦାୟିତ୍ୱ ପ୍ରଦାନ କରାଯାଇଅଛି । ଏହି କମିଟିର ସଂଯୋଜକ ଭାବେ ରାଜ୍ୟ ପ୍ରବକ୍ତା ଜୀବନ ସାହୁ ଥିବାବେଳେ ଜିଲା ପରିଷଦ ଅଧ୍ୟକ୍ଷା ସୁଜାତା ମୁର୍ମୁ, ଜିଲା ପରିଷଦ ଉପାଧ୍ୟକ୍ଷ ନରେନ୍ଦ୍ର କୁମାର ସାହୁ, ସଞ୍ଜୀବ ମହାନ୍ତି, ମନୋଜ ଦାସ, କମଳ ଧଳ, ପ୍ରମିଳା ପଣ୍ଡା, କବି ବିଷ୍ଣୁ ଶତପଥୀ, ଚିତ୍ତରଞ୍ଜନ ଦାସ, ଅବନୀ ମହାନ୍ତ, ବିରାମ ମୁର୍ମୁ, ଛୋଟେଲାଲ୍ ମହାନ୍ତ, କମଳେନ୍ଦୁ ମହାନ୍ତି କମିଟି ସଦସ୍ୟ ଦାୟିତ୍ୱ ପାଇଥିବା ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି।

### ଉଲିବୁରୁ ଖଣି ଦୁର୍ନୀତି

# ଜବାବ ଦାଖଲ ପାଇଁ ସମୟ ନେଲେ ଆବେଦନକାରୀ

**କଟକ ଅଫିସ, ୧୨।୪:** ରାଜ୍ୟର ବହୁଚର୍ଚ୍ଚିତ ଉଲିବୁରୁ ଖଣି ଦୁର୍ନୀତି ମାମଲାର ମୁଖ୍ୟ ଅଭିଯୁକ୍ତ ଦୀପକ ଗୁପ୍ତା ଜାମିନ ପାଇଁ ହାଇକୋର୍ଟ ଆସିଛନ୍ତି। ଏଥିପୂର୍ବରୁ ଦୀପକ ଜାମିନ ପାଇଁ ୫ ଥର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ତାଙ୍କ ଜାମିନ ଆବେଦନ ଖାରଜ ହୋଇଥିଲା। ତେବେ ଷଷ୍ଠ ଥର ପାଇଁ ସେ ପୁନର୍ବାର ହାଇକୋର୍ଟ ଆସିଛନ୍ତି। ଶୁକ୍ରବାର ଦୀପକଙ୍କ ଜାମିନ ଆବେଦନର ଶୁଣାଣି ବିଚାରପତି ଜଷ୍ଟିସ ଜେ.ପି. ଦାସଙ୍କ ଇଜିଲାସରେ ହୋଇଥିଲା। ମାମଲାର ଶୁଣାଣି ସମୟରେ ଆବେଦନକାରୀ ଦୀପକ କୋର୍ଟରେ ଜବାବ ଦାଖଲ କରିବା ପାଇଁ ସମୟ ଲୋଡ଼ିଥିଲେ। ଉକ୍ତ ଆବେଦନକୁ କୋର୍ଟ ଗ୍ରହଣ କରିବା ସହିତ ଆସନ୍ତା ୨୯ ତାରିଖ ସୁଦ୍ଧା ଜବାବ ଦାଖଲ ପାଇଁ ଆବେଦନକାରୀଙ୍କୁ ଆଦେଶ ଦେଇଛନ୍ତି। ଏପ୍ରିଲ ୨୯ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ। ସୂଚନାଥାଉ କି, ୧୮୦୦ କୋଟି ଟଙ୍କାର ଉଲିବୁରୁ ଖଣି ଦୁର୍ନୀତି ମାମଲାରେ ଭିଜିଲାନ୍ସ ଦୀପକଙ୍କ ସମେତ ତାଙ୍କ ପରିବାରବର୍ଗଙ୍କୁ ପକ୍ଷଭୁକ୍ତ କରିଥିଲା। ଏହି ମାମଲାରେ ଦୀପକଙ୍କୁ ଭିଜିଲାନ୍ସ ଗିରଫ କରିଥିଲା। ଜାମିନ ପାଇଁ ଦୀପକ ହାଇକୋର୍ଟରେ ୫ ଥର ଓ ସୁପ୍ରିମକୋର୍ଟରେ ୨ ଥର ଆବେଦନ କରିଥିଲେ ମଧ୍ୟ ସମସ୍ତ ଆବେଦନ ଖାରଜ ହୋଇଥିଲା। ଭିଜିଲାନ୍ସ ପକ୍ଷରୁ ବରିଷ୍ଠ ଆଇନଜୀବୀ ଏନ୍.ସି. ପାଣିଗ୍ରାହୀ ଏହି ମାମଲା ପରିଚାଳନା କରୁଛନ୍ତି।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹ 350 per sqcm
Colour : ₹ 400 per sqcm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

URGENTLY WANTED
POST- TALLY OPERATOR- (M/F)
ADD:- HIGHWAY TRADING PVT. LTD. 25A, UNIT-3, KHARVEL NAGAR, BBSR
CALL- 9437006047
9937006047

REQUIRED
Ex-Serviceman, below 50 years of age having experience to handle supervision of security guards in Barbil, Keonjhar, Odisha. Interested may send application by email:-
INFO@LMSTECHNOLOGIES.COM
Before 20 April 2019

ବ୍ଲକ ଏବଂ ପଞ୍ଚାୟତ ସ୍ତରୀୟ ନିଯୁକ୍ତି ପାଇଁ
ସମସ୍ତ ଜିଲ୍ଲାରୁ ପ୍ରାର୍ଥୀ ଆବଶ୍ୟକ ।
ଯୋଗ୍ୟତା - ୧୦ମ ରୁ ଉର୍ଦ୍ଧ
ଦରମା - ୭୦୦୦/- ରୁ ୩୫୦୦୦/-
9668051710

ଘର କାମ, ରୋଷେଇ, ରୋଗୀ ଯତ୍ନ, ପିଲା ଯତ୍ନ ପାଇଁ (ମହିଳା/ପୁରୁଷ) ଆବଶ୍ୟକ, (ବୟସ: 18-55), ଦରମା: 6000- 10,000 + ରହିବା + ଖାଇବା ସୁବିଧା ଅଛି।
8114721727
9078788039

SURAVI HOSTEL
ଆବଶ୍ୟକ- ରୋଷେୟା, ଡ୍ରାଇଭର, ହେଲ୍‌ପର, କଟାଳି, ସୁଇପର, ୱାର୍ଡେନ (ପୁରୁଷ/ମହିଳା), ସୁପରଭାଇଜର ଭୁବନେଶ୍ୱର
9439250219,9437002619

REQUIRED
Special Teacher required for Class - VI, DAV School, Chandrasekharpur, Bhubaneswar
9337336614
7008967858

REQUIRED
TEACHER'S REQUIRED FOR ST. XAVIER'S KID CARE, SATYA NAGAR BHUBANESWAR. ENGLISH MEDIUM IS ESSENTIAL.
CONTACT- 9439159798
8895964339

URGENT REQUIRED
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା- 27,000/-, ଶିକ୍ଷାଗତ ଯୋଗ୍ୟତା- 8th to 10th & above.
Contact: 8339922964

DRIVER
For Mini Truck Mahindra Dost wanted. Salary Rs. 12000/- Plus.
Contact:
9437027670 &
9437047010

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27000/-. (Part Time/Full Time)
Contact: 9938676412

Contact: 9938414918
ଭୁବନେଶ୍ୱର ଅଫିସ୍‌ରେ କାମ କରିବା ପାଇଁ 10th/ above candidates (M/F) ଆବଶ୍ୟକ। ବୟସ: (18-35) yrs. ରହିବା ସୁବିଧା ଦିଆଯିବ। Monthly Salary upto Rs. 24000/-.

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., ମାସିକ ଦରମା upto Rs.25000/-.
Contact Immediately
Mob: 8763257042

ଧରିତ୍ରୀ DHARITRI Oriya daily
ଆବଶ୍ୟକ କରୁଛି
ଡ୍ରାଇଭର
ଜଳ ବିତରଣ ଗାଡ଼ି ଚଳାଇବା ପାଇଁ ଠିକା ଭିତ୍ତିରେ ଅଭିଜ୍ଞ ଓ ବୈଧ ଗାଡ଼ିଚାଳନା ଲାଇସେନ୍ସଧାରୀ ଡ୍ରାଇଭର ଆବଶ୍ୟକ।
ବି.ଦ୍ର.: ଇଚ୍ଛୁକ ପ୍ରାର୍ଥୀମାନେ ଆସନ୍ତା ୭ଦିନ ମଧ୍ୟରେ ନିମ୍ନ ଠିକଣାରେ ଦରଖାସ୍ତ ପଠାଇବେ।
ମୁଖ୍ୟ କାର୍ଯ୍ୟନିର୍ବାହୀ, ଧରିତ୍ରୀ
ବି-୧୫, ଶିଳ୍ପାଞ୍ଚଳ, ରସୁଲଗଡ, ଭୁବନେଶ୍ୱର-୭୫୧୦୧୦
ଇ-ମେଲ: recruitment@dharitri.com

ଚେନ୍ନାଇରେ ଚାକିରି। ହିନ୍ଦୀ କହିପାରୁଥିବେ। କେବଳ ଅଭିଜ୍ଞ ପ୍ରାର୍ଥୀ। ହୋଣ୍ଡା ସିଟି କାର ଡ୍ରାଇଭର। ରୋଷେୟା। ଅଫିସ୍ ଆସିଷ୍ଟାଣ୍ଟ। ଚାକର। ଭଲ ଦରମା। ଯୋଗାଯୋଗ: ଅଗରୱାଲ, ଏଫ୍‌ଏଫ୍‌ଏଫ୍ ଲି:
9884761210

REQUIRED
SALES REPRESENTATIVES
A REPUTED FOOD PROCESSING UNIT REQUIRES SALES REPRESENTATIVES FOR ANGUL (ଅନୁଗୁଳ)
CONTACT NO.- 9437056613

All Odisha Aadarsha Vidyalaya Vacancy
Post- SECURITY GUARD, DATA ENTRY, PEON, SWEEPER (Male / Female)
Sal-10000/ Above, Qual-8th/Above
Contact : 8018036092

ନିଶୁଳ୍କ ଭର୍ତ୍ତି OMIରେ ପୁଅ/ ଝିଅର ଆବଶ୍ୟକତା
BRANCH MANAGER -30 NOS,
ASSISTANCE MANAGER - 20 NOS
OFFICE EXECUTIVE - 15 NOS
Qualification - 10th to Graduation Free ନିଯୁକ୍ତି
Permanent Job . (Age 18-28) ଟ୍ରେନିଂ + ରହିବା (Free)
ଆୟ - 6500-8500 ଟ୍ରେନିଂ ପରେ 25000/- ରୁ 45000/-
OMI MANAGEMENT
Plot no : 551, Samantarapur
Chhak, Behind Reliance Fresh, Bhubaneswar
Ph : 7992848615, 9114237051

WANTED
ଧରିତ୍ରୀ DHARITRI Oriya daily
is looking for
CIRCULATION EXECUTIVES
- Graduates, having good communication skills. Experience in Sales/ Recovery in media will be given preference.
- Good working knowledge of Computers (Excel & Word) will be required.
RECOVERY & PR EXECUTIVES
- MBA candidates should have at least 1 year+ experience in field collection.
- Good communication skills and zeal for work will be rewarded.
Apply immediately to :
recruitment@dharitri.com
Attractive salary commensurate with experience

See Career Appointment on every Wednesday & Saturday

Saraswati Vidya Mandir
Neelakantha Nagar, BERHAMPUR-2
Mob.: 9861057946, 6372823122
degreevidyamandir@gmail.com
(For +2 & +3 Science) RECRUITMENT (Apply by E-Mail) before 17.04.2019
• MATHEMATICS • PHYSICS • CHEMISTRY • BOTANY • ZOOLOGY
(Faculty Posts apply by E-mail, Date of Interview will be intimated by Phone)
Walk in interview on 21.04.2019 10.00 A.M for (Non - Teaching Post)
• Clerk/ DTP Operator Hostel Warden (M/F)

WANTED
Dubai Based Leading MNC Motor Cycle Lubricant Brand Require DSA At Block Level in Odisha. Minimum Guaranted Income Rs.20,000/- Per Month.
Contact.- 9338579645

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

Dollar 69.17 (25) | Sensex 38,767.11 (160.10) | Nifty 11,643.45 (46.75) | Gold 32,850.00 (₹170) | Silver 38,200.00 (₹350)



“ସରକାରଙ୍କ ଠାରୁ ଆର୍ଥିକ ସହାୟତା ମିଳିବା ପରେ ଆଇଟିଆଇ ନୂଆ ସ୍ୱଦେଶୀ ପ୍ରଡକ୍ଟ ନିର୍ମାଣ କ୍ଷେତ୍ରରେ ଆଗେଇ ପାରିଛି।

–କେ.ଆଲାକେସନ, ସିଏମ୍‌ଡି, ଆଇଟିଆଇ ଲିମିଟେଡ



“ଯୋଜନାବଦ୍ଧ ନିବେଶ ଯୋଗୁ ଇନ୍‌ଫୋସିସ୍‌ର ସଫଳତା ଦୃଷ୍ଟିଗୋଚର ହେଉଛି। କାର୍ଯ୍ୟଶୈଳୀ ଦକ୍ଷତା ବୃଦ୍ଧି ଲାଗି ଅଧିକ ପଦକ୍ଷେପ ନିଆଯିବ।

–ସଲିଲ ପାରେଖ, ସିଇଓ ତଥା ଏମ୍‌ଡି, ଇନ୍‌ଫୋସିସ୍

## ସଂକ୍ଷେପରେ

### ଦେଶରେ ପ୍ରଥମ: ଯୁଗ୍ମ ସଚିବ ହେବେ ୯ ଘରୋଇ କ୍ଷେତ୍ର ବିଶେଷଜ୍ଞ

ନୂଆଦିଲ୍ଲୀ,୧୨-୪: କେନ୍ଦ୍ର ସରକାର ଘରୋଇ ସେକ୍ଟରରେ ପାରଙ୍ଗମତା ହାସଲ କରିଥିବା ୯ ଜଣ ବିଶେଷଜ୍ଞଙ୍କୁ ବିଭିନ୍ନ ବିଭାଗରେ ଯୁଗ୍ମ ସଚିବ ଭାବେ ନିଯୁକ୍ତି ଲାଗି ମନୋନୀତ କରିଛନ୍ତି। ସାଧାରଣତଃ କେନ୍ଦ୍ର ସରକାରଙ୍କ ଯୁଗ୍ମ ସଚିବ ପଦରେ ଆଇଏଏସ୍, ଆଇପିଏସ୍, ଆଇଏଫ୍‌ଏସ୍(ଇଣ୍ଡିଆନ ଫରେଷ୍ଟ ସର୍ଭିସ) ଏବଂ ଇଣ୍ଡିଆନ ରେଭେନ୍ୟୁ ସର୍ଭିସ(ଆଇଆର୍‌ଏସ୍) ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଥାଏ। ଆଇଏଏସ୍‌ଙ୍କ ଲାଗି ଉଦ୍ଦିଷ୍ଟ ଏହି ପଦବୀରେ ଘରୋଇ କ୍ଷେତ୍ରର ବ୍ୟକ୍ତିବିଶେଷଙ୍କୁ ନିଯୁକ୍ତି ଦେବା ଦେଶରେ ଏହା ପ୍ରଥମ ଘଟଣା। କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ଗତବର୍ଷ ଜୁନ୍‌ରେ ଲାଟେରାଲ ଏଣ୍ଟ୍ରି ମୋଡ୍‌ରେ ଯୁଗ୍ମ ସଚିବ ନିଯୁକ୍ତି ଲାଗି ଆବେଦନ ଆହ୍ୱାନ କରାଯାଇଥିଲା। ପ୍ରଶାସନିକ କ୍ଷେତ୍ରରେ ନୂଆ ପ୍ରତିଭାର ପ୍ରବେଶ ପାଇଁ ମୋଦି ସରକାର ପ୍ରଥମଥର ଏଭଳି ପଦକ୍ଷେପ ନେଇଛନ୍ତି। ଘରୋଇ କ୍ଷେତ୍ରରେ ବିଶେଷଜ୍ଞତା ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ରାଜସ୍ୱ, ଆର୍ଥିକ ସେବା, ଆର୍ଥିକ ବ୍ୟାପାର, କୃଷି ଏବଂ ଚାଷୀ କଲ୍ୟାଣ, ସଡ଼କ ପରିବହନ ଏବଂ ରାଜମାର୍ଗ, ଜାହାଜ ଚଳାଚଳ, ପରିବେଶ, ଜଙ୍ଗଲ ଏବଂ ପାଣିପାଗ ପରିବର୍ତ୍ତନ, ନୂଆ ଏବଂ ଅକ୍ଷୟ ଶକ୍ତି, ବେସାମରିକ ବିମାନ ଚଳାଚଳ ଏବଂ ବାଣିଜ୍ୟ ମନ୍ତ୍ରଣାଳୟରେ ଯୁଗ୍ମ ସଚିବ ଭାବେ ନିଯୁକ୍ତ କରାଯିବ। ଏଥିପାଇଁ ୬୦୭୭ ଆବେଦନ ଆସିଥିଲା। ସେମାନଙ୍କୁ ଚୟନ କରିବା ଦାୟିତ୍ୱ ୟୁପିଏସ୍‌ସିକୁ ଦିଆଯାଇଥିଲା। ଉକ୍ତ ୯ ଜଣ ବିଶେଷଜ୍ଞଙ୍କୁ ୟୁପିଏସ୍‌ସି ଚୟନ କରି ଯୁଗ୍ମ ସଚିବ ଭାବେ ନିଯୁକ୍ତି ଦେବାକୁ ସରକାରଙ୍କୁ ସୁପାରିସ କରିଛି। ଶୁକ୍ରବାର ଏଥିନେଇ ଫଳାଫଳ ଘୋଷଣା କରାଯାଇଛି।

■ଏସାର ଷ୍ଟିଲ୍ ମାମଲାରେ ନୂଆ ମୋଡ

### ଆର୍ସେଲର ପେମେଣ୍ଟକୁ ରୋକିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୨-୪: ଏସାର ଷ୍ଟିଲ ମାମଲାରେ ଶୁକ୍ରବାର ନୂଆ ମୋଡ ଆସିଛି। ଷ୍ଟାଣ୍ଡାର୍ଡ ଚାର୍ଟାର୍ଡ ବ୍ୟାଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ଆର୍ସେଲର ମିତ୍ତଲ ପକ୍ଷରୁ ପ୍ରଦାନ କରାଯିବାକୁ ଥିବା ୪୨ ହଜାର କୋଟି ଟଙ୍କା ଉପରେ ଯଥାସ୍ଥିତି ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଜଷ୍ଟିସ ରୋହିନଟନ ଏଫ୍ ନରିମାନଙ୍କ ଅଧକ୍ଷତାରେ ଗଠିତ ସର୍ବୋଚ୍ଚ ଅଦାଲତ ଖଣ୍ଡପୀଠ ଯଥାଶୀଘ୍ର ଏ ମାମଲାରେ ନିଷ୍ପତ୍ତି ନେବାକୁ ଟ୍ରିବ୍ୟୁନାଲଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଥାଉ କି, ଋଣ ସମାଧାନ ପ୍ରକ୍ରିୟାରେ ଏସାର ଷ୍ଟିଲ ପାଇଁ ଆର୍ସେଲର ମିତ୍ତଲର ବିଡ୍‌କୁ ରାଷ୍ଟ୍ରୀୟ କମ୍ପାନୀ ବିଧି ଅପିଲୀୟ ନ୍ୟାୟାଧିକରଣ(ଏନ୍‌ସିଏଲ୍‌ଏଟି) ଅନୁମୋଦନ କରିବା ପରେ ଋଣପ୍ରଦାନକାରୀ ଆଶ୍ୱସ୍ତ ହୋଇଥିଲେ। ଅନ୍ୟପକ୍ଷରେ ୪୨ ହଜାର କୋଟି ଟଙ୍କାର ଋଣ ସମାଧାନ ପ୍ରକ୍ରିୟା ଜଣାଇବାକୁ ଏବଂ ଏହି ଟଙ୍କା ଜମା କରିବାକୁ ଏନ୍‌ସିଏଲ୍‌ଟି ଆର୍ସେଲର ମିତ୍ତଲଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ବିରୋଧରେ ବ୍ୟାଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ଆବେଦନ ଦାଖଲ କରାଯାଇଥିଲା।

■ଘନଉଛି ଜେଟ୍ ସଙ୍କଟ

# ପିଏମ୍‌ଓ ଡାକିଲା ଜରୁରୀ ବୈଠକ

ନୂଆଦିଲ୍ଲୀ,୧୨-୪




ଜେଟ୍ ଏୟାରୱେଜ କର୍ମଚାରୀମାନେ ପ୍ଲାକାର୍ଡ ଧରି ମାର୍ଚ୍ଚ କରୁଛନ୍ତି।

■ପ୍ରିନ୍ସିପାଲ ସେକ୍ରେଟାରୀଙ୍କ ଅଧକ୍ଷତାରେ ହେବ ବୈଠକ
■ସୋମବାର ଯାଏ ଅନ୍ତର୍ଜାତୀୟ ଉଡ଼ାଣ ରଦ୍ଦ ବୃଦ୍ଧି
■ବିଡ୍ ଦାଖଲ ସରିଲା
■ଏୟାରଲାଇନ୍ସକୁ ବଞ୍ଚାଇବା ଲାଗି କର୍ମଚାରୀଙ୍କ ମାର୍ଚ୍ଚ

ଜେଟ୍ ଏୟାରୱେଜ ସଙ୍କଟ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ କମ୍ପାନୀ ବନ୍ଦ ହେବାର ଦ୍ୱାର ଦେଶରେ ଆସି ପହଞ୍ଚିଲାଣି। ଅନ୍ୟପକ୍ଷରେ କମ୍ପାନୀ ଏହାର ସମସ୍ତ ଅନ୍ତର୍ଜାତୀୟ ଉଡ଼ାଣକୁ ରଦ୍ଦ କରିଥିବା ବେଳେ ସୋମବାର ଯାଏ ଏହାକୁ ବୃଦ୍ଧି କରିଛି। କାରଣ ଏହା ନିକଟରେ ଉଡ଼ାଣ ପାଇଁ ମାତ୍ର ୧୧ ବିମାନ ରହିଛି। ଅପରପକ୍ଷରେ ଜେଟ୍ ସଙ୍କଟରେ ଏବେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ(ପିଏମ୍‌ଓ) ସିଧାସଳଖ ହସ୍ତକ୍ଷେପ କରିଛି। ଏହା ଏକ ଉଚ୍ଚସ୍ତରୀୟ ଜରୁରୀ ବୈଠକ ଡକାଇଥିଲା। କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସୁରେଶ ପ୍ରଭୁ, ମନ୍ତ୍ରଣାଳୟ ସଚିବ ପି.ଏସ୍. ଖରୋଲାଙ୍କୁ ଜେଟ୍ ସଙ୍କଟନେଇ ଯାଞ୍ଚକରିବାକୁ ନିର୍ଦ୍ଦେଶ ଦେବା ପରେ ଏହି ବୈଠକ ଡକାଯାଇଥିଲା। ଅନ୍ୟପକ୍ଷରେ କମ୍ପାନୀକୁ କିଣିବା ପାଇଁ ଏସ୍‌ବିଆଇ କ୍ୟାପିଟାଲ ପକ୍ଷରୁ ନିଲାମୀ ଆହ୍ୱାନ କରାଯାଇଥିବା ବେଳେ ଶୁକ୍ରବାର ଏହାର ସମୟସୀମା ଶେଷ ହୋଇଛି। ପୂର୍ବରୁ ଧାର୍ଯ୍ୟ ବିଡ୍ ସମୟସୀମା ମଧ୍ୟରେ କେହି ନ ଆସିବାରୁ ଏହାକୁ ଶୁକ୍ରବାର ଯାଏ ବୃଦ୍ଧି କରାଯାଇଥିଲା। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଜେଟ୍ ଏୟାରୱେଜ ପ୍ରତିଷ୍ଠାତା ନରେଶ ଗୋୟଲ, ୟୁଏଇସ୍ଥିତ ଏୟାରଲାଇନ୍ସ କମ୍ପାନୀ ଏତିହାଦ ଏୟାରୱେଜ, ଏୟାର କାନାଡା ସମେତ ଦେଶର କେତେକ ଇନ୍‌ଭେଷ୍ଟମେଣ୍ଟ ଫଣ୍ଡ ନିଲାମୀ ଲାଗି ଆଗ୍ରହ ପ୍ରକାଶ କରିଛନ୍ତି। ସେମାନଙ୍କ ପକ୍ଷରୁ ଏଥିଲାଗି ବିଡ୍ ଦାଖଲ କରାଯାଇଛି। ଅନ୍ୟପକ୍ଷରେ କର୍ମଚାରୀମାନେ ବକେୟା ଦରମା ଦାବିରେ ଏବଂ ଜେଟ୍‌କୁ ରକ୍ଷା କରିବା ଲାଗି ନିଜ ଦପ୍ତର ପର୍ଯ୍ୟନ୍ତ ପ୍ଲାକାର୍ଡ ଧରି ମାର୍ଚ୍ଚ କରିଛନ୍ତି। ଜେଟ୍‌ରେ ଏବେ ପ୍ରାୟ ୧୭ ହଜାର କର୍ମଚାରୀ ରହିଛନ୍ତି। କମ୍ପାନୀ ବନ୍ଦ ହୋଇଗଲେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ବହୁ ସଂଖ୍ୟାରେ କର୍ମଚାରୀ ନିଯୁକ୍ତି ହରାଇବେ। ଅନ୍ୟପକ୍ଷରେ ଦେଶରେ ଏବେ ସାଧାରଣ ନିର୍ବାଚନ ହେଉଥିବା ବେଳେ ଜେଟ୍ ଏୟାରୱେଜ ବନ୍ଦ ହେବା ମୋଦି ସରକାରଙ୍କ ପାଇଁ ଅଶୁଭ ସୂଚନା ହେବ। ବିରୋଧୀ ଦଳଗୁଡ଼ିକ ଏହି ମଉକାରେ ସରକାରଙ୍କୁ ଘେରିବେ ଯାହାର ମୁକାବିଲା କରିବା ଅସମ୍ଭବ ହୋଇପଡିବ ମନେ କରି ପିଏମ୍‌ଓ ପକ୍ଷରୁ ଏହି ମାମଲାରେ ହସ୍ତକ୍ଷେପ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରିନ୍ସିପାଲ ସେକ୍ରେଟାରୀଙ୍କ ଅଧକ୍ଷତାରେ ଜରୁରୀ ବୈଠକ ଡକାଯାଇଥିଲା। ଏଥିରେ ବହୁ ବରିଷ୍ଠ ଅଧିକାରୀ, କମ୍ପାନୀ ପ୍ରତିନିଧି, ଋଣପ୍ରଦାନକାରୀ ଆଦି ଯୋଗ ଦେଇଥିଲେ। ଏହାପରେ ଖରୋଲା ଭିଡିଓ କନ୍‌ଫରେନ୍ସିଂ ଜରିଆରେ ବିଭାଗିୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଦେଶରେ ନିଯୁକ୍ତି ସୁଯୋଗ ନାହିଁ ଦର୍ଶାଇ ବିରୋଧୀ ଦଳଗୁଡ଼ିକ ମୋଦି ସରକାରଙ୍କୁ ଟାର୍ଗେଟ କରୁଥିବା ବେଳେ ଜେଟ୍ ଏୟାରୱେଜ ବନ୍ଦ ହୋଇଗଲେ ବହୁ କର୍ମଚାରୀ ରାତାରାତି ବେକାର ହୋଇଯିବେ।

# ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସର ନୂଆ ଫ୍ଲାଗଶିପ ଷ୍ଟୋର




ଶୋ’ରୁମ୍‌ର ଉଦ୍‌ଘାଟନ ଅବସରରେ (ବାମରୁ ତୃତୀୟ) ରାଜେଶ ଗୁପ୍ତା, ସନ୍ତୋଷ ଗୁପ୍ତା ଓ ଗୋପାଳ କୃଷ୍ଣ ମହାନ୍ତି

କଟକ,୧୨-୪

ଇଲେକଟ୍ରୋନିକ୍ସ, ହୋମ୍ ଆପ୍ଲାଏନ୍ସ ଏବଂ ଡିଜିଟାଲ ପ୍ରଡକ୍ଟର ପ୍ରମୁଖ ଡିଲର ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସ ପକ୍ଷରୁ କଟକର, ସିଡିଏ ସ୍ଥିତ ଜୁଡିସିଆଲ ଏକାଡେମୀ ନିକଟରେ ନୂଆ ଫ୍ଲାଗଶିପ ଶୋ’ରୁମ ଶୁକ୍ରବାର ଶୁଭାରମ୍ଭ ହୋଇଛି। ଏହାକୁ ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସର ସ୍ୱତ୍ୱାଧିକାରୀ ରାଜେଶ ଗୁପ୍ତା,ହାଇକୋର୍ଟ ବାର୍ ଆସୋସିଏଶନର ସଭାପତି ଗୋପାଳ କୃଷ୍ଣ ମହାନ୍ତି ଉନ୍ମୋଚନ କରିଛନ୍ତି। ଏହି ଅବସରରେ ଶୋ’ରୁମ ପକ୍ଷରୁ ପ୍ରତ୍ୟେକ ସାମଗ୍ରୀ କ୍ରୟ ଉପରେ ୫ଟି ଉପହାର ପ୍ରଦାନ ସମ୍ପର୍କରେ ଘୋଷଣା କରାଯାଇଛି। ସେହିଭଳି ପ୍ରଥମ ୧୦୦ ଗ୍ରାହକଙ୍କ ଲାଗି ଲକି ଡ୍ର ବ୍ୟବସ୍ଥା କରାଯାଇଛି। ଲକି ଡ୍ରରେ ଭାଗ୍ୟଶାଳୀ ବିଜେତା ଆକର୍ଷଣୀୟ ପୁରସ୍କାର ଜିତି ପାରିବେ। ଲକି ଡ୍ର ଏବଂ ବମ୍ପର ଡ୍ରରେ ପ୍ରତିଷ୍ଠିତ କମ୍ପାନୀଗୁଡିକର ସ୍କୁଟର ଗ୍ରାହକଙ୍କ ଲାଗି ରଖାଯାଇଛି। ସାମଗ୍ରୀ କ୍ରୟ ପାଇଁ ଶୋ’ରୁମରେ ୦% ଡାଉନପେମେଣ୍ଟ ସୁବିଧା କରାଯାଇଛି। ସେହିଭଳି ସହଜ କିସ୍ତି ଏବଂ ଆକର୍ଷଣୀୟ ରିହାତିରେ ଏସି କ୍ରୟ ସୁବିଧା ଦିଆଯାଉଛି। ଏଠାରେ ଡିଜିଟାଲ ପ୍ରଡକ୍ଟ ଲାଗି ସ୍ୱତନ୍ତ୍ର ଜୋନ ସ୍ଥାପନ ହୋଇଛି। ଷ୍ଟୋରରେ ବିଭିନ୍ନ ଫର୍ନିଚର ସାମଗ୍ରୀ କମ୍ବୋ ପ୍ରାଇସରେ ଉପଲବ୍ଧ। ଏହି କମ୍ବୋ ପ୍ରାଇସ ଅଫରକୁ ଗ୍ରାହକ କମ୍ପାନୀର ଯେକୌଣସି ଷ୍ଟୋରରେ ବୁକିଂ କରିପାରିବେ। ଗ୍ରାହକଙ୍କ ମନୋରଞ୍ଜନ ଲାଗି ଏଠାରେ ସେଲ୍ଫି ଜୋନ ରହିଛି। ବଜାଜ, ଏଚ୍‌ଡିଏଫ୍‌ସି, ଆଇଡିଏଫ୍‌ସି, ଏଚ୍‌ଡିବି ଭଳି ଫାଇନାନ୍ସ ସହ କ୍ରେଡିଟ୍ ଏବଂ ଡେବିଟ୍ କାର୍ଡ ଦ୍ୱାରା ସ୍ୱଟ ଫାଇନାନ୍ସ ସୁବିଧା କରାଯାଇଛି। ଏହାବାଦ ମୋବାଇଲର ସହଜ ଏକ୍ସଚେଞ୍ଜ ଅଫର ମଧ୍ୟ ଦିଆଯାଉଛି। ସେହିଭଳି ଗିଫ୍ଟ ଭାଉଚର ଏବଂ ଫାଇନାନ୍ସ ଉପରେ କ୍ୟାଶ ବ୍ୟାକ୍ ସୁବିଧା ରହିଥିବା ଶୋ’ରୁମ ପକ୍ଷରୁ ସୂଚନା ରହିଛି।

# ବୁକିଂ ଉପରେ ସ୍କାଏ ଲାଇନ ଇନ୍ଫ୍ରାକନ୍‌ର ରିହାତି

ଭୁବନେଶ୍ୱର,୧୨-୪

ସ୍କାଏ ଲାଇନ୍ ଇନ୍ଫ୍ରାକନ୍ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଏହାର ୧୦ମ ପ୍ରତିଷ୍ଠା ଦିବସ ପାଳନ କରାଯାଉଛି। ଏହି ଅବସରରେ ବାସଗୃହ ବୁକିଂ ଉପରେ କମ୍ପାନୀ ପକ୍ଷରୁ ଆକର୍ଷଣୀୟ ଅଫର ପ୍ରଦାନ ସମ୍ପର୍କରେ ଘୋଷଣା କରାଯାଇଛି। ଭୁବନେଶ୍ୱର ଉପକଣ୍ଠ ଗୁଡିଆପୋଖରୀ ସାଇ ମନ୍ଦିର ନିକଟରେ କମ୍ପାନୀ ପକ୍ଷରୁ ନିର୍ମାଣ ହେଉଥିବା ‘ ସ୍କାଏ ପାନୋରମା’ ପ୍ରକଳ୍ପରେ ଗ୍ରାହକମାନେ ଏହି ଅଫର ଲାଭ କରିପାରିବେ ବୋଲି ଏହାର ନିର୍ଦ୍ଦେଶକ ପ୍ରଶାନ୍ତ ଭଦ୍ର ସୂଚନା ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ଏହି ପ୍ରକଳ୍ପର ୭୦% କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଚଳିତ ବର୍ଷ ଜୁଲାଇ ସୁଦ୍ଧା ଏହାକୁ ହସ୍ତାନ୍ତର କରିବା ନେଇ ଲକ୍ଷ୍ୟଧାର୍ଯ୍ୟ ହୋଇଛି। ଉକ୍ତ ପ୍ରକଳ୍ପରେ ୮୮ଟି ଫ୍ଲାଟ ରହିଛି। ଏହି ଅଫରର ଲାଭ ଚଳିତ ମାସ ଶେଷ ପର୍ଯ୍ୟନ୍ତ ଗ୍ରାହକ ନେଇ ପାରିବେ। ପ୍ରତ୍ୟେକ ବୁକିଂ ଉପରେ ଗ୍ରାହକମାନେ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ରିହାତି ପାଇପାରିବେ ବୋଲି ନିର୍ଦ୍ଦେଶକ ଭଦ୍ର କହିଛନ୍ତି। ସ୍କାଏ ପାନୋରମା ପୂର୍ବରୁ କମ୍ପାନୀ ସୁନ୍ଦରପଦାଠାରେ ‘ସ୍କାଏ ଟାୱାର’ ଏବଂ ଦ୍ୱିତୀୟ ପ୍ରକଳ୍ପ ‘ସ୍କାଏ ହରାଇଜନ’ ଡ୍ୟୁପ୍ଲେକ୍ସ ସମ୍ପୂର୍ଣ୍ଣ କରିଛି। ୨୦୦ରୁ ଅଧିକ ଗ୍ରାହକଙ୍କୁ କମ୍ପାନୀ ବାସଗୃହ ସହ ଅନ୍ୟାନ୍ୟ ଅତ୍ୟାଧୁନିକ ସୁବିଧା ସୁଯୋଗ ଯୋଗାଇ ଦେଇଛି। ସ୍କାଏ ପାନୋରମାରେ ୧,୨ ଏବଂ ୩ ବିଏଚ୍‌କେ ଆପାର୍ଟମେଣ୍ଟରେ ଉନ୍ନତ ମାନର କ୍ଲବ ହାଉସ, ଡ୍ରିମ ପାର୍କ ଭଳି ସୁବିଧା ସୁଯୋଗ ରହିଛି। ଫ୍ଲାଟଗୁଡିକ ୬୬୬ ବର୍ଗଫୁଟରୁ ଆରମ୍ଭ କରି ୧୩୧୩ ବର୍ଗଫୁଟ ପର୍ଯ୍ୟନ୍ତ ରହିଛି। କମ୍ପାନୀର ୪ର୍ଥ ପ୍ରକଳ୍ପ ପାହାଳ ଏବଂ ୫ମ ପ୍ରକଳ୍ପ ପୁରୀରୋଡ ନିକଟରେ ଆରମ୍ଭ ହେବ ବୋଲି ଭଦ୍ର ସୂଚନା ଦେଇଛନ୍ତି।

# ମୁଦ୍ରାସ୍ଫୀତି ୨.୮୬ ପ୍ରତିଶତ

ନୂଆଦିଲ୍ଲୀ,୧୨-୪

ଫେବୃୟାରୀରେ ଇଣ୍ଡଷ୍ଟ୍ରିଆଲ ପ୍ରଡକ୍ସନ ହ୍ରାସ ପାଇ ୦.୧%ରେ ପହଞ୍ଚିଯାଇଛି। ଗତ ୨୦ ମାସରେ ଇଣ୍ଡଷ୍ଟ୍ରିଆଲ ଅଭିବୃଦ୍ଧିର ଏହା ସର୍ବନିମ୍ନ ସ୍ତର। ଜାନୁୟାରୀରେ ଏହା ୧.୭% ଥିଲା। ପ୍ରକାଶିତ ତଥ୍ୟ ଅନୁଯାୟୀ, ଇଣ୍ଡଷ୍ଟ୍ରିଆଲ ସେକ୍ଟରରେ ଉତ୍ପାଦନ ଦିନକୁ ଦିନ ହ୍ରାସ ପାଇଚାଲିଛି। ଏହାବ୍ୟତୀତ ମାର୍ଚ୍ଚରେ ଖୁଚୁରା ମୁଦ୍ରାସ୍ଫୀତି ହାର ବୃଦ୍ଧି ପାଇ ୨.୮୬ ପ୍ରତିଶତରେ ପହଞ୍ଚିଯାଇଛି। ଦେଶର ଅର୍ଥନୀତି ପାଇଁ ଏହା ଡବଲ୍ ଝଟକା କୁହାଯାଉଛି। ଅନ୍ୟପକ୍ଷରେ କୋର୍ ସେକ୍ଟରରେ ସାମାନ୍ୟ ସୁଧାର ହେଉଥିବାର ଦେଖାଯାଇଛି ଏବଂ ଏହା ୨.୧% ଅଭିବୃଦ୍ଧି ହାସଲ କରିଛି। ଏଥିରୁ ଇଣ୍ଡଷ୍ଟ୍ରିଆଲ ପ୍ରଡକ୍ସନରେ ସୁଧାର ହେବାର ସଙ୍କେତ ମିଳୁଛି। ୮ ମୁଖ୍ୟ ସେକ୍ଟରରେ ଥିବା ଇଣ୍ଡଷ୍ଟ୍ରିର ଇଣ୍ଡଷ୍ଟ୍ରିଆଲ ପ୍ରଡକ୍ସନ ଇଣ୍ଡେକ୍ସ(ଆଇଆଇପି)ରେ ପ୍ରାୟ ୪୦ ପ୍ରତିଶତ କବ୍ଜା ରହିଛି। ଇଣ୍ଡେକ୍ସରୁ ଜଣାପଡୁଛି ଯେ ପ୍ରାୟ ସମସ୍ତ ସେକ୍ଟରରେ କ୍ୟାପିଟାଲ ଗୁଡ୍ସ ରେକୋର୍ଡିଂ କଣ୍ଟ୍ରାକ୍‌ଶନ ୯.୮ ଏବଂ ଇଣ୍ଟରମିଡିଏଟ ଗୁଡ୍ସରେ ୪.୯% ହ୍ରାସ ପରିଲକ୍ଷିତ ହୋଇଛି। ଏପ୍ରିଲ-ଫେବୃୟାରୀରେ ଇଣ୍ଡଷ୍ଟ୍ରିଆଲ ଅଭିବୃଦ୍ଧି ୪% ରହିଥିଲା,ଯାହା କି ଗତ ବର୍ଷ ୪.୩% ଥିଲା। ଶୁକ୍ରବାର ଜାରି ସରକାରୀ ତଥ୍ୟ ଅନୁଯାୟୀ, ଖାଦ୍ୟ ପଦାର୍ଥ ଏବଂ ଇନ୍ଧନର ଦର ବଢ଼ିବା କାରଣରୁ ଖୁଚୁରା ମୁଦ୍ରାସ୍ଫୀତି ବୃଦ୍ଧି ପାଇଛି। ଉପଭୋକ୍ତା ମୂଲ୍ୟ ସୂଚକାଙ୍କ ଆଧାରିତ ଖୁଚୁରା ମୁଦ୍ରାସ୍ଫୀତି ମାସକ ପୂର୍ବେ ଫେବୃୟାରୀରେ ୨.୫୭% ଥିଲା।

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧, ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧, ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: 3546 **ବିଜ୍ଞାପନ** ତା 04.04.19

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଛେଣ୍ଡ କଲୋନୀ, ପ୍ରଥମ ପର୍ଯ୍ୟାୟ, ରାଉରକେଲା ହାଉସିଂ ପ୍ରକଳ୍ପରେ ଘର ନଂ-ଇ.ସି.ଆର- ୬୫ (ECR-65) କୁ ସାଧୁଚରଣ ପଣ୍ଡା, ପି: ସତ୍ୟବାଦୀ ପଣ୍ଡା, ଗ୍ରା/ପୋ: ଡିହପାଧାଲ, ଥା: ଭଞ୍ଜନଗର, ଜି: ଗଞ୍ଜାମଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନକାରୀ ସାଧୁଚରଣ ପଣ୍ଡା ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ସୁପ୍ରଭା ସ୍ୱାଇଁ, ସ୍ୱା: ସ୍ୱର୍ଗତ ସଞ୍ଜୀତ୍ କୁମାର ସ୍ୱାଇଁ, ଗ୍ରା: ମଣି କଲୋନୀ, ପାନ୍‌ପୋସ୍, ପୋ: ରାଉରକେଲା-୪, ଥା: ରଘୁନାଥପାଲ୍ଲୀ, ଜି: ସୁନ୍ଦରଗଡ଼ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତା’ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./- ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

**ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା**

**ପ୍ରେସ୍ ବିଜ୍ଞପ୍ତି**

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଭାରତର ନିର୍ବାଚନ ଆୟୋଗଙ୍କ ଦ୍ୱାରା କେନ୍ଦ୍ରାପଡ଼ା ଜିଲ୍ଲାରେ ସାଧାରଣ ନିର୍ବାଚନ-୨୦୧୯ ଅନୁଧ୍ୟାନ ପାଇଁ ନିମ୍ନଲିଖିତ ପର୍ଯ୍ୟବେକ୍ଷକମାନଙ୍କୁ ନିଯୁକ୍ତି ଦିଆଯାଇଅଛି।

**ସାଧାରଣ ପର୍ଯ୍ୟବେକ୍ଷକ**

୧. **ଶାନ୍ତନୁ ଶର୍ମା,** ଭା.ପ୍ର.ସେ. (ଯୋଗାଯୋଗ ନମ୍ବର-୭୬୫୩୮୩୯୪୦୨) ୧୫-କେନ୍ଦ୍ରାପଡ଼ା ଲୋକସଭା, ୯୭-କେନ୍ଦ୍ରାପଡ଼ା ବିଧାନସଭା, ୯୮-ଆଳି ବିଧାନସଭା, ୯୪-ସାଲେପୁର ବିଧାନସଭା, ୯୫-ମାହାଙ୍ଗା ବିଧାନସଭା ନିର୍ବାଚନମଣ୍ଡଳୀ।

୨. **ଏନ୍.ବି.ଉପାଧ୍ୟାୟ,** ଭା.ପ୍ର.ସେ.(ଯୋଗାଯୋଗ ନମ୍ବର ୭୬୫୩୮୩୯୪୦୫) ୧୫-କେନ୍ଦ୍ରାପଡ଼ା ଲୋକସଭା, ୯୬-ପାଟକୁରା ବିଧାନସଭା, ୯୯-ରାଜନଗର ବିଧାନସଭା, ୧୦୦-ମହାକାଳପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ।

**ଆଇନ ଶୃଙ୍ଖଳା ପର୍ଯ୍ୟବେକ୍ଷକ**

୧. **ବିକାଶ କୁମାର,** ଆଇ.ପି.ଏସ୍.(ଯୋଗାଯୋଗ ନମ୍ବର ୭୬୫୩୮୩୯୩୯୪) ୧୫-କେନ୍ଦ୍ରାପଡ଼ା ଲୋକସଭା, ୯୬-ପାଟକୁରା ବିଧାନସଭା, ୯୭-କେନ୍ଦ୍ରାପଡ଼ା ବିଧାନସଭା, ୯୮-ଆଳି ବିଧାନସଭା, ୯୯-ରାଜନଗର ବିଧାନସଭା, ୧୦୦-ମହାକାଳପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ।

**ଖର୍ଚ୍ଚ ଅନୁଧ୍ୟାନ ପର୍ଯ୍ୟବେକ୍ଷକ**

୧. **ଅମିତ କାଟୋଜ୍,** ଭା.ରା.ସେ. (ଯୋଗାଯୋଗ ନମ୍ବର ୭୬୫୩୮୩୯୩୯୯) ୧୫-କେନ୍ଦ୍ରାପଡ଼ା ଲୋକସଭା।

୨. **ନାଘାନ୍ୟୁୟଲ ଜିମିକ,** ଭା.ରା.ସେ. (ଯୋଗାଯୋଗ ନମ୍ବର ୭୬୫୩୮୩୯୪୦୧) ୯୭-କେନ୍ଦ୍ରାପଡ଼ା ବିଧାନସଭା, ୯୮-ଆଳି ବିଧାନସଭା ନିର୍ବାଚନମଣ୍ଡଳୀ।

୩. **ଦୀପ୍ତି ଜୟରାଜ,** ଭା.ରା.ସେ. (ଯୋଗାଯୋଗ ନମ୍ବର ୭୬୫୩୮୩୯୪୦୦) ୯୬-ପାଟକୁରା ବିଧାନସଭା, ୯୯-ରାଜନଗର ବିଧାନସଭା, ୧୦୦-ମହାକାଳପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ।

ଉପରୋକ୍ତ ପର୍ଯ୍ୟବେକ୍ଷକ ଦିବା ୧୧ଘଟିକାରୁ ୧୨ଘଟିକା ମଧ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ନିର୍ବାଚନ ସମ୍ବନ୍ଧୀୟ ଆପତ୍ତି ଅଭିଯୋଗ ଶୁଣାଣି କରିବେ। ଏତଦ୍‌ବ୍ୟତୀତ ନିର୍ବାଚନ ସମ୍ବନ୍ଧୀୟ କୌଣସି ଆପତ୍ତି ଅଭିଯୋଗ ଥିଲେ ସଂପୃକ୍ତ ପର୍ଯ୍ୟବେକ୍ଷକମାନଙ୍କୁ ସେମାନଙ୍କ ମୋବାଇଲ ନମ୍ବରରେ ଅଭିଯୋଗ କରାଯାଇପାରିବ ଓ ଲିଖିତ ଅଭିଯୋଗ ଗୁଡିକ ୦୬୭୨୭-୨୭୪୭୧୮ ଫ୍ୟାକ୍ସ ମାଧ୍ୟମରେ ପ୍ରେରଣ କରାଯାଇପାରିବ।

ସ୍ୱା./- ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ, କେନ୍ଦ୍ରାପଡ଼ା

**DEPLOYMENT OF GENERAL OBSERVER & EXPENDITURE OBSERVER FOR PC/AC FOR GENERAL ELECTIONS TO LOK SABHA AND STATE LEGISLATIVE ASSEMBLY 2019 IN RESPECT OF BALASORE DISTRICT.**

| Sl. No. | Observer Code | Observer Name | Service | Year | AC/PC alloted | Local Mobile No. | Address |
|---|---|---|---|---|---|---|---|
| **(A) General Observer** | | | | | | | |
| 1 | G-23252 | Mr. Virendra Singh Rawat | IAS | 2008 | 32-Badasahi [Mayurbhanj] / 39-Remuna [Balasore] / 40-Nilgiri [Balasore] | 8280039610 | Circuit House, Balasore |
| 2 | G-21061 | Mr. Rakesh Shankar | IAS | 2004 | 35-Jaleswar [Balasore] / 36-Bhograi [Balasore] / 37-Basta [Balasore] / 38-Balasore [Balasore] | 8280039757 | |
| 3 | G-24337 | Mr. Haulianlal Gulte | IAS | 2011 | 41-Soro [Balasore] / 42-Simulia [Balasore] | 8280064537 | Salandi Irrigation, IB, Bhadrak |
| 4 | P-24627 | Hiremath Sidhir Kallaya | IPS | 2007 | 35-Jaleswar [Balasore] / 36-Bhograi [Balasore] / 37-Basta [Balasore] / 38-Balasore [Balasore] /39-Remuna [Balasore] / 40-Nilgiri [Balasore] | 8280035803 | Circuit House, Balasore |
| **(B) Expenditure Observer PC** | | | | | | | |
| 5 | R-24810 | Harison Antony | IRS (C & CE) | 2014 | 35-Jaleswar [Balasore] / 36-Bhograi [Balasore] / 37-Basta [Balasore] / 38-Balasore [Balasore] /39-Remuna [Balasore] / 40-Nilgiri [Balasore] | 8280038266 | Circuit House, Balasore |
| 6 | R-24827 | Mr. Varun Rangaswamy | IRS (C & CE) | 2012 | 41-Soro (SC) [Balasore] / 42-Simulia [Balasore] | 8280064498 | Salandi Irrigation, IB, Bhadrak |
| **(C) Expenditure Observer AC** | | | | | | | |
| 7 | R-19606 | Ms. Shashi Kajle | IRS (C & CE) | 2007 | 32-Badasahi [Mayurbhanj] / 39-Remuna [Balasore] / 40-Nilgiri [Balasore] | 8280039665 | Circuit House, Balasore |
| 8 | R-25252 | Mr. Jitendra Patel | IRS | 2011 | 35-Jaleswar [Balasore] / 36-Bhograi [Balasore] / 37-Basta [Balasore] / 38-Balasore [Balasore] | 8280039760 | |
| 9 | R-25697 | Mr. S Natarajan | IRS | 2007 | 41-Soro [Balasore] / 42-Simulia [Balasore] | 8280038260 | |

Sd./- District Election Officer & Collector, Balasore

नालको NALCO
National Aluminium Company Limited
(A Government of India Enterprise)
Smelter Plant, Nalco Nagar, Angul-759145, Odisha, India
CIN : L27203OR1981GOI000920
A NAVRATNA COMPANY

**NOTICE INVITING TENDERS**

Online tenders are being invited from experienced bidders on OPEN / Two- part (E-tender) mode for the following jobs at NALCO, Smelter Plant at Angul, Odisha :

**1-NIT No. OMC-4999**
**Name of the work :** Cathode Carbon Block Sealing, Ramming, Patch Repairing of Pot Shells, Anode Rodding Operation and Refractory Lining of Electrolytic Pots.

**2-NIT No. OMC-5005**
**Name of the work :** Supply, Installation of Medical Grade Gas System in NALCO Hospital, Angul.

**3-NIT No. OMC-5007**
**Name of the work :** Up-Keeping of Rodding Shop-I.

**4-NIT No. OMC-5008**
**Name of the work :** Work Assistance for Miscellaneous work for Pot Line Instrumentation Section.

For details of NITs like contract period, EMD, Date and time of E-submission, Part-I Bid Opening, Modification/ Amendments (if any) please log in to www.nalcoindia.com & http://eprocure.gov.in

DGM (Mech.)-T&C



ଭାରତ ପରିଦର୍ଶନରେ ଯିବା ମୋର ଏକ ସ୍ୱପ୍ନ ଥିଲା। ବର୍ତ୍ତମାନ ଫ୍ରେଞ୍ଚ ଟେନିସ ଫେଡେରେଶନ ଏକ କାର୍ଯ୍ୟରେ ମୋତେ ଏହି ଦେଶକୁ ପଠାଉଛି ।

–ଜଷ୍ଟିନ ହେନିନ୍, ପୂର୍ବତନ ବେଲଜିୟମ ଟେନିସ ଖେଳାଳି



ଆଇପିଏଲରେ ଅମ୍ପାୟରିଂର ଗୁଣାତ୍ମକ ମାନ ନେଇ କଥା ଉଠିଲାଣି। ମାତ୍ର ସେମାନଙ୍କ ଉପରେ ଚାପ ପଡ଼ିଲେ ଜଟିଳ ପରିସ୍ଥିତି ସୃଷ୍ଟି ହୋଇପାରେ ।

–ଜାହିର ଖାଁ, ପୂର୍ବତନ ପେସ୍ ବୋଲର

## ଆଜିର ମ୍ୟାଚ



ମୁମ୍ବାଇ ଇଣ୍ଡିଆନ୍ସ ବନାମ ରାଜସ୍ଥାନ ରୟାଲ୍ସ

ପ୍ରସାରଣ ସ୍ଥାନ : ମୁମ୍ବାଇ
ସମୟ : ଅପରାହ୍ନ ୪ଟା

କିଙ୍ଗ୍ସ ଇଲେଭେନ ପଞ୍ଜାବ ବନାମ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର

ପ୍ରସାରଣ ସ୍ଥାନ : ମୋହାଲି
ସମୟ : ରାତି ୮ଟା

ଷ୍ଟାର ସ୍ପୋର୍ଟ୍ସ

# ଚେନ୍ନାଇର ରୋମାଞ୍ଚକ ବିଜୟ

ଜୟପୁର, ୧୨।୪

ମହେନ୍ଦ୍ର ସିଂ ଧୋନୀ ଓ ଅମ୍ବାତି ରାୟୁଡୁଙ୍କ ୯୫ ରନର ଭାଗୀଦାରି ଏବଂ ମିଚେଲ ସାଣ୍ଟନରଙ୍କ ଶେଷ ବଲ୍ ଛକା ସହାୟତାରେ ଚେନ୍ନାଇ ସୁପର କିଙ୍ଗ୍ସ ଗୁରୁବାର ଅନୁଷ୍ଠିତ ଆଇପିଏଲ ମ୍ୟାଚରେ ରୋମାଞ୍ଚକ ବିଜୟ ହାସଲ କରିଛି। ଧୋନୀଙ୍କ ଦଳ ରାଜସ୍ଥାନ ରୟାଲ୍ସକୁ ୪ ଉଇକେଟରେ ପରାସ୍ତ କରିଛି। ରାଜସ୍ଥାନ ପକ୍ଷରୁ ଧାର୍ଯ୍ୟ ୧୫୨ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ଚେନ୍ନାଇ ୨୦ ଓଭରରେ ୬ ଉଇକେଟ ହରାଇ ୧୫୫ ରନ ସଂଗ୍ରହ କରି ନେଇଛି।

ବଡ଼ ବିଜୟ ଲକ୍ଷ୍ୟ ନ ଥିଲେ ହେଁ ସୁପର କିଙ୍ଗ୍ସ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହେବାରୁ ମ୍ୟାଚ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଓପନର ଶେନ ୱାଟସନ ଖାତା ଖୋଲିବାକୁ ସକ୍ଷମ ହୋଇ ନ ଥିବାବେଳେ ସୁରେଶ ରାଇନା ୪ ରନ କରି ରନଆଉଟ ହୋଇଯାଇଥିଲେ। ଫାଫ୍ ଡୁ ପ୍ଲେସି ୭ ଓ କେଦାର ଯାଦବ ୧ ରନ କରି ଆଉଟ ହେବାରୁ ୨୪ ରନ ମଧ୍ୟରେ ଚେନ୍ନାଇ ଟପ୍ ଅର୍ଡରର ୪ଟି ଉଇକେଟ ହରାଇ ବିପଦରେ ପଡ଼ିଥିଲା। ତେବେ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ କ୍ରିଜକୁ ଆସିବାପରେ ସ୍ଥିତି ବଦଳିଥିଲା। ଅମ୍ବାତି ରାୟୁଡୁ ଓ ଧୋନୀ ଆତ୍ମବିଶ୍ୱାସର ସହ ବ୍ୟାଟିଂ କରି ଦଳକୁ ଚାପରୁ ମୁକୁଳାଇଥିଲେ। ଦୁହେଁ ୫ମ ଉଇକେଟରେ ୯୫ ରନର ଭାଗୀଦାରି ଗଢ଼ିଥିଲେ। ଦଳୀୟ ସ୍କୋର ୧୧୯ରେ ପହଞ୍ଚିବାପରେ ରାୟୁଡୁ ୪୭ ବଲ୍‌ରୁ ୨ ଚୌକା ଓ ୩ ଛକା ସହାୟତାରେ ୫୭ ରନ କରି ଆଉଟ ହୋଇଥିଲେ। ୧୮ତମ ଓଭରର ୪ର୍ଥ ବଲ୍‌ରେ ରାୟୁଡୁଙ୍କୁ ଆଉଟ କରି ବେନ୍ ଷ୍ଟୋକ୍ସ ଏହି ଯୋଡ଼ି ଭାଙ୍ଗିଥିଲେ। ୧୯ତମ ଓଭରରୁ ଧୋନୀ ଓ ରବୀନ୍ଦ୍ର ଜାଡେଜା ୧୨ ରନ ସଂଗ୍ରହ କରିବାରୁ ଶେଷ ଓଭରରୁ ବିଜୟ ପାଇଁ ୧୮ ରନ ଆବଶ୍ୟକ ହେଉଥିଲା। ଅନ୍ତିମ ଓଭର ବୋଲିଂ କରିବାକୁ ଆସିଥିବା ଷ୍ଟୋକ୍ସଙ୍କ ପ୍ରଥମ ବଲ୍‌କୁ ଛକାରେ ପରିଣତ କରି ମ୍ୟାଚରେ ରୋମାଞ୍ଚ ଭରିଥିଲେ ଜାଡେଜା। ଦ୍ୱିତୀୟ ବଲ୍‌ଟି ନୋ ପଡ଼ିଥିବାବେଳେ ପରବର୍ତ୍ତୀ ବଲ୍‌ରୁ ୨ ରନ ସଂଗ୍ରହ କରିଥିଲେ ଧୋନୀ। ୩ୟ ବଲ୍‌ରେ ଧୋନୀଙ୍କୁ କ୍ଲିନ୍ ବୋଲ୍ଡ କରି ଚେନ୍ନାଇ ସମର୍ଥକଙ୍କୁ ସ୍ତବ୍ଧ କରିଦେଇଥିଲେ ଷ୍ଟୋକ୍ସ। ୪୩ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଧୋନୀ ୨ ଚୌକା ଓ ୩ ଛକା ସହାୟତାରେ ୫୮ ରନ ସ୍କୋର କରିଥିଲେ। ୪ର୍ଥ ଓ ୫ମ ବଲ୍‌ରୁ ସାଣ୍ଟନର ୨ ରନ ଲେଖାଏ ସଂଗ୍ରହ କରିବାରୁ ଶେଷ ବଲ୍‌ରୁ ବିଜୟ ପାଇଁ ୪ ରନ ଆବଶ୍ୟକ ହେଉଥିଲା। ମାତ୍ର ଏହାକୁ ୱାଇଡ୍ ପକାଇଥିଲେ ଷ୍ଟୋକ୍ସ। ଚାପକୁ ନ ଆସି ଅନ୍ତିମ ବଲ୍‌କୁ ଛକାରେ ପରିଣତ କରି ମ୍ୟାଚର ରୋମାଞ୍ଚକ ପରିସମାପ୍ତି ଘଟାଇଥିଲେ ସାଣ୍ଟନର। ଏହି ଓଭରର ୪ର୍ଥ ବଲ୍‌କୁ ଅମ୍ପାୟର ପ୍ରଥମେ ନୋ ଡାକିବା ଏବଂ ପରେ ନିଷ୍ପତ୍ତି ପ୍ରତ୍ୟାହାର କରିନେବା ଘଟଣାକୁ ନେଇ କିଛି ସମୟ ଉତ୍ତେଜନା ପରିସ୍ଥିତି ଉପୁଜିଥିଲା। ଧୋନୀ ପଡ଼ିଆ ମଧ୍ୟରେ ପ୍ରବେଶ କରି ଅମ୍ପାୟରଙ୍କ ସହିତ କିଛି ସମୟ ଯୁକ୍ତି କରିଥିବା ପରିଲକ୍ଷିତ ହୋଇଥିଲା। ମାତ୍ର ଶେଷରେ ଚେନ୍ନାଇ ବିଜୟୀ ହେବାରୁ ଏହି ଅଧ୍ୟାୟର ଅବସାନ ଘଟିଥିଲା। ଜାଡେଜା ୪ ବଲ୍‌ରୁ ୯ ଓ ସାଣ୍ଟନର ୩ ବଲ୍‌ରୁ ୧୦ ରନ କରି ଅପରାଜିତ ରହିଥିଲେ।

ଚେନ୍ନାଇ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଟସ୍ ଜିତି ପ୍ରଥମେ ରାଜସ୍ଥାନ ରୟାଲ୍ସକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ। ଦଳ ଭଲ ଆରମ୍ଭ କରିଥିଲେ ହେଁ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇବାରୁ ବଡ଼ ସ୍କୋର କରିପାରି ନ ଥିଲା। ଅଧିନାୟକ ଅଜିଙ୍କ୍ୟ ରାହାନେ ଓ ଜୋସ ବଟଲର ଓପନିଂ ଯୋଡ଼ିରେ ୧୭ ବଲ୍‌ରୁ ୩୧ ରନ ସଂଗ୍ରହ କରିଥିଲେ। ଖରାପ ଫର୍ମ ଦେଇ ଗତି କରୁଥିବା ରାହାନେ ୧୧ ବଲ୍‌ରୁ ୧୪(୩ ଚୌକା) ରନ କରି ଆଉଟ ହୋଇଥିଲେ। ଆକ୍ରମଣାତ୍ମକ ବ୍ୟାଟିଂ ପାଇଁ ପରିଚିତ ବଟଲର ୧୦ ବଲ୍‌ରୁ ୪ ଚୌକା ଓ ୧ ଛକା ସହାୟତାରେ ୨୩ ରନ କରିଥିବାବେଳେ ଶାର୍ଦ୍ଦୁଳ ଠାକୁରଙ୍କ ବଲ୍‌ରେ ଅମ୍ବାତି ରାୟୁଡୁଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ଯୁବ ବ୍ୟାଟ୍ସମ୍ୟାନ ସଞ୍ଜୁ ସାମସନ ୬, ଅଭିଜ୍ଞ ଷ୍ଟିଭେନ ସ୍ମିଥ ୧୫ ଓ ରାହୁଲ ତ୍ରିପାଠୀ ୧୦ ରନ କରି ଆଉଟ ହେବାରୁ ରାଜସ୍ଥାନ ଇନିଂସ ୧୦.୫ ଓଭରରେ ୭୮/୫ ହୋଇ ଯାଇଥିଲା। ଲୋୟର ଅର୍ଡରରେ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରି ବେନ୍ ଷ୍ଟୋକ୍ସ ୨୬ ବଲ୍‌ରୁ ୨୮, ରିୟାନ ପାରଗ ୧୪ ବଲ୍‌ରୁ ୧୬ ରନ କରି ଆଉଟ ହୋଇଥିବାବେଳେ ଜୋଫ୍ରା ଆର୍ଚେର ୧୨ ବଲ୍‌ରୁ ୧୩ ଓ ଶ୍ରେୟାସ ଗୋପାଳ ମାତ୍ର ୭ ବଲ୍‌ରୁ ଦ୍ରୁତ ୧୯(୨ ଚୌକା, ୧ ଛକା) ରନ ସଂଗ୍ରହ କରିବାରୁ ରାଜସ୍ଥାନ ସ୍କୋର ୧୫୦ ଅତିକ୍ରମ କରିଥିଲା।

### ସଂକ୍ଷିପ୍ତ ସ୍କୋର

- ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୧୫୧/୭(ଷ୍ଟୋକ୍ସ-୨୮, ବଟଲର-୨୩, ଗୋପାଳ-୧୯*, ଜାଡେଜା-୨/୨୦, ଠାକୁର-୨/୪୪, ଚହର-୨/୩୩, ସାଣ୍ଟନର-୧/୨୫)।
- ଚେନ୍ନାଇ ସୁପରକିଙ୍ଗ୍ସ ୨୦ ଓଭରରେ ୧୫୫/୬(ଧୋନୀ-୫୮, ରାୟୁଡୁ-୫୭, ଷ୍ଟୋକ୍ସ-୨/୩୯, କୁଲକର୍ଣ୍ଣୀ-୧/୧୪, ଉନାଡକଟ-୧/୨୩, ଆର୍ଚେର-୧/୧୯)।





ପଞ୍ଚମ ଉଇକେଟ ଯୋଡ଼ିରେ ୯୫ ରନ୍‌ର ଭାଗୀଦାରି ଅବସରରେ ଶଟ୍ ଖେଳୁଛନ୍ତି ଅମ୍ବାତି ରାୟୁଡୁ ଓ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ମହେନ୍ଦ୍ର ସିଂ ଧୋନୀ।

## ଆର୍‌ସିବି ଦଳର ନୂଆ ଆଶା ଷ୍ଟେଇନ୍

ବେଙ୍ଗାଲୁରୁ,୧୨।୪

ଚଳିତ ଆଇପିଏଲରେ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଏପର୍ଯ୍ୟନ୍ତ ପଏଣ୍ଟ ଖାତା ଖୋଲିପାରିନାହିଁ। ଏହାର କାରଣ ଦଳରେ ଡେଥ୍ ଓଭର ସ୍ପେଶାଲିଷ୍ଟ ବୋଲରଙ୍କ ଅଭାବ। ଏଥିଯୋଗୁ ବିଶ୍ୱର ଅନ୍ୟତମ ଘାତକ ପେସର ଡେଲ୍ ଷ୍ଟେଇନଙ୍କୁ ଦଳରେ ସାମିଲ କରାଯାଇଛି। ତାଙ୍କୁ ଅଷ୍ଟ୍ରେଲିଆନ୍ ପେସର ନାଥନ କୁଲ୍ଟର ନାଇଲଙ୍କ ବଦଳ ଖେଳାଳି ଭାବେ ଦଳରେ ନିଆଯାଇଛି। ସେ ଦୀର୍ଘ ଦୁଇବର୍ଷର ବ୍ୟବଧାନ ପରେ ଆଇପିଏଲକୁ ଫେରିଛନ୍ତି। ଅନ୍ତିମ ଥର ଗୁଜରାଟ ଲାୟନ୍ସ ପାଇଁ ଖେଳିଥିଲେ। ଏହି ଦଳ ପକ୍ଷରୁ ସେ କେବଳ ଗୋଟିଏ ମ୍ୟାଚ୍‌ରେ ପ୍ରତିନିଧିତ୍ୱ କରିବାକୁ ସୁଯୋଗ ପାଇଥିଲେ। ଦକ୍ଷିଣ ଆଫ୍ରିକା ପେସର ୨୦୦୮ରୁ ୨୦୧୦ ପର୍ଯ୍ୟନ୍ତ ଆରସିବି ପାଇଁ ଖେଳି ୨୭ ଉଇକେଟ ନେଇଥିଲେ। ଏହାପରେ ସେ ଡେକାନ ଚାର୍ଜର୍ସ ଦଳ ପାଇଁ ପ୍ରତିନିଧିତ୍ୱ କରିଥିଲେ। ସେ ସନ୍‌ରାଇଜର୍ସ ହାଇଦ୍ରାବାଦ ପାଇଁ ମଧ୍ୟ ଖେଳିଥିଲେ।


DSPL - 500

ଜରୁରୀ ସୂଚନା !

ଲୋକସଭା ନିର୍ବାଚନ ୨୦୧୯ ଦେଶର ମହା ପର୍ବ

ମତଦାନ ପାଇଁ କେବଳ ଚିରିକୁଟି କିମ୍ବା Photo Voter Slip ଯଥେଷ୍ଟ ନୁହେଁ । ନିମ୍ନୋକ୍ତ ୧୨ଟି ପରିଚୟ ପତ୍ରରୁ ଯେକୌଣସି ଗୋଟିଏ ଅନିର୍ବାର୍ଯ୍ୟ ଅଟେ !

୧. ଭୋଟର ଫଟୋ ପରିଚୟ ପତ୍ର
୨. ଡ୍ରାଇଭିଂ ଲାଇସେନ୍ସ
୩. ଫଟୋ ଥିବା ସରକାରୀ ଚାକିରି କ୍ଷେତ୍ରର ପରିଚୟପତ୍ର
୪. ଫଟୋ ସଂଲଗ୍ନ ଥିବା ବ୍ୟାଙ୍କ ଓ ପୋଷ୍ଟ ଅଫିସର ପାସ୍‌ବୁକ
୫. ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସ୍ୱାସ୍ଥ୍ୟବୀମା ସ୍ମାର୍ଟକାର୍ଡ
୬. ସାଂସଦ, ବିଧାୟକଙ୍କୁ ଦିଆଯାଇଥିବା ସରକାରୀ ପରିଚୟପତ୍ର
୭. ମନରେଗା ଜବ କାର୍ଡ
୮. ଫଟୋ ଥିବା ପେନ୍‌ସନ୍ ଦସ୍ତାବିଜ
୯. ଏନପିଆର ସ୍ମାର୍ଟକାର୍ଡ
୧୦. ପାସ୍‌ପୋର୍ଟ
୧୧. ପାନ୍ କାର୍ଡ
୧୨. ଆଧାରକାର୍ଡ



Download Voter helpline App
GET IT ON Google Play

www.ceoorissa.nic.in
www.nvsp.in

12001/13/0050/1819
ASC19/06

ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା
Election Commission of India

NO VOTER TO BE LEFT BEHIND

Voter Helpline 1950


## ଧୋନୀଙ୍କୁ ସମାଲୋଚନା

ଜୟପୁର,୧୨।୪(ପିଟି)



କ୍ୟାପ୍‌ଟେନ କୁଲ୍ ଭାବେ ପରିଚିତ ମହେନ୍ଦ୍ର ସିଂ ଧୋନୀ ଗୁରୁବାର ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚ୍‌ରେ ଡଗ୍ ଆଉଟ୍ ଛାଡ଼ି ଗ୍ରାଉଣ୍ଡ ମଧ୍ୟକୁ ପ୍ରବେଶ କରି ଅମ୍ପାୟର ଉଲାସ ଗାନ୍ଧେଙ୍କୁ ଆଙ୍ଗୁଠି ଦେଖାଇ ଚ୍ୟାଲେଞ୍ଜ ଦେଇଥିଲେ। ଏଥିନେଇ ପୂର୍ବତନ ଭାରତୀୟ ଅଧିନାୟକଙ୍କୁ ୫୦ ପ୍ରତିଶତ ମ୍ୟାଚ୍ ଫି' କାଟ କରି ଦିଆଯାଇଥିଲେ ମଧ୍ୟ ମାଇକେଲ ଭନ, ମାର୍କ ୱ, ମାଇକେଲ ସ୍ଲାଟର ଓ ଶନ ଟେଟ୍‌ଙ୍କ ଭଳି ପ୍ରାକ୍ତନ କ୍ରିକେଟରଙ୍କ ସମାଲୋଚନାର ଶିକାର ହୋଇଛନ୍ତି। ଧୋନୀ ଆଉଟ୍ ହେବା ପରେ ଗ୍ରାଉଣ୍ଡ ମଧ୍ୟକୁ ପ୍ରବେଶ କରିବା ଘଟଣା ହେବା କଥା ନୁହେଁ। ମୁଁ ଜାଣିଛି, ଭାରତରେ ଧୋନୀ କିଛି ବି କରିପାରିବେ। କିନ୍ତୁ ଡଗ୍ ଆଉଟ୍ ଛାଡ଼ି ଅମ୍ପାୟରଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରିବା ଅନୁଚିତ। ଅଧିନାୟକ ହୋଇ ଖେଳାଳିଙ୍କ ଲାଗି ଏଭଳି ଉଦାହରଣ ସୃଷ୍ଟି କରିବା ଭୁଲ୍ ବୋଲି କହିଛନ୍ତି ପୂର୍ବତନ ଇଂଲଣ୍ଡ ଅଧିନାୟକ ଭନ୍। ସେହିଭଳି ରାଜସ୍ଥାନ ଦଳର ପୂର୍ବତନ ପେସର ଶନ ଟେଟ୍ କହିଛନ୍ତି, ତୁମେ ଫିଲ୍ଡ ମଧ୍ୟକୁ ପ୍ରବେଶ କରିପାରିବ ନାହିଁ। ଏହା ଗ୍ରାମାଞ୍ଚଳ କିମ୍ବା ୧୦ବର୍ଷରୁ କମ୍ ବର୍ଗର କ୍ରିକେଟ ମ୍ୟାଚ୍ ନୁହେଁ। ସେ ଜଣେ ଖେଳାଳି ବୋଲି ବୋଧହୁଏ ଭୁଲି ଯାଇଛନ୍ତି। ଖେଳାଳି ହୋଇ ଅଫିସିଆଲଙ୍କୁ ନିୟନ୍ତ୍ରଣ କରିବାର ଅଧିକାର କାହାରି ନାହିଁ। ଅଷ୍ଟ୍ରେଲିଆର ପୂର୍ବତନ କ୍ରିକେଟର ୱ' କହିଛନ୍ତି, ଆଇପିଏଲରେ ବହୁତ ଟଙ୍କା ଲାଗିଥିବାରୁ ମାଲିକଙ୍କ ପକ୍ଷରୁ ଖେଳାଳିଙ୍କ ଉପରେ ପ୍ରବଳ ଚାପ ରହୁଛି। କିନ୍ତୁ ଆଇପିଏଲରେ ଘଟିଥିବା ଦୁଇଟି ଘଟଣା ଲାଗି ମୁଁ ଦୁଃଖିତ। ପ୍ରଥମଟି ରବିଚନ୍ଦ୍ରନ ଅଶ୍ୱିନଙ୍କ ମଙ୍କଡିଙ୍ଗ୍ ଆଉଟ୍ ଓ ଧୋନୀଙ୍କ ଅମ୍ପାୟରଙ୍କ ସହ ଯୁକ୍ତିତର୍କ। ଦୁଇ ଦଳର ଅଧିନାୟକ ଏଭଳି କରିଛନ୍ତି। ଏହା ଆଦୌ ଉଚିତ ନୁହେଁ। ଏମାନଙ୍କ ବ୍ୟତୀତ ଭାରତୀୟ ପୂର୍ବତନ କ୍ରିକେଟରଙ୍କ ମଧ୍ୟରେ ହେମାଙ୍ଗ ବଦାନି, ଆକାଶ ଚୋପ୍ରା, ଦୀପ ଦାସଗୁପ୍ତା ଓ ସଞ୍ଜୟ ମଞ୍ଜରେକର ମଧ୍ୟ ଧୋନୀଙ୍କୁ ସମାଲୋଚନା କରିଛନ୍ତି।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ଖେଳିଛି | ଜିତିଛି | ହାରିଛି | ପଏଣ୍ଟ | ରନହାର |
|---|---|---|---|---|---|
| ସୁପର କିଙ୍ଗ୍ସ | ୭ | ୬ | ୧ | ୧୨ | +୦.୨୯୯ |
| ନାଇଟ ରାଇଡର୍ସ | ୬ | ୪ | ୨ | ୮ | +୦.୬୧୪ |
| ମୁମ୍ବାଇ ଇଣ୍ଡିଆନ୍ସ | ୬ | ୪ | ୨ | ୮ | ୦.୨୯୦ |
| କିଙ୍ଗ୍ସ ଇଲେଭେନ | ୭ | ୪ | ୩ | ୮ | –୦.୦୫୭ |
| ସନ୍‌ରାଇଜର୍ସ | ୬ | ୩ | ୩ | ୬ | ୦.୮୧୦ |
| ଦିଲ୍ଲୀ କ୍ୟାପିଟାଲ୍ସ | ୬ | ୩ | ୩ | ୬ | ୦.୧୩୧ |
| ରାଜସ୍ଥାନ ରୟାଲ୍ସ | ୬ | ୧ | ୫ | ୨ | –୦.୭୨୫ |
| ରୟାଲ ଚ୍ୟାଲେଞ୍ଜର୍ସ | ୬ | ୦ | ୬ | ୦ | –୧.୪୫୩ |

## ଫୋକସରେ ପୋଲାର୍ଡ, ଜୋସେଫ୍

ମୁମ୍ବାଇ,୧୨।୪(ପି.ଟି.)

ଆଇପିଏଲ୍‌ର ୨୭ତମ ମ୍ୟାଚ୍‌ରେ ଶନିବାର ରୋହିତ ଶର୍ମାଙ୍କ ମୁମ୍ବାଇ ଇଣ୍ଡିଆନ୍ସ ଓ ରାଜସ୍ଥାନ ରୟାଲ୍ସ ମୁହାଁମୁହିଁ ହେବେ। ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ଇଞ୍ଜୁରିରୁ ପ୍ରତ୍ୟାବର୍ତ୍ତନ କରିଥିବା ରୋହିତ ଖେଳିବେ। ଗତ କିଙ୍ଗ୍ସ ଏକାଦଶ ପଞ୍ଜାବ ବିପକ୍ଷ ମ୍ୟାଚ୍‌ରେ ସେ ଖେଳିପାରି ନ ଥିଲେ। ଆଇପିଏଲ୍‌ର ୧୧ଟି ସଂସ୍କରଣରେ ରୋହିତ ପ୍ରଥମଥର ପାଇଁ ଇଞ୍ଜୁରି କାରଣରୁ ଖେଳିପାରି ନ ଥିଲେ। ରୋହିତଙ୍କ ଅନୁପସ୍ଥିତିରେ କିରନ ପୋଲାର୍ଡ ନେତୃତ୍ୱ ନେଇ ୮୩ ରନର ବିସ୍ଫୋରକ ପାଳି ଖେଳି ଦଳକୁ ଜିତାଇଥିଲେ। ଏହି ମ୍ୟାଚ୍‌ରେ ପୋଲାର୍ଡଙ୍କୁ ବାଦ୍ ଦେଲେ ୨୨ ବର୍ଷୀୟ ଦ୍ରୁତ ବୋଲର ଅଲଜାରି ଜୋସେଫଙ୍କ ଉପରେ ମଧ୍ୟ ନଜର ରହିବ। ସେହିପରି ଆଉଜଣେ ୱେଷ୍ଟଇଣ୍ଡିଜ୍ ଦ୍ରୁତ ବୋଲର ଜୋଫ୍ରା ଆର୍ଚେର ମଧ୍ୟ ରାଜସ୍ଥାନ ତରଫରୁ ପଡିଆକୁ ଓହ୍ଲାଇବେ। ଏପର୍ଯ୍ୟନ୍ତ ମୁମ୍ବାଇ ୬ଟି ମ୍ୟାଚ୍ ଖେଳି ୪ଟି ବିଜୟ ଓ ୨ଟି ପରାଜୟ ସହ ତାଲିକାର ତୃତୀୟ ସ୍ଥାନରେ ରହିଛି। ଅନ୍ୟପଟେ ରାଜସ୍ଥାନ ୬ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ ଓ ୫ ପରାଜୟ ସହ ତାଲିକାର ସପ୍ତମ ସ୍ଥାନରେ ରହିଛି। ରୋହିତଙ୍କ ସମେତ ଇଶାନ କିଷନ, ହାର୍ଦ୍ଦିକ ପାଣ୍ଡ୍ୟା, କ୍ରୁନାଲ ପାଣ୍ଡ୍ୟା, ସୂର୍ଯ୍ୟକୁମାର ଯାଦବଙ୍କୁ ନେଇ ମୁମ୍ବାଇ ବ୍ୟାଟିଂ ଲାଇନ୍‌ଅପ୍ ବେଶ୍ ଦୃଢ଼ ମନେହେଉଛି। ଦାରେ ଡେଥ୍ ଓଭର ସ୍ପେଶାଲିଷ୍ଟ ଯଶପ୍ରୀତ ବୁମ୍ରା ପୁଣି କମାଲ କରିବା ଆଶା କରାଯାଉଛି। ଅଧିନାୟକ ଅଜିଙ୍କ୍ୟ ରାହାନେ, ସଞ୍ଜୁ ସାମସନ, ଷ୍ଟିଭ୍ ସ୍ମିଥ୍ ଓ ଜୋସ ବଟଲରଙ୍କୁ ନେଇ ରାଜସ୍ଥାନ ବ୍ୟାଟିଂ ଲାଇନ ବେଶ୍ ଦୃଢ଼ ମନେ ହେଉଛି। ତେବେ ଏହି ବ୍ୟାଟ୍ସମ୍ୟାନଙ୍କୁ ପ୍ରଦର୍ଶନ କରିବାକୁ ହେବ।

## କୋହଲିଙ୍କ ଲାଗି କଡ଼ା ପରୀକ୍ଷା

ମୋହାଲି,୧୨।୪(ପି.ଟି.)

ଚଳିତ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ)ରେ କ୍ରମାଗତ ଷଷ୍ଠ ପରାଜୟ ବରଣ କରିବା ପରେ ସୁପର ଷ୍ଟାର ବିରାଟ କୋହଲିଙ୍କ ନେତୃତ୍ୱାଧୀନ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଦଳ ଏବେ କର ବା ମର ପରିସ୍ଥିତିର ସମ୍ମୁଖୀନ ହୋଇଛି। ଶନିବାର ସ୍ଥାନୀୟ ମୋହାଲି ଗ୍ରାଉଣ୍ଡରେ ବାଙ୍ଗାଲୋର ଲିଗ୍ ୨୮ତମ ମ୍ୟାଚ୍‌ରେ ଘରୋଇ କିଙ୍ଗ୍ସ ଇଲେଭେନ ପଞ୍ଜାବକୁ ଭେଟିବ। ପ୍ଲେ- ଅଫ୍ ଦୌଡରେ ରହିବା ପାଇଁ ହେଲେ ବାଙ୍ଗାଲୋରକୁ ଏହି ମ୍ୟାଚ୍‌ରେ ବିଜୟୀ ହେବା ଅପରିହାର୍ଯ୍ୟ ହୋଇପଡିଛି। ଲାଗାତର ୬ଟି ମ୍ୟାଚ ହାରିବା ପରେ ବାଙ୍ଗାଲୋରର ଆତ୍ମବିଶ୍ୱାସ ଦୋହଲି ଯାଇଛି। ଗତ ରବିବାର ବାଙ୍ଗାଲୋର ଦିଲ୍ଲୀ କ୍ୟାପିଟାଲ୍ସ ନିକଟରୁ ପରାଜୟ ବରଣ କରିଥିଲା। ଏବେ କୋହଲି ତଥା ବାଙ୍ଗାଲୋରକୁ ତା'ର ଆଗାମୀ ୮ଟି ମ୍ୟାଚ୍ ଜିତିବା ଜରୁରୀ ହୋଇପଡିଛି। ଉଭୟ ବୋଲିଂ ଓ ବ୍ୟାଟିଂରେ ବାଙ୍ଗାଲୋର ଖରାପ ପ୍ରଦର୍ଶନ କରି ନିରାଶ କରିଛି। ବୋଲିଂରେ ୟୁଜବେନ୍ଦ୍ର ଚହଲ ବାଙ୍ଗାଲୋରର ସବୁଠାରୁ ସଫଳ ବୋଲର ସାବ୍ୟସ୍ତ ହୋଇଛନ୍ତି। ଏପର୍ଯ୍ୟନ୍ତ ସେ ୯ଟି ଉଇକେଟ ହାସଲ କରିଛନ୍ତି। ବାକି ବୋଲରମାନେ ବିପୁଳ ସଂଖ୍ୟାରେ ରନ ବ୍ୟୟ କରିଛନ୍ତି। ଆମ ସୁଯୋଗର ସଦ୍‌ବ୍ୟବହାର କରିପାରିନାହୁଁ। ସବୁ ମ୍ୟାଚ୍‌ରେ ଆମେ ବାହାନ ଦେଖାଇ ଖସି ଯାଇପାରିବୁ ନାହିଁ। ଆଶାନୁରୂପ ପ୍ରଦର୍ଶନ କରିବାରେ ଆମେ ବିଫଳ ହୋଇଛୁ ବୋଲି କୋହଲି ସ୍ୱୀକାର କରିଛନ୍ତି।

ଅପରପକ୍ଷରେ ପଞ୍ଜାବ ଏପର୍ଯ୍ୟନ୍ତ ୭ଟି ମ୍ୟାଚ୍ ଖେଳି ୪ଟିରେ ବିଜୟୀ ହୋଇଥିବା ବେଳେ ୩ଟିରେ ପରାଜୟ ବରଣ କରିଛି। ଘରୋଇ ଗ୍ରାଉଣ୍ଡରେ ପଞ୍ଜାବ ପ୍ରଭାବ ବିସ୍ତାର କରି ଖେଳିଛି ଓ ଏହାକୁ ବଜାୟ ରଖିଛି। ତେବେ ଗତ ମ୍ୟାଚ୍‌ରେ ପଞ୍ଜାବ ୧୯୭ ରନ ସଂଗ୍ରହ କରିଥିଲେ ମଧ୍ୟ କିରନ ପୋଲାର୍ଡଙ୍କ ଧୂଆଁଧାର ବ୍ୟାଟିଂ (୩୧ ବଲରୁ ୮୩ ରନ) ବଳରେ ମୁମ୍ବାଇ ଇଣ୍ଡିଆନ୍ସଠାରୁ ପରାସ୍ତ ହୋଇଥିଲା। ପଞ୍ଜାବର ଲୋକେଶ ରାହୁଲ ଓ ବିସ୍ଫୋରକ କ୍ରିସ୍ ଗେଲ ଭଲ ବ୍ୟାଟିଂ ପ୍ରଦର୍ଶନ କରି ଫର୍ମକୁ ଫେରିଛନ୍ତି। ପଞ୍ଜାବ ଦଳରେ ଡେଭିଡ ମିଲରଙ୍କ ଭଳି ବ୍ୟାଟ୍ସମ୍ୟାନ ମଧ୍ୟ ରହିଛନ୍ତି। ସ୍ପିନ୍‌ରେ ଅଧିନାୟକ ରବିଚନ୍ଦ୍ରନ ଅଶ୍ୱିନ ଓ ମହମ୍ମଦ ସାମି ବେଶ୍ ଉଚ୍ଚକୋଟୀର ପ୍ରଦର୍ଶନ କରିଛନ୍ତି। ଆଉ ଏକ ଦମ୍‌ଦାର ପ୍ରଦର୍ଶନ ପାଇଁ ପଞ୍ଜାବ ପ୍ରସ୍ତୁତ ରହିଛି। ଦଳରେ ଅଙ୍କିତ୍ ରାଜପୁତ, ସାମ କୁରାନ, ହାର୍ଡୁସ ଭିଲଜୋଏନ, ମୁଜିବ୍ ଉର ରହମାନ, ଆଣ୍ଡ୍ରୁ ଟାଏଙ୍କ ଭଳି ଖେଳାଳି ରହିଛନ୍ତି।

“ଆଇପିଏଲ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରର ବିପର୍ଯ୍ୟୟ ବିଶ୍ୱକପ୍‌ରେ ବିରାଟ କୋହଲିଙ୍କ ପ୍ରଦର୍ଶନରେ ପ୍ରଭାବ ପକାଇବ ନାହିଁ ।
–ବ୍ରାଡ୍ ହଗ୍, ପୂର୍ବତନ ଅଷ୍ଟ୍ରେଲୀୟ ସ୍ପିନର



“କିମ୍ବଦନ୍ତୀ ଫର୍ମୁଲାଓ୍ୱାନ ଡ୍ରାଇଭର ମାଇକେଲ ସୁମାକରଙ୍କ ନିକଟରେ ଯେଉଁ ପ୍ରତିଭା ଥିଲା, ତାହାର ଛାପ ପୁତ୍ର ମିକ୍‌ଙ୍କ ଠାରେ ରହିଛି ।
–ମାଟିଆ ବିନୋଟୋ, ଫେରାରି ଟିମ୍ ପ୍ରିନ୍ସିପାଲ



## ସଂକ୍ଷେପରେ

### ଚିନାପ୍ପା ସେମିରେ

ମାକାଉ, ୧୨।୪ (ପି.ଟି.): ଭାରତର ତଥା ତୃତୀୟ ସିଡ୍ ଜ୍ୟୋତ୍ସ୍ନା ଚିନାପ୍ପା ଏଠାରେ ଚାଲିଥିବା ମାକାଉ ଓପନ ସ୍କ୍ୱାଶ ଚାମ୍ପିୟନଶିପ୍‌ର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ସେ ୫ମ ସିଡ ଇଜିପ୍ଟର ମାୟାର ହାନିଙ୍କୁ ୧୧-୮, ୧୧-୨, ୧୧-୯ରେ ହରାଇ ଦେଇଛନ୍ତି। ତେବେ ପୁରୁଷ ଦ୍ୱିତୀୟ ସିଡ୍ ସୌରଭ ଘୋଷାଲ ୬ଷ୍ଠ ସିଡ୍ ତଥା ସ୍କଟଲାଣ୍ଡର ଗ୍ରେଗ୍ ଲୋବାନୋଙ୍କ ନିକଟରୁ ୬-୧୧, ୧୧-୮, ୧୧-୫ ୧୧-୮ରେ ତାଙ୍କ ମ୍ୟାଚ ହାରିଯାଇଛନ୍ତି। ଘୋଷାଲ ଏହାପୂର୍ବରୁ ଦ୍ୱିତୀୟ ରାଉଣ୍ଡରେ ନିଜ ଦେଶର ମହେଶ ମନଗାଁକାରଙ୍କ ବିପକ୍ଷ ମ୍ୟାଚକୁ ୯-୧୧, ୧୧-୭, ୧୦-୧୧, ୧୧-୨, ୧୧-୨ରେ ଜିତିନେଇଥିଲେ। ଅନ୍ୟପକ୍ଷରେ ଜ୍ୟୋତ୍ସ୍ନା ପ୍ରଥମ ରାଉଣ୍ଡରେ ବାଇ ପାଇବା ପରେ ଦ୍ୱିତୀୟ ରାଉଣ୍ଡରେ ନ୍ୟୁଜିଲାଣ୍ଡର ଆମାଣ୍ଡା ଲାଣ୍ଡର୍ସ-ମର୍ଫିଙ୍କ ବିପକ୍ଷରେ ୧୧-୫, ୧୧-୮, ୧୧-୯ରେ ସହଜସାଧ ବିଜୟ ହାସଲ କରିଥିଲେ।

### ‘ଆର୍‌ସିବି ଯୋଗୁ କୋହଲିଙ୍କ ବିଶ୍ୱକପ୍ ପ୍ରଦର୍ଶନ ପ୍ରଭାବିତ ହେବ ନାହିଁ’

ନୂଆଦିଲ୍ଲୀ,୧୨।୪(ପିଟି): ଚଳିତ ଆଇପିଏଲରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ୬ଟି ମ୍ୟାଚ୍ ଖେଳି ବିଜୟ ହାସଲ କରିପାରି ନାହିଁ। ଆଇପିଏଲରେ ଆର୍‌ସିବିର ଖରାପ ପ୍ରଦର୍ଶନ କୌଣସି ପ୍ରକାରେ ବିରାଟ କୋହଲିଙ୍କୁ ପ୍ରଭାବିତ କରିପାରିବ ନାହିଁ ବୋଲି ପୂର୍ବତନ ଅଷ୍ଟ୍ରେଲିଆନ ସ୍ପିନର ବ୍ରାଡ୍ ହଗ୍ କହିଛନ୍ତି। ଜଣେ ଖେଳାଳି ଭାବେ କୋହଲି ନିଜ ପ୍ରଦର୍ଶନକୁ ଗୁରୁତ୍ୱ ଦିଅନ୍ତି। ସେ ସଫଳ ହେବାକୁ ଚାହାନ୍ତି। କୋହଲିଙ୍କ ଆଇପିଏଲ ପ୍ରଦର୍ଶନ ନେଇ ଚିନ୍ତିତ ନ ହେବାକୁ ହଗ ଟୁଇଟରରେ ପୋଷ୍ଟ କରିଥିବା ଏକ ଭିଡିଓ ଶେୟାର କରିଛନ୍ତି। ଆରସିବି ପ୍ରଦର୍ଶନକୁ ନେଇ ହଗ ଆଶ୍ଚର୍ଯ୍ୟ ନୁହନ୍ତି। କାରଣ ଦଳ ସମ୍ପୂର୍ଣ୍ଣ ରୂପେ କୋହଲି ଓ ଏବି ଡି’ ଭିଲର୍ସଙ୍କ ଉପରେ ନିର୍ଭରଶୀଳ। ଏପର୍ଯ୍ୟନ୍ତ ଦଳର ମଧକ୍ରମ ଛିଡ଼ା ହୋଇପାରି ନାହିଁ। ଏଥିସହିତ ସେମାନଙ୍କ ନିକଟରେ ଡେଥ୍ ଓଭର ସ୍ପେଶାଲିଷ୍ଟ ବୋଲରଙ୍କ ଅଭାବ ରହିଛି। ସେମାନେ ଯୋଜନାକୁ କାର୍ଯ୍ୟକାରୀ କରିପାରୁନାହାନ୍ତି। କୋହଲିଙ୍କ ନିକଟରେ ଠିକ୍ ପ୍ଲାନ୍ ନାହିଁ ବୋଲି ୪୮ ବର୍ଷୀୟ ପ୍ରକାଶ କରିଛନ୍ତି। ଆର୍‌ସିବି ଶନିବାର କିଙ୍ଗ୍ସ ଏକାଦଶ ପଞ୍ଜାବକୁ ଭେଟିବାକୁ ଯାଉଛି।

### ମେ ୭ ସୁଦ୍ଧା କୋଚ୍ ନିଯୁକ୍ତ କରିବ ଏଆଇଏଫ୍‌ଏଫ୍

ନୂଆଦିଲ୍ଲୀ, ୧୨।୪: ଆସନ୍ତା ମେ ୭ ତାରିଖ ସୁଦ୍ଧା ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ଭାରତୀୟ ସିନିୟର ଫୁଟବଲ ଦଳର ନୂଆ କୋଚ୍ ନିଯୁକ୍ତ କରିବାକୁ ଲକ୍ଷ୍ୟ ରଖିଛି। ଏଏଫ୍‌ସି ଏସିଆନ୍ କପ୍‌ରୁ ଭାରତ ବାଦ୍ ପଡିବା ପରେ କୋଚ୍ ପଦରୁ ଷ୍ଟିଫେନ କନ୍‌ଷ୍ଟାଣ୍ଟିନ୍ ଇସ୍ତଫା ଦେଇଥିଲେ। ଆସନ୍ତା ସୋମବାର ଏଆଇଏଫ୍‌ଏଫ୍ ଟେକ୍‌ନିକାଲ କମିଟିର ବୈଠକ ବସିବ। ଏଥିରେ ଏ ନେଇ ବିସ୍ତୃତ ଭାବେ ଆଲୋଚନ କରାଯିବ ଓ ସଂକ୍ଷିପ୍ତ ତାଲିକା ପ୍ରସ୍ତୁତ କରାଯିବ। ଆବେଦନର ଅନ୍ତିମ ତାରିଖ ମାର୍ଚ୍ଚ ୨୯ ସୁଦ୍ଧା କୋଚ୍ ପାଦ ପାଇଁ ୨୫୦ଟି ଆବେଦନ ପତ୍ର ମିଳିଛି। ଏଥିମଧରୁ ୩୯ଟି ଆବେଦନ ପତ୍ରକୁ ବିଚାର ପାଇଁ ମନୋନୀତ କରାଯାଇଛି। ନିର୍ଦ୍ଧାରିତ ତାରିଖ ସୁଦ୍ଧା କୋଚ୍ ନିଯୁକ୍ତି ସଂକ୍ରାନ୍ତରେ ଆମେ ଅନ୍ତିମ ନିଷ୍ପତ୍ତି ନେବୁ ବୋଲି ଏଆଇଏଫ୍‌ଏଫ୍ ସାଧାରଣ ସମ୍ପାଦକ କୁଶାଲ ଦାସ କହିଛନ୍ତି। ଫାଇନାଲ ଶର୍ଟ ଲିଷ୍ଟରେ ଦୁଇଟି ନାମ ସ୍ଥାନ ପାଇବା ଆଶା କରାଯାଉଛି। ସେମାନେ ହେଲେ ପୂର୍ବତନ ବେଙ୍ଗାଲୁରୁ ଏଫ୍‌ସି କୋଚ୍ ଅଲବର୍ଟ ରୋକା ଓ ହାଇପ୍ରୋଫାଇଲ ସ୍ୱିଡେନ ମ୍ୟାନେଜର ଏସଭେନ- ଗୋରାନ ଏରିକ୍‌ସନ।

# ସୁପର କପ୍ ଫୁଟବଲ ଫାଇନାଲ ଆଜି
# ଗୋଆ ବନାମ ଚେନ୍ନାଇନ୍

ଭୁବନେଶ୍ୱର, ୧୨।୪(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ଶନିବାର ଅନୁଷ୍ଠିତ ହେବ। ଟାଇଟଲ ମୁକାବିଲାରେ ପରସ୍ପରର ସମ୍ମୁଖୀନ ହେବେ ଏଫସି ଗୋଆ ଓ ଚେନ୍ନାଇନ୍ ଏଫସି। ଗତ ଇଣ୍ଡିଆନ ସୁପର ଲିଗ୍ (ଆଇଏସଏଲ)ରେ ଖରାପ ପ୍ରଦର୍ଶନ ପାଇଁ ଚେନ୍ନାଇନ୍ ଏଫସିକୁ ଯୋଗ୍ୟତା ପର୍ଯ୍ୟାୟ ଦେଇ ଆସିବାକୁ ପଡ଼ିଥିଲା। ତେବେ ଯୋଗ୍ୟତା ପର୍ଯ୍ୟାୟରେ ଆଇଜଲ ଏଫସି ଅନୁପସ୍ଥିତ ରହିବାରୁ ଦଳ ୱାକ୍‌ଓଭର ସହିତ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ସେଠାରେ ଦଳ ମୁମ୍ବାଇ ସିଟିକୁ ୨-୦ ଗୋଲରେ ହରାଇ କ୍ୱାର୍ଟର ଫାଇନାଲରେ ପହଞ୍ଚିଥିଲା। ଏହି ପର୍ଯ୍ୟାୟରେ ଦଳ ନର୍ଥ ଇଷ୍ଟ ୟୁନାଇଟେଡକୁ ୨-୧ ଗୋଲରେ ହରାଇବାପରେ ସେମିଫାଇନାଲରେ ଆଟଲେଟିକୋ ଡି କୋଲକାତା(ଏଟିକେ)କୁ ୨-୦ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ସେହିପରି ଆଇଏସଏଲ ରନର୍ସଅପ୍ ହୋଇଥିବାରୁ ଏଫସି ଗୋଆ ଏଠାରେ ଯୋଗ୍ୟତା ପର୍ଯ୍ୟାୟ ନ ଖେଳି ସିଧାସଳଖ ପ୍ରି-କ୍ୱାର୍ଟର ଫାଇନାଲ ଯୋଗ୍ୟତା ପାଇଥିଲା। ରାଉଣ୍ଡ ଅଫ୍-୧୬ରେ ଦଳ ଇଣ୍ଡିଆନ ଆରୋଜକୁ ୩-୦ ଗୋଲରେ ହରାଇଥିବାବେଳେ କ୍ୱାର୍ଟର ଫାଇନାଲରେ ଜାମସେଦପୁର ଏଫସିକୁ ୪-୩ ଏବଂ ସେମିଫାଇନାଲରେ ଆଇ-ଲିଗ୍ ଚାମ୍ପିୟନ ଚେନ୍ନାଇ ସିଟିକୁ ୩-୦ ଗୋଲରେ ପରାସ୍ତ କରି ଟାଇଟଲ ମୁକାବିଲାରେ ଅବତୀର୍ଣ୍ଣ ହୋଇଥିଲା। ପ୍ରଦର୍ଶନ ଦୃଷ୍ଟିରୁ ଉଭୟ ଦଳ ଫର୍ମରେ ଥିବାରୁ ପ୍ରତିଦ୍ୱନ୍ଦ୍ୱିତା ରୋମାଞ୍ଚକ ହେବା ଆଶା ରହିଛି।

ଗତ ଇଣ୍ଡିଆନ ସୁପର ଲିଗ୍ ସିଜନରେ ଚମତ୍କାର ପ୍ରଦର୍ଶନ କରିଥିବା ଏଫସି ଗୋଆ ଫାଇନାଲରେ ଅତିରିକ୍ତ ସମୟରେ ବେଙ୍ଗାଲୁରୁ ଏଫସି ନିକଟରୁ ଏକମାତ୍ର ଗୋଲରେ ହାରି ଅଳ୍ପକେ ଟାଇଟଲ ହାସଲରୁ ବଞ୍ଚିତ ହୋଇଥିଲା। ତେଣୁ ସର୍ଗିଓ ଲୋବେରାଙ୍କ ପ୍ରଶିକ୍ଷଣପ୍ରାପ୍ତ ଦଳ ଏଠାରେ ଟାଇଟଲ ଜିତି ପୂର୍ବ ଦୁଃଖ ଭୁଲିଯିବା ଲକ୍ଷ୍ୟରେ ରହିଛି। ଅନ୍ୟପକ୍ଷରେ ୨୦୧୭-୧୮ ଆଇଏସଏଲ ଚାମ୍ପିୟନ ଚେନ୍ନଇନ୍ ଏଫସି ପାଇଁ ୨୦୧୮-୧୯ ସଂସ୍କରଣ ଦୁଃସ୍ୱପ୍ନ ସଦୃଶ ହୋଇଥିଲା। ଜନ ଗ୍ରେଗୋରିଙ୍କ ଦଳ ୧୦ ଦଳ ବିଶିଷ୍ଟ ମୁକାବିଲାରେ ପଏଣ୍ଟ ଟେବୁଲର ସର୍ବନିମ୍ନ ସ୍ଥାନରେ ରହି ପ୍ରତିଯୋଗିତା ଶେଷ କରିଥିଲା। ଦଳ ୧୮ ମ୍ୟାଚରୁ ମାତ୍ର ୨ଟିରେ ବିଜୟୀ ହେବାରେ ସକ୍ଷମ ହୋଇଥିଲା। ସେହି ତୁଳନାରେ ଦେଖିବାକୁ ଗଲେ ଏହି ଦଳ ୧୩ଟି ମ୍ୟାଚରେ ପରାଜିତ ହୋଇଥିଲା। ମାତ୍ର ଏଠାରେ ପୁନର୍ଗଠିତ ହୋଇ ଦଳ ସତେଜ ମନରେ ଏପର୍ଯ୍ୟନ୍ତ ଆକର୍ଷଣୀୟ ପ୍ରଦର୍ଶନ କରିବାରେ ସକ୍ଷମ ହୋଇଛି। କୌଣସି ଟୁର୍ନାମେଣ୍ଟର ଫାଇନାଲରେ ପରସ୍ପରକୁ ଭେଟିବା ଚେନ୍ନାଇନ-ଗୋଆ ପାଇଁ ଏହା ନୂଆ ନୁହେଁ। ୨୦୧୫ ଆଇଏସ୍‌ଏଲ ଫାଇନାଲରେ ଦୁହେଁ ମୁହାଁମୁହିଁ ହୋଇଥିଲେ। ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚରେ କିନ୍ତୁ ଚେନ୍ନାଇନ୍ ୩-୨ ଗୋଲରେ ବିଜୟ ହାସଲ କରିଥିଲା। ଏବେ ଏହି ପରାଜୟର ମଧୁର ପ୍ରତିଶୋଧ ନେବାପାଇଁ ଗୋଆ ନିକଟରେ ସୁଯୋଗ ପହଞ୍ଚିଛି।

ଗୋଆ ସୁପର କପ୍‌ରେ ଏପର୍ଯ୍ୟନ୍ତ ୩ ମ୍ୟାଚରୁ ୧୦ ଗୋଲ ସ୍କୋର କରି ସାରିଛି। ସସପେଣ୍ଡ ଥିବାରୁ ଇଡୁ ବେଡିଆଙ୍କ ପରି ତାରକା ଖେଳାଳିଙ୍କ ବିନା ଗୋଆ ସେମିଫାଇନାଲରେ ୨୦୧୮-୧୯ ଆଇ-ଲିଗ୍ ଚାମ୍ପିୟନ ଚେନ୍ନାଇ ସିଟିର ସଫଳ ମୁକାବିଲା କରିଥିଲା। ଏବେ ବେଡିଆ ଦଳକୁ ଫେରିଥିବାରୁ ଗୋଆ ଅଧିକ ଶକ୍ତିଶାଳୀ ଦଳଭାବେ ଫାଇନାଲରେ ପଡ଼ିଆକୁ ଓହ୍ଲାଇବାକୁ ପ୍ରସ୍ତୁତ। ଫେରାନ କୋରୋମିନାସ, ବ୍ରେଣ୍ଡନ ଫର୍ନାଣ୍ଡିଜ୍ ଓ ବେଡିଆଙ୍କୁ ନେଇ ଗୋଆ ଫରୱାର୍ଡ ଲାଇନ୍ ବେଶ୍ ଶାଣିତ। ପ୍ରଦର୍ଶନକୁ ନେଇ ସମ୍ପ୍ରତି ଚର୍ଚ୍ଚାରେ ରହିଥିବା ଯୁବ ଲେଫ୍ଟ-ବ୍ୟାକ୍ ସାଭିଅର ଗାମା ଶନିବାର ମ୍ୟାଚରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ପ୍ରତିଶ୍ରୁତିବଦ୍ଧ। ଜାମସେଦପୁର ଏଫସି ବିପକ୍ଷ କ୍ୱାର୍ଟର ଫାଇନାଲରେ ମୌର୍ତାଦା ଫଲ୍ ଏବଂ କାର୍ଲୋସ ପେନାଙ୍କ ପ୍ରଦର୍ଶନକୁ ନେଇ ପ୍ରଶ୍ନ ଉଠିଥିଲା, ମାତ୍ର ଚେନ୍ନାଇ ସିଟି ବିପକ୍ଷ ସେମିଫାଇନାଲରେ ଏହି ସେଣ୍ଟର ବ୍ୟାକ୍ ଦ୍ୱୟ ଦୃଢ଼ ପ୍ରଦର୍ଶନ କରି କୋଚ୍‌ଙ୍କ ମନ ଜିତିଥିଲେ। ଗତ ଆଇଏସଏଲ ସିଜନରେ ଚେନ୍ନାଇନ୍ ବିପକ୍ଷରେ ଡବଲ ବିଜୟ ମଧ ଗୋଆକୁ ଡ୍ରାଇଭର ଶିଟ୍‌ରେ ବସାଇଛି। ଚେନ୍ନାଇ ମ୍ୟାଚରେ ଗୋଆ ୩-୧ ଓ ଘରୋଇ ପରିବେଶରେ ୧-୦ ଗୋଲରେ ଚେନ୍ନାଇନ୍ ଏଫସିକୁ ପରାସ୍ତ କରିଥିଲା।

ଅନ୍ୟପକ୍ଷରେ ଅତୀତ ପ୍ରଦର୍ଶନକୁ ନେଇ ଚିନ୍ତିତ ନୁହେଁ ଚେନ୍ନାଇନ୍। ଏଏଫସି କପ୍ ଓ ସୁପର କପ୍‌ର ଶେଷ ୬ଟି ମ୍ୟାଚରେ ଅପରାଜେୟ ରହିଥିବାରୁ ଦଳ ଠିକ୍ ପଥରେ ଆଗଉଥିବାର ସୂଚନା ଦେଇଛି। ଦଳ ଏପର୍ଯ୍ୟନ୍ତ ମାତ୍ର ଗୋଟିଏ ଗୋଲବରଣ କରିବା ମଧ ପ୍ରତିପକ୍ଷ ଦଳପାଇଁ ସତର୍କ ଘଣ୍ଟି ସଦୃଶ ହୋଇଛି। ମାଲିସନ ଆଲଭେସ ଓ ଏଡି ସାବିଆଙ୍କୁ ନେଇ ଚେନ୍ନାଇନ୍ ଡିଫେନ୍ସ ବିଭାଗ ବେଶ୍ ଦୃଢ଼। ଆହତ ସମସ୍ୟା ଯୋଗୁ ପୂରା ଆଇଏସଏଲ ସିଜନରେ ଖେଳିପାରି ନ ଥିବା ଧନପାଲ ଗଣେଶଙ୍କ ପ୍ରତ୍ୟାବର୍ତ୍ତନ ଦଳ ପାଇଁ ଶୁଭ ସାବ୍ୟସ୍ତ ହୋଇଛି। ଭାରତର ଅନ୍ୟତମ ଶ୍ରେଷ୍ଠ ମିଡ୍‌ଫିଲ୍ଡର ଭାବେ ପରିଚିତ ଧନପାଲ ୨୦୧୭-୧୮ ସିଜନରେ ଚେନ୍ନାଇନ୍‌କୁ ଆଇଏସଏଲ ଚାମ୍ପିୟନ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଧନପାଲଙ୍କ ଉପସ୍ଥିତିରେ ରାଫାଲ ଅଗଷ୍ଟୋ ଓ ଅନିରୁଦ୍ଧ ଥାପା ପ୍ରତିପକ୍ଷ ହାଫ୍‌ରେ ଅଧିକ ସ୍ୱାଧୀନ ଭାବେ ଖେଳି ପାରୁଛନ୍ତି। ବିଶେଷ କରି ୨୧ ବର୍ଷୀୟ ଯୁବ ଖେଳାଳି ଥାପା ଏଥିରୁ ବେଶି ଫାଇଦା ନେଇଛନ୍ତି ଏବଂ କ୍ୱାର୍ଟର ଫାଇନାଲ ଏବଂ ସେମିଫାଇନାଲରେ ହିରୋ ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଫାଇନାଲ ପଥରେ ନର୍ଥଇଷ୍ଟ ୟୁନାଇଟେଡ ଓ ଏଟିକେ ପରି ଦଳକୁ ହରାଇଥିବାରୁ ଚେନ୍ନାଇନ୍‌କୁ କୌଣସି ପରିସ୍ଥିତିରେ ହାଲ୍‌କା ମଣୁନାହିଁ ଗୋଆ। ଚେନ୍ନାଇନର ଥାପା ଓ ଗୋଆ ଡିଫେଣ୍ଡର ଲେରି ରୋଡ୍ରିଗ୍ରେଜ ଫାଇନାଲରେ ନିର୍ଣ୍ଣାୟକ ଭୂମିକା ନେବା ଆଶା କରାଯାଉଛି।





## ଅଭିଷେକ ବଚନ ମୁଖ୍ୟ ଆକର୍ଷଣ



ଏଫସି ଗୋଆ ଓ ଚେନ୍ନାଇନ୍ ଏଫସି ସୁପର କପ୍ ଫୁଟବଲ ଫାଇନାଲ ଅବସରରେ କଳିଙ୍ଗ ଷ୍ଟାଡିୟମରେ ଉପସ୍ଥିତ ରହିବେ ବଲିଉଡ ଅଭିନେତା ଅଭିଷେକ ବଚନ। ମିଳିଥିବା ସୂଚନା ଅନୁସାରେ ଅଭିଷେକ ପୂରା ମ୍ୟାଚରେ ଉପସ୍ଥିତ ରହି ଚେନ୍ନାଇନ୍ ଏଫସିକୁ ଉତ୍ସାହିତ କରିବେ। ଗତ ଆଇଏସଏଲ ସିଜନରେ ଲଜ୍ଜା ଜନକ ପ୍ରଦର୍ଶନ ପରେ ଚେନ୍ନାଇନ୍ ଏଫସି ଏଏଫସି କପ୍ ଏବଂ ସୁପର କପ୍‌ରେ ଆକର୍ଷଣୀୟ ପ୍ରଦର୍ଶନ କରିଛି। ଦଳ ଫାଇନାଲରେ ପହଞ୍ଚିଥିବାରୁ ଖେଳାଳିଙ୍କୁ ଉତ୍ସାହିତ କରିବାକୁ ଉଚିତ ମଣିଛନ୍ତି ଅଭିଷେକ। ସେ ହେଉଛନ୍ତି ଚେନ୍ନାଇନ୍ ଏଫସିର ସହ ମାଲିକ। ଅନେକ ମ୍ୟାଚରେ ସେ ବିଭିନ୍ନ ଷ୍ଟାଡିୟମରେ ଉପସ୍ଥିତ ରହି ଚେନ୍ନାଇନ୍ ଖେଳାଳିମାନଙ୍କୁ ଉତ୍ସାହିତ କରିଥାନ୍ତି। ଏବେ ସେ ପ୍ରଥମଥର ପାଇଁ କଳିଙ୍ଗ ଷ୍ଟାଡିୟମ ଆସିବା ସ୍ପଷ୍ଟ ହୋଇଛି। ତେଣୁ ଓଡ଼ିଶା ଫୁଟବଲ ପ୍ରେମୀମାନେ ଫାଇନାଲ ଦେଖିବାର ମଜା ନେବା ସହ ସେମାନଙ୍କ ପ୍ରିୟ ଅଭିନେତା ଅଭିଷେକଙ୍କୁ ନିକଟରୁ ଦେଖିବାର ସୁଯୋଗ ପାଇବେ।

## ଫାଇନାଲ ପଥରେ

**ଚେନ୍ନାଇନ୍ ଏଫସି**

ଆଇଜଲ ଏଫସି: ୱାକଓଭର
ମୁମ୍ବାଇ ସିଟି: ୨-୦
ନର୍ଥଇଷ୍ଟ ୟୁନାଇଟେଡ: ୨-୧
ଆଟଲେଟିକୋ ଡି କୋଲକାତା: ୨-୦

**ଏଫସି ଗୋଆ**

ଇଣ୍ଡିଆନ ଆରୋଜ: ୩-୦
ଜାମସେଦପୁର ଏଫସି: ୪-୩
ଚେନ୍ନାଇ ସିଟି: ୩-୦

# ଗୋଆ ଫେଭରାଇଟ: ଗ୍ରେଗୋରି

ଭୁବନେଶ୍ୱର, ୧୨।୪(କ୍ରୀଡ଼ା ପ୍ରତିନିଧି)



ଶୁକ୍ରବାର ଖବରଦାତା ସମ୍ମିଳନୀରେ ସର୍ଗିଓ ଲୋବେରା (ବାମରୁ ଦ୍ୱିତୀୟ) ଓ ଜନ୍ ଗ୍ରେଗୋରି (ତୃତୀୟ)।

ସୁପର କପ୍ ଫୁଟବଲ ଫାଇନାଲ ପୂର୍ବରୁ ନିଜ ନିଜ ଦଳର ଭଲ ପ୍ରଦର୍ଶନ ନେଇ ବେଶ୍ ଆଶାବାଦୀ ଚେନ୍ନାଇନ୍ ଏଫସି କୋଚ୍ ଜନ ଗ୍ରେଗୋରି ଏବଂ ଏଫସି ଗୋଆ କୋଚ୍ ସର୍ଗିଓ ଲୋବେରା। ତେବେ ଫାଇନାଲ ପାଇଁ ଗୋଆ ଫେଭରାଇଟ ବୋଲି ଗ୍ରେଗୋରି ପ୍ରକାଶ କରିଛନ୍ତି। ଅନପକ୍ଷରେ ଚେନ୍ନାଇନ୍ ଏକ କଷ୍ଟସାଧ ଦଳ ବୋଲି କହିଛନ୍ତି ଲୋବେରା।

‘‘ଏପର୍ଯ୍ୟନ୍ତ ଆମେ ଯେପରି ପ୍ରଦର୍ଶନ କରି ଆସିଛୁ ତାହା ଦୋହରାଇବା ଆଶାନେଇ ଫାଇନାଲରେ ପଡ଼ିଆକୁ ଓହ୍ଲାଇବୁ। ଭାବାବେଗକୁ ନିୟନ୍ତ୍ରଣରେ ରଖିବା ଗୁରୁତ୍ୱପୂର୍ଣ୍ଣ। ଗତ ଇଣ୍ଡିଆନ ସୁପର ଲିଗ୍‌ରେ ଭଲ ଖେଳି ନ ଥିଲେ ହେଁ ଏଠାରେ ଚେନ୍ନାଇନ୍ ଯେପରି ପ୍ରଦର୍ଶନ କଲା ଫାଇନାଲ ପାଇଁ ହକ୍‌ଦାର। ଅନ୍ୟ ଦଳଗୁଡ଼ିକ ତୁଳନାରେ ଏହି ଦଳ ବହୁତ ଭଲ ଖେଳିଛି। ଫାଇନାଲରେ ଆମେ ଏକ କଷ୍ଟସାଧ ଦଳକୁ ଭେଟିବାକୁ ଯାଉଛୁ’’ ବୋଲି ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଲୋବେରା ପ୍ରକାଶ କରିଛନ୍ତି। ପ୍ରତି ଗେମ୍ ଭିନ୍ନ। ଆମେ ସେମିଫାଇନାଲରେ ଆଇ-ଲିଗ୍ ଚାମ୍ପିୟନ ଚେନ୍ନାଇ ସିଟିକୁ ହରାଇଥିଲେ ହେଁ ଫାଇନାଲରେ ତା’ର କିଛି ମାନେ ରହିବ ନାହିଁ। ଚେନ୍ନାଇନ୍ ବିପକ୍ଷରେ ଆମକୁ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ପଡ଼ିବ। ଚେନ୍ନାଇ ସିଟି ତୁଳନାରେ ଚେନ୍ନାଇନ୍ ଅଧିକ ସମୃଦ୍ଧ ଏବଂ ଆକ୍ରମଣାତ୍ମକ ଦଳ ବୋଲି ସେ କହିଛନ୍ତି। ଗୋଆ ଦଳ ଅତୀତରେ ଆଇଏସଏଲ ଫାଇନାଲରେ ଚେନ୍ନାଇନ୍‌ଠାରୁ ଏବଂ ୨୦୧୮-୧୯ ଆଇଏସଏଲ ଫାଇନାଲରେ ବେଙ୍ଗାଲୁରୁ ଏଫସିଠାରୁ ପରାସ୍ତ ହୋଇଛି। ତେଣୁ ବଡ଼ ଟୁର୍ନାମେଣ୍ଟରେ ଦଳର ରେକର୍ଡ ଦୁର୍ବଳ ରହିଛି। ଏହାର ଉତ୍ତରରେ ଲୋବେରା କହିଲେ ଯେ, ଗତ ଆଇଏସଏଲ ଫାଇନାଲରେ ଆମେ ଅପେକ୍ଷାକୃତ ବହୁତ ଭଲ ଖେଳିଥିଲୁ। ମାତ୍ର ଫଳାଫଳ ଆମ ସପକ୍ଷରେ ଯାଇ ନ ଥିଲା। ଫୁଟବଲରେ ଅନେକ ସମୟରେ ସେପରି ହୋଇଥାଏ। ତେବେ ଆଗାମୀ ଫାଇନାଲରେ ଆମେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ଲୋବେରା ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ ‘‘ଆମେ ଫାଇନାଲରେ ଅଣ୍ଡରଡଗ୍ ଭାବେ ଖେଳିବା ଆରମ୍ଭ କରିବୁ। ଗୋଆ ଫେଭରାଇଟ ବୋଲି ମୋର ଅନୁଭବ ହେଉଛି। ଫାଇନାଲରେ ପହଞ୍ଚିବା ପାଇଁ ଆମେ କଠିନ ପରିଶ୍ରମ କରିଛୁ। ଗତ ଆଇଏସଏଲର ସେମିଫାଇନାଲରେ ପ୍ରବେଶ କରିଥିବା ୨ଟି ଦଳକୁ ଆମେ ଫାଇନାଲ ପଥରେ ପରାସ୍ତ କରିଛୁ। ଫାଇନାଲ ଆମ ପାଇଁ କଡ଼ା ପରୀକ୍ଷା ସଦୃଶ। ଏବେ ବିଜୟ ହାସଲ କରିବା କେବଳ ଗୋଟିଏ ଚିନ୍ତା’’ ବୋଲି ଗ୍ରେଗୋରି କହିଛନ୍ତି। ସୁପର କପ୍‌କୁ ଗୋଆ ଗମ୍ଭୀରତାର ସହ ନେଉଛି। ଗୋଆର ଶକ୍ତି ସମ୍ପର୍କରେ ଆମେ ସମସ୍ତେ ଅବଗତ। ଇଡୁ ବେଡିଆଙ୍କ ଅନୁପସ୍ଥିତି ସତ୍ତ୍ୱେ ଏହି ଦଳ ଚେନ୍ନାଇ ସିଟିକୁ ପରାସ୍ତ କରିଛି। ତେବେ ବେଡିଆ ଦଳକୁ ଆସିଲେ ଗୋଆ କାହାକୁ ବାହାର କରୁଛି ତାହା ଦେଖିବାକୁ ଆମେ ଆଗ୍ରହର ସହ ଅପେକ୍ଷା କରିଛୁ। ଗତ ସିଜନସାରା ଗୋଆର ପ୍ରଦର୍ଶନ ଦେଖିବାପରି ହୋଇଛି। ମୁଁ ଏହି ଦଳର ସବୁ ଖେଳକୁ ଦେଖିଛି ଏବଂ ଉପଭୋଗ କରିଛି। ଲୋବେରା ନିଜ କାର୍ଯ୍ୟକୁ ଠିକ୍‌ଭାବେ ତୁଲାଇଛନ୍ତି। ତେଣୁ ଆମେ ଏକ କଷ୍ଟସାଧ ମ୍ୟାଚ ଅପେକ୍ଷାରେ ରହିଛୁ ବୋଲି ଗ୍ରେଗୋରି କହିଛନ୍ତି। ସସପେଣ୍ଡ ହୋଇଥିବାରୁ ଚେନ୍ନାଇନ୍‌ର କ୍ରିଷ୍ଟୋଫର ହେର୍ଡ ଫାଇନାଲରେ ଉପଲବ୍ଧ ହେବେନାହିଁ। ହେର୍ଡ ଓ ଧନପାଲ ଗଣେଶ ଆଟଲେଟିକୋ ଡି କୋଲକାତା ବିପକ୍ଷ ସେମିଫାଇନାଲରେ ଚମତ୍କାର ଖେଳିଥିଲେ। ତେଣୁ କ୍ରିସଙ୍କ ଅନୁପସ୍ଥିତି ନିଶ୍ଚିତ ଅନୁଭବ ହେବ, ତେବେ ଆମେ ଶ୍ରେଷ୍ଠ କମ୍ବିନେଶନ ସହ ପଡ଼ିଆକୁ ଓହ୍ଲାଇବୁ ବୋଲି ସେ ପ୍ରକାଶ କରିଛନ୍ତି। ଫେରାନ କୋରୋମିନାସ ପ୍ରତିପକ୍ଷ ଦଳର ବିପଜ୍ଜନକ ଖେଳାଳି। ସେ ପୂରା ସିଜନରେ ଗୋଲସ୍କୋରିଂ ଜାରି ରଖିଛନ୍ତି। ତାଙ୍କ ଉପରେ ଆମ ନଜର ନିଶ୍ଚିତ ରହିବ। ତେବେ ମୋମେଣ୍ଟମ ଦେଇ ଗତି କରୁଥିବାରୁ ଆଗାମୀ ମ୍ୟାଚକୁ ଜିତିବା କ୍ଷମତା ଆମ ନିକଟରେ ରହିଛି ବୋଲି ଗ୍ରେଗୋରି କହିଛନ୍ତି।

# ସିନ୍ଧୁ ସେମିରେ: ସାଇନା, ଶ୍ରୀକାନ୍ତ, ସମୀର ବିଦା

ସିଙ୍ଗାପୁର, ୧୨।୪ (ପି.ଟି.)

ପି.ଭି. ସିନ୍ଧୁ ଏଠାରେ ଚାଲିଥିବା ସିଙ୍ଗାପୁର ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଥିବାବେଳେ ସାଇନା ନେହ୍ୱାଲ ତାଙ୍କ କ୍ୱାର୍ଟରଫାଇନାଲ ମ୍ୟାଚ ହାରିଯାଇଛନ୍ତି। ପୁରୁଷ ସିଙ୍ଗଲ୍ସରେ କିଦାମ୍ବି ଶ୍ରୀକାନ୍ତ ଓ ସମୀର ବର୍ମା ଏବଂ ମିକ୍ସଡ ଡବଲ୍ସରେ ପ୍ରଣବ ଜେରି ଚୋପ୍ରା ଓ ଏନ. ସିକ୍କି ରେଡ୍ଡୀ ସେମାନଙ୍କ ମ୍ୟାଚ ହାରିଯାଇଥିବାରୁ ଭାରତର ଏକମାତ୍ର ଖେଳାଳି ଭାବେ ସିନ୍ଧୁ ଏହି ଚାମ୍ପିୟନଶିପ୍‌ରେ ତିଷ୍ଠି ରହିଛନ୍ତି। ରିଓ ଗେମ୍ସ ରୌପ୍ୟ ବିଜୟିନୀ ସିନ୍ଧୁ ଶୁକ୍ରବାର ମ୍ୟାଚରେ ବିଶ୍ୱର ୧୮ ନମ୍ବର ମାନ୍ୟତାପ୍ରାପ୍ତ ତଥା ୨୦୧୭ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଜୁନିୟର ଚାମ୍ପିୟନଶିପ୍ ବ୍ରୋଞ୍ଜ ବିଜୟିନୀ ଚାଇନାର କାଇ ୟାନୟାନଙ୍କୁ ୨୧-୧୩, ୧୭-୨୧, ୨୧-୧୪ରେ ହରାଇ ଦେଇଛନ୍ତି। ସେମିଫାଇନାଲରେ ସେ ପୂର୍ବତନ ବିଶ୍ୱ ଚାମ୍ପିୟନ ନୋଜୋମି ଓକୁହାରାଙ୍କୁ ଭେଟିବେ। ଚଳିତ ସିଜନରେ ସିନ୍ଧୁ ତାଙ୍କ ଦ୍ୱିତୀୟ ସେମିଫାଇନାଲ ଖେଳିବାକୁ ଯାଉଛନ୍ତି। ଗତ ମାସରେ ସେ ଇଣ୍ଡିଆ ଓପନ ସେମିଫାଇନାଲକୁ ଉନ୍ନୀତ ହୋଇଥିଲେ। ଦ୍ୱିତୀୟ ସିଡ୍ ଜାପାନର ଓକୁହାରା ଲଣ୍ଡନ ଅଲିମ୍ପିକ୍ସ ବ୍ରୋଞ୍ଜ ବିଜୟିନୀ ତଥା ୬ଷ୍ଠ ସିଡ୍ ସାଇନାଙ୍କ ବିପକ୍ଷ ମ୍ୟାଚକୁ ୨୧-୮, ୨୧-୧୩ରେ ଜିତିନେଇଥିଲେ। କେଣ୍ଟୋ ମୋମୋଟାଙ୍କ ବିପକ୍ଷ ପୁରୁଷ ସିଙ୍ଗଲ୍ସରେ ଶ୍ରୀକାନ୍ତଙ୍କୁ ସଂଘର୍ଷ କରିବାକୁ ପଡ଼ିଥିଲା। ଜାପାନର ଟପ୍ ସିଡ୍ ଖେଳାଳିଙ୍କ ଠାରୁ ସେ ୧୮-୨୧, ୨୧-୧୯, ୯-୨୧ରେ ପରାଜିତ ହୋଇଯାଇଥିଲେ। ମୋମୋଟାଙ୍କ ବିପକ୍ଷରେ ଏହା ଥିଲା ତାଙ୍କର କ୍ରମାଗତ ୯ମ ପରାଜୟ। ବିଶ୍ୱର ୧୬ ନମ୍ବର ମାନ୍ୟତାପ୍ରାପ୍ତ ସମୀର ବର୍ମା ଲଚୁଆ ପ୍ରଦର୍ଶନ କରିଥିଲେ ମଧ ଦ୍ୱିତୀୟ ସିଡ୍ ତଥା ଚାଇନିଜ ତାଇପେର ଚୋଉ ତିନ୍ ଚେନ୍‌ଙ୍କଠାରୁ ୧୦-୨୧, ୨୧-୧୫, ୧୫-୨୧ରେ ପରାଜିତ ହୋଇଯାଇଥିଲେ। ମିକ୍ସଡ ଡବଲ୍ସରେ ଥାଇଲାଣ୍ଡ ଯୋଡ଼ି ଦେଚାପଲ ପୁଆଭାରାନୁକ୍ରୋଙ୍କଠାରୁ ୧୪-୨୧, ୧୬-୨୧ରେ ପରାସ୍ତ ହୋଇ ଏହି ୱାର୍ଲ୍ଡ ଟୁର୍ ସୁପର ୫୦୦ ଟୁର୍ନାମେଣ୍ଟରୁ ବିଦାୟ ନେଇଥିଲେ।

## ଓଡ଼ିଶାର ଦ୍ୱିତୀୟ ପରାଜୟ

କଟକ ଅଫିସ,୧୨।୪

ପଞ୍ଜାବର ଲୁଧିଆନାସ୍ଥିତ ଗୁରୁନାନକ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ଜାତୀୟ ସିନିୟର ପୁରୁଷ ଫୁଟବଲ ସନ୍ତୋଷ ଟ୍ରଫିର ଫାଇନାଲ ରାଉଣ୍ଡ ମୁକାବିଲାରେ ଓଡ଼ିଶା ୦-୨ ଗୋଲରେ ସର୍ଭିସେସଠାରୁ ପରାସ୍ତ ହୋଇଛି। ଫାଇନାଲ ରାଉଣ୍ଡରେ ଓଡ଼ିଶା ଦଳର ଏହା ଦ୍ୱିତୀୟ ପରାଜୟ। ପ୍ରଥମ ମ୍ୟାଚ୍‌ରେ ଦଳ ୨-୩ ଗୋଲରେ ମେଘାଳୟଠାରୁ ହାରିଥିଲା। ଶୁକ୍ରବାର ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟ ରହିବା ପରେ ଦ୍ୱିତୀୟାର୍ଦ୍ଧର ୭୨ତମ ମିନିଟରେ ମିଳିଥିବା ଏକ ପେନାଲ୍ଟିରୁ ସର୍ଭିସେସ ପ୍ରଥମ ଗୋଲ ଦେଇଥିଲା। ଏନ ସୁରେଶ ମଇତି ଏହି ଗୋଲ ସ୍କୋର କରିଥିଲେ। ପରେ ୮୭ତମ ମିନିଟରେ ହରିକ୍ରିଷ୍ଣା ସର୍ଭିସେସ ନିମନ୍ତେ ଦ୍ୱିତୀୟ ଗୋଲ ଦେଇଥିଲେ। ୧୪ ତାରିଖରେ ଓଡ଼ିଶା ଗୋଆ ବିପକ୍ଷରେ ପରବର୍ତ୍ତୀ ମ୍ୟାଚ୍ ଖେଳିବ।


## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତ ସୁନାକର ପାତ୍ର
ଗଡତୋରିହଁ, ପୁରୀ
ଆବିର୍ଭାବ : ୯.୦୪.୧୯୫୫
ତିରୋଧାନ : ୩.୦୪.୨୦୧୯
ଆପଣଙ୍କ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଓ ଆଶୀର୍ବାଦ ଆମ ପାଇଁ ପଥପ୍ରଦର୍ଶକ ହେଉ । ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ଚିରଶାନ୍ତି ନିମନ୍ତେ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା ।
ଶୋକସନ୍ତପ୍ତ :
ବନ୍ଧୁ, ପରିବାରବର୍ଗ
D-12124

**ପ୍ରଥମ ଶ୍ରାଦ୍ଧ ବାର୍ଷିକ**



✓ ଡାକ୍ତର ଦ୍ରୌପଦୀ ଦେବୀ
ଅବସରପ୍ରାପ୍ତ ପ୍ରଫେସର
ଶ୍ରୀରାମଚନ୍ଦ୍ର ମେଡିକାଲ କଲେଜ, କଟକ
ଆବିର୍ଭାବ - ୧୮-୦୫-୧୯୩୯
ତିରୋଧାନ - ୨୪-୦୩-୨୦୧୮
ଆପଣ ଥିଲେ ଯୋଗଜନ୍ମା ଦେବୀପ୍ରତିମ । ସମସ୍ତଙ୍କୁ ଭଲ ପାଉଥିଲେ, ନିଜର କରିଥିଲେ । ଆପଣଙ୍କ ବିହୁନେ ଆପଣଙ୍କ ପରିବାର, ସ୍ୱପ୍ରତିଷ୍ଠିତ ଦେବୀ ନର୍ସିଂହୋମର ଅଗଣିତ ରୋଗୀ ଆପଣଙ୍କୁ ସଜଳ ନୟନରେ ଝୁରୁଛନ୍ତି । ଆପଣଙ୍କ ଅଧିଷ୍ଠାତ୍ରୀ ଦେବୀ ମା ଚଣ୍ଡୀଙ୍କ କୃପାରୁ ଆପଣ ଶାନ୍ତିରେ ରୁହନ୍ତୁ, ଏଇ ସମସ୍ତଙ୍କ ପ୍ରାର୍ଥନା ।
ଶୋକସନ୍ତପ୍ତ ପରିବାର ବର୍ଗ
ଜୀବନସାଥୀ- ଲଳିତ ମିଶ୍ର,
ପୁତ୍ର- ଡଃ ତୁଷାର ଓ ଡଃ ସାଗର,
ବୋହୂ- ଡଃ ସସ୍ମିତା ଓ ପ୍ର. ସ୍ୱାତୀ,
ଓ ନାତିନାତୁଣୀ ମାନେ ।
D-12112

**ସପ୍ତମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ହଜୁରୀ ଗଦାଧର ଖୁଣ୍ଟିଆ
ତିରୋଧାନ: ତା୦୧।୦୪।୨୦୧୨
ହରଚଣ୍ଡି ସାହି, ପୁରୀ
ଆପଣଙ୍କ ସପ୍ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ଅମର ଆତ୍ମା ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପରିବାରବର୍ଗ, ବନ୍ଧୁପରିଜନ ଏବଂ କେ.କେ ଅଟୋମୋବାଇଲ, ସାନିଓୟାର ଓ ହୋଟେଲ ଗଦାଧର ରିସୋର୍ଟ କର୍ମଚାରୀ ବୃନ୍ଦ। ଧ-୬୩୭୬୩

**ସପ୍ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ**



ସ୍ୱର୍ଗତ ସନ୍ଦୀପ କୁମାର ନନ୍ଦ (ବାପି)
ଘାଟିକିଆ, ଖଣ୍ଡଗିରି, ଭୁବନେଶ୍ୱର
ଆବିର୍ଭାବ: ୨୬।୦୮।୧୯୮୪
ସ୍ୱର୍ଗାରୋହଣ: ୦୧।୦୪।୨୦୧୨
(ପବିତ୍ର ରାମ ନବମୀ)
ବାପିରେ ସ୍ମରଣୀୟ ତିଥିରେ ଆମ ସମସ୍ତଙ୍କୁ ପର କରି କାହିଁ କେତେ ଦୂର ଚାଲିଗଲୁ। ତୋ ଅମର ଆତ୍ମାର ଶାନ୍ତି ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:- ବାପା, ମା’, ଭାଇ ଗୋପୀ, କୁନି ପୁତୁରା, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ।
ଧ-୧୨୧୨୩

ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୪ | Press Regd. No. R.N. 21326/74 Postal Regd. No. BN/42/18-20. | ଭୁବନେଶ୍ୱର, ଶନିବାର, ଏପ୍ରିଲ ୧୩/୨୦୧୯ | Bhubaneswar, Saturday, April 13/ 2019


## ସଂକ୍ଷେପରେ

### ଯୁବକଙ୍କୁ ଭୁଜାଲିରେ ହାଣି ଲୁଟିନେଲେ ଟଙ୍କା

**ବାଲିଚନ୍ଦ୍ରପୁର,୧୨।୪(ଡି.ଏନ୍.ଏ.):** ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଓଲାଶୁଣି ଛକ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଜଣେ ଦୁର୍ବୃତ୍ତ ଲୁଟ୍‌ର ଶକାର ହୋଇଛନ୍ତି। ଦୁର୍ବୃତ୍ତମାନେ ସମ୍ପୃକ୍ତ ଯୁବକଙ୍କୁ ଭୁଜାଲିରେ ହାଣି ତାଙ୍କଠାରୁ ମୋବାଇଲ, ପର୍ସ ଓ ଏୟାରବ୍ୟାଗ୍ ଛାଡାଇ ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଚଲାଇଛି। ପ୍ରକାଶ ଯେ, ଭରତପୁର ଗ୍ରାମପଞ୍ଚାୟତ ଅଧୀନ ପାରିପଲେଇ ଗ୍ରାମର ସମରେନ୍ଦ୍ର ଘଡ଼େଇ(୩୪) ବାଇକ୍‌ରେ ସନ୍ଧ୍ୟା ସମୟରେ କଟକରୁ ଘରକୁ ଫେରୁଥିଲେ। ଓଲାଶୁଣି ଛକ ନିକଟରେ ୩ରୁ ୪ଜଣ ଦୁର୍ବୃତ୍ତ ତାଙ୍କୁ ସାମ୍ନାପଟୁ ଭୁଜାଲିରେ ଆକ୍ରମଣ କରିଥିଲେ। ଫଳରେ ସେଠାରେ ସୋମେନ୍ଦ୍ର ପଡିଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃର୍ତ୍ତମାନେ ତାଙ୍କ ପାଖରେ ଥିବା ମୋବାଇଲ, ପର୍ସ ଓ ଏୟାରବ୍ୟାଗ୍ ଛାଡାଇ ନେଇଥିଲେ। ସ୍ଥାନୀୟ ଅଞ୍ଚଳର କେତେକ ଲୋକେଦେଖି ପାଟି କରିବାରୁ ଦୁବର୍ତ୍ତମାନେ ପଳାଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ସୋମେନ୍ଦ୍ରଙ୍କୁ ଉଦ୍ଧାର କରିଥିଲା।

### ଟ୍ରକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ ଘଟଣା
### ଫେରାର ଟ୍ରକ୍ ଡ୍ରାଇଭର ଗିରଫ

**ଜେନାପୁର,୧୨।୪(ଡି.ଏନ୍.ଏ):** ଜେନାପୁର ଥାନା ଅନ୍ତର୍ଗତ ଚଢେଇଧରା ଢେଙ୍କାନାଳ ରାସ୍ତା ବାରମାଣ ଗ୍ରାମ ନିକଟରେ ସୋମବାର ଟ୍ରକ୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ଫେରାର ଥିବା ଟ୍ରକ୍ ଡ୍ରାଇଭରଙ୍କୁ ଶୁକ୍ରବାର ଜେନାପୁର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଡ୍ରାଇଭର ଜଣଙ୍କ ଢେଙ୍କାନାଳ ଜିଲା ନିହଲପ୍ରସାଦ ଥାନା ଅଧୀନ ମେଥେକା ଗ୍ରାମର ନିଲୁ ସ୍ୱାଇଁ(୪୧) । ପ୍ରକାଶ ଯେ , ଟ୍ରକ୍ ଧକ୍କାରେ ମଧୁପୁରଗଡ଼ ପଞ୍ଚାୟତ ଅନ୍ତର୍ଗତ କୁକଡ଼ାଖାଳି ଗ୍ରାମର ହାଡିବନ୍ଧୁ ମୁଦୁଲି (୪୭)ଙ୍କ ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ପରେ ଟ୍ରକ୍ ଡ୍ରାଇଭର ନିଲୁ ଫେରାର ହୋଇଯାଇଥିଲେ। ଏ ନେଇ ପୋଲିସ ଏକ ମାମଲା (୭୫/୧୯) ରୁଜୁ କରି ତଦନ୍ତ ଚଲାଇଥିଲା। ଶୁକ୍ରବାର ନିଲୁ ଘରକୁ ଫେରୁଥିବା ଖବର ପାଇ ପୋଲିସ ତାଙ୍କୁ ଘରପାଖରୁ ଗିରଫ କରଥିଲା।

■ ସାଧାରଣ ନିର୍ବାଚନ ନେଇ ଜିଲାପ୍ରଶାସନର ଖବରଦାତା ସମ୍ମିଳନୀ

# ସମ୍ବେଦନଶୀଳ ବୁଥ୍‌ରେ ବ୍ୟାପକ ବ୍ୟବସ୍ଥା

**ଯାଜପୁର,୧୨।୪(ଡି.ଏନ୍.ଏ.)**

ଯାଜପୁର ଜିଲାରେ ସାଧାରଣ ନିର୍ବାଚନ ଆଗାମୀ ୨୯ ତାରିଖ ସୋମବାର ଅନୁଷ୍ଠିତ ହେବ। ଏ ନେଇ ଜିଲାପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିବା ଶୁକ୍ରବାର ଖବରଦାତା ସମ୍ମିଳନୀରେ ଜିଲାପାଳ ରଞ୍ଜନ କୁମାର ଦାସ ସୂଚନା ଦେଇଛନ୍ତି। ଚଳିତ ନିର୍ବାଚନରେ ପିଙ୍କ ବୁଥ୍‌ଗୁଡିକର ନାମ ବଦଳାଇ ସଖୀବୁଥ୍ କରାଯାଇଛି। ମତଦାନ ଦିନ ପୋଲିଂ ପାର୍ଟି ନିର୍ଦ୍ଧାରିତ ସମୟର ଦେଢ ଘଣ୍ଟା ପୂର୍ବରୁ ଅର୍ଥାତ୍ ୫ଟା ସମୟରେ ପ୍ରସ୍ତୁତ ରହିବେ ଏବଂ ୬ଟାରେ ମକ୍‌ଡ୍ରିଲ କାର୍ଯ୍ୟକ୍ରମ କରାଯିବ। ଜିଲାରେ ଥିବା ସମ୍ବେଦନଶୀଳ ବୁଥ୍‌ଗୁଡ଼ିକରେ ଶାନ୍ତି ଶୃଙ୍ଖଳା ସହ ମତଦାନ କରିବା ନେଇ ସମସ୍ତ ବ୍ୟବସ୍ଥା ଜିଲା ପ୍ରଶାସନ ଓ ପୋଲିସ ପକ୍ଷରୁ କରାଯାଇଛି।ତେବେ ୪୪ଟି ଅତି ସମ୍ବେଦନଶୀଳ ବୁଥ୍‌ଗୁଡ଼ିକରେ ସିସିଟିଭି, ଭିଡିଓ ଗ୍ରାଫ ଓ ଷ୍ଟିଲ ଫଟୋଗ୍ରାଫ ବ୍ୟବସ୍ଥା ସହ ପୋଲିସ ପାଟ୍ରୋଲିଂ ଏବଂ ବ୍ୟାପ ପୋଲିସ ମୁତୟନ କରାଯିବା ବ୍ୟବସ୍ଥା ରହିଛି। ଏଥିସହ ମାଇକ୍ରୋ ଅବଜରଭର ଓ ସେକ୍ଟର ଅଫିସରମାନେ ସମସ୍ତ ବୁଥ୍‌ରେ ନଜର ରଖିବେ। ପୋଲିଂ ଅଫିସରମାନେ ୨୭ତାରିଖରେ ସେମାନଙ୍କ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା ପାଇଁ ନିର୍ଦ୍ଦେଶ ରହିଛି। ପୋଲିଂ ପର୍ସନାଲଭାବେ ବ୍ୟାଙ୍କ ଓ ସରକାରୀ ଅଫିସରଙ୍କୁ ଇଭିଏମ୍ ଓ ଭିଭିପିଏଟି ମେଶିନ ପରିଚାଳନା ପାଇଁ ତାଲିମ ପ୍ରଦାନ କରାଯାଉଛି। ଏହି ତାଲିମରେ ଯେଉଁମାନେ ଅକୃତ କାର୍ଯ୍ୟ ହେଉଛନ୍ତି ପ୍ରିଜାଇଡିଂ ଅଫିସରଙ୍କୁ ପୋଲିଂ ଅଫିସରଭାବେ ଡିଗ୍ରେଡେଶନ କରାଯିବାର ବ୍ୟବସ୍ଥା କରାଯାଇଛି।ଯେଉଁ ବୁଥ୍‌ରେ ଏହାକୁ କାର୍ଯ୍ୟକାରୀ କରିବାରେ ଅସଫଳ ହେବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।ଯେଉଁଠାରେ ମେଶିନ ଅଚଳ ହୋଇଥିବ ତତ୍‌କ୍ଷଣାତ ସେଠାରେ ମେଶିନ ବ୍ୟବସ୍ଥା କରାଯିବ ବୋଲି ଜିଲାପଳ ସୂଚନା ଦେଇଛନ୍ତି। ଏଥିସହ ପୋଲିଂ ଅଫିସରଙ୍କ ସହ ନିର୍ବାଚନ ପରିଚାଳନା ସମ୍ପର୍କରେ ମତଦାତାମାନେ ବିବିଧ ପ୍ରଶ୍ନ କରିବାର ସମ୍ଭାବନା ଥିବାରୁ ପୋଲିଂ ଅଫିସର ପ୍ରସ୍ତୁତ ହୋଇ ରହିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି ଓ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ ମିଶ୍ର, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଜିଲା ନିର୍ବାଚନ ଅଧିକାରୀ କାଜଲ ପ୍ରଧାନ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀଙ୍କ ବହୁ ଅଧିକାରୀ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ।

# ଲଢ଼େଇ ପାଇଁ ଭାଜପା, ବିଜେଡିର ପ୍ରସ୍ତୁତି

**ଚଣ୍ଡିଖୋଲ,୧୨।୪(ଡି.ଏନ.ଏ.)**

**ବଡ଼ଚଣା ରାଜନୀତି**
- ■ ଘର ସଜାଡୁଛି କଂଗ୍ରେସ
- ■ ମିଶ୍ରଣ ପର୍ବକୁ ନେଇ ପ୍ରତିଯୋଗିତା

ସାଧାରଣ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ପରେ ଏବେ ପ୍ରାର୍ଥୀମାନେ ଗାଁ ଗାଁ ବୁଲିବା ଆରମ୍ଭ କରିଛନ୍ତି। ବଡ଼ଚଣା ବିଧାନସଭା ନିର୍ବାଚନମଣ୍ଡଳୀରେ କଂଗ୍ରେସ ଟିକେଟ ଦେବାରେ ବିଳମ୍ବକୁ ନେଇ ଅସନ୍ତୋଷ ଥିବାବେଳେ ଟିକେଟ ଫେରସ୍ତ ଘଟଣା ଦଳକୁ ଅଧିକ ପ୍ରଭାବିତ କରିଛି। ତେବେ ଏହାକୁ ଭରଣା ପାଇଁ ଏବେ କଂଗ୍ରେସ ନିଜ ଘର ସଜାଡୁଥିଲା ବେଳେ ବିଜେଡି ଏବଂ ଭାଜପା ଏକରକମ ରଣାଙ୍ଗନକୁ ଓହ୍ଲାଇ ସାରିଛନ୍ତି। ବିଜେଡି ଓ ଭାଜପା ପକ୍ଷରୁ ମିଶ୍ରଣ ପର୍ବକୁ ନେଇ ପ୍ରତିଦିନ ପ୍ରତିଯୋଗିତା ହେଉଛି। ୨୦୧୪ ନିର୍ବାଚନରେ ବିଜେଡି ଓ କଂଗ୍ରେସ ମଧ୍ୟରେ ମୁକାବିଲା ହୋଇଥିଲା ବେଳେ ଏଥର ବିଜେଡିର ଭାଜପା ସହ ଲଢେଇ ହେବ ବୋଲି ଆଲୋଚନା ହେଉଛି। ୨୦୧୪ ନିର୍ବାଚନରେ ବିଜେଡି ପ୍ରାର୍ଥୀ ଅମର ପ୍ରସାଦ ଶତପଥୀ ୫୩ ହଜାର ୩୨୨ ଭୋଟ ପାଇଥିଲା। କଂଗ୍ରେସ ପ୍ରାର୍ଥୀ ଜନ୍ମେଜୟ ଲେଙ୍କା ୩୬ ହଜାର ୩୮୩ ଖଣ୍ଡ ଭୋଟ ପାଇଥିଲେ। ସେହିଭଳି ସ୍ୱାଧୀନ ପ୍ରାର୍ଥୀ ଭାବେ ଅମର ନାୟକ ୨୬ ହଜାର ୨୬୦ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନ ବଜାୟ ରଖିଥିଲେ। ଚଳିତ ନିର୍ବାଚନ ପାଇଁ ଅମର ନାୟକ ଭାଜପାର ପ୍ରାର୍ଥୀ ଘୋଷଣା ହେବା ପରେ ଭୋଟରଙ୍କ ନିକଟତର ହୋଇପାରିଛନ୍ତି। ସେ ବିଭିନ୍ନ ଦଳରେ ଅସନ୍ତୁଷ୍ଟ କର୍ମୀଙ୍କୁ ନିଜ ସପକ୍ଷକୁ ଆଣିବାରେ ସକ୍ଷମ ହୋଇଛନ୍ତି। ଅପରପକ୍ଷରେ ଜନ୍ମେଜୟ ବିଜେଡିରେ ସାମିଲ ହୋଇ ବର୍ତ୍ତମାନର ପ୍ରାର୍ଥୀ ଅମର ପ୍ରସାଦ ଶତପଥୀଙ୍କୁ ଜିତାଇବା ପାଇଁ ଜୋରଦାର ପ୍ରଚାର ଚଳାଇଥିବା ଦେଖାଯାଇଛି। ବିଜେଡିରେ ଅସନ୍ତୁଷ୍ଟ ହୋଇ ବିଧାୟକଙ୍କ ବିରୋଧୀ ସାଜିଥିବା କେତେଜଣ ନେତା ଭାଜପାରେ ସାମିଲ ହୋଇସାରିଛନ୍ତି। ହେଲେ ଗତ ନିର୍ବାଚନରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା କଂଗ୍ରେସ ବହୁ ପଛରେ ପଡ଼ିଯାଇଛି। ପୂର୍ବତନ ବିଧାୟକ ସୀତାକାନ୍ତ ମହାପାତ୍ର ଟିକେଟ ଫେରାଇଦେବା ଘଟଣା କଂଗ୍ରେସକୁ ଧକ୍କା ଲାଗିଛି। କଂଗ୍ରେସର ଟିକେଟ ଆଶାୟୀ ଥିବା ୩ ଜଣଙ୍କ ମଧ୍ୟରେ ଶେଷ ପର୍ଯ୍ୟନ୍ତ ବୁଝାମଣା ହୋଇ ନ ପାରିବାରୁ ଏବେ ପ୍ରାର୍ଥୀ ହୋଇଥିବା ଅଜୟ ସାମଲଙ୍କ ପାଇଁ ତାହା ମହଙ୍ଗା ପଡ଼ିଛି। ସେ କର୍ମୀଙ୍କୁ ବୁଝାଇବାକୁ ଉଦ୍ୟମ ଜାରି ରଖିଛନ୍ତି। ନିର୍ବାଚନ ଆଉ ୧୫ ଦିନ ଥିବାରୁ କାହାର କେତେ ପଲା ଭାରି ରହିବ, ତାହା ଆଗାମୀ ଦିନରେ ଜଣାପଡ଼ିବ।

### ହରିଣ ଚମଡ଼ା, ଶିଙ୍ଘ, ୩ ବନ୍ଧୁକ ଜବତ : ୨ ଶିକାରୀ ଗିରଫ

**ସଜନାଗଡ଼/ନୀଳଗିରି,୧୨।୪ (ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡସ୍ଥ ଭାଲିଆପୋଷି ଗାଁରେ ଶୁକ୍ରବାର ଭୋର ସମୟରେ କୁଲଡିହା ବନବିଭାଗ ପକ୍ଷରୁ ଚଢାଉ କରାଯାଇ ୨ଜଣ ଶିକାରୀଙ୍କୁ ଗିରଫ କରାଯାଇଛି। ଉକ୍ତ ଶିକାରୀଙ୍କଠାରୁ ହରିଣ ଚମଡ଼ା, ଶିଙ୍ଘ ଓ ୩ଟି ବନ୍ଧୁକ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଲେବେ ମୁର୍ମୁ ଓ ପଣ୍ଡା ମାର୍ଣ୍ଡି। ଉଭୟଙ୍କ ଘର ମୟୂରଭଞ୍ଜ ଜିଲା କପ୍ତିପଦା ଥାନା କେନ୍ଦୁଘାଟି ଅଞ୍ଚଳରେ। ସେମାନେ କିଛିଦିନ ହେଲା ଉକ୍ତ ଗ୍ରାମରେ ଅସ୍ଥାୟୀ ଘର କରି ରହି ଆସୁଥିଲେ। ଏନେଇ ବିଭାଗରେ ମାମଲା (ନଂ. ୨/୧୯-୨୦) ରୁଜୁ କରାଯାଇ ଅଭିଯୁକ୍ତଦ୍ୱୟଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରାଯାଇଛି। ବନକ୍ଷେତ୍ରାଧିକାରୀ ଲକ୍ଷ୍ମଣ କୁମାର ପ୍ରଧାନଙ୍କ ନେତୃତ୍ୱରେ ବନକର୍ମଚାରୀ ମିଳିତ ଭାବେ ଚଢାଉ କରି ଶିକାରୀଙ୍କୁ ଧରିବାକୁ ସକ୍ଷମ ହୋଇଛନ୍ତି।

ଏଡିଜେ କୋର୍ଟରେ ହତ୍ୟା ମାମଲାର ଶୁଣାଣି

# ସାକ୍ଷ୍ୟ ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ଯାଜପୁରରୋଡ,୧୨।୪(ନି.ପ୍ର.)**

ଯାଜପୁରରୋଡ ଅତିରିକ୍ତ ଦୌରାଜଜ୍ (ଏଡିଜେ) କୋର୍ଟରେ ଶୁକ୍ରବାର ପ୍ରଥମ ଥର ଯୌତୁକ ନିର୍ଯାତିତ ହତ୍ୟା ମାମଲାର ଶୁଣାଣି ହୋଇଥିଲା। ଯାଜପୁରରୋଡଠାରେ ନୂତନ ଭାବେ ଏଡିଜେ କୋର୍ଟ ଖୋଲିବା ପରେ ବିଚାରପତି ଦେବଦତ୍ତ ଦାସ ମହାପାତ୍ର ମାମଲାର ଶୁଣାଣି କରିଥିଲେ। ତେବେ ୨୪ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଉପନୀତ ହେଲେ ଯେ, ଉକ୍ତ ମାମଲାରେ ଦୋଷୀଙ୍କ ବିରୋଧରେ ଯଥେଷ୍ଟ ପ୍ରମାଣ ନାହିଁ। ତେଣୁ ବିଚାରପତି ଦାସ ମହାପାତ୍ର ସେମାନଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ। ଅଭିଯୁକ୍ତଙ୍କ ତରଫରୁ ଆଇନଜୀବୀ ଅଶୋକ କୁମାର ସତପଥି ଓ ଉମାକାନ୍ତ ବୋଇତେଇ (ଦାସ) କେସ୍ ପରିଚାଳନା କରୁଥିଲେ। ପ୍ରକାଶ ଯେ, ଦୀର୍ଘ ୫ ବର୍ଷ ତଳେ ୨୦୧୪ରେ କୋରେଇ ଥାନା ଅନ୍ତର୍ଗତ ବନ୍ତଳା ଗ୍ରାମର ପ୍ରଭାତ ବୋଇତେଇ ତାଙ୍କ ସ୍ତ୍ରୀ ଇନ୍ଦୁମତିଙ୍କୁ ଯୌତୁକ ନିର୍ଯାତନା ଦେବା ସହ ହତ୍ୟା କରିଥିବା ନେଇ ଇନ୍ଦୁମତିଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି କୋରେଇ ପୋଲିସ ଏକ ମାମଲା (ନଂ. ୧୧୬/୧୪) ରୁଜୁ କରିଥିଲା। ପରେ ଅଭିଯୁକ୍ତ ସ୍ୱାମୀ ପ୍ରଭାତ, ଶ୍ୱଶୁର ଗୋପୀନାଥ ଓ ଶାଶୁ ଗେଲିଙ୍କୁ କୋର୍ଟ ଚାଲାଣ କରାଯାଇଥିଲା।

■ ୪ ଲଞ୍ଚ ଚାଳକଙ୍କୁ ଅପହରଣ ଘଟଣା

# ସ୍ପଷ୍ଟ ହୋଇନାହିଁ ପ୍ରକୃତ ଚିତ୍ର

**ମାଲକାନଗିରି/ଚିତ୍ରକୋଣ୍ଡା,୧୨।୪ (ଡି.ଏନ.ଏ.):** ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ବିଚ୍ଛିନ୍ନାଞ୍ଚଳର ପଣସପୁଟ, ଅଣ୍ଡିରାପାଲି ଓ ଯୋଡାମ୍ବ ପଞ୍ଚାୟତର ଲୋକେ ଗତ ୧୧ ତାରିଖରେ ଅନୁଷ୍ଠିତ ନିର୍ବାଚନରେ ସାମିଲ ନ ହୋଇ ଭୋଟ ବର୍ଜନ କରିଥିଲେ। ପଣସପୁଟ, ଅଣ୍ଡିରାପାଲି ଓ ଯୋଡାମ୍ବ ଗ୍ରାମପଞ୍ଚାୟତକୁ ନେଇ ଗଠିତ ବିଚ୍ଛିନ୍ନାଞ୍ଚଳ ବିକାଶ ମଞ୍ଚ ନିର୍ବାଚନର ୧୫ ଦିନ ପୂର୍ବରୁ ଏକ ବୈଠକ କରି ବିଚ୍ଛିନ୍ନାଞ୍ଚଳର ବିକାଶ ପାଇଁ ୩୧ ଦଫା ସମ୍ବଳିତ ଦାବିପତ୍ର ଜିଲା ପ୍ରଶାସନକୁ ପ୍ରଦାନ କରିଥିଲା। ଏଥିରେ ପାନୀୟ ଜଳ, ଚେକଡ୍ୟାମ, ବିଦ୍ୟାଳୟ ଗୃହ, ଶିକ୍ଷକ ନିଯୁକ୍ତି ସମେତ ଅନ୍ୟାନ୍ୟ ଦାବି ରହିଥିଲା। ଦାବିପୂରଣ ନ ହେଲେ ଭୋଟ ବର୍ଜନ ପାଇଁ ମଧ ଚେତାବନୀ ଦେଇଥିଲେ। ସ୍ୱାଭିମାନ ଅଞ୍ଚଳରେ ଗୁରୁପ୍ରିୟା ସେତୁ ହୋଇଥିଲେ ହେଁ ପ୍ରକୃତ ବିକାଶ ହୋଇନାହିଁ। ଏବେ ବି ଅନେକ ପଞ୍ଚାୟତରେ ବିକାଶ ଅପହଞ୍ଚ ହୋଇ ରହିଛି ବୋଲି ମଞ୍ଚ ପକ୍ଷରୁ କୁହାଯାଇଥିଲା। ଜିଲା ପ୍ରଶାସନ ମଞ୍ଚର ଦାବିଗୁଡିକ ନେଇ କୌଣସି ପଦକ୍ଷେପ ନ ନେବାରୁ ମଞ୍ଚ ନିର୍ବାଚନ ଧାର୍ଯ୍ୟ ତାରିଖ ପୂର୍ବରୁ ବିଚ୍ଛିନ୍ନାଞ୍ଚଳକୁ ଯାତାୟାତ କରୁଥିବା ୪ଟି ଲଞ୍ଚ, ଏହାର ଚାଳକ ଓ କର୍ମଚାରୀଙ୍କୁ ନେଇ ସିନ୍ଧିପୁଟର ଏକ ସ୍ଥାନରେ ଅଟକ ରଖି ଭୋଟ ବର୍ଜନ କରିଥିଲେ। ଭୋଟ ସମୟ ସରିବା ପରେ ବୋଟ୍ ଓ କର୍ମଚାରୀଙ୍କୁ ଛାଡିଥିଲେ। ଏହି ସମୟରେ ବିକାଶ ମଞ୍ଚ ପକ୍ଷରୁ ଲଞ୍ଚରେ ନାଲି ଅକ୍ଷରରେ ଲେଖାଥିବା ୩୧ ଦାବି ସମ୍ବଳିତ ପତ୍ର ମରାଯାଇଥିଲା। ଏହାକୁ ଚିତ୍ରକୋଣ୍ଡା ପୋଲିସ ଜବତ କରିଛି। ମାଓବାଦୀଙ୍କ ଧମକରେ ମଞ୍ଚ ଏଭଳି କରିଛି କି ବିଚ୍ଛିନ୍ନାଞ୍ଚଳର ବିକାଶ ପାଇଁ ଏପରି ଭୋଟ ବର୍ଜନ କରାଯାଇଛି ତାହା ସ୍ପଷ୍ଟ ହୋଇନାହିଁ। ଏହାର ସତ୍ୟାସତ୍ୟ ନେଇ ପ୍ରଶାସନର କୌଣସି ଅଧିକାରୀ ମୁହଁ ଖୋଲୁନାହାନ୍ତି। ଫଳରେ ଏହି ଘଟଣା ସନ୍ଦେହ ଘେରରେ ରହିଛି। ଅନ୍ୟପକ୍ଷରେ ଅଟକ ୪ଟି ଲଞ୍ଚ ଶୁକ୍ରବାର ଚିତ୍ରକୋଣ୍ଡାସ୍ଥିତ ବାଲିମେଳା ଜଳଭଣ୍ଡାରର ଲଞ୍ଚ ଘାଟରେ ପହଞ୍ଚିଛି ।











# ଜଙ୍ଗଲରେ ୧୫ କିମି ଚାଲିଲେ ପୋଲିଂ ପାର୍ଟି

**ମାଲକାନଗିର,୧୨।୪ (ଡି.ଏନ.ଏ.)**

ଚଳିତ ସାଧାରଣ ନିର୍ବାଚନ ପାଇଁ ପୂର୍ବରୁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ହୋଇଥିଲା। ତେବେ ଗୁରୁବାର ମତଦାନ ସମୟରେ ମାଲକାନଗିରି ଓ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର କେତେକ ବୁଥ୍‌ରେ ଇଭିଏମରେ ତ୍ରୁଟି ଯୋଗୁ ମତଦାନ ବିଳମ୍ବରେ ହୋଇଥିଲା। କେତେକ ସ୍ଥାନରେ ରାତି ୭ଟାଯାଏ ମତଦାନ ଚାଲିଥିଲା। ତେବେ ମତଦାନ ଶେଷ ପରେ ମାଓବାଦୀଙ୍କ ଭୟ ଥିବା ଗୋଇନ୍ଦା ରିପୋର୍ଟ ମିଳିବା ପରେ ପୋଲିଂ ପାର୍ଟିକୁ ଜଙ୍ଗଲ ରାସ୍ତାରେ ଦୀର୍ଘ ୧୫ କିମି ଚାଲିଚାଲି ଆସିବାକୁ ପଡିଛି। ମୁଦୁଲିପଡା ଥାନା ବଣ୍ଡାଘାଟି, ବଡଡୁରାଲ ମୁଦୁଲିପଡା, ଅଣ୍ଡ୍ରାହଲ ଅଞ୍ଚଳକୁ ଯାଇଥିବା ପୋଲିଂ ପାର୍ଟି ନିର୍ବାଚନ କାର୍ଯ୍ୟ ସାରି ଫେରୁଥିବା ସମୟରେ ମାଓବାଦୀଙ୍କ ପକ୍ଷରୁ କୌଣସି ଅଘଟଣ ଘଟିପାରେ ବୋଲି ଗୋଇନ୍ଦା ଖବର ମିଳିଥିଲା। ପରେ ସୁରକ୍ଷା କର୍ମୀମାନେ ସେମାନଙ୍କୁ ମୁଦୁଲିପଡା ଘାଟିରୁ ୨୮ କିଲୋମିଟର ଖଇରପୁଟକୁ ଆସିବା ପାଇଁ କହିଥିଲେ। ପ୍ରାୟ ୧୦ କିଲୋମିଟର ଗାଡିରେ ଆସିଲା ପରେ ସେମାନଙ୍କୁ ଗାଡିରୁ ଓହ୍ଲାଇ ସମସ୍ତ ନିର୍ବାଚନ ନଥିପତ୍ର, ଇଭିଏମ୍ ଏବଂ ନିଜ ବ୍ୟବହାର ବ୍ୟାଗ୍ ଧରି ଜଙ୍ଗଲ ମଧ୍ୟରେ ସଟ୍ କଟ୍ ରାସ୍ତାରେ ଯିବା ପାଇଁ ସୁରକ୍ଷାକର୍ମୀମାନେ କହିଥିଲେ । ଫଳରେ ଯବାନଙ୍କ ସହ ପୋଲିଂ ଦଳ ଜଙ୍ଗଲରେ ଚାଲିଚାଲି ଯିବା ଆରମ୍ଭ କରିଥିଲେ। ହଠାତ୍ ବର୍ଷା ପବନ ହେବାରୁ ଜଙ୍ଗଲରେ କୌଣସି ରାସ୍ତା ନ ପାଇ ବାଧ ହୋଇ ପୋଲିଂ ଦଳ ସାରା ରାତି ଜଙ୍ଗଲରେ ରାତି ବିତାଇଥିଲେ । ଭୋର ୫ଟାରୁ ଜଙ୍ଗଲ ରାସ୍ତା ଦେଇ ୧୫ କିଲୋମିଟର ଚାଲି ଚାଲି ଆସି ଶୁକ୍ରବାର ସକାଳ ୮ଟାରେ ଖଇରପୁଟ୍‌ରେ ପହଞ୍ଚିଥିଲେ । ସେମାନଙ୍କୁ ସେଠାରୁ ମାଲକାନଗିରି ଅଣାଯାଇଥିଲା । ନିର୍ବାଚନ ସମ୍ପର୍କିତ ତଥ୍ୟ ଏବଂ ଇଭିଏମ୍‌କୁ ସୁରକ୍ଷିତ ଭାବେ ଆଣି ଜିଲା ପ୍ରଶାସନ ନିକଟରେ ପହଞ୍ଚାଇବାରେ ଏହି କର୍ମଚାରୀମାନଙ୍କ ଦକ୍ଷତାକୁ ସାଧାରଣରେ ପ୍ରଶଂସା କରାଯାଇଛି।


ଜଙ୍ଗଲ ରାସ୍ତାରେ ଯାଉଛନ୍ତି ପୋଲିଂ ପାର୍ଟି।


**ମାଓବାଦୀ ଭୟ**







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ




## ସଂକ୍ଷେପରେ

### ସୁନନ୍ଦାଙ୍କ ପ୍ରଚାରରେ ସାମିଲ ହେଲେ ମହିଳା

ବରୀ,୧୨।୪(ସ୍ୱ.ପ୍ର.)- ସାଧାରଣ ନିର୍ବାଚନକୁ ଆଉ ୧୫ ଦିନ ବାକି ଥିଲାବେଳେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରଚାର ଆରମ୍ଭ ହୋଇଛି। ପ୍ରଚାରରେ ବିଜେଡି ପ୍ରାର୍ଥିନୀ ସୁନନ୍ଦା ଦାସ ଆଗରେ ଥିବା ଜଣାପଡିଛି। ଶୁକ୍ରବାର ସୁନନ୍ଦାଙ୍କ ପ୍ରଚାର ୨ୟ ଦିନରେ ପହଞ୍ଚିଛି। କିମ୍ପିରିଆପାଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଭୂତି ଭୂଷଣ ସାହୁଙ୍କ ଘର ପାଖରୁ ପ୍ରଚାର ଆରମ୍ଭ ହୋଇ ଅଟିରା ପଞ୍ଚାୟତର ପୂର୍ବତନ ସରପଞ୍ଚ ମୋହମାୟା ଦାସଙ୍କ ଘର ନିକଟରେ ଶେଷ ହୋଇଛି। ପ୍ରଚାରରେ ୨ ହଜାରରୁ ଊର୍ଦ୍ଧ୍ୱ କର୍ମୀଙ୍କ ସହ ମହିଳାମାନେ ସାମିଲ ହୋଇଥିବା ଦେଖିବାକୁ ମିଳିଛି। ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବା ସହ ଭୋଟ ପାଇଁ ନିବେଦନ କରିଛନ୍ତି। ସମସ୍ତଙ୍କ ଆଶୀର୍ବାଦ ଓ ସ୍ନେହଶ୍ରଦ୍ଧା ଜରୁରୀ ବୋଲି ଭୋଟ ଭିକ୍ଷା କରିବାବେଳେ ସୁନନ୍ଦା କହୁଥିବା ଦେଖିବାକୁ ମିଳିଛି। ବାଇଁଶିରିଆ, ଅଟିରା, କିମ୍ପିରିଆପାଳ ଆଦି ୩ ପଞ୍ଚାୟତର ଭୋଟରଙ୍କୁ ଘର ଘର ବୁଲି ଭେଟିଛନ୍ତି। ବିଭୂତି ଭୂଷଣ ସାହୁ, ଅମୂଲ୍ୟ ପରିଡା, ରଶ୍ମିରଞ୍ଜନ ମହାନ୍ତି, ବାସୁଦେବ ସାହୁ, ପ୍ରଶାନ୍ତ ସାହୁ, ଅକ୍ଷୟ ବେହେରା, ଅନିଲ ସାମଲ, ସହଦେବ ଦାସ, ସତ୍ୟାନନ୍ଦ ଦାସ ପ୍ରମୁଖ ପ୍ରଚାରର ନେତୃତ୍ୱ ନେଇଥିଲେ। ସେହିପରି ଭାଜପା ପକ୍ଷରୁ ପଞ୍ଚାୟତ ପରିଭ୍ରମଣ କରାଯାଇଥିବାବେଳେ କଂଗ୍ରେସ ପ୍ରାର୍ଥୀ ଉମେଶ ଜେନା ଏହି ନିର୍ବାଚନମଣ୍ଡଳୀର ବ୍ରହ୍ମବରଦା, ଅର୍ଥଙ୍ଗା, ରାଜେନ୍ଦ୍ରପୁର ପଞ୍ଚାୟତରେ ଶତାଧିକ ସମର୍ଥକଙ୍କ ସହ ପ୍ରଚାର ଆରମ୍ଭ କରିଥିବା କୁହାଯାଇଛି।

### ବିଜେଡିରେ ଯୋଗଦେଲେ ପୂର୍ବତନ ସମିତି ସଭ୍ୟ

ବରୀ,୧୨।୪(ସ୍ୱ.ପ୍ର.)- ବରୀ ନିର୍ବାଚନମଣ୍ଡଳୀ ଅଧୀନ ମହେଶ୍ୱରପୁର ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ନିରଞ୍ଜନ ବାରିକ ଶୁକ୍ରବାର ବିଜେଡିରେ ଯୋଗଦେଇଛନ୍ତି। ଏ ନେଇ ଏକ ବୈଠକ ଆୟୋଜିତ ହୋଇଯାଇଛି। ଯାଜପୁର ଜିଲା ବିଜେଡି ସଭାପତି ନରେଶ ମହାନ୍ତି, ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ବରୀ ବିଜେଡି ନେତା ଦେବେନ୍ଦ୍ର ଦାସଙ୍କ ଉପସ୍ଥିତିରେ ନିରଞ୍ଜନ ଭାଜପା ଛାଡି ବିଜେଡିରେ ଯୋଗଦେଇଛନ୍ତି। ବିଜେଡି ଏକ ଶୃଙ୍ଖଳିତ ଦଳ। ଏହି ଦଳର ନୀତି ଆର୍ଦଶକୁ ପାଳନ କରି ରାଜନୀତି କରିବାର ଶିକ୍ଷା ଗ୍ରହଣ କରିଛି ବୋଲି ସେ କହିଛନ୍ତି।

■ସରିବାକୁ ବସିଲାଣି ମାସିକ ଏମ୍‌ଜିକ୍ୟୁ

# ସହରରେ ନକଲି ମଦର ବନ୍ୟା ସମ୍ଭାବନା

ଯାଜପୁର,୧୨।୪(ଡି.ଏନ୍.ଏ)

**ଯାଜପୁର ସହର**

■ ଏମ୍‌ଜିକ୍ୟୁଠାରୁ ଅଧିକ ମଦ ଉଠାଇ ସାରିଲେଣି ମଦ ଦୋକାନୀ

■ ଯାଜପୁର ସହରକୁ ନକଲି ମଦ ପ୍ରବେଶ ନିଃସନ୍ଦେହ

ଯାଜପୁର ସହରରେ ୩ଟି ଠିପି ବନ୍ଦ ମଦ ଦୋକାନ ଥିବାବେଳେ ୫ଟି ଠିପି ଖୋଲା ମଦ ଦୋକାନ ରହିଛି। ଏହି ମଦ ଦୋକାନଗୁଡ଼ିକରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ନିର୍ବାଚନ ପାଇଁ ଠିପି ବନ୍ଦ ମଦ ଦୋକାନ ମାସିକ ମିନିମମ ଗ୍ୟାରେଣ୍ଟି କୋଟା (ଏମ୍‌ଜିକ୍ୟୁ) ଠାରୁ ଅଧିକ ମଦ ଉଠାଇ ପାରିବେ ନାହିଁ ବୋଲି ଅବକାରୀ ଅଧୀକ୍ଷକ ଏକ ଅଲିଖିତ ନିର୍ଦ୍ଦେଶନାମା ଜାରି କରିଥିବା ବେଳେ ଚଳିତ ମାସ ମଦ ବ୍ୟବସାୟୀମାନେ ଏମ୍‌ଜିକ୍ୟୁଠାରୁ ଅଧିକ ମଦ ଉଠାଇ ସାରିଲେଣି। ଜିଲା ସଦର ମହକୁମାରେ ନାମାଙ୍କନପତ୍ର ଦାଖଲ ସମୟରେ ହଜାର ହଜାର ସଂଖ୍ୟକ ବିଭିନ୍ନ ଦଳୀୟ କର୍ମୀ ଯାଜପୁର ସହରକୁ ଆସିଥିଲେ। ସେମାନଙ୍କ ମଧ୍ୟରୁ ଅନେକ ମଦ କିଣିଥିବା ବେଳେ ଏବେ ପ୍ରାୟତଃ ଠିପି ବନ୍ଦ ମଦ ଦୋକାନରେ ଏମ୍‌ଜିକ୍ୟୁ ସରିବାକୁ ବସିଲାଣି। ଫଳରେ ଯାଜପୁର ସହରକୁ ନକଲି ମଦ ପ୍ରବେଶ କରିବା ନିଃସନ୍ଦେହ ବୋଲି କୁହାଯାଇପାରେ। ଚାହିଦା ଅନୁଯାୟୀ ମଦ ଯୋଗାଇ ପାରୁ ନ ଥିବା ମଦ ବେପାରୀମାନେ ପଡ଼ୋଶୀ ଧାମନଗର ଓ ଭଦ୍ରକରୁ ନକଲି ମଦ ଆଣିବା ପାଇଁ ପ୍ରସ୍ତୁତ ହୋଇସାରିଥିବା ଚର୍ଚ୍ଚା ହେଉଛି। ଅବକାରୀ ବିଭାଗ ବିଭିନ୍ନ ସ୍ଥାନରେ ନିର୍ବାଚନ ପାଇଁ ଚଢ଼ାଉ ଜାରି ରଖିଥିଲେ ମଧ୍ୟ ଅନେକ ଚୋରା ମଦ ବେପାରୀ ନକଲି ମଦ ମହଜୁଦ ରଖିଥିବା ଜଣାପଡିଛି। ଯାଜପୁର ସହରକୁ ଟ୍ରିପ୍‌ଟ୍ରିପ୍ ନକଲି ମଦ ପଡ଼ୋଶୀ ଧାମନଗର ଓ ଭଦ୍ରକରୁ ଆସି ସହରରେ ମହଜୁଦ ରହିଥିବା ଶୁଣିବାକୁ ମିଳୁଛି। ଅବକାରୀ ବିଭାଗ ସହ ମଦ ବେପାରୀଙ୍କ ସୁସମ୍ପର୍କ ଥିବାରୁ ଅବକାରୀ ବିଭାଗ ଏ ଦିଗରେ ସବୁ ଜାଣି ମଧ୍ୟ ଚୁପ୍ ରହୁଥିବା ଅଭିଯୋଗ ଉଠିଛି। ତେବେ ବିଗତ ନିର୍ବାଚନରେ ଶହ ଶହ ନକଲି ମଦ ଯାଜପୁର ଜିଲାକୁ ଅବାଧ ପ୍ରବେଶ କରିଥିଲେ ମଧ୍ୟ ଅବକାରୀ ବିଭାଗ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବାରୁ ଚଳିତ ନିର୍ବାଚନ ସମୟରେ ମଧ୍ୟ ଅନୁରୂପ ଘଟଣା ଘଟିବ ବୋଲି କୁହାଯାଉଛି। ତେବେ ଏ ସମ୍ପର୍କରେ ଅବକାରୀ ଅଧୀକ୍ଷକ ରଜତ କୁମାର ପ୍ରହରାଜଙ୍କୁ ପଚାରିବାରେ, ବାର୍ଷିକ ଏମ୍‌ଜିକ୍ୟୁ ହିସାବରେ ଜଣେ ମଦ ଦୋକାନୀ ତା'ର କୋଟା ପୂରଣ କରିପାରିବ। ମାତ୍ର ନିର୍ବାଚନ ପାଇଁ ଚଳିତ ମାସ ମାସିକ ଏମ୍‌ଜିକ୍ୟୁଠାରୁ ଅଧିକ ଉଠାଇ ପାରିବ ନାହିଁ ବୋଲି ଅଲିଖିତ ନିର୍ଦ୍ଦେଶନାମା ଜାରି କରାଯିବା ସହ କୌଣସି ମଦ ଦୋକାନୀ ପେଟି ପେଟି ମଦ ବିକ୍ରି କରିପାରିବ ନାହିଁ ବୋଲି ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ଏହାଛଡା ସହରର ଚତୁଃପାର୍ଶ୍ୱରେ ନକଲି ମଦକୁ ନ ପୂରାଇ ଦେବା ପାଇଁ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି ବୋଲି କହିଛନ୍ତି। ମାତ୍ର ଅପରପକ୍ଷେ ଚୋରା ମଦ ବେପାରୀ ଓ କେତେଜଣ ମଦ ଦୋକାନୀ ଦୀର୍ଘଦିନ ପୂର୍ବରୁ ନକଲି ମଦ ମହଜୁଦ ରଖିଥିବା ଶୁଣିବାକୁ ମିଳୁଛି।

## ବିଜେଡିର ମିଶ୍ରଣ ପର୍ବ

ରଗଡି,୧୨।୪(ଡି.ଏନ.ଏ.)- କୋରେଇ ନିର୍ବାଚନମଣ୍ଡଳୀ ତଳଗଡ ପଞ୍ଚାୟତରେ ବିଜେଡି ପକ୍ଷରୁ ଜୋରଦାର ପ୍ରଚାର ଆରମ୍ଭ ହୋଇଛି। ବିଜେଡି ପ୍ରାର୍ଥୀ ଅଶୋକ ବଳ ମାରାଥନ ପ୍ରଚାର ଆରମ୍ଭ କରିଛନ୍ତି। ଏହି ପଞ୍ଚାୟତର ଅନେକ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। କଂଗ୍ରେସର ନାଏବ ସରପଞ୍ଚ ସୁବାସ ଚନ୍ଦ୍ର ସ୍ୱାଇଁ ଓ ୧ ନଂ. ମଙ୍ଗରାଜପୁର ୱାର୍ଡ ସଭ୍ୟା ଦୁଲି ବାରିକଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ବିଜେଡିରେ ଯୋଗ ଦେଇଛନ୍ତି। ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗ ଦେଇଥିବା ନାଏବ ସରପଞ୍ଚ ସ୍ୱାଇଁ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ତଳଗଡ ପଞ୍ଚାୟତର ବିଜେଡି ସଭାପତି ହେମନ୍ତ କୁମାର ଜେନା, କୋରେଇ ବ୍ଲକ ବିଜେଡି ସଭାପତି ଭକ୍ତବତ୍ସଳ ସ୍ୱାଇଁ, ଯୁବ ସଭାପତି ଧନେଶ୍ୱର ବାରିକ, ଜିଲା ପରିଷଦ ଉପାଧ୍ୟକ୍ଷା ଅମୂଲ୍ୟବାଳା ପାତ୍ର, କରଦା ସରପଞ୍ଚ ଗଣେଶ ସାହୁ, ପପିନ ମିଶ୍ର, ହୃଦାନନ୍ଦ ନାୟକ, ତରୁଣ ନାୟକ, ବଳରାମ ଶତପଥୀ, ସୁରେନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବିଧାୟକ ପ୍ରାର୍ଥୀ ଅଶୋକ ବଳ ଦଳରେ ଯୋଗଦେଇଥିବା ନୂତନ କର୍ମୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ଷଠୀପୁରରେ ବାସନ୍ତୀ ଦୁର୍ଗା ପୂଜା ଆରମ୍ଭ

କୋରେଇ,୧୨।୪(ସ୍ୱ.ପ୍ର.)

ଷଠୀପୁର ବଜାର କମିଟି ପକ୍ଷରୁ ଶୁକ୍ରବାର ବାସନ୍ତୀ ଦୁର୍ଗା ପୂଜା ଆରମ୍ଭ ହୋଇଛି। ସକାଳୁ କଳସ ବୁଡାଯାଇ ପୂଜାର୍ଚ୍ଚନା ଚାଲିଛି। ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗିରହିଛି। ମା'ଙ୍କ ଦର୍ଶନ କରି ସମସ୍ତେ ଆଶିଷ ଭିକ୍ଷା କରିଥିଲେ। ଆଲୋକମାଳାରେ ସୁସଜ୍ଜିତ ତୋରଣ ଦର୍ଶକଙ୍କୁ ମୁଗ୍ଧ କରିଛି। ପ୍ରତ୍ୟହ ସନ୍ଧ୍ୟାରେ ଭଜନ କୀର୍ତ୍ତନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବଜାର କମିଟି ସଭାପତି ତଥା ସରପଞ୍ଚ ବିଶ୍ୱନାଥ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜା ଚାଲିଛି।

## ପିସିସି ସମ୍ପାଦକ ପଦବୀକୁ ହରେକୃଷ୍ଣଙ୍କ ପ୍ରତ୍ୟାଖ୍ୟାନ



କୋରେଇ,୧୨।୪(ସ୍ୱ.ପ୍ର.)

କୋରେଇର ବରିଷ୍ଠ କଂଗ୍ରେସ ନେତା ହରେକୃଷ୍ଣ ସାହୁଙ୍କୁ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସମ୍ପାଦକଭାବେ ନିଯୁକ୍ତି ମିଳିଥିଲା। ନିଖିଳ ଭାରତ କଂଗ୍ରେସ କମିଟି ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଅନୁମୋଦନକ୍ରମେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ହରେକୃଷ୍ଣଙ୍କୁ ନିଯୁକ୍ତି ଦେଇଥିବା ଉପସଭାପତି ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଥିଲେ। ଚଳିତ ନିର୍ବାଚନରେ କୋରେଇ ବିଧାନସଭା ପ୍ରାର୍ଥୀ ପାଇଁ ହରେକୃଷ୍ଣ ସାହୁ ଦାବିଦାର ଥିଲେ। କୋରେଇରୁ ବନ୍ଦିତା ପରିଡାଙ୍କୁ ପ୍ରାର୍ଥୀ କରାଯାଇଥିବା ବେଳେ ହରେକୃଷ୍ଣଙ୍କୁ ରାଜ୍ୟ ସମ୍ପାଦକ ଭାବେ ଘୋଷଣା କରାଯିବା ପରେ ଏହାକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ତାଙ୍କୁ ଥଇଥାନ ବା ସନ୍ତୁଷ୍ଟୀକରଣ ପାଇଁ ପଦବୀ ଦିଆଯାଇଥିବାରୁ ହରେକୃଷ୍ଣ ଏହାକୁ ଅସ୍ୱୀକାର କରିଥିବା କହିଛନ୍ତି।

## ନୂତନ ଗୃହ ପରିଦର୍ଶନ କଲେ ଜିଲା ଦୌରା ଜଜ୍

ବିଞ୍ଝାରପୁର,୧୨।୪(ଡି.ଏନ୍.ଏ.)

ବିଞ୍ଝାରପୁର ବ୍ଲକରେ କୋର୍ଟ ପ୍ରତିଷ୍ଠା ନେଇ ଶୁକ୍ରବାର ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଯାଜପୁର ଦୌରା ଜଜ୍ ବିରଞ୍ଚି ନାରାୟଣ ମିଶ୍ର ବ୍ଲକ କାର୍ଯ୍ୟାଳୟ ପରିସରରେ ନବ ନିର୍ମିତ କୋଠା ପରିଦର୍ଶନ କରିଛନ୍ତି । ଏହି ଅବସରରେ ତାଙ୍କ ସହ କୋର୍ଟ ପ୍ରାବନ୍ଧିକ ବରଞ୍ଚି ନାରାୟଣ ମହାନ୍ତି, ବିଞ୍ଝାରପୁର ବ୍ଲକ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଜ୍ଞାନେନ୍ଦ୍ର ଲେଙ୍କା, କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ ଦାଶ, ଅମୂଲ୍ୟ ତ୍ରୀପାଠୀ ପ୍ରମୁଖ ଉପସ୍ଥିତ ଥିଲେ । ବିଞ୍ଝାରପୁର ବ୍ଲକରେ କୋର୍ଟ ପ୍ରତିଷ୍ଠା ନେଇ ଦୀର୍ଘଦିନ ଧରି ଦାବି ହୋଇଆସୁଥିଲା । ଏ ନେଇ ଗତ ଦୁଇ ବର୍ଷହେବ ନବ ନିର୍ମିତ କୋଠା ନିର୍ମାଣ କାର୍ଯ୍ୟ ସରିଥିବା ଜଣାପଡିଛି ।




# ଶ୍ରୀହୀନ ହେଉଛି ଅସିହା ପର୍ବତମାଳା

ବାଲିଚନ୍ଦ୍ରପୁର,୧୨।୪(ସ୍ୱ.ପ୍ର.)



■ବିନା ଲିଜ୍‌ରେ ଚାଲିଛି ମୋରମ ଚାଲାଣ

■ଲୋପ ପାଉଛନ୍ତି ବିରଳ ବନ୍ୟପ୍ରାଣୀ

ବଡ଼ଚଣା ବ୍ଲକ ଅଞ୍ଚଳରେ ଅସିହା ପର୍ବତମାଳା ରହିଛି। ବିନା ଲିଜ୍‌ରେ ଏହି ପର୍ବତମାଳାରୁ ଦୈନିକ ଶହ ଶହ ଟ୍ରିପ୍ ମୋରମ, ବୋଲ୍ଡର ଆଦି ପଡ଼ୋଶୀ ଜିଲାକୁ ଚାଲାଣ ହେଉଛି। ଫଳରେ ପର୍ବତମାଳା ଶ୍ରୀହୀନ ହୋଇଯାଉଛି। ସମଗ୍ର ଅସିହା ପର୍ବତମାଳା ଏବେ ମୋରମ ମାଫିଆଙ୍କ କବ୍‌ଜାରେ ରହିଥିବା ଆଲୋଚନା ହେଉଛି। ତେବେ କେତେଜଣ ପ୍ରଶାସନିକ ଅଧିକାରୀ ପ୍ରଚ୍ଛଦ ପଟରେ ମୋରମ ମାଫିଆଙ୍କୁ ସହାୟତା କରୁଥିବା ଅଭିଯୋଗ ହୋଇଛି।

ସୂଚନାଯୋଗ୍ୟ, ଗ୍ୟାଙ୍ଗଷ୍ଟର ଟିଟୋଙ୍କୁ ଗିରଫ ପରେ ବେଆଇନ କାରବାର ଏକ ପ୍ରକାର ବନ୍ଦ ହୋଇଯାଇଥିଲା। ଏହାର ମାତ୍ର କିଛି ମାସ ପରେ ପୁଣି ମାଫିଆମାନେ ଏହି ପର୍ବତମାଳାର ମାଣ୍ଟୁକା, ଧାଉଡିଆପଦା, ମଖିପଡା, ଅଚ୍ୟୁତବସନ୍ତ, ଅସିହା ଆଦି ଅଞ୍ଚଳରେ ବେଶ ସକ୍ରିୟ ହୋଇଉଠିଛନ୍ତି। ସ୍ଥାନୀୟ ପୋଲିସ ଲୋକଦେଖାଣିଆ ଭାବେ କାଁ ଭାଁ ଚଢ଼ାଉ କରି ହାତଗଣତି କେତେକ ଗାଡ଼ି ଜବତ କରିଥିବାବେଳେ ଏହା ମାଫିଆଙ୍କ ଉପରେ କୌଣସି ପ୍ରଭାବ ପକାଇପାରିନାହିଁ। ବିଶେଷକରି ଏହି ପର୍ବତମାଳାର ମାଣ୍ଟୁକା ପାହାଡର ବିଭିନ୍ନ ସ୍ଥାନରୁ ବ୍ୟାପକ ଭାବେ ମୋରମ ଓ ବୋଲ୍ଡର ଚାଲାଣ ହେଉଛି। ଏପରିକି ରାଜ୍ୟ କାଜୁନିଗମ ଅଧୀନରେ ଥିବା କାଜୁ ବଗିଚାକୁ ମଧ୍ୟ ମାଫିଆମାନେ ଛାଡ଼ିନାହାନ୍ତି। ସେହିଭଳି ଚାରିନଙ୍ଗଳ, ଉଦୟଗିରି, ଧାଉଡିଆପଦା, ଗୋପାଳପୁର ଗ୍ରାମଗୁଡିକ ନିକଟରେ ଥିବା ଏହି ପର୍ବତମାଳାର ବିଭିନ୍ନ ସ୍ଥାନରୁ ଖୋଲାଖୋଲି ଭାବେ ମୋରମ ଚାଲାଣ ହେଉଛି। ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ରାଜସ୍ୱ ହିସାବକୁ ନେଲେ ଦୈନିକ ଲୁଟ ହେଉଥିବା ସାମଗ୍ରୀର ରାଜସ୍ୱ ପରିମାଣ ଲକ୍ଷାଧିକ ଟଙ୍କା ହୋଇଥିବାବେଳେ ବାର୍ଷିକ କୋଟି କୋଟି ଟଙ୍କା ଲୁଟ ହେଉଥିବା ଜଣାପଡ଼ିଛି। ଏବେ ବିରଳ ବନ୍ୟପ୍ରାଣୀଙ୍କ ଉପରେ ମଧ୍ୟ ମୋରମ ମାଫିଆଙ୍କ ଦୃଷ୍ଟି ରହିଛି। ଅଭିଯୋଗ ମୁତାବକ ରାତିରେ ମୋରମ ଖନନ କରିବା ସମୟରେ ଜଙ୍ଗଲରେ ବିଚରଣ କରୁଥିବା ଖୁରାଣ୍ଟି, ଝିଙ୍କ ଓ ସମ୍ବରଙ୍କୁ ମାଫିଆମାନେ ଶିକାର କରୁଛନ୍ତି। ଏପରି ବେଆଇନ ଖନନ ଓ ପ୍ରାଣୀ ଶିକାର ପାଇଁ ଏହି ପର୍ବତମାଳାରେ ରହୁଥିବା ବିରଳ ବନ୍ୟପ୍ରାଣୀଙ୍କ ସଂଖ୍ୟା ଲୋପ ପାଇଗଲାଣି। ମାତ୍ର ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନାହିଁ। ତେବେ ପ୍ରଶାସନ ତୁରନ୍ତ ଏହି ବେଆଇନ ଖନନରେ ରୋକ ଲଗାଇବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ଦର୍ପଣ ତହସିଲଦାର ଅଶୋକ କୁମାର ଦାସଙ୍କୁ ଯୋଗାଯୋଗ କରିବାରୁ, ଏପରି କୌଣସି ଅଭିଯୋଗ ତାଙ୍କ ପାଖରେ ନାହିଁ। ବାଲିଚନ୍ଦ୍ରପୁର ଥାନାକୁ ଏ ବିଷୟରେ ଅବଗତ କରାଇ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।



ଯିଏ ଗୋଟିଏ ଛୋଟ କାମକୁ ଦକ୍ଷତାର ସହିତ କରିଦେଇ ପାରିବ, ସେ ହିଁ ଗୋଟିଏ ବଡ଼ କାମକୁ ନେଇଆଣି ଥୋଇ ପାରିବ। -ପାସ୍‌କଲ



# ପ୍ରାର୍ଥୀଙ୍କୁ ପରଖୁଛନ୍ତି ଭୋଟର

ଯାଜପୁର ଅଫିସ,୧୨।୪

ଯାଜପୁର ଜିଲାର ଗୋଟିଏ ଲୋକସଭା ଓ ୭ଟି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଆସନ୍ତା ୨୯ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରାର୍ଥୀମାନେ ପ୍ରଚାର ବେଗକୁ ବଢାଇଛନ୍ତି। ପ୍ରାର୍ଥୀ ଓ କର୍ମୀ ଗାଁକୁ ଗାଁ ବୁଲୁଥିବାରୁ ଗ୍ରାମାଞ୍ଚଳରେ ନିର୍ବାଚନୀ ମାହୋଲ ସରଗରମ ହୋଇଛି। ଏଥର ବିଜେଡି ପ୍ରଥମ କରି ମହିଳା କାର୍ଡ ଖେଳିଥିବାରୁ ବରୀ ନିର୍ବାଚନମଣ୍ଡଳୀ ମହିଳାଙ୍କ ମଧ୍ୟରେ ବେଶ ଉତ୍ସୁକତା ଦେଖାଦେଇଛି। ଏହିକ୍ରମରେ ବିଜେଡି ପ୍ରାର୍ଥୀ ସୁନନ୍ଦା ଦାସ ଯଦି ବିଜୟୀ ହେବେ ତେବେ ଯାଜପୁର ଜିଲାରେ ସୁକିନ୍ଦା ରାଣୀ ଆନନ୍ଦ ମଞ୍ଜରୀ, ବିଞ୍ଝାରପୁରରୁ ପ୍ରମିଳା ମଲ୍ଲିକ ଓ କୋରେଇରୁ ଭାଜପାର ସଞ୍ଚିତା ମହାନ୍ତିଙ୍କ ପରେ ୪ର୍ଥ ମହିଳା ବିଧାୟିକା ହେବାର ସୌଭାଗ୍ୟ ଅର୍ଜନ କରିବେ। ଅନ୍ୟପକ୍ଷେ ଭୋଟରମାନେ କେଉଁ ପ୍ରାର୍ଥୀଙ୍କୁ ନିଜ ଭୋଟ ଦେବେ ସେ ନେଇ ପରଖିବା ଆରମ୍ଭ କରିଛନ୍ତି।

ନିର୍ବାଚନ ତାରିଖ ଯେତିକି ପାଖେଇ ଆସୁଛି ସମସ୍ତ ପ୍ରାର୍ଥୀ ଆଶା ଆଶଙ୍କାରେ ରହୁଥିବାବେଳେ କର୍ମୀଙ୍କ ଉତ୍ସାହ ବଢିବାରେ ଲାଗିଛି। ବରୀ ଆସନ ହାତେଇବା ପାଇଁ ସମସ୍ତ ଦଳୀୟ ଓ ନିର୍ଦ୍ଦଳୀୟ ପ୍ରାର୍ଥୀଙ୍କ ପକ୍ଷରୁ ଜୋରଦାର ଉଦ୍ୟମ ଚାଲିଛି। ବିଜେଡିରୁ ବରୀ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁନନ୍ଦା ଦାସ, ଭାଜପାରୁ ବିଶ୍ୱରଞ୍ଜନ ମଲ୍ଲିକ, କଂଗ୍ରେସରୁ ଉମେଶ ଜେନା ତାଙ୍କ ସମର୍ଥକଙ୍କ ସହିତ ଜୋରସୋର ପ୍ରଚାର ଚଳାଇଛନ୍ତି। ଭାଜପାର ବିଶ୍ୱରଞ୍ଜନ କେତେଜଣ ପୂର୍ବତନ ପଞ୍ଚାୟତ ସମିତି ଲୋକ ପ୍ରତିନିଧିଙ୍କୁ ନିଜ ଦଳରେ ସାମିଲ କରିବାରେ ଲାଗି ପଡିଛନ୍ତି। ନୂତନ ଭାବେ ଭାଜପାରେ ଯୋଗଦେଉଥିବା ନେତାଙ୍କ ବରୀ ନିର୍ବାଚନମଣ୍ଡଳୀ କିମ୍ବା ତାଙ୍କ

**ବରୀ ନିର୍ବାଚନମଣ୍ଡଳୀ**
- ସୁନନ୍ଦାଙ୍କୁ ନେଇ ମହିଳା ଭୋଟର ଉତ୍ସାହୀ
- ମିଶ୍ରଣ ପ୍ରକ୍ରିୟାରେ ମାତିଛନ୍ତି ବିଶ୍ୱ, ପ୍ରଚାର ଆଗରେ

ପଞ୍ଚାୟତ ମଧ୍ୟରେ ପୂର୍ବରୁ ବିକାଶ କ୍ଷେତ୍ରରେ ଅବଦାନ କେତେ ରହିଛି ସେ ନେଇ ଭୋଟର ଆଲୋଚନା କରୁଛନ୍ତି। ଗତ ସାଧାରଣ ନିର୍ବାଚନରେ ବିଶ୍ୱ ସ୍ୱାଧୀନ ଭାବେ ଛିଡା ହୋଇ ୭,୬୮୨ ଭୋଟ ବ୍ୟବଧାନରେ ପରାଜିତ ହୋଇଥିଲେ। ଏବେ ଭାଜପାର ଶକ୍ତି ଦୁଇଗୁଣକୁ ବୃଦ୍ଧି ଘଟିଛି। ଗତ ପଞ୍ଚାୟତ ନିର୍ବାଚନରେ ୨୯ରୁ ୨୧ଟି ପଞ୍ଚାୟତର ସମିତି ସଭ୍ୟ ପଦବୀ ହାସଲ କରି ଭାଜପା ଦଳ ସମର୍ଥିତ ସମିତି ଗଠନ ସମ୍ଭବ ହୋଇ ପାରିଛି । ଏହା ଭାଜପାର ଶକ୍ତିକୁ ଦୁଇଗୁଣ ବୃଦ୍ଧି କରିଛି। ଏଭଳି ସ୍ଥିତିରେ ଭାଜପାକୁ ଟକ୍କର ଦେବା ବିଜେଡି ପାଇଁ ସହଜ ହେବ ନାହିଁ ବୋଲି କୁହାଯାଉଛି। ତଥାପି ବିଜେଡି ପ୍ରାର୍ଥୀ ସୁନନ୍ଦା ଜଣେ ମହିଳା ହୋଇଥିବାରୁ ମହିଳା ଓ ବୁଦ୍ଧିଜୀବୀଙ୍କ ସହାନୁଭୂତି ରହିବା ସ୍ୱାଭାବିକ। ସ୍ନାତକ ଡିଗ୍ରୀଧାରୀ ସୁନନ୍ଦା ଉଚ୍ଚଶିକ୍ଷିତା ହୋଇଥିବାବେଳେ ଗତ ୨ବର୍ଷ ହେଲା ବରୀ ପଞ୍ଚାୟତ ସମିତି ଅଧ୍ୟକ୍ଷା ଭାବେ ସୁଚାରୁରୂପେ ତାଙ୍କ ଦାୟିତ୍ୱ ନିର୍ବାହ କରି ଆସୁଛନ୍ତି। ଏହା ପୂର୍ବରୁ ୨୦୦୭ରେ ଅଙ୍ଗାଳୋ ସରପଞ୍ଚ, ୨୦୧୨ରେ ଜିଲା ପରିଷଦ ସଭ୍ୟା ଓ ୨୦୧୭ରେ ବରୀ ବ୍ଲକ ଅଧ୍ୟକ୍ଷା ଭାବେ ସେ ନିଜ ପରାକାଷ୍ଠା ଦେଖାଇ ଆସିଛନ୍ତି। ଏହାବାଦ ତାଙ୍କ ସ୍ୱାମୀ ଦେବେନ୍ଦ୍ର ଦାସ ଜଣେ ସୁସଂଗଠକ ଭାବେ ଜଣାଶୁଣା । ସେ ମଧ୍ୟ ପୂର୍ବରୁ ସରପଞ୍ଚ, ଜିଲା ପରିଷଦ ସଦସ୍ୟ ଓ ସେବା ସମବାୟ ସମିତି ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଏହାବାଦ ସୁନନ୍ଦାଙ୍କର ବିଭିନ୍ନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନରେ ପ୍ରମୁଖ ଭୂମିକା ରହିଛି। ବିଭିନ୍ନ ଧାର୍ମିକ ଅନୁଷ୍ଠାନ ସହିତ ମଧ୍ୟ ସେ ଜଡିତ। ପୁଣି ବିଜେଡିର ଦୃଢ ସଂଗଠନ ମଧ୍ୟ ତାଙ୍କ ସପକ୍ଷରେ ରହିଛନ୍ତି। ଏଭଳି ସ୍ଥିତିରେ ବିଶ୍ୱରଞ୍ଜନଙ୍କ ପାଇଁ ଏଥର ସୁନନ୍ଦା ଭାରି ପଡିପାରନ୍ତି ବୋଲି ଚର୍ଚ୍ଚା ହେଉଛି। କଂଗ୍ରେସ ସୀମିତ ଭୋଟ ବ୍ୟାଙ୍କ ଓ ପ୍ରାର୍ଥୀଙ୍କ ସୀମିତ ସମର୍ଥକଙ୍କ ମଧ୍ୟରେ ଉମେଶ ଜେନା ନିର୍ବାଚନ ଲଢିବାକୁ ଚେଷ୍ଟା କରୁଛନ୍ତି। ବିଜେଡି ଓ ଭାଜପାର ଧନଜନ ବଳ ନିକଟରେ କଂଗ୍ରେସର ପ୍ରଚାର ସୀମିତ ରହୁଥିବା ଦେଖାଯାଉଛି। ସୂଚନାଯୋଗ୍ୟ ଯେ, ବରୀ ନିର୍ବାଚନମଣ୍ଡଳୀର ସୀମା ପୁନଃନିର୍ଦ୍ଧାରଣ ପରେ ପରିବର୍ତ୍ତିତ ରୂପରେଖରେ ୪ର୍ଥ ଥର ନିର୍ବାଚନ ହେବାକୁ ଯାଉଛି। ୨୦୦୪ରେ ବରୀ ବ୍ଲକର ସମସ୍ତ ୨୯ ପଞ୍ଚାୟତ, ରସୁଲପୁର ବ୍ଲକର ୧୦ ଓ ଯାଜପୁର ବ୍ଲକର ୮ଟି ଗ୍ରାମ ପଞ୍ଚାୟତକୁ ନେଇ ବରୀ ନିର୍ବାଚନମଣ୍ଡଳୀ ପୁନର୍ଗଠିତ ହୋଇଛି।

## ସୁକିନ୍ଦା ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ବୈଠକ



ବୈଠକରେ ଉପସ୍ଥିତ ଅତିଥି ଓ ଆଇନଜୀବୀ।

ଯାଜପୁରରୋଡ,୧୨।୪(ନି.ପ୍ର.)

ଯାଜପୁରରୋଡସ୍ଥିତ ଏକ ହୋଟେଲରେ ଶୁକ୍ରବାର ସୁକିନ୍ଦା ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ନିର୍ବାଚନ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପୂର୍ବତନ ଅର୍ଥମନ୍ତ୍ରୀ ତଥା ବରିଷ୍ଠ ବିଜେଡି ନେତା ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ ଯୋଗଦେଇ ଓଡ଼ିଶାରେ ବିଜେଡି ସରକାର ଗଠନ କରି ୧୯ ବର୍ଷ ଧରି ଜନମାନସକୁ କିଣି ନେଇଛି। ନବୀନ ବାବୁଙ୍କ ବିଭିନ୍ନ ଯୋଜନା ସାଧାରଣ ଲୋକଙ୍କ ପାଇଁ କରାଯାଇଛି ବୋଲି କହିଥିଲେ। ରାସ୍ତାଘାଟ, ସ୍ୱାସ୍ଥ୍ୟ, ପାନୀୟଜଳ, ଶିକ୍ଷାରେ ଓଡିଶା ଅଗ୍ରଗତି କରିଛି। ସୁକିନ୍ଦାର ବିଭିନ୍ନ ଅଞ୍ଚଳରେ ବିଜେଡି ସପକ୍ଷରେ ଜନମତ ସୃଷ୍ଟି କରିବା ପାଇଁ ଆହ୍ୱାନ ଦେଇଥିଲେ। ଏଥିରେ ଯାଜପୁର ଲୋକ ସଭା ପ୍ରାର୍ଥିନୀ ଶର୍ମିଷ୍ଠା ସେଠୀ, କୋରେଇ ବିଧାନସଭା ବିଜେଡି ପ୍ରାର୍ଥୀ ଅଶୋକ ବଳ ପ୍ରମୁଖ ଅଭିଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ନରେନ୍ଦ୍ର ମହନ୍ତ, ପ୍ରହ୍ଲାଦ ମଲ୍ଲିକ, ଚନ୍ଦ୍ରକାନ୍ତ ପାତ୍ର, ତପସ୍ୱିନୀ ମଲ୍ଲିକ, ଜିତେନ୍ଦ୍ର କୁମାର ଦାସ ପ୍ରମୁଖ ସୁକିନ୍ଦାର ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

## ନିର୍ବାଚନରେ ନିୟୋଜିତ କର୍ମଚାରୀଙ୍କ ଛୁଟି ବାତିଲ

ଯାଜପୁର,୧୨।୪(ଡି.ଏନ୍.ଏ.)

ଯାଜପୁର ଜିଲାରେ ସାଧାରଣନିର୍ବାଚନ ପାଇଁ ନିୟୋଜିତ ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ୧୩ ଓ ୧୪ ତାରିଖ ଛୁଟି ପଡୁଥିବାରୁ ନିର୍ବାଚନରେ ନିୟୋଜିତ ଅଧିକାରୀ ଓ କର୍ମଚାରୀ ଛୁଟିରେ ନ ଯିବା ପାଇଁ ଜିଲାପାଳ ରଞ୍ଜନ କୁମାର ଦାସ ନିର୍ଦ୍ଦେଶ ଦେଇଛନ୍ତି। ଶାନ୍ତିଶୃଙ୍ଖଳାରେ ନିର୍ବାଚନ ସମାପ୍ତ ହେବାନେଇ ୧୬ରୁ ୨୦ ତାରିଖ ପର୍ଯ୍ୟନ୍ତ ୩ୟ ପର୍ଯ୍ୟାୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ଏ ନେଇ ନିର୍ବାଚନରେ ନିୟୋଜିତ କର୍ମଚାରୀଙ୍କ ନିଯୁକ୍ତିପତ୍ର ଶୁକ୍ରବାରଠାରୁ ବଣ୍ଟନ କରାଯିବା ପାଇଁ ବ୍ୟବସ୍ଥା କରାଯାଇଛି। ୩ୟ ପର୍ଯ୍ୟାୟ ପ୍ରଶିକ୍ଷଣ ପାଇଁ ପୋଲିଂ ଦାୟିତ୍ୱରେ ଥିବା ଅଧିକାରୀଙ୍କ କାର୍ଯ୍ୟାଳୟର ମୁଖ୍ୟ ଅଧିକାରୀ ଏହି ନିଯୁକ୍ତିପତ୍ରକୁ ଗ୍ରହଣ କରି ସମ୍ପୃକ୍ତ ପୋଲିଂ ଅଫିସରଙ୍କୁ ବଣ୍ଟନ କରିବେ। ଚୂଡାନ୍ତ ପ୍ରଶିକ୍ଷଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏଥିରେ ସମସ୍ତ ପୋଲିଂ ଅଧିକାରୀ ପ୍ରଶିକ୍ଷଣ ନେବା ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଚୂଡାନ୍ତ ପର୍ଯ୍ୟାୟ ପ୍ରଶିକ୍ଷଣରେ ପର୍ଯ୍ୟବେକ୍ଷକମାନେ ଉପସ୍ଥିତ ରହି ପୋଲିଂ ଅଧିକାରୀଙ୍କ ସହିତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଥିବା ଜିଲାପାଳ ସୂଚନା ଦେଇଛନ୍ତି।

## ଐତିହାସିକ ସିଂହାପୁର ଯାତ୍ରା ବିବାଦ

# ସଂସ୍କାର ଆଣିବା ଦିଗରେ ତହସିଲଦାରଙ୍କ ହସ୍ତକ୍ଷେପ

**ରସୁଲପୁର,୧୨।୪(ଡିଏନଏ):** ରସୁଲପୁର ବ୍ଲକ ଅଞ୍ଚଳର ଐତିହାସିକ ସିଂହାପୁର ଯାତ୍ରାକୁ ନେଇ ବିବାଦ ଥମିବା ବଦଳରେ ବଢ଼ିବାରେ ଲାଗିଛି। ଯାତ୍ରା ପରିଚାଳନାରେ ବ୍ୟାପକ ଅନିୟମିତାକୁ ସ୍ଥାନୀୟ ସରପଞ୍ଚ ଆରତି ପହି ବିରୋଧ କରି କମିଟିରୁ ଇସ୍ତଫା ଦେଇଥିଲେ। ପରେ ଏନେଇ ସରପଞ୍ଚ ପହି, ସମିତି ସଭ୍ୟ ପ୍ରଦୀପ୍ତ ନାୟକ ଓ ତାଙ୍କ ସମର୍ଥକ ଜିଲା ପ୍ରଶାସନକୁ ଅବଗତ କରାଇଥିଲେ। ପଞ୍ଚାୟତରୁ ଆସିଥିବା ଅଭିଯୋଗକୁ ତହସିଲ ପ୍ରଶାସନ ପକ୍ଷରୁ ଗୁରୁତ୍ୱାରୋପ କରାଯାଇଛି। ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ ଓ କୁଆଖିଆ ଥାନାଧିକାରୀ ମନୋଜ ସ୍ୱାଇଁଙ୍କ ଉପସ୍ଥିତିରେ ପଞ୍ଚାୟତ ପ୍ରତିନିଧି ଓ କମିଟି ସଦସ୍ୟଙ୍କୁ ନେଇ ଏକ ବୈଠକ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଶାସନ ପକ୍ଷରୁ ଯାତ୍ରାରେ ସଂସ୍କାର ଆଣିବା ଦିଗରେ ଗୁରୁତ୍ୱାରୋପ କରାଯାଇଛି।

ଜନପ୍ରତିନିଧିଙ୍କ ପକ୍ଷରୁ ହୋଇଥିବା ଅଭିଯୋଗରୁ ଜଣାଯାଏ ଯେ, ପାରମ୍ପାରିକ ଯାତ୍ରାକୁ ଅସ୍ଥାୟୀ କମିଟି କବ୍‌ଜାରେ ରଖିଛି । ଏହି କମିଟି ଯାତ୍ରା ଆଳରେ ଭକ୍ତଙ୍କୁ ଶୋଷଣ କରୁଛି। ଭୋଗ ଦୋକାନ, ସାଇକେଲ, ମୋଟର ସାଇକେଲ ଷ୍ଟାଣ୍ଡ, ଯାତ୍ରା ପଡିଆରେ ଦୋକାନ ପ୍ରତିଷ୍ଠାନ ନିକଟରୁ ଅତ୍ୟଧିକ ମାହାସୁଲ ଆଦାୟ କରି ଅର୍ଥ ବାଟମାରଣା କରାଯାଉଛି। ଆୟବ୍ୟୟକୁ ନେଇ ଅଡିଟ୍ କରାଯାଉ ନାହିଁ। ନାରାୟଣ ଗୋସାଇଁ ବିଜେସ୍ଥଳରେ ପରମ୍ପରାକୁ ଉଲ୍ଲଂଘନ କରାଯାଉଛି । କମିଟି ପକ୍ଷରୁ ରାଜ ପରିବାରର ବିନା ଅନୁମତିରେ ମଧୁତୀର୍ଥ ପୁଷ୍କରିଣୀରେ ଆଲୋକ ଲଗାଇବା, ଜଳ ସିଞ୍ଚନ ବ୍ୟବସ୍ଥା କରିବା, ନୌକା ଚାଳନା କରିବା ଭଳି ବେଆଇନ କାର୍ଯ୍ୟ କରାଯାଉଛି। ଚଳିତବର୍ଷ ଯାତ୍ରାକୁ ୩ଦିନ ବଦଳରେ ୫ଦିନ କରିବାକୁ କମିଟି ଗୁରୁତ୍ୱ ଦେଉଛି । ଏଭଳି ବହୁ ଅଭିଯୋଗ ସମ୍ପର୍କରେ ଜିଲାପାଳ, ଉପଜିଲାପାଳ, ରସୁଲପୁର ତହସିଲଦାର, କୁଆଖିଆ ଥାନାଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଯାତ୍ରାକୁ ଆଉ ମାତ୍ର ସ୍ୱଳ୍ପ ଅବଧି ରହିଛି। ତେବେ ପଞ୍ଚାୟତରୁ ଆସିଥିବା ସମସ୍ତ ଅଭିଯୋଗକୁ ଦୃଷ୍ଟିରେ ରଖି ତହସିଲଦାରଙ୍କ କମିଟି ଓ ପଞ୍ଚାୟତର ପ୍ରତିନିଧିଙ୍କୁ ନେଇ ଏକ ସମନ୍ୱୟ ବୈଠକ ଜରିଆରେ ଆଲୋଚନା କରିଛନ୍ତି। ଯାତ୍ରାରେ ପରମ୍ପରା ଭଙ୍ଗ ନ ହେବା ଉପରେ ଗୁରୁତ୍ୱ ଦିଆଯିବ। ଭୋଗ, ସାଇକେଲ ଓ ମୋଟର ସାଇକେଲ ଷ୍ଟାଣ୍ଡ, ଯାତ୍ରା ପଡିଆ ଦୋକାନ ଆଦିକୁ କମ୍ ଦରରେ ପ୍ରଦାନ କରାଯିବ। ଯାତ୍ରାକୁ ପୂର୍ବଭଳି ୪ଦିନରେ ସୀମିତ ରଖାଯିବ ବୋଲି ବୈଠକରେ ସହମତି ହୋଇଛି । ଏହାଛଡା ପରବର୍ତ୍ତୀ ସମୟରେ ସମୟ ସାପେକ୍ଷ ଅଭିଯୋଗଗୁଡିକୁ ବିଚାରକୁ ନିଆଯିବ ବୋଲି ଆଲୋଚନା ହୋଇଥିବା ନେଇ ତହସିଲଦାର ସୂଚନା ଦେଇଛନ୍ତି । ଉକ୍ତ ଆଲୋଚନାରେ ରାଜନେମା ଅପର୍ଣ୍ଣାଧିର ସିଂ ଭରଦ୍ୱାଜ, ଜିଲାପରିଷଦ ସଭ୍ୟ ରଶ୍ମିରଞ୍ଜନ ନାୟକ ଓ କମିଟିର କର୍ମକର୍ତ୍ତା ଯୋଗ ଦେଇଥିଲେ।

## ସଂକ୍ଷେପରେ

### ମଦ ଜବତ, ବ୍ୟବସାୟୀ କୋର୍ଟଚାଲାଣ

**କୋରେଇ,୧୨।୪(ସ୍ୱ.ପ୍ର.):** କୋରେଇ ପୋଲିସ ଗୁରୁବାର ରାତିରେ ଚଢ଼ାଉ କରି ଜଣେ ଦେଶୀ ମଦ ବ୍ୟବସାୟୀଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୩୮ ଲିଟର ମହୁଲି ମଦ ଜବତ କରିଛି। ଅଭିଯୁକ୍ତ ହେଲେ ମଥୁରାପୁର ଗ୍ରାମର ବାରିଆ ହାତି (୫୫)। ମଦ କାରବାର ସମ୍ପର୍କରେ ଖବରପାଇ ପୋଲିସ ମକୁନ୍ଦପୁର ପଞ୍ଚାୟତର ମଥୁରାପୁର ବ୍ରିଜ ମୁଣ୍ଡରେ ଚଢ଼ାଉ କରିଥିଲା। ଏନେଇ ଏକ ମାମଲା (ନଂ.୭୨/୧୯) ରୁଜୁ କରି ବ୍ୟବସାୟୀଙ୍କୁ କୋର୍ଟଚାଲାଣ କରାଯାଇଛି।

### ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ଗାଡ଼ି ଯାଞ୍ଚ

**ବିଞ୍ଝାରପୁର,୧୨।୪(ଡି.ଏନ୍.ଏ.):** ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ତାଡଁତରା, ମଇଁନ୍ଦା, ବାଲମୁକୁଳି, ରସିକଛକ, ସିଂହପୁର, ପ୍ରୀତିପୁର ଆଦି ଅଞ୍ଚଳରେ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ତନଖି କରାଯାଇଛି। ଏହି ସମୟରେ ବିଭିନ୍ନ ସ୍ଥାନରେ ସନ୍ଦେହଜନକ ଗାଡ଼ିଗୁଡିକୁ ଯାଞ୍ଚ କରାଯାଇଥିଲା । ବ୍ଲକ ସହକାରୀ ଯନ୍ତ୍ରୀ ରଞ୍ଜନ କୁମାର ସାମଲ, ବିଞ୍ଝାରପୁର ଥାନା ଏଏସ୍‌ଆଇ ଯୁଧିଷ୍ଠିର ମଲିକ, ଆକାଉଣ୍ଟାଟ ଉତ୍ତରା କୁମାର ସାମଲ ଯାଞ୍ଚରେ ସାମିଲ ହୋଇଥିଲେ।

### ବସନ୍ତ କାଳୀନ ଦୁର୍ଗାପୂଜା

**ବିଞ୍ଝାରପୁର, ୧୨।୪(ଡି.ଏନ୍.ଏ.):** ବିଞ୍ଝାରପୁର ବ୍ଲକ ଅର୍ନ୍ତଗତ ମାଁସଡା ଗ୍ରାମ ପଞ୍ଚାୟତର ଗୁମ୍ଫା ଛକଠାରେ ୪୦ତମ ବାର୍ଷିକ ମା' ବାସନ୍ତି ଦୁର୍ଗା ପୂଜା ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ପୂଜା ମଣ୍ଡପରେ ମା'ଙ୍କ ଦର୍ଶନ ନେଇ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିବାବେଳେ ସମଗ୍ର ଅଞ୍ଚଳ ଉତ୍ସବ ମୁଖର ହୋଇଉଠିଛି। ବୁଧବାର ଷଷ୍ଠୀ ତିଥିରେ କିଶୋର ଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ବିଲ୍ୱବରଣ କରାଯାଇ ପୂଜାର ଶୁଭାଧିବାସ ହୋଇଥିଲା। ଶୁକ୍ରବାର ଅଶୋକାଷ୍ଟମୀରେ ମା'ଙ୍କ ଷୋଡ଼ଶ ଉପଚାର ପୂଜା ଓ ସପ୍ତ ଚଣ୍ଡୀ ପାଠ ଅନୁଷ୍ଠିତ ହୋଇଛି। ଶନିବାର ରାମ ନବମୀ ଉପଲକ୍ଷେ ରାମ ଚରିତ ମାନସ ପାଠ କରାଯିବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୫ ଦିନବ୍ୟାପି ଦୁର୍ଗାପୂଜା ଉପଲକ୍ଷେ ବଜାରକମିଟି ତରଫରୁ ଅନ୍ନପ୍ରସାଦ ଓ ଜଳଛତ୍ର ବଣ୍ଟନର ବ୍ୟବସ୍ଥା କରାଯାଇଛି। ଏହି ଦୁର୍ଗାପୂଜା ସୋମବାର ପର୍ଯ୍ୟନ୍ତ ଚାଲିବ ବୋଲି ଗୁମ୍ଫାଛକ ବଜାର କମିଟି ପକ୍ଷରୁ ସୂଚନା ଦିଆଯାଇଛି । କମିଟି ସଦସ୍ୟ ସର୍ବଶ୍ରୀ ସୁରଥ କର, ଜୟ ପ୍ରକାଶ ପଣ୍ଡା, ଅନନ୍ତ ସାହୁ, ଲୋକନାଥ ଦାଶ, ବିଦ୍ୟାଧର ସାହୁ, ଆଲୋକ ବାରିକ, ବିଶ୍ୱନାଥ ଦାସଙ୍କ ସମେତ ବହୁ କମିଟି କର୍ମକର୍ତ୍ତା ଓ ସ୍ଥାନୀୟ ଅଞ୍ଚଳବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଛନ୍ତି।

■ କୋରେଇ ବିଧାନସଭା ନିର୍ବାଚନମଣ୍ଡଳୀ

# ଛିଡୁନି ବିଜେଡିର ଅନ୍ତର୍ଦ୍ୱନ୍ଦ୍ୱ

ଯାଜପୁରରୋଡ,୧୨।୪(ନି.ପ୍ର.)

ଯାଜପୁର ଜିଲା କୋରେଇ ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀଙ୍କୁ କର୍ମୀମାନେ ସହଜରେ ଗ୍ରହଣ କରି ପାରୁନାହାନ୍ତି। ଶୁକ୍ରବାର ହୋଟେଲ ବ୍ରାହ୍ମଣୀରେ ବିଜେଡି ପ୍ରାର୍ଥୀ ଅଶୋକ ବଳଙ୍କ ଖବରଦାତା ସମ୍ମିଳନୀରୁ ଏହା ସ୍ପଷ୍ଟ ହୋଇଛି। କାର୍ଯ୍ୟକ୍ରମ ଶେଷରେ ବିଜେଡିର ଜଣେ ସଦସ୍ୟ ଯେଉଁଭଳି ଭାବେ କ୍ରୋଧ ପ୍ରକାଶ କରି ନିଜ ଅସନ୍ତୋଷ ପ୍ରକାଶ କରୁଥିଲେ, ଏଥିରୁ ବିଜେଡିର ଅନ୍ତର୍ଦ୍ୱନ୍ଦ୍ୱ ଛିଡୁ ନ ଥିବା ସ୍ପଷ୍ଟ ମନେ ହେଉଛି। କୋରେଇ ନିର୍ବାଚନମଣ୍ଡଳୀ ଅଣ କଂଗ୍ରେସ ଗଡ଼ ଭାବେ ପରିଚିତ। ୨୦୦୪କୁ ବାଦ ଦେଲେ ଗତ ୨୦୦୦ରୁ ଏଯାଏ ବିଜେଡି ଏଠାରେ ବିଜୟୀ ହୋଇଆସିଛି। ହେଲେ ୨୦୦୦ ମସିହା ପରଠାରୁ ଏଠାରେ କୌଣସି ଜଣେ ପ୍ରାର୍ଥୀ ୨ଥର ବିଧାୟକ ହୋଇ ପାରିନାହାନ୍ତି। ୨୦୧୪ରେ ପ୍ରୀତିରଞ୍ଜନ ଘଡେଇଙ୍କୁ ସୁକିନ୍ଦା ଟିକେଟ ମିଳିବା ପରେ ଆକାଶ ଦାସନାୟକଙ୍କୁ କୋରେଇରେ ବିଜେଡି ଟିକେଟ ମିଳିଥିଲା। ଏହାପରେ ଘଡେଇ ଓ ଆକାଶ ସମର୍ଥକଙ୍କ ମଧ୍ୟରେ ବିଜେଡି ୨ଫାଳ ହୋଇଥିଲା। ଏବେ ଆକାଶଙ୍କୁ ବାଦ ଦେଇ ବିଜେଡି ଅଶୋକ ଦାସଙ୍କୁ ଟିକେଟ ଦେବା ପରେ ପୁଣି ବିଜେଡି ୨ଫାଳ ହୋଇଛି। ଏଭଳି ଭାବେ ଘଡେଇ, ଆକାଶ ଓ ଅଶୋକଙ୍କ ସମର୍ଥକଙ୍କ ମଧ୍ୟରେ କୋରେଇ ବିଜେଡି ୩ ଫାଳ ହୋଇଛି। ଫଳରେ ଚଳିତ ନିର୍ବାଚନରେ ବିଜେଡି କର୍ମୀମାନେ ବିଶେଷ ଭାବେ ଭାଜପା ଓ କଂଗ୍ରେସ ଦଳକୁ ମୁହାଁଉଛନ୍ତି। ବିଜେଡିର ଅସନ୍ତୁଷ୍ଟଙ୍କୁ ଭାଜପା ନିଜ ସପକ୍ଷରେ ସେତେଟା ନେଇପାରୁ ନାହିଁ। କିନ୍ତୁ ଏହାର ଫାଇଦା କଂଗ୍ରେସ ଉଠାଉଛି। ବିଜେଡିର ନୂଆଁ ମୁହଁ ଉଭୟ କଂଗ୍ରେସ ଓ ଭାଜପା ପ୍ରାର୍ଥୀଙ୍କୁ କିଭଳି ସମ୍ମୁଖୀନ ହେବେ ତାହା ସଂଶୟ ପ୍ରକାଶ ପାଉଛି। ବିଜେଡି ପ୍ରାର୍ଥୀ ଅଶୋକ ଏଯାଏ ଭୋଟରଙ୍କ ନିକଟକୁ ସିଧାସଳଖ ପହଞ୍ଚି ପାରିନାହାନ୍ତି । ସେ କେତେଜଣ ଆଗଧାଡିର ନେତାଙ୍କ ଉପରେ ଭରସା କରି ବିଭିନ୍ନ ଉପହାର ଦେଇ କେବଳ ଅର୍ଥ ଶ୍ରାଦ୍ଧ କରୁଥିବା ଆଲୋଚନା ହେଉଛି। ଅନ୍ୟପକ୍ଷେ ଅସନ୍ତୁଷ୍ଟ ନେତାମାନେ ଭୋଟରଙ୍କୁ ବିଜେଡିକୁ ଭୋଟ ନ ଦେବାକୁ ଭିତିରିଆ ପ୍ରବର୍ତ୍ତାଉଥିବା ସୂଚନା ମିଳିଛି। ଏହାବାଦ ବିଜେଡି ନେତା ଇନ୍ଦିରାବାସ, ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଏନଆରଜିଏସ, ସ୍ୱଚ୍ଛ ଭାରତ ମିଶନ ଆଦି ଯୋଜନାର ହିତାଧିକାରୀଙ୍କଠାରୁ ୧୦ହଜାର ଓ ୨୦ହଜାର ଟଙ୍କା ଲେଖାଏଁ ହାତଗୁଞ୍ଜା ନେଇଥିବାରୁ ବିଜେଡି ଉପରେ ସାଧାରଣ ଭୋଟର ବିମୁଖ ହୋଇପଡିଛନ୍ତି। ଅନ୍ୟପକ୍ଷରେ କାଳିଆ ଯୋଜନାରେ ବିଜେଡି କର୍ମୀମାନେ ଘର ପିଛା ୫ଜଣ ନେଇଥିଲା ବେଳେ ସାଧାରଣ ଚାଷୀଙ୍କୁ ଉପେକ୍ଷା କରାଯାଇଛି। ଏଭଳି ଅନିୟମିତା ଓ ଦୁର୍ନୀତିକୁ ଅସ୍ତ୍ର କରି ଭାଜପା ଓ କଂଗ୍ରେସ ପକ୍ଷରୁ ନିର୍ବାଚନ ପ୍ରଚାର ସରଗରମ କରାଯାଉଥିଲା ବେଳେ ବିଜେଡି ନେତା ଏଯାଏ ପ୍ରଚାର ଆରମ୍ଭ କରିନାହାନ୍ତି କହିଲେ ଚଳେ।

# ମଇଦାନରେ ୬୧ ପ୍ରାର୍ଥୀ

ଯାଜପୁର ଅଫିସ,୧୨।୪

ଯାଜପୁର ଜିଲା ସାଧାରଣ ନିର୍ବାଚନ ପାଇଁ ମୋଟ ୬୧ଜଣ ପ୍ରାର୍ଥୀ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ଶୁକ୍ରବାର ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିନରେ ଜିଲା ପ୍ରଶାସନ ପକ୍ଷରୁ ଏହି ଚୂଡାନ୍ତ ତାଲିକା ପ୍ରକାଶ ପାଇଛି। ଯାଜପୁର ଲୋକସଭା ନିର୍ବାଚନମଣ୍ଡଳୀ ପାଇଁ ବହୁଜନ ସମାଜ ପାର୍ଟି(ବିଏସପି)ର ଅଶୋକ କୁମାର ଜେନା ଓ ବିଞ୍ଝାରପୁର(ସଂରକ୍ଷିତ) ବିଧାନସଭା ନିର୍ବାଚନମଣ୍ଡଳୀର ଅଜୟ କୁମାର ମଲିକ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଥିଲେ। ପୂର୍ବରୁ ୪ଜଣଙ୍କ ପ୍ରାର୍ଥୀପତ୍ର ବିଭିନ୍ନ କାରଣରୁ ନାକଚ ହୋଇଥିଲା । ତେବେ ଚୂଡାନ୍ତ ତାଲିକାରେ ରହିଥିବା ୧୨ ଜଣ ସ୍ୱାଧୀନ ପ୍ରାର୍ଥୀ ହିଁ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ ବୋଲି ଚର୍ଚ୍ଚା ଚାଲିଛି । ଜିଲାରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ଅନୁସାରେ ଯାଜପୁର ଲୋକସଭା (ସଂରକ୍ଷିତ) ଆସନ ପାଇଁ ୮ଜଣ, ବିଞ୍ଝାରପୁର ବିଧାନସଭା ପାଇଁ ୫ଜଣ, ବରୀ ପାଇଁ ୭ଜଣ, ବଡଚଣା ପାଇଁ ୭ଜଣ, ଧର୍ମଶାଳା ପାଇଁ ୧୦ ଜଣ, ଯାଜପୁର ପାଇଁ ୬ଜଣ,

**ଯାଜପୁର ସାଧାରଣ ନିର୍ବାଚନ**
- ସ୍ୱାଧୀନରେ ୧୨, ସୁକିନ୍ଦାରେ ସର୍ବାଧିକ ୫
- ନିର୍ଣ୍ଣାୟକ ହେବ ସ୍ୱାଧୀନ ପ୍ରାର୍ଥୀଙ୍କ ଭୂମିକା

କୋରେଇ ପାଇଁ ୭ଜଣ ଓ ସୁକିନ୍ଦା ପାଇଁ ସର୍ବାଧିକ ୧୧ ଜଣ ପ୍ରାର୍ଥୀ ନିର୍ବାଚନ ଲଢିବେ। ଖଣି ଓ ଶିଳ୍ପ ସମୃଦ୍ଧ ସୁକିନ୍ଦା ନିର୍ବାଚନମଣ୍ଡଳୀରେ ସର୍ବାଧିକ ୫ଜଣ ସ୍ୱାଧୀନ ପ୍ରାର୍ଥୀ ରହିଛନ୍ତି। ଗତ ନିର୍ବାଚନରେ ଏଠାରେ ବିଜେଡି ଓ କଂଗ୍ରେସ ମଧ୍ୟରେ କଡା ଟକ୍କର ହୋଇଥିଲା। କଂଗ୍ରେସ ପ୍ରାର୍ଥୀ ଶରତ ରାଉତ ମାତ୍ର ୪୭୦୪ ଭୋଟ ବ୍ୟବଧାନରେ ବିଜେଡିର ପ୍ରୀତିରଞ୍ଜନ ଘଡେଇଙ୍କଠାରୁ ପରାସ୍ତ ହୋଇଥିଲେ। ସେହିବର୍ଷ ମୋଟ ୧୪ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୬ଜଣ ସ୍ୱାଧୀନ ଭାବେ ରହିଥିଲେ। ଏହିମାନେ ମୋଟ ୨୦,୬୧୪ ଭୋଟ ପାଇଥିଲେ। ଅନ୍ୟପକ୍ଷେ ବିଜେଡିର ଘଡେଇ ୫୮,୧୨୨ ଓ କଂଗ୍ରେସର ରାଉତ ୫୩,୪୧୮ ଭୋଟ ପାଇଥିଲେ। ଅନ୍ୟପକ୍ଷେ ସ୍ୱାଧୀନ ଭାବେ ଲଢିଥିବା ପ୍ରଦୀପ ବଳସାମନ୍ତ ୧୭,୯୨୭ ଭୋଟ ପାଇଥିଲେ। ଏବେ ବଳସାମନ୍ତ ଭାଜପା ଟିକେଟରେ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ଏଭଳି ସ୍ଥିତିରେ କଂଗ୍ରେସର ବହୁ ଛାମୁଆ ନେତା ବିଜେଡି ଶିବିରରେ ରହିଥିବାରୁ କଂଗ୍ରେସ ଭୋଟହାର ହ୍ରାସ ପାଇବାର ସମ୍ଭାବନା ରହିଛି। ଏହି ଭୋଟ ସ୍ୱାଭାବିକ ଭାବେ ବିଜେଡି ପଟକୁ ଯିବାର ସମ୍ଭାବନା ରହିଥିବାରୁ ଘଡେଇଙ୍କ ପାଇଁ ଶୁଭ ଖବର ହେବ ବୋଲି ଚର୍ଚ୍ଚା ହେଉଛି । ସେହିପରି ବରୀ, ଧର୍ମଶାଳା ଓ ଯାଜପୁରରେ ଜଣେ ଲେଖାଏଁ ସ୍ୱାଧୀନ ପ୍ରାର୍ଥୀ ରହିଥିବାବେଳେ ବଡଚଣା ଓ କୋରେଇରେ ୨ଜଣ ଲେଖାଏଁ ସ୍ୱାଧୀନ ପ୍ରାର୍ଥୀ ରହିଛନ୍ତି। ଏହି ସ୍ୱାଧୀନ ପ୍ରାର୍ଥୀମାନେ କୌଣସି ଦଳର ବିଦ୍ରୋହୀ ହୋଇ ନ ଥିଲେ ହେଁ ନିଜ କ୍ଷମତା ଅନୁଯାୟୀ ଅନ୍ୟ ଦଳର ଭୋଟମୁଣିକୁ ହ୍ରାସ କରିବାର ବଳ ରଖିଛନ୍ତି। ତେଣୁ ଜିଲାରେ ବିଜେଡି ଓ ଭାଜପା ମଧ୍ୟରେ ମୁକାବିଲା ହେଉଥିଲେ ବି ସ୍ୱାଧୀନ ପ୍ରାର୍ଥୀ ନିର୍ଣ୍ଣାୟକ ଭୂମିକା ନେବେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

**ଯାଜପୁର ଲୋକ ସଭା ନିର୍ବାଚନମଣ୍ଡଳୀ ପାଇଁ ନାମାଙ୍କନ ଦାଖଲ କରିଥିବା ପ୍ରାର୍ଥୀ**

| | | |
|---|---|---|
| ୧ | ସୁବାସ ମଲ୍ଲିକ | ଏସ୍‌ୟୁସିଆଇ(ସି) |
| ୨ | ଭୀମସେନ୍ ବେହେରା | ଫ୍ରି ଥଟ୍ ପାର୍ଟି |
| ୩ | ମାନସ ଜେନା | କଂଗ୍ରେସ |
| ୪ | ଶର୍ମିଷ୍ଠା ସେଠୀ | ବିଜେଡି |
| ୫ | ରଞ୍ଜିତ ମଲ୍ଲିକ | ବହୁ ଜନମୁକ୍ତି ପାର୍ଟି |
| ୬ | ତିଳୋତ୍ତମା ସେଠୀ | ପ୍ରାଉଟିଷ୍ଟ ବ୍ଲକ ଇଣ୍ଡିଆ |
| ୭ | ଅମିୟକାନ୍ତ ମଲ୍ଲିକ | ଭାଜପା |
| ୮ | ସୁନାକର ବେହେରା | ଜୟ ପ୍ରକାଶ ଜନତା ଦଳ(ଜେଡିଜେପି) |

**ବିଧାନସଭା ଆସନ ପାଇଁ ନାମାଙ୍କନ ଦାଖଲ କରିଥିବା ପ୍ରାର୍ଥୀ**

**ବରୀ**

| | | |
|---|---|---|
| ୧ | ବିଶ୍ୱ ରଞ୍ଜନ ମଲ୍ଲିକ | ଭାଜପା |
| ୨ | ଉମେଶ ଚନ୍ଦ୍ର ଜେନା | କଂଗ୍ରେସ |
| ୩ | ମନୋରଞ୍ଜନ ପତି | ସ୍ୱାଧୀନ |
| ୪ | ଅକ୍ଷୟ କୁମାର କର | କୃପା ପାର୍ଟି |
| ୫ | ସୁନନ୍ଦା ଦାସ | ବିଜେଡି |
| ୬ | ଅସିତ୍ ରାୟ | ହିନ୍ଦୁସ୍ଥାନ ନିର୍ମାଣ |
| ୭ | ରୋହିତ କୁମାର ମଲ୍ଲିକ | ବିଏସ୍‌ପି |

**ଯାଜପୁର**

| | | |
|---|---|---|
| ୧ | ପ୍ରଣବ ପ୍ରକାଶ ଦାସ | ବିଜେଡି |
| ୨ | ପ୍ରଦୀପ କୁମାର ବେହୁରିଆ | ସ୍ୱାଧୀନ |
| ୩ | ଗୌତମ ରାୟ | ଭାଜପା |
| ୪ | ସନ୍ତୋଷ କୁମାର ନନ୍ଦ | କଂଗ୍ରେସ |
| ୫ | ସନ୍ତୋଷ ସୂର୍ଯ୍ୟବଂଶୀ | ସମତାକ୍ରାନ୍ତି |
| ୬ | ଆଦିତ୍ୟ ପ୍ରତାପ ଧୀରଦେଓ | କଳିଙ୍ଗସେନା |

**ବଡ଼ଚଣା**

| | | |
|---|---|---|
| ୧ | ଅମର କୁମାର ନାୟକ | ଭାଜପା |
| ୨ | ମୃତ୍ୟୁଞ୍ଜୟ ପ୍ରସାଦ ପରିଡା | ସ୍ୱାଧୀନ |
| ୩ | ଦୀପକ ସାହୁ | କଳିଙ୍ଗସେନା |
| ୪ | ଅମର ପ୍ରସାଦ ଶତପଥୀ | ବିଜେଡି |
| ୫ | ଅଜୟ କୁମାର ସାମଲ | କଂଗ୍ରେସ |
| ୬ | ଉମାକାନ୍ତ ମଲ୍ଲିକ | ବିଏସ୍‌ପି |
| ୭ | ଯତୀନ୍ଦ୍ର କୁମାର ସାହୁ | ସ୍ୱାଧୀନ |

**ସୁକିନ୍ଦା**

| | | |
|---|---|---|
| ୧ | ଶରତ ରାଉତ | କଂଗ୍ରେସ |
| ୨ | ଦ୍ୱିଜେନ୍ଦ୍ର କୁମାର ଘୋଷ | ସ୍ୱାଧୀନ |
| ୩ | ଯଦୁମଣି ମହାନ୍ତ | କଳିଙ୍ଗ ସେନା |
| ୪ | ଦୀପକ ନାୟକ | ଆମ୍ବେଡ଼କର ଜାତୀୟ କଂଗ୍ରେସ |
| ୫ | ପ୍ରଦୀପ ବଳସାମନ୍ତ | ଭାଜପା |
| ୬ | ଶୁଭକାନ୍ତ ମହାନ୍ତି | ସ୍ୱାଧୀନ |
| ୭ | ଅଶୋକ କୁମାର ବେହେରା | ସ୍ୱାଧୀନ |
| ୮ | ପ୍ରୀତି ରଞ୍ଜନ ଘଡ଼େଇ | ବିଜେଡି |
| ୯ | ଉମେଶ ଚନ୍ଦ୍ର ଖିଲାର | ସ୍ୱାଧୀନ |
| ୧୦ | ସନ୍ଦୀପ ଚକ୍ର | ସ୍ୱାଧୀନ |
| ୧୧ | ବ୍ରଜମ ମୋହନ ହେମ୍ବ୍ରମ | ବିଏମ୍‌ପି |

**ଧର୍ମଶାଳା**


| | | |
|---|---|---|
| ୧ | ମଧୁମିତା ସାହୁ | ଏସ୍‌ୟୁସିଆଇ |
| ୨ | ପ୍ରଣବ ବଳବନ୍ତରାୟ | ବିଜେଡି |
| ୩ | ହରମୋହନ କର | କୃପା ପାର୍ଟି |
| ୪ | ସ୍ମୃତିରେଖା ପହି | କଂଗ୍ରେସ |
| ୫ | ରାମଚନ୍ଦ୍ର ସିଂ | ସ୍ୱାଧୀନ |
| ୬ | ରମେଶ ଚନ୍ଦ୍ର ପରିଡ଼ା | ଭାଜପା |
| ୭ | ଦେବବ୍ରତ ରାଉତ | ବିଏସ୍‌ପି |
| ୮ | ରବୀନ୍ଦ୍ର ଧୀର | କଳିଙ୍ଗସେନା |
| ୯ | ଈଶ୍ୱର ଚନ୍ଦ୍ର ପ୍ରଧାନ | ଅଖିଳ ଭାରତ ହିନ୍ଦୁ ମହାସଭା |
| ୧୦ | ପ୍ରିୟଦର୍ଶନ ଧୀର | ଆମ୍ବେଡ଼କର ଜାତୀୟ କଂଗ୍ରେସ |

**କୋରେଇ**

| | | |
|---|---|---|
| ୧ | ବିଶ୍ୱଜିତ୍ ନାୟକ | ଭାଜପା |
| ୨ | ବିଶ୍ୱଜିତ୍ ମହାନ୍ତି | ସ୍ୱାଧୀନ |
| ୩ | ବନ୍ଦିତା ପରିଡ଼ା | କଂଗ୍ରେସ |
| ୪ | ରାମଚନ୍ଦ୍ର ବାରିକ | ସ୍ୱାଧୀନ |
| ୫ | କାଜଲ କିନ୍ନର | ବିଏସ୍‌ପି |
| ୬ | ଅଶୋକ କୁମାର ବାଲ୍ | ବିଜେଡି |
| ୭ | ଧୀରେନ୍ଦ୍ର ନାୟକ | ଅଖିଳ ଭାରତୀୟ ହିନ୍ଦୁ ମହାସଭା |

**ବିଞ୍ଝାରପୁର**

| | | |
|---|---|---|
| ୧ | ରାଧାବଲ୍ଲଭ ମଲିକ | ଏସ୍‌ୟୁସିଆଇ |
| ୨ | ମନୋରଞ୍ଜନ ଦାସ | କଂଗ୍ରେସ |
| ୩ | ବବିତା ମଲ୍ଲିକ | ଭାଜପା |
| ୪ | ପ୍ରମିଳା ମଲ୍ଲିକ | ବିଜେଡି |
| ୫ | ରଶ୍ମିତା ଜେନା | ବିଏସ୍‌ପି |





## ସଂକ୍ଷେପରେ

### ରାସ୍ତାରେ କାର୍ ଅଟକାଇ ଲୁଟ୍

**ଭାପୁର,୧୨।୪(ଡି.ଏନ.ଏ.):** ଭାପୁରରୁ କରବର ଯାଇଥିବା ରାସ୍ତାର ବିଜିପୁର ଗ୍ରାମ ନିକଟରେ ଏକ କାର୍ ଅଟକାଇ ଟଙ୍କା ଲୁଟ୍ କରାଯାଇଥିବା ପୋଲିସରେ ଅଭିଯୋଗ ହୋଇଛି। ଗତ ବିଳମ୍ବିତ ରାତିରେ କରବର ଗ୍ରାମର ଡ୍ରାଇଭର ବିଜୟ କୁମାର ସାମନ୍ତରାୟ କାର୍ ନେଇ କରବର ଫେରୁଥିଲେ। ବିଜିପୁର ଗ୍ରାମ ଉପକଣ୍ଠ ପୋତା ପୋଖରୀ ନିକଟରେ ୫ଜଣ ଯୁବକ ୨ଟି ବାଇକ୍‌ରେ ଆସି ଗାଡ଼ି ଅଟକାଇଥିଲେ। ସେମାନେ ବିଜୟଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିବା ସହିତ ନିସ୍ତୁକ ମାଡ଼ମାରି ତାଙ୍କଠାରୁ ୧୭୦୦ ଟଙ୍କା ଲୁଟିନେଇଥିବା ଫତେଗଡ଼ ଥାନାରେ ଅଭିଯୋଗ ହୋଇଛି। ବିଜୟ ଗୁରୁତର ଆହତ ହୋଇ ଭୁବନେଶ୍ୱର ଏମ୍ସରେ ଚିକିତ୍ସିତ ହେଉଛନ୍ତି। ଶୁକ୍ରବାର ଏ ସମ୍ପର୍କରେ ତାଙ୍କ ସମ୍ପର୍କୀୟ ରବୀନ୍ଦ୍ର କୁମାର ସାମନ୍ତରାୟ ଥାନାରେ ଲିଖିତ ଏତଲା ଦେଇଛନ୍ତି।

### ଦେଶୀ ମଦ ଜବତ, ଜଣେ ଗିରଫ

**ଦଶପଲ୍ଲା,୧୨।୪(ଡି.ଏନ.ଏ.):** ଦଶପଲ୍ଲା ଅବକାରୀ ଥାନା ଅଧିକାରୀ ସତ୍ୟ ନାରାୟଣ ଦାଶଙ୍କ ନେତୃତ୍ୱରେ ବୁଧବାର ଚଢ଼ାଉ କରାଯାଇ ୭ ଲିଟର ଦେଶୀ ମଦ ଜବତ ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ବ୍ୟକ୍ତି ହେଲେ ଗଣିଆ ଥାନା ଆଡକଟା ଗ୍ରାମର ସୁଧୀର ଦେହୁରୀ(୩୬)। ସୁଧୀର ଭୋରୁ ଏକ ଜାର୍‌କିନି ଯୋଗେ ମଦ ଧରି ତଅଁଳାସାହି ଛକ ଅଭିମୁଖେ ଆସୁଥିବାବେଳେ ଏହି ମଦ ଜବତ କରାଯାଇଥିବା ଥାନା ଅଧିକାରୀ ଦାଶ ସୂଚନା ଦେଇଛନ୍ତି।

### ୪୭ ଜଣଙ୍କ ନାମରେ ମାମଲା

**ଦଶପଲ୍ଲା,୧୨।୪(ଡି.ଏନ.ଏ.):** ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଦଶପଲ୍ଲା ପୋଲିସ ପକ୍ଷରୁ ୪୭ ଜଣଙ୍କ ନାମରେ ବିଭିନ୍ନ ମାମଲା ରୁଜୁ କରାଯାଇଛି। ପୂର୍ବ ନିର୍ବାଚନ ସମୟରେ ବିଶୃଙ୍ଖଳା ସୃଷ୍ଟି କରିଥିବା ବ୍ୟକ୍ତିଙ୍କ ନାମରେ ଏହି ମାମଲା ରୁଜୁ କରାଯାଇଛି। ୪୧ ଜଣଙ୍କ ନାମରେ ୧୦୭ ଧାରାରେ ଓ ୬ ଜଣଙ୍କ ନାମରେ ୫୧୦ ଧାରାରେ ମାମଲା ରୁଜୁ ହୋଇଥିବା ପୋଲିସ ସୂତ୍ରରୁ ପ୍ରକାଶ।

## ବିଜେଡିରେ ଅନ୍ତଃକନ୍ଦଳ
# ଭାଜପାକୁ ଫାଇଦା ମିଳିବା ଚର୍ଚ୍ଚା

**ନୟାଗଡ଼ ଅଫିସ,୧୨।୪**

- ପ୍ରାର୍ଥୀମାନଙ୍କ ପକ୍ଷରୁ ଗଠନ ହେଲାଣି ବୁଥ୍ କମିଟି
- କମିଟିରେ ରହିଛନ୍ତି ୫ରୁ ୧୦ କର୍ମୀ
- ଖଣ୍ଡପଡ଼ାରେ ୧୦ ଜଣଙ୍କୁ ନେଇ ହୋଇଛି ୱାର୍ଡ କମିଟି

ନୟାଗଡ଼ ଜିଲାର ବିଭିନ୍ନ ନିର୍ବାଚନମଣ୍ଡଳୀରେ ବିଜେଡିରେ ଅନ୍ତଃକନ୍ଦଳ ଲାଗି ରହିଥିବାବେଳେ ଭାଜପା ଏହାର ଫାଇଦା ନେବ ବୋଲି ଚର୍ଚ୍ଚା ହେଉଛି। ଚଳିତଥର ବିଧାୟକ ଅରୁଣ ସାହୁଙ୍କୁ ଛାଡ଼ିଦେଲେ ଜିଲାରେ ଆଉ କାହାକୁ ବିଜେଡି ଟିକେଟ ଦେଇନାହିଁ। ଦଶପଲ୍ଲା ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ ବିଜେଡି ଛାଡ଼ି ଭାଜପାରେ ମିଶିଥିବା ବେଳେ ଖଣ୍ଡପଡ଼ା ବିଧାୟକ ଅନୁଭବ ପଟ୍ଟନାୟକ ଓ ରଣପୁର ବିଧାୟକ ରବିନାରାୟଣ ମହାପାତ୍ର ବିଜେଡିରେ ରହିଛନ୍ତି। ତେଣୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଥିବା ଚର୍ଚ୍ଚା ହେଉଛି। ଏମାନେ ଭିତରେ ବିଧାୟକ ପ୍ରାର୍ଥୀ ହୋଇଥିବା ବ୍ୟକ୍ତିଙ୍କୁ ବିରୋଧ କରୁଥିବା ଆଲୋଚନା ହେଉଛି। ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରୁ ଦୁଇଥର ହାରିଥିବା ସୌମ୍ୟରଞ୍ଜନ ପଟ୍ଟନାୟକ ବିଜେଡିରୁ ବିଧାୟକ ପ୍ରାର୍ଥୀ ହୋଇଛନ୍ତି। ତୃତୀୟଥର ପରାଜିତ ନ ହୋଇ କିପରି ବିଜୟର ସ୍ୱାଦ ଚାଖିବେ ସେଥିପାଇଁ ସମସ୍ତଙ୍କୁ ଏକାଠି କରିଛନ୍ତି। ଭାପୁର ବ୍ଲକ ଉପାଧ୍ୟକ୍ଷ ଗୟାଧର ପରିଡ଼ା, ଖଣ୍ଡପଡ଼ା ବିଧାୟକ ଅନୁଭବ ପଟ୍ଟନାୟକଙ୍କୁ ଏକାଠି କରି ସୌମ୍ୟ ଜିତିବା ପାଇଁ ଆଶା ରଖିଛନ୍ତି। ଏକ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ସୌମ୍ୟଙ୍କ ପୂର୍ବତନ ଦଳ ଆମ ଓଡ଼ିଶା ପାର୍ଟିର ୫ ଓ ବିଜେଡିର ୫ ଏହିପରି ୧୦ ଜଣଙ୍କୁ ନେଇ ୱାର୍ଡ଼ କମିଟି ଗଠନ କରାଯାଇଛି। ଆଲୋଚନା ହେଉଛି ଯେ, ଏହି ୧୦ ଜଣ ନିଜ ୱାର୍ଡ଼ରେ ଥିବା ଭୋଟରମାନଙ୍କୁ ଅର୍ଥ ଦେବା ସହିତ ଧଣ୍ଡା ପାଦୁକା ଛୁଆଁଇ ନିୟମ କରି ଭୋଟରଙ୍କୁ ବିଜେଡି ଆଡ଼କୁ ଆକର୍ଷିତ କରାଇବେ। ଅନ୍ୟପଟେ ଭାପୁର ଅଞ୍ଚଳର କିଛି ଭୋଟରଙ୍କ କହିବା କଥା ଯଦି ଆମ ନେତାମାନେ ବଦଳି ଯାଉଛନ୍ତି ତା'ହେଲେ ଆମେ କାହିଁକି ବଦଳିବୁନି। ରଣପୁର ବିଧାୟକ ରବିନାରାୟଣ ମହାପାତ୍ର ଭିତରେ ବିଧାୟକ ପ୍ରାର୍ଥୀ ହୋଇଥିବା ସତ୍ୟନାରାୟଣ ପ୍ରଧାନଙ୍କୁ ବିରୋଧ କରୁଥିବା ଶୁଣିବାକୁ ମିଳୁଛି। ତାଙ୍କ ହାତରେ ଥିବା କିଛି କର୍ମୀ ଏ ଦିଗରେ ତାଙ୍କୁ ସହାୟତା କରୁଛନ୍ତି। ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ବିଜେଡ଼ିର ନୂତନ ପ୍ରାର୍ଥୀ ରମେଶ ଚନ୍ଦ୍ର ବେହେରା ହୋଇଥିବାରୁ ତାଙ୍କୁ ବିଭିନ୍ନ ଆଡ଼ୁ ବିରୋଧ କରାଯାଉଥିବା ଶୁଣିବାକୁ ମିଳୁଛି। ଫଳରେ ସ୍ୱାଧୀନ ପ୍ରାର୍ଥୀ ଭାବେ ବିଷ୍ଣୁପ୍ରିୟା ଦାସ ମଇଦାନକୁ ଓହ୍ଲାଇଛନ୍ତି। ନୟାଗଡ଼ ନିର୍ବାଚନମଣ୍ଡଳୀରେ ବିଧାୟକ ସାହୁ ପ୍ରଚାର କରିବା ସହ ଅସନ୍ତୁଷ୍ଟଙ୍କୁ ମନାଉଛନ୍ତି। ହେଲେ କର୍ମୀମାନଙ୍କ ଭିତରେ ଅସନ୍ତୋଷ କୁହୁଳୁଥିବା ଆଲୋଚନା ହେଉଛି। କଂଗ୍ରେସର ସ୍ଥିତି ସେଭଳି ନ ଥିବାବେଳେ ଭାଜପା ଏହି ଅନ୍ତଃକନ୍ଦଳର ଫାଇଦା ନେଇପାରୁଛି କି ନାହିଁ ତାହା ଦେଖିବାକୁ ବାକି ରହିଲା। ଅନ୍ୟପଟେ ପ୍ରତି ବୁଥ୍‌ରେ ଏଥର ଟଙ୍କା ବାଣ୍ଟିବା ପାଇଁ ୫ଜଣଙ୍କୁ ନେଇ ବୁଥ୍ କମିଟି ଗଠନ କରାଯାଇଛି। ଏମାନେ ଅନ୍ଧାରିବିଜେ କରି ଟଙ୍କା ବାଣ୍ଟିବେ ବୋଲି ବିଶେଷ ସୂତ୍ରରୁ ଖବର ମିଳିଛି।

# ସ୍ତ୍ରୀଙ୍କ ଗଳାକାଟି ହତ୍ୟା କଲେ ସ୍ୱାମୀ

**ନୂଆଗାଁ,୧୨।୪ (ଡି.ଏନ.ଏ.)**

ପ୍ରେମ ବିବାହ କରି ଗୋଟିଏ ଝିଅର ମା'ବାପା ହେବା ପରେ ଖୁସିରେ ଚଳୁଥିଲା ପରିବାର। ରାତିରେ ଖାଇପିଇ ସମସ୍ତେ ଶୋଇଥିଲେ। ହେଲେ ବିଳମ୍ବିତ ରାତିରେ ସ୍ତ୍ରୀଙ୍କ ଗଳା କାଟି ହତ୍ୟା କରି ଅଭିଯୁକ୍ତ ସ୍ୱାମୀ ଫେରାର ହୋଇଯାଇଛନ୍ତି। ଶୁକ୍ରବାର ଏପରି ଏକ ସ୍ପର୍ଶକାତର ଘଟଣା ଘଟିଛି ନୟାଗଡ଼ ଜିଲା ଓଡଗାଁ ଥାନା ନୂଆଗାଁ ବ୍ଲକର କେସେଣ୍ଡା ଗ୍ରାମରେ।

ଫୁଲବାଣୀ ଜିଲା ସାରଙ୍ଗଗଡ ପୁରୁଣାସାହି ଗ୍ରାମର ବିସିକେଶନ ପାତ୍ରଙ୍କ ଝିଅ ରଞ୍ଜିତା କୋଠଦଳାଇ (୩୩) ଚେନ୍ନାଇରେ ରହି କାମ କରୁଥିଲେ। ସେଠାରେ କେସେଣ୍ଡା ଗ୍ରାମର ସୋମନାଥ ମଲ୍ଲିକ (୩୫) ମଧ୍ୟ ମିସ୍ତ୍ରି ଭାବେ କାର୍ଯ୍ୟ କରୁଥିଲେ। ଉଭୟଙ୍କ ସାକ୍ଷାତ ପରେ ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢିଉଠିଥିଲା। ପରେ ସେମାନେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ୫ବର୍ଷ ପୂର୍ବେ ସୋମନାଥ ରଞ୍ଜିତାଙ୍କୁ ଗ୍ରାମକୁ ନେଇଆସିଥିଲେ। ସୋମନାଥ ଚେନ୍ନାଇରେ କାର୍ଯ୍ୟ କରୁଥିଲେ ମଧ୍ୟ ମଝିରେ ମଝିରେ ଘରକୁ ଆସନ୍ତି। ରଞ୍ଜିତା ମଧ୍ୟ ଚେନ୍ନାଇ ଯିବାଆସିବା କରନ୍ତି। ଉଭୟ ଖୁସିରେ ଚଳୁଥିବାବେଳେ ଏକ



ଗ୍ରାମରେ ପହଞ୍ଚି ତଦନ୍ତ କରୁଛି ପୋଲିସ।

କନ୍ୟାସନ୍ତାନ ଲାଭ କରିଥିଲେ। ଅଢେଇ ବର୍ଷର ଝିଅ ସୋନାଲି ସହ ରଞ୍ଜିତା କେସେଣ୍ଡାରେ ରହୁଥିବାବେଳେ ୫ଦିନ ପୂର୍ବେ ସୋମନାଥ ଗ୍ରାମକୁ ଆସିଥିଲେ। ଗୁରୁବାର ରାତିରେ ସ୍ୱାମୀ ସ୍ତ୍ରୀ ଓ ଝିଅ ଖାଇପିଇ ଶୋଇଥିଲେ। ଭୋର ୫ଟା ସମୟରେ ଝିଅ ଜୋର୍‌ରେ କାନ୍ଦିବାରୁ ଜେଜେବାପା ନାଉରି ପହଞ୍ଚି ବୋହୂ ରଞ୍ଜିତା ରକ୍ତ ଜୁଡୁବୁଡୁ ଅବସ୍ଥାରେ ମରିପଡିଥିବା ଦେଖିଥିଲେ। ସୋମନାଥ ମଧ୍ୟ ସେଠାରେ ନ ଥିଲେ। ଗ୍ରାମବାସୀଙ୍କ ସହ ୱାର୍ଡମେମ୍ବର ଘଟଣା ବିଷୟରେ ଓଡଗାଁ ଥାନାକୁ ଖବର ଦେଇଥିଲେ। ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା, ଏସ୍‌ଆଇ ସ୍ନେହଲତା ପ୍ରଧାନ, ବାହାଡାଝୋଲା ପାଣ୍ଡି ଏସ୍‌ଆଇ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ରଞ୍ଜିତାଙ୍କ ବେକକୁ ଏକ ଧାରୁଆ ଅସ୍ତ୍ରରେ କଟାଯାଇଥିବା କହିଛନ୍ତି ଥାନାଧିକାରୀ ପଣ୍ଡା। ଓଡଗାଁ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଏ ନେଇ ଥାନାରେ ୬୨/୧୯ରେ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାସ୍ଥଳରୁ ଏକ ଛୁରି ଜବତ କରିଛି। ସୋମନାଥ ଫେରାର ଥିବାବେଳେ ପୋଲିସ ତାଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି।

# ଆଜି ଦଶପଲ୍ଲା ଆସୁଛନ୍ତି ମୁଖ୍ୟମନ୍ତ୍ରୀ
## ନିର୍ବାଚନ ପ୍ରଚାର କାର୍ଯ୍ୟକ୍ରମରେ ଯୋଗଦେବେ



ସଭା ପାଇଁ ସଜେଇ ହେଉଛି ମଞ୍ଚ।

**ନୟାଗଡ଼ ଅଫିସ/ଦଶପଲ୍ଲା, ୧୨।୪(ଡି.ଏନ୍.ଏ.)**

ନୟାଗଡ଼ ଜିଲାର ଦଶପଲ୍ଲା ନିର୍ବାଚନମଣ୍ଡଳୀ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ଅର୍ଥାତ୍ ଆସନ୍ତା ୧୮ ତାରିଖରେ ଭୋଟ ଗ୍ରହଣ କରାଯିବ। ହାତରେ ଆଉ ମାତ୍ର କିଛିଦିନ ଥିବାରୁ ପ୍ରଚାରକୁ ଜୋର୍‌ଦାର କରିବା ପାଇଁ ବିଜେଡ଼ି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଦଶପଲ୍ଲା ଆସୁଛନ୍ତି। ଦଶପଲ୍ଲା ଗାନ୍ଧୀ ମଇଦାନଠାରେ ହେବାକୁ ଥିବା ସଭାରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଯୋଗଦେଇ ନିଜ ଦଳର ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ। ଅପରାହ୍ନ ୩ଟା ୪୦ରେ ମୁଖ୍ୟମନ୍ତ୍ରୀଙ୍କ ହେଲିପ୍ୟାଡ୍ ଗାନ୍ଧୀ ମଇଦାନ ପଡ଼ିଆରେ ଅବତରଣ କରିବ। ସୁରକ୍ଷାକୁ ଦୃଷ୍ଟିରେ ରଖି ଏସ୍‌ପି ଶଶିଭୂଷଣ ଶତପଥୀ ଘଟଣାସ୍ଥଳରେ ପହଞ୍ଚି ତଦାରଖ କରିଥିଲେ। ସେହିପରି ଦଶପଲ୍ଲା ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟ ମଧ ଘଟଣାସ୍ଥଳରେ ତଦାରଖ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତ କାର୍ଯ୍ୟକ୍ରମ ନେଇ ବିଜେଡି କର୍ମୀମାନେ ଉତ୍ସାହିତ ଅଛନ୍ତି। ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ କି ମନ୍ତ୍ର ଦେଉଛନ୍ତି ତାହାକୁ କର୍ମୀମାନେ ଅପେକ୍ଷା କରିଛନ୍ତି।

# ପଣା ସଂକ୍ରାନ୍ତି ଯାତ୍ରା ଉତ୍ସବ

**ଦଶପଲ୍ଲା, ୧୨।୪(ଡି.ଏନ୍.ଏ.):** ଦଶପଲ୍ଲାସ୍ଥିତ ଶ୍ରୀ ଶ୍ରୀ ସ୍ୱପ୍ନ ମହାବୀର ପୀଠରେ ଶୁକ୍ରବାରଠାରୁ ପବିତ୍ର ପଣା ସଂକ୍ରାନ୍ତି ଯାତ୍ରା ଉତ୍ସବ ଓ ୩୬ତମ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ୧୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଉତ୍ସବ ନିମନ୍ତେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଯାତ୍ରା ଉତ୍ସବ ସହ ଅଖଣ୍ଡ ମହାଦୀପ ପ୍ରତିଷ୍ଠା ଓ ପ୍ରଜ୍ୱଳନ ହେବ ବୋଲି ଅନୁଷ୍ଠାନର ସଭାପତି ଲକ୍ଷ୍ମୀଧର ଦାଶ ଓ ସମ୍ପାଦକ ସୁବାସ ମିଶ୍ର ପ୍ରକାଶ କରିଛନ୍ତି।

# ଶ୍ରୀରଘୁନାଥ ଜୀଉଙ୍କ ରାମନବମୀ ଯାତ୍ରା ଆଜିଠାରୁ

**ଓଡ଼ଗାଁ, ୧୨।୪(ସ୍ୱ.ପ୍ର.)**

- ବନକ ପରେ ଶ୍ରୀଜୀଉଙ୍କ ନବଯୌବନ ଦର୍ଶନ
- ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ
- ଏ ପର୍ଯ୍ୟନ୍ତ ପହଞ୍ଚିନାହାନ୍ତି ପୋଲିସ ଫୋର୍ସ

ଶୁକ୍ରବାର ସକାଳେ ଶ୍ରଦ୍ଧାଳୁମାନେ ଶ୍ରୀଜୀଉଙ୍କ ନବ ଯୌବନ ବେଶ ଦର୍ଶନ କରିଛନ୍ତି। ପାପନାଶନୀ ଏକାଦଶୀ ଅର୍ଥାତ୍ ୧ ତାରିଖଠାରୁ ଆରମ୍ଭ ହୋଇଥିବା ବନକ ଲାଗି ପରେ ଶ୍ରୀଜୀଉମାନେ ଏହି ବେଶରେ ନୂତନ ପାଟ ବସ୍ତ୍ର ପରିଧାନ କରିଥିଲେ। ଅନ୍ୟପକ୍ଷେ ଆଜିଠାରୁ ଆରମ୍ଭ ହେଉଛି ନୟାଗଡ଼ ଜିଲା ଓଡ଼ଗାଁରେ ବିଜେ ପ୍ରଭୁ ଶ୍ରୀରଘୁନାଥଙ୍କ ପ୍ରସିଦ୍ଧ ଶ୍ରୀରାମନବମୀ ଯାତ୍ରା। ମନ୍ଦିର ପ୍ରଶାସନ ତରଫରୁ ଦିଆଯାଇଥିବା ସୂଚନା ଅନୁସାରେ ଶନିବାର ପବିତ୍ର ଶ୍ରୀରାମନବମୀ ଅବସରରେ ରାମଜନ୍ମ କର୍ମାଙ୍ଗ ସମୟ ନିର୍ଘଣ୍ଟ କରାଯାଇଛି। ପ୍ରାତଃ ୫ଟାରେ ମଙ୍ଗଳ ଆଳତି, ୭ଟାରେ ବଲ୍ଲଭ ଭୋଗ, ୮.୩୦ରେ ଖେଚୁଡି ଧୂପ ସହିତ ସକାଳ ୧୦.୩୦ରେ ରାମ ଜନ୍ମ କର୍ମାଙ୍ଗ ନୀତି ସମ୍ପାଦନ କରାଯାଇ ଅପରାହ୍ନ ୩ଟାରେ ମନ୍ଦିର ବନ୍ଦ ରହିବ। ସନ୍ଧ୍ୟା ୬ଟାରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ଶ୍ରୀଜୀଉଙ୍କୁ ଶ୍ରଦ୍ଧାଳୁ ଜନ୍ମନାରାୟଣ ବେଶରେ ଦର୍ଶନ କରିବେ। ସେହିପରି ରାମାୟଣ କ୍ରମାନୁସାରେ ଏବଂ ମନ୍ଦିର ପରମ୍ପରା ଅନୁସାରେ ୧୪ରେ ତାଡକାବଧ ବେଶ, ୧୫ରେ ଆହଲ୍ୟା ଉଦ୍ଧାରଣ ବେଶ, ୧୬ରେ ଗଙ୍ଗାପାର ବେଶ, ୧୭ରେ ଧନୁ ଭଗ୍ନ ଓ ସୀତା ବିବାହ, ୧୮ରେ



ଶ୍ରୀଜୀଉଙ୍କ ନବଯୌବନ ଦର୍ଶନ।

ଗୁରୁବାର ହେତୁ ସାଧାରଣ ଦର୍ଶନ, ୧୯ରେ ବନବାସ, ୨୦ରେ ଚିତ୍ରକୂଟ, ୨୧ରେ ଅଷ୍ଟାବଧାନ, ୨୨ରେ ଯୁଦ୍ଧଯାତ୍ରା, ୨୩ରେ ଅଭିଷେକ ସହିତ ୨୪ ତାରିଖରେ ପାଣିଖେଳ ଅନୁଷ୍ଠିତ ହେବ। ଏଥି ନିମନ୍ତେ ପ୍ରଶାସନିକ ସ୍ତରରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଶ୍ରୀଜୀଉଙ୍କ ମହୋତ୍ସବ ପଡିଆରେ ଭଳିକି ଭଳି ଦୋକାନ ପସରା, ମୀନା ବଜାର ଓ ରାମଦୋଳିର ପ୍ରସ୍ତୁତି ଚାଲିଛି। ଶ୍ରୀରାମନବମୀ ମଧ୍ୟାହ୍ନରେ ଶ୍ରୀରାମଲାଲାଙ୍କ ଜନ୍ମମହୋତ୍ସବ ନିମନ୍ତେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହେଉଥିବା ବେଳେ ଅନ୍ୟ ଦିନମାନଙ୍କରେ କେବଳ ଶ୍ରୀଜୀଉଙ୍କ ସନ୍ଧ୍ୟା ଦର୍ଶନଠାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଲକ୍ଷାଧିକ ଲୋକଙ୍କ ସମାଗମ ହେବ। ଏଥିନିମନ୍ତେ ପ୍ରତିବର୍ଷ ଜିଲା ପୋଲିସ ପ୍ରଶାସନ ତରଫରୁ ପୋଲିସ ଫୋର୍ସ ମୁତୟନ କରାଯାଇଥାଏ। ହେଲେ ଚଳିତବର୍ଷ ନିର୍ବାଚନ ପରିପ୍ରେକ୍ଷୀରେ ଏଯାବତ୍ ପୋଲିସ ଫୋର୍ସ ପହଞ୍ଚି ନ ଥିବା ସ୍ଥାନୀୟ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା ପ୍ରକାଶ କରି ଚିନ୍ତା ପ୍ରକଟ କରିଛନ୍ତି। ଏପରିସ୍ଥଳେ ବିଡିଓଙ୍କ ଅଧ୍ୟକ୍ଷତାରେ ୧୧ ଜଣିଆ ପରିମଳ କମିଟି ଓ ତହସିଲଦାରଙ୍କ ଅଧ୍ୟକ୍ଷତାରେ ଯାତ୍ରା କାର୍ଯ୍ୟ ସୁପରିଚାଳନା ନିମନ୍ତେ ୧୫ ଜଣିଆ ଶାନ୍ତି କମିଟି ଗଠନ କରାଯାଇଛି।




## ସଂକ୍ଷେପରେ

### କୃଷ୍ଣପ୍ରସାଦରେ ଭାଜପାର ନିର୍ବାଚନ ପ୍ରଚାର



**କୃଷ୍ଣପ୍ରସାଦ,୧୨।୪(ଡି.ଏନ.ଏ.):** ପୁରୀ ଜିଲା ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୃଷ୍ଣପ୍ରସାଦ ମଣ୍ଡଳ ଭାଜପା ତରଫରୁ ଶୁକ୍ରବାର ଏକ ବିରାଟ ମୋଟର ସାଇକେଲ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଚିଲିକା, ନୂଆପଡ଼ା ପଞ୍ଚାୟତସ୍ଥ ଜହ୍ନିକୁଦା ଘାଟପେଣ୍ଠରୁ ରାମଲେଙ୍କା ପଞ୍ଚାୟତର ପାଇକରାୟପୁର ପର୍ଯ୍ୟନ୍ତ ୧୪ଟି ପଞ୍ଚାୟତ ଅଞ୍ଚଳ ପରିକ୍ରମା କରାଯାଇଥିଲା। ପୁରୀ ଲୋକସଭା ପ୍ରାର୍ଥୀ ଡା.ସମ୍ବିତ ପାତ୍ର, ବିଧାନସଭା ପ୍ରାର୍ଥୀ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ସୁକନ୍ୟା ଉପାସନା ମହାପାତ୍ର ପ୍ରମୁଖ ରାଲିରେ ଯୋଗଦେଇଥିଲେ। ଏହି ଅବସରରେ ଏକ ସାଧାରଣ ସଭା ମାଲୁଦ ପଞ୍ଚୁଦୋଳ ପଡିଆଠାରେ ଆୟୋଜିତ ହୋଇଥିଲା। ବ୍ଲକ ଭାଜପା ସଭାପତି ଦୀନବନ୍ଧୁ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ରଘୁନାଥ ବଡୁ, ଯୁବମୋର୍ଚ୍ଚା ପ୍ରଭାରୀ ଉତ୍ତମ କୁମାର ତରେଇ, ବ୍ଲକ ମିଡିଆସେଲ୍ ମୁଖ୍ୟ ସଂଗ୍ରାମ କେଶରୀ ଜେନା, ବ୍ରହ୍ମଗିରି ପୂର୍ବତନ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ରାୟ, ପୂର୍ବତନ ଜିଲା ପରିଷଦ ସଭ୍ୟ ବାବୁଲି ବରାଳ, ଜିଲା ଭାଜପା ମୁଖପାତ୍ର କ୍ଷେତ୍ରବାସୀ ପଲେଇ, ସୁଶାନ୍ତ କୁମାର ବୈରିଗଞ୍ଜନ, ଅନୀଲ କୁମାର ସେଠ୍, ବିଷ୍ଣୁ ପ୍ରସାଦ ବେହେରା, ସଂଗ୍ରାମ କୁମାର ବିଶ୍ୱାଳଙ୍କ ସହଯୋଗରେ ଶତାଧିକ ବିଜେଡି କର୍ମୀ ଭାଜପାରେ ସାମିଲ ହୋଇଥିଲେ। ବଡଝାଡ ପଞ୍ଚାୟତ ଗୌରୀସାହି ଗ୍ରାମର ଅଞ୍ଚଳ ମାଝି, ଗଜପତି ମହାରଣା, ବିଦ୍ୟାଧର ମାଝି, ସଦାଶିବ ମାଝି, ଜଗୁ ମାଝି, ବୈକୁଣ୍ଠ ମାଝି, ଟୁକୁନା ସାହୁ ଓ ବଡଝାଡ଼ ଗ୍ରାମର ଧୋବେଇ ସାହୁ, ଦୀପକ କୁମାର ଜେନା, ଜେନାପୁର ଗ୍ରାମର ସୁଦର୍ଶନ ବରାଳ, ପ୍ରଫୁଲ ବରାଳ, ସଞ୍ଜୟ ବରାଳ ପ୍ରମୁଖ ନୂତନ କର୍ମକର୍ତ୍ତାଙ୍କୁ ଦଳ ତରଫରୁ ସ୍ୱାଗତ, ସମ୍ବର୍ଦ୍ଧିତ କରାଯାଇଥିଲା।

### ନବନିର୍ମାଣ କୃଷକ ସଂଗଠନ ବୈଠକ

**ବୋଲଗଡ଼,୧୨।୪(ଡି.ଏନ.ଏ.):** ବୋଲଗଡ଼ ବ୍ଲକ ସାନପଦର ପଞ୍ଚାୟତ ବାୟାପଲ୍ଲୀଠାରେ ଶୁକ୍ରବାର ନବନିର୍ମାଣ କୃଷକ ସଂଗଠନର ଏକ ବୈଠକ ଅନୁଷ୍ଠିତ ହୋଇଛି। ସଂଗଠନର ଖୋର୍ଦ୍ଧା ଜିଲା ସଂଯୋଜକ ସୁରେଶ କୁମାର ମାନସିଂହଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା । ଚାଷୀମାନଙ୍କୁ ସରକାର ଅବହେଳା କରୁଥିବା ଓ ବିଭିନ୍ନ ଦାବି ପୂରଣ କରୁ ନ ଥିବାରୁ ବୈଠକରେ ସଂଗଠନ ଅସନ୍ତୋଷ ପ୍ରକାଶ କରିଛି। ରାଜଧାନୀ ସମାବେଶବେଳେ କୃଷକଙ୍କୁ ଗିରଫ କରିବା ଆଦି ଅନ୍ୟାୟ ବିରୋଧରେ ଉଚିତ ଜବାବ ଦିଆଯିବ ବୋଲି ମାନସିଂହ କହିଥିଲେ । ଏହି ପରିପ୍ରେକ୍ଷୀରେ ଆଗାମୀ ବୁଧବାର ପିଚୁକୁଲିଠାରେ ସଂଗଠନ ପକ୍ଷରୁ ବୋଲଗଡ ବ୍ଲକସ୍ତରୀୟ ବୈଠକ ଆୟୋଜିତ ହେବା ନେଇ ସୂଚନା ଦିଆଯାଇଛି। ବ୍ଲକ ସଂଯୋଜକ ଜୟନ୍ତ କୁମାର ତ୍ରିପାଠୀ କହିଛନ୍ତି, ସଂଗଠନକୁ ତୃଣମୂଳସ୍ତରରୁ ଅଧିକ ଜୋର୍‌ଦାର କରାଯିବ । ଚାଷୀମାନଙ୍କ ପାଇଁ ବିଭିନ୍ନ ଯୋଜନାର ସୁଫଳ କୃଷକମାନେ ଠିକ୍ ଭାବେ ପାଇପାରୁ ନାହାନ୍ତି ବୋଲି କାହ୍ନୁଚରଣ ବେହେରା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବସନ୍ତ କୁମାର ବେହେରା, ସୁଶାନ୍ତ କୁମାର ବେହେରା, ଝରି ରାଉତରାୟ, ପବିତ୍ର କୁମାର ବେହେରା, କୈଳାସ ନାୟକ ଓ ବଳଭଦ୍ର ବେହେରା ପ୍ରମୁଖ ପ୍ରାଇସ୍, ପ୍ରେଷ୍ଟିଜ୍ ଏବଂ ପେନ୍‌ସନ ଦାବି କରିଥିଲେ।

### ଯୋଗାସନରେ ସ୍କୁଲ ଛାତ୍ରୀଛାତ୍ର

**ଖୋର୍ଦ୍ଧା ଅଫିସ,୧୨।୪:** ଖୋର୍ଦ୍ଧା ବିଡିଏ କଲୋନୀସ୍ଥିତ ସିଗ୍ମା ପବ୍ଲିକ ସ୍କୁଲରେ ପାଞ୍ଚ ଦିନ ଧରି ଚାଲୁ ରହିଥିବା ଯୋଗାସନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ପାତଞ୍ଜଳୀ ଖୋର୍ଦ୍ଧା ଶାଖା ପକ୍ଷରୁ ପ୍ରତ୍ୟହ ସକାଳେ ପ୍ରାଣାୟମ, ସୂର୍ଯ୍ୟ ନମସ୍କାର, ଧାନ, ସମାଧି, କପାଳଘାତୀ ପ୍ରମୁଖର ଶିକ୍ଷା କରିଥିଲେ। ଏଥିରେ ସୀତାକାନ୍ତ ପଣ୍ଡା, ଗୌରାଙ୍ଗ ମଣ୍ଡଳ ଯୋଗଦେଇ ଯୋଗ ଶିକ୍ଷା ଦେଇଥିଲେ। ଅଲମ୍ପିୟାର୍ଡରେ ସଫଳ ହୋଇଥିବା ପ୍ରତିଯୋଗୀଙ୍କୁ ଏଥିରେ ମେଡାଲ, ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ■ ଶ୍ରୀମନ୍ଦିର ପରିସରରୁ ଚୋରି ଘଟଣା

# ଅଭିଯୁକ୍ତଙ୍କୁ ଧରିବା ପାଇଁ ଟିମ୍ ଗଠନ

**ପୁରୀ ଅଫିସ,୧୨।୪**

ଶ୍ରୀମନ୍ଦିର ପରିସରରୁ ଚୋରି ହେବା ଘଟଣାକୁ ଗୁରୁତର ସହ ନେଇଛି ପୋଲିସ । ୧୧ ଦିନ ମଧ୍ୟରେ ଦୁଇଥର ଚୋରି ହେବା ବଡ଼ଦେଉଳର ସୁରକ୍ଷା ବ୍ୟବସ୍ଥା ପ୍ରତି ଅଙ୍ଗୁଳି ଉଠାଇଛି। ତେଣୁ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଟିମ୍ ଗଠନ କରିଛି। ଏଥିସହ ଏଣିକି ରାତିରେ ଶ୍ରୀମନ୍ଦିର ଭିତରେ ପାଟ୍ରୋଲିଂ କରାଯିବ ବୋଲି ଏସ୍‌ପି ଉମାଶଙ୍କର ଦାଶ ସୂଚନା ଦେଇଛନ୍ତି।

ଶ୍ରୀମନ୍ଦିର ପରିସର ସୁଆର ମହାସୁଆର ନିଯୋଗର ଅନ୍ନଦାନ ଆଟିକା କାର୍ଯ୍ୟାଳୟରୁ ବୁଧବାର ରାତିରେ ଲକ୍ଷାଧିକ ଟଙ୍କା ଚୋରି ହୋଇଥିଲା। ସିସିଟିଭି ଫୁଟେଜରୁ ଜଣେ ନାବାଳକ ଏହାର ଅଭିଯୁକ୍ତ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ ହୋଇଛି। ତେବେ ସମ୍ପୃକ୍ତ ନାବାଳକ ଧରା ପଡିଲେ ଏଥିରେ ଆଉ କେଉଁମାନେ ସାମିଲ ଅଛନ୍ତି ତାହା ଜଣାପଡିବ। ତେଣୁ ଶୁକ୍ରବାର ପୋଲିସ ସ୍କ୍ୱାଡ୍ ଗଠନ କରିଛି। ଅନ୍ୟପକ୍ଷରେ ସିଂହଦ୍ୱାର ଥାନା ଆଇଆଇସି ଶ୍ରବଣ କୁମାର ମହାରଣା ମଧ୍ୟ ସମ୍ପୃକ୍ତ ନାବାଳକଙ୍କୁ ଧରିବା ଲାଗି ବିଭିନ୍ନ ସ୍ଥାନରେ ଚଢାଉ କରିଥିଲେ। କିନ୍ତୁ ତାଙ୍କୁ ଠାବ କରାଯାଇ ପାରିନାହିଁ।

ଏ ସମ୍ପର୍କରେ ଏସ୍‌ପି ଉମାଶଙ୍କର ଦାଶ କହିଛନ୍ତି, ସୁଆର ମହାସୁଆର ନିଯୋଗର ଅନ୍ନଦାନ ଆଟିକା କାର୍ଯ୍ୟାଳୟରୁ ଚୋରି ଘଟଣାରେ ସିସିଟିଭି ଫୁଟେଜରୁ ଜଣେ ନାବାଳକ ଅଭିଯୁକ୍ତ ବୋଲି ସୂଚନା ମିଳିଛି। ତେଣୁ ପ୍ରଥମେ ତାଙ୍କୁ ଧରିବା ଲାଗି ଚେଷ୍ଟା କରାଯାଉଛି। ଏଥିପାଇଁ ଟିମ୍ ଗଠନ କରାଯାଇଛି। ବିଭିନ୍ନ ଚାଇଲ୍ଡ କେୟାର ହୋମ୍‌ରେ ଖୋଜାଖୋଜି କରାଯାଉଛି। ସେ ଧରାପଡିଲେ ଏଥିରେ ଅନ୍ୟ କେଉଁମାନେ ସମ୍ପୃକ୍ତ ଅଛନ୍ତି ତାହା ଜଣାପଡିଯିବ। ଶ୍ରୀମନ୍ଦିରରେ ଆଗାମୀ ଦିନରେ ଯେପରି

■ ଏଣିକି ମନ୍ଦିର ଭିତରେ ହେବ ପାଟ୍ରୋଲିଂ

■ ମେଘନାଦ ପାଚେରି କଡ଼ ସଫା ରହିବ

ଚୋରି ଘଟଣାର ପୁନରାବୃତ୍ତି ନ ହେବ ସେଥିଲାଗି ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡାକଡି କରାଯିବ। ଶ୍ରୀମନ୍ଦିର ପ୍ରଶାସନ ସହିତ ଆଲୋଚନା କରି ରାତିରେ ମନ୍ଦିର ଭିତରେ ପାଟ୍ରୋଲିଂ ହେବ। ଜେଟିପିଙ୍କ ସହିତ ଓଡ଼ିଶା ପୋଲିସ ମିଶି ଏହି ପାଟ୍ରୋଲିଂ କରିବେ। ଏତଦ୍‌ବ୍ୟତୀତ ମେଘନାଦ ପାଚେରି ଚତୁଃପାର୍ଶ୍ୱକୁ ସଫା ରଖାଯିବ। ମନ୍ଦିର ଚାରିପଟେ ଯେଉଁ କାମ ଚାଲିଛି ଏକ ସିଡି ଠିକାସଂସ୍ଥା ଛାଡି ଦେଇଥିବାରୁ ହୁଏତ ସମ୍ପୃକ୍ତ ନାବାଳକ ତା ମାଧ୍ୟମରେ ଭିତରକୁ ଯାଇଥାଇପାରେ ବୋଲି ଅନୁମାନ କରାଯାଉଛି। ତେଣୁ ମନ୍ଦିର ଚତୁଃପାର୍ଶ୍ୱକୁ ସଫା ରଖାଯିବ। ମେଘନାଦା ପାଚେରି କଡ଼ରେ ଯେପରି କୌଣସି ଜିନିଷ ନ ରହିବ ସେଥିପ୍ରତି ମଧ୍ୟ ପଦକ୍ଷେପ ନିଆଯିବ। ଶ୍ରୀମନ୍ଦିର ଆତଙ୍କବାଦୀଙ୍କ ଟାର୍ଗେଟରେ ରହିଛି। ଏ ନେଇ ଗୋଇନ୍ଦା ବିଭାଗ ରିପୋର୍ଟ ଦେବା ପରେ ବିଗତ କିଛିବର୍ଷ ହେବ ଏନ୍‌ଏସ୍‌ଜି ଆସି ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରୁଛି। ହେଲେ ଶ୍ରୀମନ୍ଦିରରେ ଯେଉଁଭଳି ସୁରକ୍ଷା ବ୍ୟବସ୍ଥା ରହିଛି ସେ ନେଇ ଏନ୍‌ଏସ୍‌ଜି ଉଦ୍‌ବେଗ ପ୍ରକାଶ କରିବା ସହ କେତେକ ସୁପାରିଶ ମଧ୍ୟ କରିଛନ୍ତି। ହେଲେ ଏହି ସୁପାରିଶଗୁଡ଼ିକ ମଧ୍ୟରୁ ଅଧିକାଂଶ କାର୍ଯ୍ୟକାରୀ ହୋଇନାହିଁ। ଫଳରେ ଗତ ୧୧ ଦିନରେ ଶ୍ରୀମନ୍ଦିରରୁ ଦୁଇଥର ଚୋରି ହେଲାଣି। ଗତ ୧ ତାରିଖ ରାତିରେ ଦକ୍ଷିଣ ଦ୍ୱାର ନିକଟ ରାମ ମନ୍ଦିର ଦାନ ବାକ୍ସରୁ ଟଙ୍କା ଚୋରି ହୋଇଥିଲା।



ଠାକୁରଙ୍କୁ ଭୋଗଲାଗି ହେଉଛି।

## ଖଲିସାହିରେ ୫୬ମୁଠା ପାଟଦଣ୍ଡ ଉତ୍ସବ

**ଖଣ୍ଡପଡ଼ା, ୧୨।୪(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଖଲିସାହି ମୌଜାର ଆରାଧ୍ୟ ଦେବତା ଶ୍ରୀ ନୀଳକଣ୍ଠେଶ୍ୱର ଦେବଙ୍କ ପୀଠରେ ଗୁରୁବାର ଅପରାହ୍ଣରେ ୫୬ ମୁଠା ଦଣ୍ଡ ପର୍ବ ଅନୁଷ୍ଠିତ ହୋଇଯାଇଛି। ଭକ୍ତମାନେ ଖଲିସାହି ପୁରୁଣା ପୋଖରୀରେ ସ୍ନାନ ପୂଜା ସମ୍ପନ୍ନ କରି ନୀଳକଣ୍ଠେଶ୍ୱର କାମନା ଦେବଙ୍କଠାରୁ ପାଟ ପଟୁଆରରେ ବାହାରି ସାହି ବିଜେ କରିଥିଲେ। ବଡ଼ସାହି ବୈକୁଣ୍ଠ ବେହେରା ଓ ଗ୍ରାମର ପ୍ରତ୍ୟେକ ଦୁଆରେ ଭୋଗ ଲାଗି ହୋଇଥିଲେ। ଦଣ୍ଡ ଠାକୁର ଗ୍ରାମ ପରିକ୍ରମା କରି ନୀଳକଣ୍ଠେଶ୍ୱର ଦେବ ପୀଠସ୍ଥ କାମନା କୋଠିକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ପଣା ସଂକ୍ରାନ୍ତିରେ ଠାକୁରଙ୍କ ଦଣ୍ଡପର୍ବ ଉଦ୍‌ଯାପିତ ହେବ।

## ସର୍ବସାଧାରଣ ସ୍ଥାନରେ ଦଳୀୟ ପୋଷ୍ଟର

**ନୂଆଗାଁ,୧୨।୪ (ଡି.ଏନ.ଏ.)**



ଯାତ୍ରୀ ବିଶ୍ରାମାଗାର ଉପରେ ଲାଗିଥିବା ଦଳୀୟ ବ୍ୟାନର।

ନୟାଗଡ଼ ଜିଲା ନୂଆଗାଁ ବ୍ଲକର ସର୍ବସାଧାରଣ ସ୍ଥାନରେ ଦଳୀୟ ପୋଷ୍ଟର ଲାଗିବା ସାଙ୍ଗକୁ କାନ୍ଥବାଡ଼ରେ ଲେଖାଯାଇଥିବା ଦେଖିବାକୁ ମିଳିଛି। ସାଧାରଣ ନିର୍ବାଚନ ପାଇଁ ଦିନ ଧାର୍ଯ୍ୟ ହେବା ପରେ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଛି। ସେହି ଅନୁସାରେ କୌଣସି ସର୍ବସାଧାରଣ ସ୍ଥାନରେ ଦଳୀୟ ଚିହ୍ନ, ପ୍ରଚାର କିମ୍ବା ନିର୍ବାଚନ ସମ୍ବନ୍ଧୀୟ କୌଣସି ଦଳ କିଛି ଲେଖିପାରିବେ ନାହିଁ। ନିୟମ ଲାଗୁହେବା ପରେ ଯେଉଁଠାରେ ଦଳୀୟ ଚିହ୍ନ ଥିବା ପୋଷ୍ଟର ଲଗାଯାଇଥିଲା ତାହାକୁ ସରକାରୀ କର୍ମଚାରୀମାନେ ହଟାଇଥିଲେ। ଏପରିକି ବିଦ୍ୟୁତ୍ ଖୁଣ୍ଟରେ ଦଳୀୟ ଚିହ୍ନ ଲଗାଯାଇଥିବା ବେଳେ ତାହାକୁ ମଧ୍ୟ କର୍ମଚାରୀ ରଙ୍ଗମାରି ଲିଭାଇଥିଲେ। ଏହା ସତ୍ତ୍ୱେ କେତେକ ସ୍ଥାନରେ ଦଳୀୟ ପୋଷ୍ଟର ଲାଗିଥିବା ଦେଖିବାକୁ ମିଳିଛି। ଜାକେଡା ପଞ୍ଚାୟତ ଶିମିଳିସାହି ଯାତ୍ରୀ ବିଶ୍ରାମ ଗୃହ, ଜାକେଡା ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ର କାନ୍ଥ, ରାସ୍ତା ଉପରେ ଦଳୀୟ ଚିହ୍ନଥାଇ ପୋଷ୍ଟର ଲଗାଯାଇଛି। ଏ ଦିଗରେ ନିର୍ବାଚନ ଅଧିକାରୀ କିମ୍ବା ପର୍ଯ୍ୟବେକ୍ଷକ ଦୃଷ୍ଟି ଦେବାକୁ ଦାବି ହେଉଛି।



ସୁରକ୍ଷିତ ମାତୃତ୍ୱ ଉପରେ ଏକ ଲିଫ୍‌ଲେଟ୍‌କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## ଜାତୀୟ ସୁରକ୍ଷିତ ମାତୃତ୍ୱ ଦିବସ

**ନୟାଗଡ଼ ଅଫିସ,୧୨।୪**

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁବାର ଜାତୀୟ ସୁରକ୍ଷିତ ମାତୃତ୍ୱ ଦିବସ ପାଳିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶ୍ୱେତ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡାକ୍ତର ପ୍ରସନ୍ନ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେବା ସହିତ ଚଳିତବର୍ଷର ବାର୍ତ୍ତା (ମାତୃତ୍ୱ ପାଇଁ ପ୍ରସବ ସହାୟିକା) ଉପରେ ଆଲୋଚନା କରିଥିଲେ। ଡା. ସୁରେଶ ଚନ୍ଦ୍ର ମିଶ୍ର ସୁରକ୍ଷିତ ମାତୃତ୍ୱ ପାଇଁ ସ୍ୱାସ୍ଥ୍ୟ କର୍ମଚାରୀ (ମହିଳା) ଓ ଆଶା କର୍ମୀଙ୍କ ଭୂମିକା ଓ ଦକ୍ଷତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିଭଳି ସ୍ୱାସ୍ଥ୍ୟକର୍ମୀଙ୍କୁ ସେମାନଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ ଉପରେ ବୁଝାଇଥିଲେ। ଜିଲାରେ ମାତୃ ମୃତ୍ୟୁର କାରଣ ଓ ନିରାକରଣ ଉପରେ ମଧ୍ୟ ସେ ଆଲୋଚନା କରିଥିଲେ। ଡା. ବଟକୃଷ୍ଣ ମହଲ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗର୍ଭବତୀ ମା'ର ଯତ୍ନ, ରକ୍ତହୀନତାର କାରଣ, କିଶୋରୀ ଅବସ୍ଥାରେ ଗର୍ଭଧାରଣ ଓ ରକ୍ତହୀନତା, ପ୍ରସବ ପରବର୍ତ୍ତୀ ଯତ୍ନ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ମେଡ଼ିକାଲ୍ ୱାର୍ଡ଼ରେ କନ୍ୟା ସନ୍ତାନ ଜନ୍ମ କରିଥିବା ମା'ମାନଙ୍କୁ ଶିଶୁମାନଙ୍କ ଯତ୍ନ ପାଇଁ ଏକ କିଟ୍ ପ୍ରଦାନ କରାଯାଇଥିଲା। ସେହିଭଳି ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ ଓ ପଠାଣିସାମନ୍ତ ନର୍ସିଂ ସ୍କୁଲର ଛାତ୍ରୀଛାତ୍ରଙ୍କୁ ନେଇ ଚିତ୍ରକଳା ଓ କୁଇଜ୍ ପ୍ରତିଯୋଗିତା, ଦସ୍ତଖତ ଅଭିଯାନ, ନିରାପଦ ମାତୃତ୍ୱ ଉପରେ ଏକକ ଅଭିନୟ ଅନୁଷ୍ଠିତ ହୋଇଥିଲା। ଶ୍ରୀଧର ସ୍ୱାଇଁ କୁଇଜ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିପିଏମ୍ ନିତ୍ୟରଞ୍ଜନ ବରାଳ, ଜୟକୃଷ୍ଣ ସାହୁ, କିଶୋର ପ୍ରସାଦ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ଦେଢ଼ଲକ୍ଷ ଟଙ୍କା ଜବତ କଲା ଫ୍ଲାଇଂ ସ୍କ୍ୱାଡ୍

**ପୁରୀ ଅଫିସ,୧୨।୪:** ନିର୍ବାଚନ ଯେତେ ପାଖେଇ ଆସୁଛି ଯାନବାହନ ଯାଞ୍ଚ ବେଳେ ବିପୁଳ ପରିମାଣର ଟଙ୍କା ଧରାପଡୁଛି। ଗତ ବୁଧବାର ସନ୍ଧ୍ୟାରେ କାକଟପୁର-ଅସ୍ତରଙ୍ଗ ରାସ୍ତାର ଉକୁଳେଇ ଛକଠାରେ କାକଟପୁର ଫ୍ଲାଇଂ ସ୍କ୍ୱାଡ୍-୨ ଯାଞ୍ଚ ବେଳେ ଜଣେ ବ୍ୟକ୍ତିଙ୍କଠାରୁ ଦେଢଲକ୍ଷ ଟଙ୍କା ଜବତ କରାଯାଇଛି। ଅସ୍ତରଙ୍ଗ ରାମଚନ୍ଦ୍ରପୁରର ସମ୍ପୃକ୍ତ ବ୍ୟକ୍ତି ତାଙ୍କ ବାଇକ୍‌ରେ ଯାଉଥିବା ବେଳେ ସ୍କ୍ୱାଡ୍ ତାଙ୍କୁ ଅଟକାଇ ଯାଞ୍ଚ କରିବାରୁ ଦେଢଲକ୍ଷ ଟଙ୍କା ମିଳିଥିଲା। ତେବେ ସେ ଜଣେ ବ୍ୟବସାୟୀ ଏବଂ ବ୍ୟବସାୟିକ ଉଦ୍ଦେଶ୍ୟରେ ଜଣଙ୍କୁ ଟଙ୍କା ଦେବା ଲାଗି ଯାଉଥିବା କହିଥିଲେ। କିନ୍ତୁ ସ୍କ୍ୱାଡ୍ ସଦସ୍ୟ ସେହି ଟଙ୍କା ଜବତ କରି ତାଙ୍କୁ କେଉଁ ଉଦ୍ଦେଶ୍ୟରେ ଏବଂ ଏହାର ଆବଶ୍ୟକ ପ୍ରମାଣପତ୍ର ଦେଇ ଟଙ୍କା ନେବା ଲାଗି କହିଥିଲେ। ସେହି ଟଙ୍କା ଜିଲା ଷ୍ଟ୍ରଙ୍ଗ ରୁମ୍‌ରେ ରହିଥିବା ଜଣାପଡିଛି।



ଜୟନ୍ତୀ ଉତ୍ସବରେ ଜଣେ ଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

## ଗୋବିନ୍ଦ ଚନ୍ଦ୍ର ଶୂରଦେଓଙ୍କ ଜୟନ୍ତୀ

**ନୟାଗଡ଼ ଅଫିସ,୧୨।୪**

ଓଡ଼ିଶା ସାହିତ୍ୟ ଏକାଡ଼େମୀ ଓ ମୈତ୍ରୀ ଯୁବସଂସଦ ମିଳିତ ଆନୁକୂଲ୍ୟରେ ନାଟ୍ୟରଥି ଗୋବିନ୍ଦ ଚନ୍ଦ୍ର ଶୂରଦେଓଙ୍କ ୧୩୫ତମ ଜୟନ୍ତୀ ନୀଳମାଧବ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଖବରଦାତା ପ୍ରଦୀପ୍ତ କୁମାର ପଟ୍ଟନାୟକ ମୁଖ୍ୟଅତିଥି, ଡ. ବିଜୟ କୁମାର ଚୌଧୁରୀ ମୁଖ୍ୟବକ୍ତା ଓ ନିର୍ମଳ ଚନ୍ଦ୍ର ଶୂରଦେଓ, ପ୍ରଫେସର ରାମଚନ୍ଦ୍ର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦାନ କରି ଗୋବିନ୍ଦ ଶୂରଦେଓ ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ବୋଲି କହିଥିଲେ। ଏଥି ସହିତ ଶୂରଦେଓଙ୍କୁ ଅଷ୍ଟାବଧାନୀ ରୂପେ ଅଭିହିତ କରିଥିଲେ। ରାସକୁ ମଞ୍ଚ ରୂପ ପ୍ରଦାନ କରିବାରେ ସେ ଓଡ଼ିଶାରେ ପ୍ରଥମ ବ୍ୟକ୍ତି ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ କଣ୍ଠଶିଳ୍ପୀ ପ୍ରଶାନ୍ତ କୁମାର ଦାଶ ଭଜନ ପରିବେଷଣ କରିଥିଲେ। ଏହି ଅବସରରେ ଗୋବିନ୍ଦ ଶୂରଦେଓଙ୍କ ଜୀବନୀ ଆଧାରିତ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବୋଲଗଡ଼ ଅଞ୍ଚଳର ବିଶିଷ୍ଟ ନାଟ୍ୟକାର ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତିଙ୍କୁ ଗୋବିନ୍ଦ ଶୂରଦେଓ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ମୈତ୍ରୀ ଅନୁଷ୍ଠାନର ସମ୍ପାଦକ ପ୍ରଦୀପ କୁମାର ସାହୁ ଅତିଥି ପରିଚୟ ଓ ସୌଦାମିନୀ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ସ୍ମୃତିଚାରଣ ସଭା

**ଖଣ୍ଡପଡ଼ା, ୧୨।୪ (ସ୍ୱ.ପ୍ର.)**

ଗତ ମଙ୍ଗଳବାର ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ହାଟମୁଣ୍ଡପାଟଣା ଗ୍ରାମର ସୁଦର୍ଶନ ମହାପାତ୍ର (୬୯)ଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି। ସେ ଏକାଧାରରେ କଳାକାର, ଦଣ୍ଡନୃତ୍ୟ ଗୁରୁ ଥିଲେ। ତାଙ୍କ ଭକ୍ତମାନଙ୍କ ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ କପିଳେଶ୍ୱରଙ୍କ ପୀଠରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ସ୍ୱାଧୀନତା ସଂଗ୍ରାମୀ ସହଦେବ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ତାଙ୍କ ସ୍ମୃତିଚାରଣ କରିଥିଲେ। ଗୋକୁଳାନନ୍ଦ ସାହୁ, ମୁରଲୀଧର ବେହେରା, ରାମଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବିଦ୍ୟାଳୟ ପ୍ରବେଶ

**ରଣପୁର,୧୨।୪(ସ୍ୱ.ପ୍ର.)**



କଳସ ଯାତ୍ରାରେ ବାହାରିଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

ନୟାଗଡ଼ ଜିଲା ରଣପୁର ବ୍ଲକ ଅନ୍ତର୍ଗତ ଲୋଧାଚୁଆ ପଞ୍ଚାୟତ ଅଧୀନ ସାରଙ୍ଗଧରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ନୂତନ ବର୍ଷର ବିଦ୍ୟାରମ୍ଭ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଏକ କଳସ ଯାତ୍ରାରେ ବାହାରିଥିଲେ। ନିକଟସ୍ଥ ପୁଷ୍କରିଣୀରୁ କଳସରେ ଜଳ ପୂର୍ଣ୍ଣକରି ଗ୍ରାମସ୍ଥିତ ମହାଦେବଙ୍କ ମନ୍ଦିରରେ ଅର୍ପଣ କରାଯାଇଥିଲା। ଛାତ୍ରୀଛାତ୍ର ରାମମନ୍ଦିରରେ ପୂଜାର୍ଚ୍ଚନାକରି ବିଦ୍ୟାଳୟକୁ ଯାଇଥିଲେ। ସେଠାରେ ଛାତ୍ରୀଛାତ୍ରଙ୍କ ବିଦ୍ୟାଳୟ ପ୍ରବେଶ ପୂର୍ବରୁ ନୂତନ ବର୍ଷର ଶିକ୍ଷାଦାନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ବିଦ୍ୟାଳୟ ସଭାପତି ମାଧବ ଚନ୍ଦ୍ର ମହାପାତ୍ର, ସମ୍ପାଦକ ଶଶାଙ୍କ ମହାପାତ୍ର, ପ୍ରଧାନ ଆଚାର୍ଯ୍ୟା ଛବିରାଣୀ ନାୟକ ଓ ସଭ୍ୟା/ସଭ୍ୟ କହିଥିଲେ ଯେ, ଶିଶୁମାନେ ଭବିଷ୍ୟତରେ ଭଲ ପାଠ ପଢିବା ସହିତ ଦେଶ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ଉଚିତ। ୪୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ବିଦ୍ୟାଳୟ ପ୍ରବେଶ କରିଥିଲେ। ପିଲାମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ବିଦ୍ୟାଳୟର କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ସାହୁ ଶେଷରେ ଧନ୍ୟବାଦ ଦେଇଥିଲେ।

## ପୋଲିଂପାର୍ଟିଙ୍କୁ ନିର୍ବାଚନ ପ୍ରକ୍ରିୟା ତାଲିମ

**ବୋଲଗଡ଼,୧୨।୪(ଡି.ଏନ.ଏ.)**

ବୋଲଗଡ଼ଠାରେ ଚଳିତ ସାଧାରଣ ନିର୍ବାଚନ ପାଇଁ ପୋଲିଂପାର୍ଟିମାନଙ୍କୁ ନିର୍ବାଚନ ପ୍ରକ୍ରିୟା ବିଷୟରେ ତାଲିମ ପ୍ରଦାନ କରାଯାଇଛି । ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ପରମାନନ୍ଦ ମହାବିଦ୍ୟାଳୟରେ ୬୦ ପୋଲିଂପାର୍ଟିଙ୍କୁ ତାଲିମ ଦିଆଯାଇଛି ବୋଲି ବ୍ଲକ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ। ୬ଟି ପ୍ରକୋଷ୍ଠରେ ମୋଟ ୪୨୦ଜଣ ଏହି କାର୍ଯ୍ୟକ୍ରମରେ ତାଲିମ ନେଇଛନ୍ତି। ଶିବିରରେ ପ୍ରିଜାଇଡ଼ିଂ ଅଫିସର ଏବଂ ପୋଲିଂ ଅଫିସରମାନଙ୍କୁ ତାଲିମ ଦିଆଯାଇଥିଲା। ଏହି ଅବସରରେ ମକ୍‌ପୋଲିଂ ମଧ୍ୟ କରାଯାଇଛି। ନିର୍ବାଚନରେ ଭୋଟଗ୍ରହଣ ପାଇଁ ପୋଲିଂପାର୍ଟିମାନେ କିପରି, କେଉଁ ସ୍ଥାନରୁ ଇଭିଏମ୍ ମେସିନ୍ ସମେତ ଆବଶ୍ୟକୀୟ ଉପକରଣ ଗ୍ରହଣ କରିବେ, ମତଗ୍ରହଣ ହୋଇଥିବା ଉପକରଣଗୁଡ଼ିକୁ ନେଇ ଜିଲା ସଦରମହକୁମାସ୍ଥିତ ଠିକ୍ ସ୍ଥାନରେ ପହଞ୍ଚାଇବେ ସେ ନେଇ ତାଲିମ ଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମରେ ନିର୍ବାଚନ ଦାୟିତ୍ୱ ଗ୍ରହଣ କରିଥିବା ଉଚ୍ଚାଧିକାରୀମାନେ ଉପସ୍ଥିତ ଥିଲେ।

# ଆଜିଠାରୁ ଦଶପଲ୍ଲାରେ ଲଙ୍କାପୋଡ଼ି ଯାତ୍ରା

**ନୟାଗଡ଼ ଅଫିସ/ ଦଶପଲ୍ଲା, ୧୨।୪ (ଡି.ଏନ.ଏ.)**

ନୟାଗଡ଼ ଜିଲା ଦଶପଲ୍ଲାଠାରେ ଶନିବାର ଆରମ୍ଭ ହେବ ବିଶ୍ୱ ପ୍ରସିଦ୍ଧ ଲଙ୍କାପୋଡ଼ି ଯାତ୍ରା। ଶ୍ରୀରାମ ନବମୀଠାରୁ ଆରମ୍ଭ ହୋଇ ଏହା ଦୀର୍ଘ ୧୨ ଦିନ ଧରି ଚାଲିବ। ଯାତ୍ରା ନିମନ୍ତେ ଶ୍ରୀଶ୍ରୀ ରଘୁନାଥ ଜୀଉ ଏବଂ ମହାବୀର ଦେବଙ୍କ ମନ୍ଦିର ସମ୍ମୁଖରେ ଏକ ବିରାଟ ଛାୟା ମଣ୍ଡପ ନିର୍ମାଣ କରାଯାଇଛି। ଏହି ଯାତ୍ରା ନିମନ୍ତେ ପ୍ରତ୍ୟହ ପୂର୍ବାହ୍ଣରେ ମନ୍ଦିର ପରିସରରେ ଦେବନୀତି ଓ ଶାସ୍ତ୍ରାନୁସାରେ ପୂଜାର୍ଚ୍ଚନା ପରେ ରାତିରେ କଳାକାରଙ୍କ ଦ୍ୱାରା ଖୋଲା ରଙ୍ଗମଞ୍ଚରେ ରାମଲୀଳା ଗୀତିନାଟ୍ୟ ମଞ୍ଚସ୍ଥ ହେବ। କାଠମୁଖା ଧାରଣ କରି କଳାକାରମାନେ ଅଭିନୟ କରିବା ଯାତ୍ରାର ମୁଖ୍ୟ ଆକର୍ଷଣ ସାଜେ। ଯାତ୍ରାରେ ଅଭିନୟ କରୁଥିବା କଳାକାରମାନେ ରାମନବମୀଠାରୁ ବ୍ରତ ଧାରଣ କରିଥାନ୍ତି। କେବଳ ମନ୍ଦିରରେ ଭୋଗ ଗ୍ରହଣପୂର୍ବକ ଉପବାସ କରି ଅଭିନୟ କରିଥାନ୍ତି। ଉଲ୍ଲେଖଯୋଗ୍ୟ, ୧୮୦୨ ମସିହାରୁ ଏହି ଯାତ୍ରା ଉତ୍ସବ ଦଶପଲ୍ଲାରେ ଅନୁଷ୍ଠିତ ହୋଇଆସୁଛି। ପ୍ରତିବର୍ଷ ଭଳି ଏହି ଯାତ୍ରାକୁ ସରସ, ସୁନ୍ଦର କରିବା ପାଇଁ କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଛି। ଯାତ୍ରାର ପ୍ରଥମ ଦିବସ ଶ୍ରୀରାମ ଜନ୍ମଠାରୁ ଆରମ୍ଭ ହୋଇ ପର୍ଯ୍ୟାୟକ୍ରମେ ତାଡ଼କା ବଧ, ଶିବଧନୁ ଭଗ୍ନ, ବିବାହ ଓ ପର୍ଶୁରାମ ଭେଟ ପରେ ଗଣ୍ଡାବଧ ନିମନ୍ତେ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରି ନେତାଜୀ ମଇଦାନ ପର୍ଯ୍ୟନ୍ତ ଆସିଥାଏ। ସେଠାରେ ଗଣ୍ଡାବଧ ହୋଇଥାଏ। ଯାହାକି ଯାତ୍ରାର ଏକ ଆକର୍ଷଣ ପାଲଟିଥାଏ। ଏହା ପରେ ରାମ ବନବାସ, ସୀତା ହରଣ, ସୀତାଠାବ ପରେ ଯାତ୍ରାର ମୁଖ୍ୟ ଆକର୍ଷଣ ପାଲଟିଥାଏ ରାବଣ ବଧ ବା ଲଙ୍କାପୋଡ଼ି । ଲଙ୍କାପୋଡ଼ିରେ ଲକ୍ଷାଧିକ ଟଙ୍କାର ଆତସବାଜି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ। ୧୩ ତାରିଖରେ ଶ୍ରୀରାମ ଜନ୍ମ, ୧୪ରେ ବିଶ୍ରାମ, ୧୫ରେ ତାଡ଼କା ବଧ, ଶିବଧନୁ ଭଗ୍ନ, ବିବାହ, ପର୍ଶୁରାମ ଗର୍ବଗଞ୍ଜନ, ୧୬ରେ ଗଣ୍ଡାବଧ, ଗୁହକ ଶବର ମିତ୍ରତା, ୧୭ରେ ଶ୍ରୀରାମ ବନବାସ, ଭରତ ମିଳନ, ବିରାଯୁଧ ବଧ, ୧୮ରେ ବିଶ୍ରାମ, ୧୯ରେ ଶ୍ରୀକ୍ଷେତ୍ର ପରିଦର୍ଶନ, ସୀତାହରଣ, ୨୦ରେ ଶ୍ରୀରାମ ବିଳାପ, ବାଳିବଧ, ୨୧ରେ ସୀତାଠାବ, ସେତୁବନ୍ଧ, ରାବଣଛତ୍ର ଛେଦନ, ୨୨ରେ କୁମ୍ଭକର୍ଣ୍ଣ ବଧ, ନାଗଫାଶ ବନ୍ଧନ, ୨୩ରେ ରାବଣ ବଧ, ଲଙ୍କାପୋଡ଼ି ଅନୁଷ୍ଠିତ ହୋଇଥାଏ। ୨୪ରେ ଶ୍ରୀରାମଙ୍କ ରାଜ୍ୟାଭିଷେକ କାର୍ଯ୍ୟକ୍ରମ ହେବ ବୋଲି ଲଙ୍କାପୋଡ଼ି ଯାତ୍ରା କମିଟି ପକ୍ଷରୁ ସୂଚନା ମିଳିଛି। ଏହି ଯାତ୍ରାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ।



ମହାବୀର ମନ୍ଦିର।

■ ୧୨ ଦିନ ଧରି ଅନୁଷ୍ଠିତ ହେବ

■ ଆକର୍ଷଣ ସାଜେ ରାମଲୀଳାର ଗଣ୍ଡା ବଧ, ରାବଣ ବଧ